ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜୁନ୍ ୧୮/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, June 18/2023 Page 16 ₹ 7.00
୪୯ଶ ଭାଗ ୨୦୩ ସଂଖ୍ୟା VOLUME 49 ISSUE 203 ମୂଲ୍ୟ ₹୭/-
www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul

# ଶିମିଳିପାଳରେ ଶିକାରୀ ଶକ୍ତିଶାଳୀ

## ଗୁଳିରେ ଟଳିଲେ ଅଭୟାରଣ୍ୟ ଡେପୁଟି ରେଞ୍ଜର

**ଶିମିଳିପାଳ ଅଭୟାରଣ୍ୟରେ ବନଜନ୍ତୁଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ନିଜେ ଅସୁରକ୍ଷିତ। ମାସକ ମଧ୍ୟରେ ଜଣେ ଡେପୁଟି ରେଞ୍ଜର ଓ ଫରେଷ୍ଟ ଗାର୍ଡ ଶିକାରୀଙ୍କ ଗୁଳିମାଡ଼ରେ ପ୍ରାଣ ହରାଇବା ଏହା ପ୍ରମାଣିତ କରିଛି। ଶିକାରୀ ଓ କାଠ ଚୋରଙ୍କ ବଢ଼ିଚାଲିଥିବା ଦୌରାତ୍ମ୍ୟ ବନ ବିଭାଗ କର୍ମଚାରୀଙ୍କୁ ଆତଙ୍କିତ କରିଦେଇଛି। ଏହାସହ ବନ୍ୟଜନ୍ତୁ ଓ ସେମାନଙ୍କ ଅଙ୍ଗପ୍ରତ୍ୟଙ୍ଗ ଚାଲାଣ ରାକେଟ୍ କେତେ ସକ୍ରିୟ ଏବଂ ଶକ୍ତିଶାଳୀ ତାହା ଏହି ଦୁଇ ଘଟଣାରୁ ସ୍ପଷ୍ଟ ହେଉଛି।**

ବାରିପଦା/ଠାକୁରମୁଣ୍ଡା/କରଞ୍ଜିଆ, ୧୭।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ/ ତାରାକାନ୍ତ ପଟ୍ଟନାୟକ/କବିତା ମହାନ୍ତ)

- **ମାସକରେ ୨ ବନ କର୍ମଚାରୀ ନିହତ**
- **୩ ଅଟକ, ୨ ବନ୍ଧୁକ ଜବତ**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ପୁଣି ଫୁଟିଛି ଗୁଳି। ଶିକାରୀଙ୍କ ଗୁଳିରେ ନିହତ ହୋଇଛନ୍ତି ଡେପୁଟି ରେଞ୍ଜର ମାଥି ହାଁସଦା। ତାଙ୍କ ଘର ମୟୂରଭଞ୍ଜ ଜିଲାର ବହଳଦା ଥାନା ଅନ୍ତର୍ଗତ ଟିଙ୍ଗିରିଆ ଗାଁରେ। ଶୁକ୍ରବାର ରାତିରେ ପାଟ୍ରୋଲିଂ ବେଳେ ଏହି ଗୁଳିକାଣ୍ଡ ଘଟିଛି। ମାସକ ମଧ୍ୟରେ ଶିକାରୀଙ୍କ ଗୁଳିରେ ୨ ବନ କର୍ମଚାରୀଙ୍କ ମୃତ୍ୟୁକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ


ଡେପୁଟି ରେଞ୍ଜର ମାଥି ହାଁସଦା

ପ୍ରକଳ୍ପ ଉତ୍ତର ଡିଭିଜନର ଅଧିକାରୀ ଓ ପୋଲିସ ଘଟଣାର ତଦନ୍ତ ଜାରି ରଖିଛନ୍ତି। ଘଟଣାସ୍ଥଳରୁ ୨ଟି ଦେଶୀ ବନ୍ଧୁକ ଜବତ ହୋଇଥିବାବେଳେ ୩ ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ଚାନ୍ଦ ଗୋଗନେନୀ କହିଛନ୍ତି। ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଘଟଣାକୁ ଗମ୍ଭୀରତା ସହ ନେଇଛି। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦର ଯାଦବ ☞ପୃଷ୍ଠା-୪

ଦର୍ପଦଳନ ରଥରେ ଫାଟ
୪
ହାତୀଙ୍କୁ ଅଂଶୁଘାତ ଭୟ
୧୧

**ଆଜିର ସମ୍ପାଦକୀୟ**
ନୀରବ କାହିଁକି

# ବୋରିସ୍‌ଙ୍କୁ ମିଳିଲା ସ୍ତମ୍ଭକାର ନିଯୁକ୍ତି

ଲଣ୍ଡନ, ୧୭।୬

ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନଙ୍କୁ 'ଡେଲି ମେଲ୍' ଖବରକାଗଜରେ ସ୍ତମ୍ଭକାର ଭାବେ ନିଯୁକ୍ତି ମିଳିଛି। ଦୀର୍ଘଦିନ ପରେ ବୋରିସ୍ ତାଙ୍କ ସାମ୍ବାଦିକତା କ୍ୟାରିୟରକୁ ଫେରିଛନ୍ତି। ସେ ପୂର୍ବରୁ ବିଭିନ୍ନ ଅଗ୍ରଣୀ ବ୍ରିଟିଶ ଖବରକାଗଜ ପାଇଁ ଲେଖୁଥିଲେ। ରାଜନୀତିକୁ ଆସିବା ପୂର୍ବରୁ ସେ ଏହି ପେସାରୁ ବିପୁଳ


ବୋରିସ ଜନ୍‌ସନ

ଅର୍ଥ ରୋଜଗାର କରୁଥିଲେ। ଏକ ଉଦ୍ଧୃତାଂଶକୁ ନେଇ ତାଙ୍କୁ ଟାଇମ୍ସ ନ୍ୟୁଜ୍‌ପେପର ବହିଷ୍କାର କରିଥିଲା। ୧୯୮୯ରେ ବୋରିସ ବ୍ରସେଲ୍ସରୁ ରିପୋର୍ଟିଂ କରୁଥିଲେ। ପରେ ସେ ଡେଲି ଟେଲିଗ୍ରାଫର ରାଜନୀତି ସ୍ତମ୍ଭକାର ହୋଇଥିଲେ। ସେତେବେଳେ ସେ ସାପ୍ତାହିକ ସ୍ତମ୍ଭ ପାଇଁ ୨,୭୫,୦୦୦ ପାଉଣ୍ଡ ବେତନ ପାଉଥିଲେ। ୧୯୯୯ରୁ ୨୦୦୫ ☞ପୃଷ୍ଠା-୪






**ଦୁର୍ବଳ ହେଉଛି ବିପର୍ଯ୍ୟୟ**

ବାତ୍ୟା ବିପର୍ଯ୍ୟୟ କ୍ରମାଗତ ଭାବେ ଦୁର୍ବଳ ହେଉଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଶନିବାର କୁହାଯାଇଛି। ଆରବ ସାଗରରେ ସୃଷ୍ଟ ଅତି ଭୀଷଣ ବାତ୍ୟା ଏବେ ଡିପ୍ ଡିପ୍ରେସନ୍‌ରେ ପରିଣତ ହେବାକୁ ଯାଉଛି। ଗୁରୁବାର ଗୁଜରାଟ କଚ୍ଛରେ ଲ୍ୟାଣ୍ଡଫଲ କରିବା ପରେ ବାତ୍ୟା ରାଜସ୍ଥାନ ଆଡକୁ ମୁହାଁଇଥିଲା। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବା ସହ ଜୋର ପବନ ବହିଛି।



## କିଙ୍ଗ୍ ଚାର୍ଲ୍ସ ଜନ୍ମଦିନ ହନର୍ସ ସୂଚୀରେ ଭାରତୀୟ ବଂଶୋଦ୍ଭବ

**ଲଣ୍ଡନ,୧୭।୬:** ବ୍ରିଟେନ ସରକାରଙ୍କ ପକ୍ଷରୁ କିଙ୍ଗ୍ ଚାର୍ଲ୍ସ ୩ୟଙ୍କ ପ୍ରଥମ ଜନ୍ମଦିନରେ ସମ୍ମାନିତ ହେବାକୁ ଥିବା ବ୍ୟକ୍ତିଙ୍କ ତାଲିକା ପ୍ରକାଶ ପାଇଛି। ଏହି ସୂଚୀରେ ପାଖାପାଖି ୪୦ ଜଣ ଭାରତୀୟ ବଂଶୋଦ୍ଭବଙ୍କ ନାମ ରହିଛି। ଅକ୍ସଫୋର୍ଡ ୟୁନିଭର୍ସିଟିର ଡିରେକ୍ଟର ଅଫ ଗ୍ଲୋବାଲ ଅପରେଶନ୍ସ ଆଟ୍ ଦ ଅକ୍ସଫୋର୍ଡ ଭାକ୍ସିନ ଗ୍ରୁପ୍ ଡା. ପରଭିନ୍ଦର କୌର ଆଲେଙ୍କୁ ଅଫିସର ଅଫ୍ ଦ ଅର୍ଡର ଅଫ୍ ଦ ବ୍ରିଟିଶ ଏମ୍ପାଇର (ଓବିଇ) ସମ୍ମାନ ପ୍ରଦାନ କରାଯିବ। ସେହିପରି ପ୍ରଫେସର ପ୍ରୋକାର ଦାସଗୁପ୍ତା, ବ୍ରିଟିଶ-ଭାରତୀୟ ବ୍ୟବସାୟୀ ଅନୁଜ ଚଣ୍ଡେଙ୍କୁ ଓବିଇ ପୁରସ୍କାରରେ ସମ୍ମାନିତ କରାଯିବ। ଶୁକ୍ରବାର ରାତିରେ ପ୍ରକାଶ ପାଇଥିବା ଏହି ସୂଚୀରେ ମୋଟ ୧,୧୭୧ ଜଣଙ୍କ ନାମ ସାମିଲ ଅଛି।

## ଜବରଦଖଲ ଉଚ୍ଛେଦ ବେଳେ ହିଂସା: ଜଣେ ମୃତ

**ଜୁନାଗଡ଼, ୧୭।୬:** ଗୁଜରାଟର ଜୁନାଗଡ଼ ସହରରେ ଜବରଦଖଲ ଉଚ୍ଛେଦ ବେଳେ ହିଂସାକାଣ୍ଡ ଘଟି ଜଣେ ପ୍ରାଣ ହରାଇବା ସହ ୫ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ପୌରପାଳିକା ଏକ ଦରଘାକୁ ଭାଙ୍ଗି ଦଖଲ ଉଚ୍ଛେଦ କରିବାକୁ ଉଦ୍ୟମ କରୁଥିବାବେଳେ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଗୋଟିଏ ଗୋଷ୍ଠୀ ଉଚ୍ଛେଦକାରୀ କର୍ମଚାରୀ ଓ ପୋଲିସ ଉପରକୁ ଟେକାମାଡ଼ କରିବା ସହ ଗାଡ଼ି ପୋଡ଼ିଦେଇଥିଲେ। ସହରର ମାଜେଭାଦି ଦରୱାଜା ନିକଟରେ ଶୁକ୍ରବାର ରାତିରେ ଏହି ଘଟଣା ଘଟିଛି। ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠି ଚାଳନା କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ପରେ ୧୭୪ ଜଣଙ୍କୁ ଥାନାକୁ ଡାକି ପୋଲିସ ପଚରାଉଚରା କରୁଛି।

# ସୁପ୍ରିମକୋର୍ଟ ଗଲେ ମମତା

ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଭାଜପା ମଧ୍ୟରେ କ୍ଷମତା ପାଇଁ ଲଢ଼େଇ ଜାରି ରହିଥିବାବେଳେ ଜୁଲାଇ ୮ରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଛି। ବ୍ୟାପକ ହିଂସାକୁ ଦୃଷ୍ଟିରେ ରଖି ନିର୍ବାଚନ ବେଳେ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବଳ ମୁତୟନ ପାଇଁ ଭାଜପା କୋଲକାତା ହାଇକୋର୍ଟରେ ଆବେଦନ କରିଥିଲା। ୪୮ ଘଣ୍ଟା ମଧ୍ୟରେ କେନ୍ଦ୍ରୀୟ ବଳ ମଗାଇ ମୁତୟନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ଏହା ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହାକୁ ନେଇ ଶାସକ ଓ ବିରୋଧୀ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଛି।

**କୋଲକାତା, ୧୭।୬**
**(ପ୍ରସ୍ତୁତି: ଅରୂପାନନ୍ଦ ଦେଠୀ)**



ପଶ୍ଚିମବଙ୍ଗର ଭାଙ୍ଗାରରେ ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡାଇବା ପାଇଁ ଯବାନମାନେ ଲୁହବୁହା ବାଷ୍ପ ପ୍ରୟୋଗ କରୁଛନ୍ତି।

- ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନରେ କେନ୍ଦ୍ରୀୟ ବଳ ମୁତୟନକୁ ବିରୋଧ
- କେନ୍ଦ୍ରମନ୍ତ୍ରୀଙ୍କ ଗାଡ଼ି ଉପରେ ଆକ୍ରମଣ

ପଶ୍ଚିମବଙ୍ଗରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଜୁଲାଇ ୮ରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏହା ପୂର୍ବରୁ ବିଭିନ୍ନ ସ୍ଥାନରେ ରାଜନୈତିକ ହିଂସାକାଣ୍ଡ ଦେଖାଦେଇଛି। ନାମାଙ୍କନପତ୍ର ଦାଖଲ ବେଳେ ପ୍ରାର୍ଥୀମାନେ ବିରୋଧର ସମ୍ମୁଖୀନ ହେବା ସହ ହିଂସାକାଣ୍ଡ ସୃଷ୍ଟି ହେଉଛି। ଫଳରେ ପଶ୍ଚିମବଙ୍ଗରେ ମୁକ୍ତ ଓ ଅବାଧ ନିର୍ବାଚନ ବାଧାପ୍ରାପ୍ତ ହେବା ଆଶଙ୍କା ପ୍ରକାଶ ପାଇଛି। ଏନେଇ ଭାଜପା ନେତା ଶୁଭେନ୍ଦୁ ଅଧିକାରୀ, କଂଗ୍ରେସ ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀଙ୍କ ସମେତ ବିରୋଧୀ ନେତାମାନେ କେନ୍ଦ୍ରୀୟ ବଳ ମୁତୟନ ଲାଗି ଅଦାଲତରେ ଆବେଦନ କରିଥିଲେ। ପଞ୍ଚାୟତ ନିର୍ବାଚନ ବେଳେ ରାଜ୍ୟରେ କେନ୍ଦ୍ରୀୟ ବଳ ନିୟୋଜିତ କରିବାକୁ କୋଲକାତା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୪୮ ଘଣ୍ଟା ମଧ୍ୟରେ ରାଜ୍ୟରେ କେନ୍ଦ୍ରୀୟ ବଳ ମଗାଇ ରାଜ୍ୟରେ ମୁତୟନ କରିବା ଲାଗି ହାଇକୋର୍ଟ ଗୁରୁବାର ରାଜ୍ୟ ନିର୍ବାଚନ କମିଶନ (ଏସ୍‌ଇସି)କୁ କହିଥିଲେ। ପଶ୍ଚିମବଙ୍ଗ ସରକାର ଏବଂ ଏସ୍‌ଇସି ଶନିବାର ଏହାକୁ ମିଳିତ ଭାବେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଶୁକ୍ରବାର ରାଜ୍ୟର ଆଇନ ପରାମର୍ଶଦାତାଙ୍କ ସହ ସରକାର ଏବଂ ରାଜ୍ୟ ନିର୍ବାଚନ କମିଶନ୍‌ର ବରିଷ୍ଠ ଅଧିକାରୀମାନଙ୍କ ବୈଠକ ପରେ ସୁପ୍ରିମକୋର୍ଟ ଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା।

ନିର୍ବାଚନ ପାଇଁ ଗତ ୯ ତାରିଖରୁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ହିଂସା ଜାରି ରହିଛି। ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ ଶେଷ ଦିନରେ ଉତ୍ତର ଦିନାଜପୁର ଏବଂ ଦକ୍ଷିଣ ୨୪ ପ୍ରଗଣା ଜିଲାରେ ହିଂସାକାଣ୍ଡ ଘଟି ୪ ଜଣଙ୍କ ଜୀବନ ଯାଇଛି। ବିରୋଧୀ ପ୍ରାର୍ଥୀଙ୍କୁ ନାମାଙ୍କନ କରାଇ ନ ଦେବା ଲାଗି ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଗୁଣ୍ଡାମାନଙ୍କୁ ନିୟୋଜିତ କରିଥିବା ଅଭିଯୋଗ ହୋଇଛି। ହିଂସାକୁ ବରଦାସ୍ତ କରାଯିବନି ଏବଂ ଯେଉଁମାନେ ହିଂସାରେ ସମ୍ପୃକ୍ତ ଆଇନ ଅନୁଯାୟୀ ସେମାନଙ୍କ ମୁହଁ ସବୁଦିନ ପାଇଁ ବନ୍ଦ କରିଦିଆଯିବ ବୋଲି ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ଶୁକ୍ରବାର ହିଂସାଗ୍ରସ୍ତ ଦକ୍ଷିଣ ଚବିଶ ପ୍ରଗଣା ଜିଲା ଗସ୍ତରେ ଯାଇ କହିଥିଲେ। ରାଜ୍ୟପାଳ ଏନେଇ ରାଜ୍ୟ ନିର୍ବାଚନ କମିଶନର ରାଜୀବ ସିଂହାଙ୍କୁ ରାଜଭବନ ଡାକିଥିବାବେଳେ ସେ ପଞ୍ଚାୟତ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ଯୋଗୁ ଶନିବାର ଯୋଗ ଦେଇପାରି ନାହାନ୍ତି। ତାଙ୍କୁ ଅନ୍ୟ ଦିନରେ ଭେଟିବା ପାଇଁ ଅନୁମତି ଦେବାକୁ ସିଇସି ରାଜ୍ୟପାଳଙ୍କୁ ନିବେଦନ କରିଛନ୍ତି। ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲା ପରିଷଦ ନିର୍ବାଚନରେ ପାଖାପାଖି ୭୪,୦୦୦ ପ୍ରାର୍ଥୀଙ୍କୁ ନିର୍ବାଚିତ କରିବା ଲାଗି ୫ କୋଟିରୁ ଊର୍ଦ୍ଧ୍ୱ ଭୋଟର ଜୁଲାଇ ୮ରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଜୁଲାଇ ୮ ନିର୍ବାଚନ ପାଇଁ ଟିଏମ୍‌ସିରୁ ୮୫,୮୧୭ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ସିଇସି ଘୋଷଣା କରିଛନ୍ତି।

ସେପଟେ କୁଚ୍‌ବିହାର ଜିଲାରେ ଶନିବାର କେନ୍ଦ୍ରମନ୍ତ୍ରୀ ନୀତୀଶ ପ୍ରମାଣିକଙ୍କ ଗାଡ଼ି ଉପରେ ଆକ୍ରମଣ ହୋଇଛି। ଟିଏମ୍‌ସି ସମର୍ଥକମାନେ ଏହି ଆକ୍ରମଣରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ସାହିବଗଞ୍ଜ ଅଞ୍ଚଳରେ ନିର୍ବାଚନ ପାଇଁ ନାମାଙ୍କନପତ୍ର ଯାଞ୍ଚ ଚାଲିଥିବା ବିଡିଓଙ୍କ କାର୍ଯ୍ୟାଳୟକୁ ଯିବା ଲାଗି ମନ୍ତ୍ରୀ ପ୍ରମାଣିକ ଉଦ୍ୟମ କରୁଥିବାବେଳେ ଏଭଳି ଘଟଣା ଘଟିଛି। ଟିଏମ୍‌ସି କର୍ମୀମାନେ ବିଡିଓଙ୍କ ଅଫିସକୁ ରାସ୍ତା ଅବରୋଧ କରିବା ସହ ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ଖବର ପାଇଁ ପ୍ରମାଣିକ ସେଠାକୁ ଯାଇଥିଲେ ବୋଲି କହିଛନ୍ତି। ଏହି ସମୟରେ ତାଙ୍କ ଗାଡ଼ି ଉପରକୁ ଟେକାମାଡ଼ ହୋଇଥିଲା। ଟିଏମ୍‌ସି କର୍ମୀମାନେ ଆମ ଦଳୀୟ କର୍ମୀଙ୍କୁ ମାଡ଼ ମାରିବା ସହ ପ୍ରାର୍ଥୀମାନଙ୍କ ଦସ୍ତାବିଜ୍ ନଷ୍ଟ କରିଦେଇଛନ୍ତି। ସେଠାରେ ପୋଲିସ ନୀରବ ଦର୍ଶକ ସାଜିବା ଲଜ୍ଜାଜନକ ବୋଲି ପ୍ରମାଣିକ କହିଛନ୍ତି। ନିର୍ବାଚନକୁ ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଆହ୍ୱାନକ୍ରମେ ଶନିବାର ଅପରାହ୍ନରେ ତାଙ୍କ କୋଲକାତା ବାସଭବନରେ ଶାସକ ଦଳର ଏକ ଜରୁରୀ ବୈଠକ ବସିଥିଲା। ପ୍ରାକ୍ ନିର୍ବାଚନୀ ହିଂସାକୁ ନେଇ ମମତା କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି।

## ନେତାଜୀ ଥିଲେ ଭାରତ ବିଭାଜିତ ହୋଇ ନ ଥାନ୍ତା: ଡୋଭାଲ



ଅଜିତ ଡୋଭାଲ

**ନୂଆଦିଲ୍ଲୀ, ୧୭।୬**

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୀବିତ ଥିଲେ ଭାରତ ବିଭାଜିତ ହୋଇ ନ ଥାନ୍ତା ବୋଲି ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଶନିବାର କହିଛନ୍ତି। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଡୋଭାଲ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନର ବିଭିନ୍ନ ପର୍ଯ୍ୟାୟରେ ଆଶ୍ଚର୍ଯ୍ୟ କରିଦେବା ଭଳି ଆଚରଣର ଉଚ୍ଚ ପ୍ରଶଂସା କରିଥିଲେ। ମହାତ୍ମା ଗାନ୍ଧୀଙ୍କୁ ଚ୍ୟାଲେଞ୍ଜ କରିବାର ଧୃଷ୍ଟତା ତାଙ୍କର ଥିଲା। ପୂର୍ଣ୍ଣ ସ୍ୱାଧୀନତା ବ୍ୟତୀତ ଏହାଠାରୁ କମ୍ କୌଣସି ସର୍ତ୍ତ ସହ ସେ ସାଲିସ୍ କରିବେ ନାହିଁ ବୋଲି କହିଥିଲେ। ସେ କେବଳ ଦେଶକୁ ରାଜନୈତିକ ପରାଧୀନତାରୁ ମୁକ୍ତ କରିବାକୁ ଚାହୁଁ ନ ଥିଲେ, ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ମାନସିକତାରେ ପରିବର୍ତ୍ତନ ଚାହୁଁଥିଲେ। ସେ ବ୍ରିଟିଶ ଶାସକଙ୍କଠାରୁ ଭିକ୍ଷାରେ ନୁହେଁ ସଂଘର୍ଷ କରି ସ୍ୱାଧୀନତା ପାଇବାକୁ ଚାହୁଁଥିଲେ। ଏହା ତାଙ୍କର ଅଧିକାର ଏବଂ ଏହାକୁ ହାସଲ କରିବାକୁ ହେବ ବୋଲି ସୁଭାଷ କହିଥିଲେ। ସେ ଜୀବିତ ଥିଲେ ଦେଶ ବିଭାଜନ ହୋଇ ନ ଥାନ୍ତା। କାରଣ ମହମ୍ମଦ ଅଲ୍ଲି ଜିନ୍ନା କହିଥିଲେ, ସେ ଜଣେମାତ୍ର ନେତାଙ୍କୁ ଗ୍ରହଣ କରିପାରିବେ, ସେ ହେଉଛନ୍ତି ସୁଭାଷ ବୋଷ।

# ୩୮ ପିଲାଙ୍କୁ ଜାଳିଦେଲେ

## ଉଗାଣ୍ଡା ସ୍କୁଲରେ ଆତଙ୍କବାଦୀଙ୍କ ଆକ୍ରମଣ



**କାମ୍ପାଲା,୧୭।୬**

ଆଇଏସ୍ ସଂଗଠନ ସହ ଜଡ଼ିତ ଆତଙ୍କବାଦୀମାନେ ଉଗାଣ୍ଡାର କାସେସେସ୍ଥିତ ଏକ ଘରୋଇ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଜିଅନ୍ତା ଜାଳି ହତ୍ୟା କରିଛନ୍ତି। ଏଥିରେ ୪୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସେମାନଙ୍କ ମଧ୍ୟରେ ୩୮ ଜଣ ଛାତ୍ରଛାତ୍ରୀ ଥିବା ଉଗାଣ୍ଡା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। କଙ୍ଗୋ ସୀମାଠାରୁ ୨ କି.ମି. ଦୂରରେ ଏହି ସ୍କୁଲ ଅବସ୍ଥିତ। ଶୁକ୍ରବାର ରାତିରେ ଆତଙ୍କବାଦୀମାନେ ସ୍କୁଲ ଉପରେ ଆକ୍ରମଣ କରିଥିବାବେଳେ ୬ ଜଣଙ୍କୁ ଅପହରଣ କରିନେଇଛନ୍ତି। ଆଲିଡ୍ ଡେମୋକ୍ରାଟିକ୍ ଫୋର୍ସେସ୍ (ଆଇଡିଏଫ୍) ଆତଙ୍କବାଦୀ ଛାତ୍ରୀଛାତ୍ରଙ୍କ ବ୍ୟତୀତ ସ୍କୁଲ ଗାର୍ଡ ଓ ୨ ଜଣ ସ୍ଥାନୀୟ ଲୋକଙ୍କୁ ମଧ୍ୟ ହତ୍ୟା କରିଛନ୍ତି।

ବିଦ୍ରୋହୀମାନେ ଛାତ୍ରଙ୍କ ହଷ୍ଟେଲରେ ତାଲା ପକାଇ ନିଆଁ ଲଗାଇଥିବାବେଳେ ଛାତ୍ରୀଙ୍କ ହଷ୍ଟେଲରେ ତାଲା ଦେଇ ନ ଥିଲେ। ପ୍ରାଣ ରକ୍ଷା ପାଇଁ ହଷ୍ଟେଲରୁ ବାହାରକୁ ଦୌଡ଼ି ପଳାଉଥିବା ଛାତ୍ରୀଙ୍କୁ ଆତଙ୍କବାଦୀମାନେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଛନ୍ତି। ଜଳିଯାଇଥିବା ଛାତ୍ରୀଛାତ୍ରଙ୍କ ପରିଚୟ ମିଳିନାହିଁ। ଶୁକ୍ରବାର ରାତି ପ୍ରାୟ ୧୧ଟା ୩୦ମିନିଟ୍‌ରେ ୫ ଜଣ ବିଦ୍ରୋହୀ ସେନା ସ୍କୁଲ ଉପରେ ଆକ୍ରମଣ କରିଥିବା ଉଗାଣ୍ଡା ମିଲିଟାରି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ବିଦ୍ରୋହୀ ସେନା ସ୍କୁଲର ଖାଦ୍ୟ ସଂରକ୍ଷଣ କକ୍ଷରୁ ସାମଗ୍ରୀ ସବୁ ଲୁଟି ନେଇଛନ୍ତି।

ଘଟଣା ସମ୍ପର୍କରେ ନିକଟସ୍ଥ ବ୍ରିଗେଡ୍ ସୂଚନା ପାଇ ସେଠାରେ ପହଞ୍ଚିଥିଲେ। ୮ ଗୁରୁତର ଆହତଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅପହୃତ ଛାତ୍ରୀଛାତ୍ରଙ୍କ ଉଦ୍ଧାର ପାଇଁ ଉଗାଣ୍ଡା ସେନା ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଛି। ଡେମୋକ୍ରାଟିକ୍ ରିପବ୍ଲିକ୍ କୋଙ୍ଗୋର ପୂର୍ବାଞ୍ଚଳରେ ଏଡିଏଫ୍ ବିଦ୍ରୋହୀ ସେନା ସବୁଠୁ ଘାତକ ଆତଙ୍କବାଦୀ ସଙ୍ଗଠନ। ସୋମାଲିଆ ଅଲ-ଶାବାବ ସଙ୍ଗଠନ ପକ୍ଷରୁ ୨୦୧୦ରେ ଉଗାଣ୍ଡାର କାମ୍ପାଲାରେ ହୋଇଥିବା ୨ଟି ପ୍ରାଣଘାତୀ ବିସ୍ଫୋରଣରେ ୭୬ ଜଣଙ୍କ ପ୍ରାଣହାନି ଘଟିଥିଲା। ଏହାପରେ ଶୁକ୍ରବାର ବିଳମ୍ବିତ ରାତିର ଆକ୍ରମଣ ଉଗାଣ୍ଡାରେ ଦ୍ୱିତୀୟ ବଡ଼ କାଣ୍ଡ ବୋଲି ସେନା କହିଛି।

## ଭାରତୀୟ ମିଶନ ଉପରେ ଆକ୍ରମଣର ତଦନ୍ତ କରିବ ଏନ୍‌ଆଇଏ

**ନୂଆଦିଲ୍ଲୀ, ୧୭।୬(ପି.ଟି.):** ଆମେରିକା ଓ କାନାଡାରେ ଥିବା ଭାରତୀୟ ମିଶନ ଉପରେ ଗତ ମାର୍ଚ୍ଚରେ ଖଲିସ୍ତାନୀ ସମର୍ଥକମାନେ କରିଥିବା ଆକ୍ରମଣର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ନେଇଛି। ଏହା ବ୍ୟତୀତ ଲଣ୍ଡନସ୍ଥିତ ଭାରତୀୟ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟରେ ହିଂସାତ୍ମକ ପ୍ରତିବାଦ ଓ ଭଙ୍ଗାରୁଜାର ତଦନ୍ତ ଦାୟିତ୍ୱ ମଧ୍ୟ ଏନ୍‌ଆଇଏକୁ ଦିଆଯାଇଛି। ଗତ ମାର୍ଚ୍ଚରେ ସାନ୍ ଫ୍ରାନ୍ସିସ୍କୋସ୍ଥିତ ଭାରତୀୟ କନ୍‌ସୁଲେଟ୍‌ରେ ଖଲିସ୍ତାନୀ ସମର୍ଥକମାନେ ଆକ୍ରମଣ କରିବା ସହ ଭଙ୍ଗାରୁଜା କରିଥିଲେ। ସେମାନେ ସେଠାରେ ଖଲିସ୍ତାନୀ ପତାକା ଲଗାଇଥିଲେ। ସେହିପରି କାନାଡ଼ାସ୍ଥିତ ଭାରତୀୟ କୂଟନୈତିକ ମିଶନକୁ ଟାର୍ଗେଟ କରି ଖଲିସ୍ତାନୀ ସମର୍ଥକମାନେ ଆକ୍ରମଣ କରିଥିଲେ।

# ମଣିପୁରରେ ପୋଲିସ ଅସ୍ତ୍ରଭଣ୍ଡାର ଭଙ୍ଗାରୁଜା

## ସୁରକ୍ଷା ବଳ ସହ ଦଙ୍ଗାକାରୀଙ୍କ ସଂଘର୍ଷ

**ଇମ୍ଫାଲ/ଗୁଆହାଟୀ, ୧୭।୬**

ମଣିପୁରରେ ଦେଢ଼ମାସ ହେଲା କୁକି ଓ ମେଇତି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷରୁ ହିଂସା ଲାଗିରହିଥିବାବେଳେ ଏହା ଥମିବା ନାଁ ନେଉନାହିଁ। ଶୁକ୍ରବାର ରାତିରୁ ଶନିବାର ସକାଳ ପର୍ଯ୍ୟନ୍ତ ମଣିପୁରର ବିଷ୍ଣୁପୁର ଜିଲା ଅନ୍ତର୍ଗତ କ୍ୱାକ୍‌ଟା, ଚୁରାଚାନ୍ଦପୁର ଜିଲାର କଙ୍ଗଭାଇରେ ସ୍ୱୟଂକ୍ରିୟ ବନ୍ଧୁକରୁ ଗୁଳିମାଡ଼ ଜାରି ରହିଥିଲା। ଦୁର୍ବୃତ୍ତମାନେ ଲାଙ୍ଗୋଲସ୍ଥିତ ଏକ ଖାଲି ଘରକୁ ଜାଳିଦେଇଛନ୍ତି। ଏହା ବ୍ୟତୀତ ଅନ୍ୟ କେତେକ ସ୍ଥାନରେ ଉତ୍ତ୍ୟକ୍ତ ଲୋକେ ଏକାଠି ହୋଇ ଭଙ୍ଗାରୁଜା ଓ ପୋଡ଼ାଜଳାରେ ସାମିଲ ହୋଇଥିବାର ଖବର ପ୍ରକାଶ ପାଇଛି। ଇମ୍ଫାଲରେ ଦଙ୍ଗାକାରୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟି ୨ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି। ଇମ୍ଫାଲ ୱେଷ୍ଟର ଇରିଙ୍ଗବାମ୍ ଥାନାରୁ ଦୁର୍ବୃତ୍ତମାନେ ଅସ୍ତ୍ରଶସ୍ତ୍ର ଲୁଟିନେବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି। ସେନା, ଆସାମ ରାଇଫଲ୍ସ, ରାପିଡ୍ ଆକ୍ସନ ଫୋର୍ସ ଏବଂ ରାଜ୍ୟ ପୋଲିସ ପକ୍ଷରୁ ଶୁକ୍ରବାର ମଧ୍ୟରାତ୍ର ପର୍ଯ୍ୟନ୍ତ ଇମ୍ଫାଲ ଇଷ୍ଟରେ ଫ୍ଲାଗ୍‌ମାର୍ଚ୍ଚ ଜାରି ରହିଥିଲା।

ଦିନକ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଆର୍.କେ. ରଞ୍ଜନ ସିଂଙ୍କ ଘରକୁ ୧,୨୦୦ ଲୋକ ପେଟ୍ରୋଲ ବୋମା ଫିଙ୍ଗି ଜାଳିଦେଇଥିଲେ। ଆଡଭାନ୍ସ ହସ୍ପିଟାଲ ନିକଟରେ ଥିବା ପ୍ୟାଲେସ୍ କମ୍ପାଉଣ୍ଡରେ ୧,୦୦୦ ଲୋକ ଏକାଠି ହୋଇ ପୋଡ଼ାଜଳା ଓ ଭଙ୍ଗାରୁଜା ପାଇଁ ଉଦ୍ୟମ କରିଥିଲେ। ରାପିଡ୍ ଆକ୍ସନ ଫୋର୍ସ (ଆର୍‌ଏଏଫ୍) ପକ୍ଷରୁ ଲୁହବୁହା ବାଷ୍ପ ପ୍ରୟୋଗ ଓ ରବର ବୁଲେଟ୍ ମାଡ଼ କରାଯିବାରୁ ହିଂସାକାରୀମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ମଣିପୁର ବିଶ୍ୱବିଦ୍ୟାଳୟ ନିକଟ ଥୋଙ୍ଗଜୁଠାରେ ଶୁକ୍ରବାର ରାତିରେ ୨୦୦ରୁ ୩୦୦ ଲୋକ ସ୍ଥାନୀୟ ବିଧାୟକଙ୍କ ଘରେ ଭଙ୍ଗାରୁଜା କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ।

## ପ୍ରଧାନମନ୍ତ୍ରୀଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଲେ ୧୦ ବିରୋଧୀ ଦଳ



ଜୟରାମ ରମେଶ

**ନୂଆଦିଲ୍ଲୀ, ୧୭।୬**

ଉତ୍ତରପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ଦୀର୍ଘଦିନ ହେଲା ହିଂସାକାଣ୍ଡ ଲାଗି ରହିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରସଙ୍ଗରେ ଆଦୌ ମୁହଁ ଖୋଲୁନାହାନ୍ତି। ମୋଦିଙ୍କ ନୀରବତାକୁ ନେଇ କଂଗ୍ରେସ ସମେତ ମଣିପୁରର ୧୦ ସମଭାବାପନ୍ନ ବିରୋଧୀ ଦଳ ଶନିବାର ପ୍ରଶ୍ନ ଉଠାଇଛନ୍ତି। ସେମାନେ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ଆପଏଣ୍ଟମେଣ୍ଟ ଚାହିଁଛନ୍ତି। ନୂଆଦିଲ୍ଲୀସ୍ଥିତ କଂଗ୍ରେସ ମୁଖ୍ୟାଳୟରେ ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ ଖବରଦାତା ସମ୍ମିଳନୀକୁ ଏହି ସୂଚନା ଦେଇଛନ୍ତି। ସେହି ଦଳଗୁଡ଼ିକ ହେଲେ କଂଗ୍ରେସ, ଜେଡିୟୁ, ସିପିଆଇ, ସିପିଆଇ(ଏମ୍), ତୃଣମୂଳ କଂଗ୍ରେସ, ଏଏପି, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍, ଶିବସେନା (ୟୁବିଟି), ଏନ୍‌ସିପି ଏବଂ ରିଭଲ୍ୟୁଶନାରି ସୋସିଆଲିଷ୍ଟ ପାର୍ଟି। ଜୁନ୍ ୨୦ରେ ପ୍ରଧାନମନ୍ତ୍ରୀ ଆମେରିକା ଗସ୍ତରେ ବାହାରିବା ପୂର୍ବରୁ ସେମାନଙ୍କ ସହ ଆଲୋଚନା କରିବେ ବୋଲି ଉକ୍ତ ଦଳଗୁଡ଼ିକ ଆଶାବାଦୀ ଅଛନ୍ତି। ସେଥିପାଇଁ ସେମାନେ ୨୦ ତାରିଖ ଯାଏ ନୂଆଦିଲ୍ଲୀରେ ଅପେକ୍ଷା କରିବେ ବୋଲି କହିଛନ୍ତି।

୨୨ ବର୍ଷ ପୂର୍ବେ ୨୦୦୧ ଜୁନ୍ ୧୮ରେ ମଣିପୁରରେ ଅନୁରୂପ ହିଂସାକାଣ୍ଡ ସୃଷ୍ଟି ହୋଇଥିଲା। ବିଧାନସଭା ବାଚସ୍ପତିଙ୍କ ବଙ୍ଗଳା ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟକୁ ଜାଳିଦିଆଯିବା ସହ ସାଢ଼େ ୩ ମାସ ପର୍ଯ୍ୟନ୍ତ ରାଜପଥ ଅବରୋଧ କରାଯାଇଥିଲା। ସେତେବେଳେ ସବୁ ଦଳର ଦାବିକ୍ରମେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଦୁଇଥର ସର୍ବଦଳୀୟ ବୈଠକ ଡାକି ଶାନ୍ତି ପାଇଁ ଅପିଲ୍ କରିଥିଲେ। ଏବେ ୧୦ଟି ଦଳର ନେତାମାନେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ଲାଗି ଅପେକ୍ଷା କରିଥିବାବେଳେ ସେ ନୀରବ ରହିଛନ୍ତି। ରାଜ୍ୟ ସରକାରଙ୍କ ଉପରେ କେନ୍ଦ୍ରର ବିଶ୍ୱାସ ନ ଥିବା ଏଥିରୁ ସ୍ପଷ୍ଟ ହୋଇଛି ବୋଲି ଜୟରାମ କହିଛନ୍ତି।






# ବାହାନଗା ରେଳ ଦୁର୍ଘଟଣା: ଏସ୍‌ସିବିରେ ଆଉ ଜଣେ ଯାତ୍ରୀଙ୍କ ମୃତ୍ୟୁ

**କଟକ,୧୭।୬ (କାର୍ତ୍ତିକ ସାହୁ)**

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ହୋଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଆଉ ଜଣେ ଯାତ୍ରୀଙ୍କର ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ବିହାର ବାସିନ୍ଦା ସୋହିମ ମନସୁର୍(୩୩)। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଟ୍ରମା ଆଇସିୟୁରେ ଚିକିତ୍ସା କରାଯାଉଥିଲା ବୋଲି ମେଡିକାଲ ସୂତ୍ରରୁ ଜଣାପଡିଛି। ସୋହିମଙ୍କ ଶରୀରରେ ଆଭ୍ୟନ୍ତରୀଣ ରକ୍ତସ୍ରାବ ହେବାରୁ ତାଙ୍କ କିଡ୍‌ନୀ ଖରାପ ହୋଇଯାଇଥିଲା। ତାଙ୍କର ଡାଏଲିସିସ ସହ ନିୟମିତ ଚିକିତ୍ସା କରାଯାଉଥିଲା। ଶୁକ୍ରବାର ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହୋଇଯାଇଥିଲା। ଶନିବାର ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ମେଡିକାଲ ସୂତ୍ରରୁ ଜଣାପଡିଛି। ଏହାକୁ ମିଶାଇ ଏସ୍‌ସିବି ମେଡିକାଲରେ ରେଳ ଦୁର୍ଘଟଣା ମୃତ୍ୟୁସଂଖ୍ୟା ୩ରେ ପହଞ୍ଚିଛି। ଅପରପକ୍ଷରେ ବାହାନଗା ରେଳ ଦୁର୍ଘଟଣା ମୃତକଙ୍କ ସଂଖ୍ୟା ୨୯୧ରେ ହୋଇଛି। ଗତ ମଙ୍ଗଳବାର ବିହାର ରାଜ୍ୟ ମୋତିହାରିର ବିଜୟ ପାଶୱାନ(୩୪) ଓ ଶୁକ୍ରବାର ବିହାର ଗୋପାଳଗଞ୍ଜ ବାସିନ୍ଦା ପ୍ରକାଶ ରାମ(୧୭)ଙ୍କର ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ସୁଦ୍ଧା ଏସ୍‌ସିବି ମେଡିକାଲରେ ୪୬ ଜଣ ଚିକିତ୍ସିତ ହେଉଥିବାବେଳେ ୧୩ ଜଣ ଆଇସିୟୁରେ ଅଛନ୍ତି। ଅନ୍ୟ ୩ ଯାତ୍ରୀ ଗୁରୁତର ଅଛନ୍ତି।




# ଅମ୍ଭାଦଳା ନିକଟରେ ମାଲ୍‌ବାହୀ ଟ୍ରେନ୍ ଲାଇନଚ୍ୟୁତ

**ଅମ୍ଭାଦଳା,୧୭।୬ (ରବୀନ୍ଦ୍ର ପଣ୍ଡା)**

ବାଲେଶ୍ୱର ଜିଲା ବାହାନଗାଠାରେ ୩ ଟ୍ରେନ୍ ଦୁର୍ଘଟଣା ସାରା ଦେଶରେ ଚହଳ ପକାଇ ଦେଇଥିବାବେଳେ ଏବେ ବାରମ୍ବାର ରେଳ ଦୁର୍ଘଟଣା ଯାତ୍ରୀଙ୍କୁ ଭୟଭୀତ କରିଛି। ଶନିବାର ରାୟଗଡ଼ା ଜିଲା ଅମ୍ଭାଦଳା ରେଳ ଷ୍ଟେଶନ ନିକଟରେ ଆଉ ଏକ ମାଲ୍‌ବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ପୂର୍ବାହ୍ଣ ପ୍ରାୟ ୯ଟା ୩୦ ମିନିଟ୍‌ରେ ଟ୍ରେନ୍‌ଟି ଅମ୍ଭାଦଳା ଷ୍ଟେଶନରୁ ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଆଲୁମିନିୟମ କାରଖାନା ଅଭିମୁଖେ ବକ୍ସାଇଟ ନେଇ ଯାଉଥିବାବେଳେ ୪ଟି ୱାଗନ ଲାଇନଚ୍ୟୁତ ହୋଇ ରେଳଧାରଣାରୁ ତଳକୁ ଖସି ପଡ଼ିଥିଲା। ଫଳରେ ଉକ୍ତ ରୁଟ୍‌ରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏଥିରେ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ରାୟଗଡ଼ା ଓ ଟିଟିଲାଗଡ଼ରୁ ବୈଷୟିକ ଟିମ୍ ପହଞ୍ଚି ଧାରଣାର ମରାମତି କାର୍ଯ୍ୟ ଜାରି ରଖିଛନ୍ତି । ରେଳ ଧାରଣାରେ ବୈଷୟିକ ତ୍ରୁଟି ଯୋଗୁ ଦୁର୍ଘଟଣା ଘଟିଥିବା କୁହାଯାଉଛି। ବାଲେଶ୍ୱର ବାହାନଗାଠାରେ ଟ୍ରେନ୍ ଦୁର୍ଘଟଣା ପରେ ବି ବିଭାଗୀୟ ଅଧିକାରୀମାନଙ୍କର ଚେତା ପଶୁ ନ ଥିବା ଚର୍ଚ୍ଚା ହେଉଛି। କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଏବଂ ଧାରଣାର ତଦାରଖ କାର୍ଯ୍ୟରେ ଅବହେଳା ଯୋଗୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ପ୍ରକାଶ ଥାଉକି, ନିକଟ ଅତୀତରେ ମଧ୍ୟ ଅମ୍ଭାଦଳା ଷ୍ଟେଶନ ପରିସରରେ ବେଦାନ୍ତର ଏକ ଟ୍ରେନ୍ ଲାଇନଚ୍ୟୁତ ହୋଇଥିଲା ।

## ରେଳ ଧାରଣାରେ ବୈଷୟିକ ତ୍ରୁଟି



ଅମ୍ଭାଦଳା ନିକଟରେ ଲାଇନଚ୍ୟୁତ ହୋଇଥିବା ଟ୍ରେନ୍ ବଗି ।

## କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ



ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରୁଛନ୍ତି।

**କାମାକ୍ଷାନଗର, ୧୭।୬(ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ରଙ୍ଗମାଟିଆଠାରେ ଶନିବାର ଏକ କୋଇଲା ବୋଝେଇ ମାଲ୍‌ବାହୀ ଟ୍ରେନ୍‌ରେ ଅଗ୍ନିକାଣ୍ଡ ଘଟିଛି। ଉକ୍ତ ଟ୍ରେନ୍ ତାଳଚେରରୁ କୋଇଲା ନେଇ ଅନୁଗୋଳ-ସୁକିନ୍ଦା ରୁଟ୍‌ରେ ଡୁବୁରି ଯାଉଥିଲା। ଗୋଟିଏ ୱାଗନ୍‌ରେ ନିଆଁ ଲାଗିଯାଇଥିବା ଜଣାପଡ଼ିବା ପରେ ବିଭାଗୀୟ କର୍ମଚାରୀ ଅଗ୍ନିଶମ ବାହିନୀର ସହାୟତା ଲୋଡ଼ିଥିଲେ। କାମାକ୍ଷାନଗରରୁ ଅଗ୍ନିଶମ କର୍ମଚାରୀ ପହଞ୍ଚି ୩୦ ମିନିଟ୍‌ରେ ନିଆଁକୁ ଆୟତ୍ତ କରିଥିଲେ। ମାଲ୍‌ବାହୀ ଟ୍ରେନ୍‌ର ଅନ୍ୟ ୱାଗନ୍‌ଗୁଡ଼ିକ ସୁରକ୍ଷିତ ରହିଛି। ତେବେ ଟ୍ରେନ୍‌ଟି ଧାରଣା ଉପରେ ଛିଡ଼ା ହୋଇ ରହିଥିବା ଦେଖିବାକୁ ମିଳିଛି।



**ଆଜିର ମନ୍ତବ୍ୟ**
" ଦ୍ରୁତ ପରିବର୍ତ୍ତନଶୀଳ ବୈଶ୍ୱିକ ପ୍ରେକ୍ଷାପଟରେ ଭାରତ ପାଇଁ ଆତ୍ମନିର୍ଭରଶୀଳତା ଏକ ବିକଳ୍ପ ନୁହେଁ, ବରଂ ଜରୁରୀ ଆବଶ୍ୟକତା। **-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଟ ତଳେ ଗଲା ବିଛା**
**ଧନ କରିଛନ୍ତି ନୂଆ ଚାକିରି**
**ପଲଙ୍କ ପଡ଼ିଛି ତୁଚ୍ଛା।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ନୂଆ ଚାକିରିରେ ଯୋଗ ଦେଇଥିବା ପ୍ରବାସୀ ସ୍ୱାମୀ ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହ ଜନିତ ଦୁଃଖରେ ଭାଙ୍ଗିପଡିବା ସ୍ୱାଭାବିକ ହୋଇଥିବା ବେଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଇ ନ ଜାଣି ଭାତର ଦୋଷ**
**ଦେଇ ନ ଜାଣି ପତର ଦୋଷ।**

ଖାଇ ନ ଜାଣି ଭାତ ଭଲରେ ରନ୍ଧା ଯାଇ ନ ଥିବା କହିବା ଭଳି ଠିକ୍‌ରେ ପରଷି ନ ଜାଣି ପତରର ଦୋଷ ଥିବା କଥା କହିବା ନିହାତି ହାସ୍ୟାସ୍ପଦ କଥା ହୋଇଥାଏ। ନିଜର ଅସାମର୍ଥ୍ୟ ପ୍ରତି ଦୃଷ୍ଟି ନ ଦେଇ ଅନ୍ୟକୁ ଦୋଷାରୋପ କରିବା ମୂର୍ଖାମୀ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବଜ୍ରପାତରେ ୩ ମୃତ, ୪ ଗୁରୁତର

**ଢେଙ୍କାନାଳ, ୧୭।୬(ରତନ ନାୟକ)**

ଢେଙ୍କାନାଳ ଜିଲାରେ ଶନିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ହୋଇଥିବା ବଜ୍ରପାତ ୩ ଜୀବନ ନେଇଛି। ମୃତକ ହେଲେ ସଦର ବ୍ଲକ ନଢ଼ଣପୁର ଗ୍ରାମର ପ୍ରକାଶ ବେହେରା (୪୮), ଶଙ୍କର୍ଷଣ ବେହେରା (୭୦) ଏବଂ ଗଁଦିଆ ବ୍ଲକ ଦେଓଗାଁ ପଞ୍ଚାୟତ ଡାଗରାପଲ୍ଲି ଗ୍ରାମର ଜଗତ ଦେହୁରୀ (୩୮)। ଏଥିରେ ଅନ୍ୟ ୪ଜଣ ଗୁରୁତର ହୋଇଛନ୍ତି। ପ୍ରକାଶ ଏବଂ ଶଙ୍କର୍ଷଣ ଗ୍ରାମ ନିକଟ ପାଞ୍ଚକାହାଣିଆରେ ମଇଁଷି ଚରାଉଥିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଉଭୟେ ସେଠାରେ ଟଳି ପଡ଼ିଥିଲେ। ପାଖରେ ଥିବା ଲୋକେ ସେମାନଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଡାଗରାପଲ୍ଲିର ଜଗତ, ଗୌରାଙ୍ଗ ଦେହୁରୀ (୩୭), ଶରତ ଦେହୁରୀ (୫୦), ଜଗା ବେହେରା (୩୫), ଜାଆନ୍ଦାପଶି ଗ୍ରାମର ଶ୍ରୀପତି ଦେହୁରୀ (୪୦) ପ୍ରମୁଖ ଝଡ଼ବର୍ଷା ସମୟରେ ସ୍କୁଲ ବାରଣ୍ଡାରେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଜଗତଙ୍କ ମୃତ୍ୟୁ ହୋଇଯାଇଥିଲା। ଅନ୍ୟମାନଙ୍କ ଚିକିତ୍ସା ଚାଲିଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# କାର୍ଯ୍ୟରେ ଅବହେଳା: ୨ ନିର୍ବାହୀ ଯନ୍ତ୍ରୀଙ୍କୁ ଜବାବ ତଲବ

**ପିଏମ୍‌ଜିଏସ୍‌ୱାଇ ମରାମତି**

**ଯାଜପୁର, ୧୭।୬(ହର୍ଷବର୍ଦ୍ଧନ ବେହେରା)**

ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡକ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ନିୟମିତ ମରାମତି କ୍ଷେତ୍ରରେ ଯାଜପୁର ଏବଂ ଭବାନୀପାଟଣା ଗ୍ରାମ୍ୟ ନିର୍ମାଣ(ଆର୍‌ଡବ୍ଲ୍ୟୁ) ଡିଭିଜନ ସର୍ବାଧିକ ଖିଲାପ କରିଛନ୍ତି। ଏଥିଯୋଗୁ ଏନ୍‌ଆର୍‌ଆଇଡିଏ (ନ୍ୟାଶନାଲ ରୁରାଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଏଜେନ୍ସି) ନିର୍ଦ୍ଦେଶକଙ୍କ ସମୀକ୍ଷା ବୈଠକରେ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। ଯାଜପୁର ଏବଂ ଭବାନୀପାଟଣା ଆର୍‌ଡବ୍ଲ୍ୟୁ ନିର୍ବାହୀ ଯନ୍ତ୍ରୀମାନଙ୍କ ସରକାରୀ କାର୍ଯ୍ୟରେ ଚରମ ଅବହେଳା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହିକ୍ରମରେ ପିଏମ୍‌ଜିଏସ୍‌ୱାଇ ମୁଖ୍ୟ ଯନ୍ତ୍ରୀ ଉଭୟ ନିର୍ବାହୀ ଯନ୍ତ୍ରୀଙ୍କୁ ଗତ ୧୩ ତାରିଖରେ ନୋଟିସ ଜାରି କରିଛନ୍ତି। ସେମାନଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ତାହାର ଜବାବ ୭ଦିନ ମଧ୍ୟରେ ଦେବାକୁ କୁହାଯାଇଛି। ଏଥିରେ ବିଫଳ ହେଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟଯନ୍ତ୍ରୀ ଚେତାବନୀ ଦେଇଛନ୍ତି।ପିଏମ୍‌ଜିଏସ୍‌ୱାଇ ଗ୍ରାମକୁ ଗ୍ରାମ ସଂଯୋଗ କରିବାର ଏକ ବୃହତ୍ ମାଧ୍ୟମ ହୋଇ ପାରିଛି। ଗତ ଦୁଇ ଦଶନ୍ଧି ହେଲା ଏହି ରାସ୍ତା ଗ୍ରାମବାସୀଙ୍କ ଗମନାଗମନ କ୍ଷେତ୍ରରେ ସହାୟକ ହେବା ସହ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ବାଟ ଦେଖାଇଛି। କିନ୍ତୁ କେତେକ ବିଭାଗୀୟ ଅଧିକାରୀଙ୍କ ଠିକାଦାର ପ୍ରୀତି ଏହି ଯୋଜନାର ସଫଳତାରେ ପ୍ରତିବନ୍ଧକ ସାଜିଥିବା ଦେଖିବାକୁ ମିଳିଛି। ୫ ବର୍ଷ ଅବଧି ମଧ୍ୟରେ ଚୁକ୍ତି ଅନୁଯାୟୀ ପ୍ରତିବର୍ଷ ରକ୍ଷଣାବେକ୍ଷଣ ହେଉ ନ ଥିବା ଭଳି ଏକାଧିକ ଅଭିଯୋଗ ହେଉଛି। କେତେକ କ୍ଷେତ୍ରରେ ରକ୍ଷଣାବେକ୍ଷଣ ପାଇଁ ଉଦ୍ଦିଷ୍ଟ ଅନୁଦାନକୁ ମିଳିମିଶି ଲୁଟ କରାଯାଉଥିବା ସନ୍ଦେହ କରାଯାଇଛି। ଫଳରେ ପିଏମ୍‌ଜିଏସ୍‌ୱାଇ ରାସ୍ତା ଦୀର୍ଘସ୍ଥାୟୀ ହୋଇ ନ ପାରିବା ସହ ୫ ବର୍ଷ ମଧ୍ୟରେ ଭାଙ୍ଗି ବିପର୍ଯ୍ୟସ୍ତ ହେଉଛି। ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ଦ୍ଦେଶକ ଠିକାଦାର ଓ ଅଧିକାରୀମାନଙ୍କୁ ତାଗିଦ କରିବାର ନଜିର ରହିଛି। ଏପରିକି ଖିଲାପୀ ଠିକାସଂସ୍ଥାଠାରୁ ରକ୍ଷଣାବେକ୍ଷଣ ପାଇଁ ଉଦ୍ଦିଷ୍ଟ ଜମାରାଶି ସହ ୨୦ ପ୍ରତିଶତ ଅଧିକ ଅର୍ଥ ଅସୁଲି କରିବାକୁ ନିର୍ଦ୍ଦେଶକ ପୂର୍ବରୁ ଚେତାବନୀ ଦେଇଛନ୍ତି। ହେଲେ ଏହି ଚେତାବନୀ ଠିକାସଂସ୍ଥା ଏବଂ ଯନ୍ତ୍ରୀମାନଙ୍କୁ କୌଣସି ଫରକ ପକାଉନାହିଁ। ଫଳରେ ଅନିୟମିତତା ଏବଂ ଅବହେଳା ସୀମା ଲଂଘୁଛି। ସୂଚନା ଅନୁଯାୟୀ ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବାର ୫ ବର୍ଷ ମଧ୍ୟରେ ରକ୍ଷଣାବେକ୍ଷଣ ବାଧ୍ୟତାମୂଳକ ଏବଂ ଏଥିପାଇଁ ଅର୍ଥ ମଞ୍ଜୁର ହୋଇଥାଏ। କିନ୍ତୁ ଯାଜପୁର ଡିଭିଜନ ଅଧୀନରେ ୮୯ ଏବଂ ଭବାନୀପାଟଣା ଡିଭିଜନରେ ୭୮ ରାସ୍ତା ମରାମତି କ୍ଷେତ୍ରରେ ଟଙ୍କାଟିଏ ବି ଖର୍ଚ୍ଚ କରାଯାଇନାହିଁ, ଯାହାକି ରାଜ୍ୟରେ ସର୍ବାଧିକ ଖିଲାପ ବୋଲି ମୁଖ୍ୟଯନ୍ତ୍ରୀ ତାଙ୍କ ନୋଟିସରେ ଦର୍ଶାଇଛନ୍ତି।



ନୂଆଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ମାଲକାନଗିରି ଜିଲା ବଣ୍ଡା ଆଦିବାସୀ ।

# ବଣ୍ଡାଘାଟିରୁ ରାଇସିନା ହିଲ୍

**ମାଲକାନଗିରି, (ଦୁର୍ଯ୍ୟୋଧନ ପାତ୍ର)/ ଖଇରପୁଟ, ୧୭।୬(ହୃଷୀକେଶ ସେଠୀ)**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ବଣ୍ଡାଘାଟି ଅଞ୍ଚଳରୁ ୧୭ ବଣ୍ଡା ମହିଳା ଓ ପୁରୁଷ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିମନ୍ତ୍ରଣ କ୍ରମେ ରାଷ୍ଟ୍ରପିତ ଭବନ ବୁଲିବାକୁ ଦିଲ୍ଲୀ ଯାଇଥିଲେ। ଏମାନେ ଦୁଇଦିନ ପୂର୍ବେ ନିଜ ଅଞ୍ଚଳକୁ ଫେରିଛନ୍ତି। ଗତ ୧୦ ତାରିଖରେ ଏମାନେ ଦିଲ୍ଲୀଠାରେ ପହଞ୍ଚି ୧୧ ତାରିଖ ଦିନ ସଂସଦ ଭବନ ବୁଲିଥିଲେ । ୧୨ ତାରିଖରେ ରାଷ୍ଟ୍ରପତି ଭବନ ବୁଲି ରାଷ୍ଟ୍ରପତିଙ୍କ ସହ ଫଟୋ ଉଠାଇ ଆୟୋଜିତ ସଭାରେ ଯୋଗ ଦେଇଥିଲେ। ଏହି ଅବସରରେ ବଣ୍ଡାମାନଙ୍କ ପାରମ୍ପରିକ ମାଳା ରାଷ୍ଟ୍ରପତିଙ୍କୁ ବଣ୍ଡା ଯୁବତୀମାନେ ପିନ୍ଧାଇଥିଲେ। ବଣ୍ଡାମାନଙ୍କ ପାରମ୍ପରିକ ବେଶଭୂଷା ସାରା ଦେଶରୁ ଆସିଥିବା ଆଦିମ ଜନଜାତିଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହା ଛଡା ଦିଲ୍ଲୀରେ ଥିବା ବିଭିନ୍ନ ଦର୍ଶନୀୟ ସ୍ଥାନ ବଣ୍ଡାମାନେ ଭ୍ରମଣ କରିଥିଲେ। ଏମାନଙ୍କ ସହ ମାର୍ଗଦର୍ଶକ ଭାବେ ବଣ୍ଡା ଉନ୍ନୟନ ପ୍ରକଳ୍ପ ପରିଚାଳକ ଅଜିତ କୁମାର ସାହୁ ଯାଇଥିଲେ। ଫେରିବା ପରେ ବଣ୍ଡା ମହିଳା ଓ ପୁରୁଷ ଆଦିବାସୀ ଉନ୍ନୟନ ମନ୍ତ୍ରଣାଳୟ, ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଓ ଟ୍ରାଇବାଲ ଲାଇଭ୍‌ଲିହୁଡ୍ ପ୍ରୋଜେକ୍ଟ(ଟିଏଲପି) ସଂସ୍ଥାକୁ ଧନ୍ୟବାଦ ଦେବା ସହ ଖୁସି ପ୍ରକଟ କରିଛନ୍ତି।

# ଦର୍ପଦଳନ ରଥରେ ଫାଟ

**ପୁରୀ, ୧୭।୬(ଅଜିତ ମହାନ୍ତି)**

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଆଉ ମାତ୍ର ଦୁଇଦିନ ବାକିଥିବାବେଳେ ଶନିବାର ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଫାଟ ଦେଖିବାକୁ ମିଳିଛି। ରଥର ସାନଉଛୁଳା ଚକ ବା ପଛୁଆଣି ଚକର ଅଖରେ ଫାଟ ସୃଷ୍ଟି ହୋଇଛି। ଫଳରେ ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ଅଖ ଫାଟ ମରାମତି ହେବ କି ଅଖ ପରିବର୍ତ୍ତନ କରାଯିବ ସେ ନେଇ ପ୍ରଶ୍ନ ଉଠିଛି। ପୂର୍ବରୁ ଫାଟ ଥିବାବେଳେ ସେଥିରେ କ୍ଲାମ୍ପ ଦିଆଯାଇଥିଲା। ତେବେ ଫାଟ ଅଧିକ ଦିଶିଥିଲା। ତେଣୁ ରଥ ଗଡ଼ିବାରେ ସମସ୍ୟା ଉପୁଜିବା ନେଇ ଆଶଙ୍କା କରାଯାଉଛି। ତେଣୁ ଉକ୍ତ ଅଖ ବଦଳାଯିବାକୁ ଭକ୍ତଙ୍କ ପକ୍ଷରୁ ଦାବି ହେଉଛି।

ଅନ୍ୟପକ୍ଷରେ ଦର୍ପଦଳନ ରଥର ଏକ ଅଖରେ ଫାଟ ଥିବା ଜଣାପଡ଼ିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଅପରାହ୍ନ ପ୍ରାୟ ୧ଟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ରଥ ନିର୍ମାଣ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ବରିଷ୍ଠ ଅଧିକାରୀ, ଜିଲାପାଳ, ପରିଚାଳନା କମିଟିର ସଦସ୍ୟ, ଶ୍ରୀମନ୍ଦିର ବୈଷୟିକ କୋର୍ କମିଟି ସଦସ୍ୟ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ତିନିରଥର ମୁଖ୍ୟ ମହାରଣାଙ୍କ ସମେତ ଭୋଇ ସର୍ଦ୍ଦାର ଉପସ୍ଥିତ ଥିଲେ। ଦର୍ପଦଳନ ରଥ ଚକର ଅଖ ପରିବର୍ତ୍ତନ କିମ୍ବା ଏହାକୁ ମରାମତି କରାଯିବ ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ପରେ ବିଶ୍ୱକର୍ମା ମହାରଣାମାନେ କହିଥିଲେ, କଣ୍ଟା ବାଡ଼େଇବା ବେଳେ କାଠ ଦବିଯାଇଛି। କିଛି ସମସ୍ୟା ହେବନାହିଁ। ସେହିପରି ଫାଟ ଗୁରୁତର ନୁହେଁ, ତେଣୁ କୌଣସି ସମସ୍ୟା ହେବନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

## କ୍ରାକ୍ ଗୁରୁତର ନୁହେଁ, କୌଣସି ସମସ୍ୟା ନାହିଁ: ଶ୍ରୀମନ୍ଦିର ପ୍ରଶାସନ

ବୈଠକ ପରେ ଶ୍ରୀମନ୍ଦିର ବୈଷୟିକ କୋର୍ କମିଟିର ସଦସ୍ୟମାନେ ରଥ ନିକଟକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। କମିଟିର ସଦସ୍ୟ ଏନ୍.ସି. ପାଲ୍ ସୂଚନା ଦେଇ କହିଥିଲେ ଯେ, ଚକ ଓ ଅଖ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। କୌଣସି ବିପଦ ନାହିଁ। ରଥ ମଧ୍ୟ ସମ୍ପୂର୍ଣ୍ଣ ନିରାପଦ। ପୂର୍ବରୁ ଏକ ୟୁ କ୍ଲାମ୍ପ ଲାଗିଥିଲା। ଏବେ ଆଉ ଏକ ୟୁ କ୍ଲାମ୍ପ ଦିଆଯିବ। ସୃଷ୍ଟି ହୋଇଥିବା ଫାଟ ନଗଣ୍ୟ। ଯେଉଁ ଫାଟ ବୋଲି କୁହାଯାଉଛି ତାହା ଫାଟ ନୁହେଁ ବରଂ ସାମାନ୍ୟ କ୍ରାକ୍। କାଠ ଦୁର୍ବଳ ନୁହେଁ। ତେଣୁ କୌଣସି ସମସ୍ୟା ନାହିଁ। ରଥଟଣା ବେଳେ କୌଣସି ସମସ୍ୟା ଦେଖାଯିବ ନାହିଁ। କ୍ରାକ୍‌ଟି ତୁମ୍ବର ବହୁତ ଦୂରରେ ହୋଇଛି। ରଥର ପଛୁଆଣି ଚକରେ ଏକ କ୍ରାକ୍ ଦେଖାଯାଇଛି, ଯେଉଁଥିରେ କୌଣସି ସମସ୍ୟା ବା ଅସୁବିଧା ନାହିଁ ବୋଲି ପାଲ୍ ମତବ୍ୟକ୍ତ କରିଛନ୍ତି। ସେହିପରି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଜିତ କୁମାର ମହାପାତ୍ର ସ୍ଥିତି ଅନୁଧ୍ୟାନ ପରେ କହିଛନ୍ତି, କଞ୍ଚା କାଠ ଓ ପ୍ରବଳ ଖରା ଯୋଗୁ ସାମାନ୍ୟ କ୍ରାକ୍ ହୋଇଛି। ଅଖରେ ଦେଖାଯାଇଥିବା କ୍ରାକ୍ ଯୋଗୁ କୌଣସି ଅସୁବିଧା ନାହିଁ। ଯେଉଁ ଯାଗାରେ କ୍ରାକ୍ ହୋଇଛି, ସେଠାରେ ଗୋଟିଏ କ୍ଲାମ୍ପ ଦିଆଯିବ। କାରଣ କ୍ରାକ୍‌ଟି ତୁମ୍ବର ବହୁତ ବାହାରେ ରହିଛି। ତେଣୁ ଅଖ ପରିବର୍ତ୍ତନର ଆବଶ୍ୟକତା ନାହିଁ। ସମସ୍ତ କମିଟି ସଦସ୍ୟ ଦେଖିଛନ୍ତି ଯେ, କିଛି ସମସ୍ୟା ନାହିଁ। ସବୁ ଠିକ୍ ଅଛି। ରଥଯାତ୍ରା ସମୟରେ କୌଣସି ସମସ୍ୟା ହେବନାହିଁ ବୋଲି ମହାପାତ୍ର ମତ ଦେଇଛନ୍ତି।



ଦର୍ପଦଳନ ରଥର ସାନଉଛୁଳା ଚକ ବା ପଛୁଆଣି ଚକର ଅଖରେ ଫାଟ

## ପ୍ରଥମ ପୃଷ୍ଠାରୁ...

### ବୋରିସ୍‌ଙ୍କୁ ମିଳିଲା ...

ପର୍ଯ୍ୟନ୍ତ ସେ 'ସ୍ପେକ୍ଟାଟର'ର ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। କୋଭିଡ୍-୧୯ ଲକ୍‌ଡାଉନ୍ ପାର୍ଟିଗେଟ୍ ମାମଲାରେ ପାର୍ଲାମେଣ୍ଟକୁ ଜାଣିଶୁଣି ଭୁଲ୍ ତଥ୍ୟ ଦେଇଥିବା ଅଭିଯୋଗର ତଦନ୍ତରୁ ୫୮ ବର୍ଷୀୟ ବୋରିସ ଦୋଷୀ ବୋଲି ଜଣାପଡ଼ିବା ପୂର୍ବରୁ ସେ ଗତ ସପ୍ତାହରେ ଏମ୍‌ପି ପଦରୁ ଇସ୍ତଫା ଦେଇଥିଲେ। ଏବେ ସେ ପ୍ରତି ଶନିବାର ଡେଲି ମେଲ୍ ପାଇଁ ସ୍ତମ୍ଭ ଲେଖିବେ ବୋଲି ଉକ୍ତ ଖବରକାଗଜ ପକ୍ଷରୁ କୁହାଯାଇଛି। ଗତବର୍ଷ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ବୋରିସ୍ ବକ୍ତୃତା କାର୍ଯ୍ୟକ୍ରମରୁ ବହୁ ନିୟୁତ ପାଉଣ୍ଡ ଆୟ କରୁଛନ୍ତି। ଖବରକାଗଜରେ ତାଙ୍କ ନିଯୁକ୍ତି ସମ୍ପର୍କିତ ଘୋଷଣା ପ୍ରକାଶ ପାଇବା ପରେ ଏକ ସରକାରୀ ୱାଚ୍‌ଡଗ୍ ଏହାର ସମାଲୋଚନା କରିଛି। ପାର୍ଲାମେଣ୍ଟ କମିଟିରୁ ବିଭିନ୍ନ ପ୍ରସଙ୍ଗରେ ରାୟ ପାଇବାର ଦିନକ ପରେ ବୋରିସ୍‌ଙ୍କୁ ନୂତନ ନିଯୁକ୍ତି ମିଳିଛି। ତାଙ୍କ ବିବାଦୀୟ ପାର୍ଟିଗେଟ୍‌କୁ ନେଇ ତଦନ୍ତ ଏବେ ବି ଜାରି ରହିଛି।

### ଶିମିଳିପାଳରେ ଶିକାରୀ ...

ଟ୍ୱିଟ୍ କରି ଶୋକବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ଜଣେ କର୍ତ୍ତବ୍ୟରତ ଯୋଦ୍ଧାଙ୍କ ପ୍ରାଣହାନି ଘଟିଛି। ଏହାକୁ ମନ୍ତ୍ରଣାଳୟ ସଜ୍ଞାନକୁ ନେଇ ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ବ୍ୟୁରୋର ଏକ ଟିମ୍‌କୁ ତଦନ୍ତରେ ସହାୟତା ପାଇଁ ପଠାଯାଇଛି। ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଗିରଫ କରାଯାଇଛି। ବନ୍ୟପ୍ରାଣୀ ସୁରକ୍ଷା ଆଇନ (ଡବ୍ଲ୍ୟୁଏଲ୍‌ପିଏ) ୧୯୭୦ ଏବଂ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ବଳରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ଯାଦବ କହିଛନ୍ତି। ସୂଚନା ଅନୁଯାୟୀ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଉପର ବାର୍‌ହାକାମୁଡ଼ା ରେଞ୍ଜ କାଣ୍ଡଧେନୁ ସେକ୍ସନ ଗାମୁଛାଝରଣ ଅଞ୍ଚଳରେ ଶିକାରୀଙ୍କ ଅନୁପ୍ରବେଶ ନେଇ ଶୁକ୍ରବାର ରାତିରେ ବିଭାଗୀୟ ଅଧିକାରୀମାନେ ଖବର ପାଇଥିଲେ। ରେଞ୍ଜର ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜର ମାଥି ହାଁସଦାଙ୍କ ସମେତ ୬ କର୍ମଚାରୀ ରାତି ୨ଟା ୩୦ରେ ପାଟ୍ରୋଲିଂରେ ଯାଇଥିଲେ। ଗାମୁଛାଝରଣ ଅଞ୍ଚଳରେ ସେମାନଙ୍କର ୪୦ରୁ ଊର୍ଦ୍ଧ୍ୱ ଶିକାରୀଙ୍କ ସହ ମୁହାଁମୁହିଁ ହୋଇଥିଲା। ବନକର୍ମଚାରୀମାନେ ଅଟକାଇବାକୁ ଚେଷ୍ଟା କରିବାରୁ ଶିକାରୀମାନେ ଅତର୍କିତ ଗୁଳିଚାଳନା କରିଥିଲେ। ମାଥିଙ୍କ ଛାତିରେ ଏକ ଗୁଳି ବାଜିଥିଲା। ଏହାପରେ ଶିକାରୀମାନେ ଛତ୍ରଭଙ୍ଗ ଦେଇଥିଲେ। ସାଥି ବନ କର୍ମଚାରୀମାନେ ମାଥିଙ୍କୁ ଗୁରୁତର ଅବସ୍ଥାରେ ରାତି ୩ଟା ୧୫ରେ କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ବହଳଦା ବ୍ଲକ୍ ଟିଙ୍ଗିରିଆସ୍ଥିତ ଜନ୍ମମାଟିରେ ବିଭାଗ ପକ୍ଷରୁ ମାଥିଙ୍କୁ ଶହୀଦ ସମ୍ମାନ ପ୍ରଦାନ କରାଯାଇଛି। ଗ୍ରାମରେ ଶେଷ କୃତ୍ୟ ସମ୍ପନ୍ନ ହେବା ନେଇ ସୂଚନା ମିଳିଛି। ଗୁଳିକାଣ୍ଡ ସମୟରେ ଉପସ୍ଥିତ ଥିବା ଉପର ବାରହାକାମୁ ରେଞ୍ଜ ଫରେଷ୍ଟ ଗାର୍ଡ ହିମାଂଶୁ ଶେଖର ସେଠୀ ଠାକୁରମୁଣ୍ଡା ଥାନାରେ ଅଭିଯୋଗ ପରେ ଥାନା କେସ୍ (ନଂ. ୬୪/୧୩) ଅନୁଯାୟୀ ମାମଲା ରୁଜୁ ହୋଇଛି। ଘଟଣା ପରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଗୋଗନେନୀ, ଉତ୍ତର ଶିମିଳିପାଳ ଉପ କ୍ଷେତ୍ର ନିର୍ଦ୍ଦେଶକ ଡିଏନ ସାଇକିରଣ, ଡିଏଫ୍‌ଓ ଶ୍ରୀକାନ୍ତ ନାଏକ, ମୟୂରଭଞ୍ଜ ଏସ୍‌ପି ବି ଗଙ୍ଗାଧର, ଉପଖଣ୍ଡ ପୋଲିସ ଅଧିକାରୀ ସୁଦର୍ଶନ ଗାଙ୍ଗଇ, ଠାକୁରମୁଣ୍ଡା ଥାନା ଅଧିକାରିଣୀ ରାଞ୍ଜୁ ହାସିନା କୁଲୁ କରଞ୍ଜିଆରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ପକ୍ଷରୁ ଶିମିଳିପାଳ ପାଦ ଦେଶରେ ଥିବା ଗ୍ରାମଗୁଡ଼ିକରେ ଚଢ଼ାଉ ଜାରି ରହିଛି। ଏସ୍‌ପି ବି. ଗଙ୍ଗାଧର କହିଛନ୍ତି, ୩ ଜଣଙ୍କୁ ଅଟକ ରଖି ତଦନ୍ତ ଚାଲିଛି। ଶିକାରୀଙ୍କୁ ଧରିବାକୁ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ସମେତ ବିଭିନ୍ନ ଥାନାର ଅଫିସରମାନଙ୍କୁ ମୃତୟନ କରାଯାଇଛି। ଖବରପାଇ ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ପହଞ୍ଚି ଶୋକ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

#### ମାସକରେ ବନ୍ଧୁକ ମୁନରେ ଗଲାଣି ୩ ଜୀବନ

କାଠ ମାଫିଆଙ୍କ ଦ୍ୱାରା ପରିଚାଳିତ ଏଜେଣ୍ଟ ଓ ଶିକାରୀମାନେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ପ୍ରବେଶ କରି ଜୀବଜନ୍ତୁ ଶିକାର କରିବା ସହ ମୂଲ୍ୟବାନ କାଠଚାଲାଣ କରିବାରେ ଲାଗିଛନ୍ତି। ଏହାକୁ ନେଇ ବନବିଭାଗ ପକ୍ଷରୁ କୋମ୍ବିଂ ଅପରେଶନ ଆରମ୍ଭ କରାଯାଉଥିବାରୁ ଅପରାଧୀମାନେ ହିଂସ୍ର ହୋଇପଡ଼ିଛନ୍ତି। ଗତ ମେ' ୨୨ ତାରିଖରେ ବାଙ୍ଗିରିପୋଷି ରେଞ୍ଜ ବାଉଁଶଖାଲ ବିଟ୍ ଅଞ୍ଚଳରେ ଶିକାରୀ ଗୁଳିରେ ଫରେଷ୍ଟଗାର୍ଡ ବିମଳ କୁମାର ଜେନାଙ୍କ ମୃତ୍ୟୁ ଘଟିଥିଲା। ଘଟଣାକୁ ଗୁରୁତ୍ୱର ସହ ନିଆଯାଇ ପୋଲିସ ଓ ବନବିଭାଗ ପକ୍ଷରୁ କୋମ୍ବିଂ ଅପରେଶନ କରାଯାଇ ସମସ୍ତ ଅପରାଧୀଙ୍କୁ ଗିରଫ କରିବା ସହ ବନ୍ଧୁକ ଜବତ ହୋଇଥିଲା। ଏହି ଘଟଣାର କିଛି ଦିନ ପରେ ଜୁନ୍ ୨ରେ ଚହଲା ରେଞ୍ଜ ଅଞ୍ଚଳରେ ଶିକାରୀ ଓ ବନକର୍ମଚାରୀ ମୁହାଁମୁହିଁ ହୋଇଥିଲେ। ଏଥିରେ ଆତ୍ମରକ୍ଷା ଲାଗି ବନ କର୍ମଚାରୀମାନେ ଗୁଳି ଚଳାଇବାରୁ ଶିକାରୀ ଜଗନ୍ନାଥ ହେମ୍ବ୍ରମଙ୍କ ମୃତ୍ୟୁ ଘଟିଥିଲା। ବେଆଇନ ଦେଶୀ ବନ୍ଧୁକ ସହିତ ମାରଣାସ୍ତ୍ର ବ୍ୟବହାର କରି ଶିକାରୀମାନେ କର୍ମଚାରୀଙ୍କୁ ଅତର୍କିତ ଆକ୍ରମଣ କରୁଛନ୍ତି। ବନ୍ଧୁକ ମୁନରେ ଆଖିବୁଜା ଗୁଳିଚାଳନା କରିବାରୁ ମାସକ ମଧ୍ୟରେ ଜଣେ ଶିକାରୀ ଓ ଦୁଇ ବନକର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଶିମିଳିପାଳର ସୁରକ୍ଷା ଦୃଷ୍ଟିକୋଣରୁ ଅଭୟାରଣ୍ୟକୁ ଜନଶୂନ୍ୟ କରି ବିସ୍ଥାପିତଙ୍କୁ ଥଇଥାନ ପୂର୍ବକ ରୋଜଗାର ଯୋଗାଇ ଦେବା ସହ ଅରଣ୍ୟ ନିବାସ ଭଳି ଅନ୍ୟାନ୍ୟ ରିସର୍ଟଗୁଡ଼ିକ ବନ୍ଦ କରିବା ପାଇଁ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫-ଟି ସଚିବ ଓ ପିସିସିଏଫ ଓଡ଼ିଶାଙ୍କ ନିକଟରେ ଦାବି କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ତୃତୀୟ ଚନ୍ଦ୍ର ପ୍ରଭାବରୁ ପ୍ରତ୍ୟେକ ପରିସ୍ଥିତିକୁ ସଜାଡ଼ି ନେବେ। କିନ୍ତୁ କୌଣସି ବନ୍ଧୁଙ୍କୁ ଟଙ୍କା ପଇସା ଦେଇ ଫେରି ପାଇବାରେ କମ୍ ସମ୍ଭାବନାକୁ ଦେଖି ମାନସିକ ଚିନ୍ତା ବଢ଼ିଯିବ। କର୍ମକ୍ଷେତ୍ରରେ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରୁ ସାହାଯ୍ୟ ପାଇପାରିବେ। କ୍ରମଶଃ ଦୂରେଇ ଯାଉଥିବା କୌଣସି ଆତ୍ମୀୟଙ୍କ ପାଇଁ ମନ ଛଟପଟ ହୋଇପାରେ।

**ବୃଷ** ଦୀର୍ଘଦିନ ହେଲା ଯାହା ପାଇନଥିଲେ ଆଜି ତାହା ପାଇବାରେ ଅସୁବିଧା ହେବନାହିଁ। ଶନିଙ୍କ ସୁପ୍ରଭାବରୁ କର୍ମକ୍ଷେତ୍ରରେ ଦାୟିତ୍ୱ ହାତକୁ ନେବାକୁ ବାଧ୍ୟ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନରେ ଉନ୍ନତ ମାନର ଫଳ ପାଇବେ। ପୁରାତନ ରୋଗର ପ୍ରାଦୁର୍ଭାବ ବଢ଼ିବା କାରଣରୁ ମାନସିକ ଦୁର୍ବଳତା ଅନୁଭବ କରିପାରନ୍ତି।

**ମିଥୁନ** ଏକତ୍ର ରବି ଓ ଚନ୍ଦ୍ରଜନିତ ସମ୍ପର୍କୀୟଙ୍କ ସହ ମିତ୍ରତା ବଢ଼ାଇବା ସକାଶେ ଚେଷ୍ଟା କରି ନିରାଶ ହେବେ। ଆନୁଷ୍ଠାନିକ କାର୍ଯ୍ୟ ପ୍ରସ୍ତୁତି ସକାଶେ ବ୍ୟସ୍ତ ରହିପାରନ୍ତି। କର୍ମକ୍ଷେତ୍ରରେ ପ୍ରଶାସନିକ କିମ୍ବା ପରିଚାଳନାଗତ ତ୍ରୁଟିକୁ ସୁଧାରିବାକୁ ଚେଷ୍ଟା କରିବେ। ପାରିବାରିକ ସମ୍ପର୍କ ମନ୍ଦ ହେବନି, ତଥାପି ସାଧାରଣ କଥାକୁ ନେଇ ଦ୍ୱନ୍ଦ୍ୱ ମଧ୍ୟରେ ଗତି କରିବେ।

**କର୍କଟ** ଅନୁକୂଳ ଗ୍ରହଚକ୍ର ହେତୁ ଆଜି ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା ଲାଭ କରି ମନ ଭିତରର କଥାକୁ ପ୍ରକାଶ କରିପାରନ୍ତି। ଅଭାବ ନ ଥିଲେ ମଧ୍ୟ ଖୋଲା ମନ ନେଇ ଖର୍ଚ୍ଚରୁ ଦୂରେଇ ରହିବା ପାଇଁ ଚେଷ୍ଟିତ ହେବେ। କେତେକ ପରିସ୍ଥିତିରେ ନିଜ ଲୋକଙ୍କୁ ସନ୍ଦେହ କରିବା ପରିସ୍ଥିତି ସୃଷ୍ଟି ହେବ। ପାରିବାରିକ ସ୍ତରରେ ସାଧାରଣ କଥାରୁ ସମସ୍ୟା ସୃଷ୍ଟି ହୋଇପାରେ।

**ସିଂହ** ରାଶ୍ୟାଧିପ ମଙ୍ଗଳ ନକ୍ଷତ୍ରସ୍ଥ ଯୋଗୁ ପରିଶ୍ରମଜନିତ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ପାଇବେ। ବନ୍ଧୁଙ୍କ ପାଖରେ ସମସ୍ୟାକୁ ଜଣାନ୍ତୁ; ଅବଶ୍ୟ ସହଯୋଗ ମିଳିଯିବ। ସନ୍ତାନମାନଙ୍କର କିଛି ରହିଥିବା ସମସ୍ୟାର ସମାଧାନ ସକାଶେ ବ୍ୟସ୍ତତା ବଢ଼ିପାରେ।

**କନ୍ୟା** କର୍ମାଧିପ ଭାଗ୍ୟସ୍ଥ ହେତୁ କୌଣସି କାମ ଆରମ୍ଭ କରିବାକୁ ଚାହୁଁଥିଲେ ଶୀଘ୍ର ଆରମ୍ଭ କରିବା ଭଲ। ପିଲାଙ୍କ ପାଇଁ ଜଞ୍ଜାଳ ବୃଦ୍ଧି ପାଇବା ହେତୁ ଦୁଶ୍ଚିନ୍ତାଗ୍ରସ୍ତ ହେବେ। ଶତ୍ରୁତା କରୁଥିବା ଲୋକ ନିଜର ଫାଇଦା ହାସଲର ଅପଚେଷ୍ଟା ଲାଗି ମନ ବଳାଇ ପାରନ୍ତି। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ସଭାସମିତିରେ ସଫଳତା ପାଇବେ।

**ତୁଳା** ଚନ୍ଦ୍ରଙ୍କ ଶୁଭତ୍ୱରୁ ଦୀର୍ଘଦିନରୁ ଚେଷ୍ଟା କରୁଥିବା କାମଟି ଆଜି ସମ୍ପନ୍ନ ହୋଇପାରିବ। ଚିତ୍ରା ନକ୍ଷତ୍ରର ସାମୟିକ ଶାରୀରିକ ଅସୁସ୍ଥତା ହେତୁ ମନ ବିଚଳିତ ରହିପାରେ। ବ୍ୟବସାୟ କ୍ଷେତ୍ରରେ କିଛି ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି। ମାମଲାରେ ସମସ୍ୟା କ୍ରମଶଃ ବୃଦ୍ଧି ପାଇବାକୁ ନେଇ ଚିନ୍ତିତ ରହିପାରନ୍ତି।

**ବିଛା** ସପ୍ତମସ୍ଥ ବୁଧ ପାରିବାରିକ କ୍ଷେତ୍ରରେ ମତାନ୍ତର ଜନିତ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିବ। ପୁନଶ୍ଚ ବିଭିନ୍ନ ପ୍ରକାରର କାର୍ଯ୍ୟବ୍ୟସ୍ତତା ହେତୁ ମାନସିକ ସ୍ଥିତି ଭଲ ରହିନପାରେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆତ୍ମୀୟମାନେ କ୍ରମଶଃ ଦୂରେଇ ଯିବେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ପଡ଼ୋଶୀଙ୍କ ସହ ଆଲୋଚନା କଲେ ଉପକୃତ ହେବେ।

**ଧନୁ** ଶନିଙ୍କ ପ୍ରଭାବରେ ମନ କଥାକୁ ଖୋଲିକରି କହିଲେ ମଧ୍ୟ ନିଜର ଲୋକମାନେ ତାହାର କଦର୍ଥ କରି ସମାଲୋଚନା କରିପାରନ୍ତି। ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ଚିଡ଼ା ସ୍ୱଭାବ ପାଇଁ କ୍ଷୁବ୍ଧ ହୋଇପାରନ୍ତି। ସନ୍ତାନଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ଓ ଅମନୋଯୋଗୀ ସ୍ୱଭାବର ପରିବର୍ତ୍ତନ ପାଇଁ ଚେଷ୍ଟା କରିପାରନ୍ତି। ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତି ଅନୁଭବ କରିବେ।

**ମକର** ସାମାନ୍ୟ ସମସ୍ୟା ମଧ୍ୟରେ ଆଜିର ପ୍ରତ୍ୟୁଷ ଯାତ୍ରା, ସଭାସମିତି, କର୍ମାରମ୍ଭ ବିନା ବାଧାବିଘ୍ନରେ ସମାପନ ହେବ। କର୍ମକ୍ଷେତ୍ରରେ କିଛି ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। କର୍ମକ୍ଷେତ୍ରରେ ବୁଦ୍ଧିଜୀବୀଙ୍କ ନିକଟରୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବ୍ୟବସାୟରେ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ।

**କୁମ୍ଭ** ଚତୁର୍ଥସ୍ଥ ବୁଧ ହେତୁ ପାରିବାରିକ କ୍ଷେତ୍ରରେ ଅଶାନ୍ତ ରହିପାରନ୍ତି। ବନ୍ଧୁମାନଙ୍କ ନିକଟରୁ କିଛି ଖରାପ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବାକୁ ପଡ଼ିପାରେ। ରୋଗୀଣା ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ କିଛିଟା ଆଶ୍ୱସ୍ତି ଅନୁଭବ କରିବେ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟ ଯୋଗୁ ବ୍ୟସ୍ତ ରହିପାରନ୍ତି ।

**ମୀନ** ପାପଗ୍ରହ ପ୍ରଭାବରୁ ମୁକ୍ତ କର୍ମ ସଂସ୍ଥାନ କାରଣରୁ ଆଜି କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଖୁସି ରହିବେ। ପରିବାରର ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ଏଣୁ ସରକାରୀସ୍ତରରୁ ଋଣ ଆଣିବା ସକାଶେ ମନ ବଳାଇ ପାରନ୍ତି। ସଭାସମିତିରେ, ଆଲୋଚନା ପରିସରରେ, ରାଜନୈତିକ ସ୍ଥିତି ତଥା ପ୍ରଶାସନିକ ସ୍ତରରେ ସଫଳତା ଅବଶ୍ୟ ମିଳିବ।

ଆଜି ଆଷାଢ଼ ଅମାବାସ୍ୟା ରବିବାର, ଶ୍ରୀମନ୍ଦିରରେ ବନକଲାଗି, ଜୁନ୍ ୧୮ ତାରିଖ, ବିଶ୍ୱ ପିତୃଦିବସ, ଅନ୍ତର୍ଜାତୀୟ ବଣଭୋଜି ଦିବସ, ରାଶି ନକ୍ଷତ୍ର-ମୃଗଶିରା/ମିଥୁନ, ଅଦ୍ୟ ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୭ ଗତେ ଘ.୦୯।୩୫ ମଧ୍ୟେ, ଘ.୦୧।୨୬ ଗତେ ଘ.୦୨।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା. ଘ.୦୪।୪୪ ଗତେ ଘ.୦୬।୨୩ ମଧ୍ୟେ ରାହୁକାଳ ।

# ମୃତଦେହ ପୋତାକୁ ନେଇ ଉତ୍ତେଜନା

ଉମରକୋଟ, ୧୭।୬(ସନ୍ତୋଷ ଶତପଥୀ)

## ପୁଅ ଧର୍ମ ପରିବର୍ତ୍ତନ କରିଥିବାରୁ ବାପା ମୃତଦେହକୁ ଶ୍ମଶାନ ବାରଣ ଘଟଣା


ପ୍ରଶାସନିକ ଅଧିକାରୀମାନେ ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ପୁଅ ହିନ୍ଦୁଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିଥିବାରୁ ତାଙ୍କ ବାପାଙ୍କ ମୃତ୍ୟୁ ପରେ ଗାଁ ଶ୍ମଶାନରେ ମୃତଦେହ ସତ୍କାର କରିବାକୁ ଗ୍ରାମବାସୀ ବାରଣ କରିଥିଲେ। ଏହାପରେ ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇ ଗାଁ ବାହାର ଏକ ସରକାରୀ ସ୍ଥାନରେ ମୃତଦେହ ଶୁକ୍ରବାର ବିଳମ୍ବିତ ରାତିରେ ପୋତାଯାଇଥିଲା। ମୃତଦେହ ପୋତାଯାଇଥିବା ସ୍ଥାନ ନିକଟ ଗ୍ରାମର ଲୋକେ ଏହାକୁ ବିରୋଧ କରିଥିଲେ। ସର୍ବସାଧାରଣ ସ୍ଥାନରେ ମୃତଦେହ ପୋତିବାକୁ ନେଇ ଅସନ୍ତୁଷ୍ଟ ଅଞ୍ଚଳବାସୀ ଶୁକ୍ରବାର ରାତିରୁ ଶନିବାର ସନ୍ଧ୍ୟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ପ୍ରଶାସନିକ ଅଧିକାରୀମାନେ ସେମାନଙ୍କୁ ବୁଝାଶୁଝା କରିଥିଲେ। ପୁନର୍ବାର ଉକ୍ତ ସ୍ଥାନରେ କୌଣସି ମୃତଦେହ ସତ୍କାର କରାଯିବ ନାହିଁ ବୋଲି ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା।

ସୂଚନାନୁଯାୟୀ, ଶୁକ୍ରବାର ବେହେଡ଼ା ପଞ୍ଚାୟତ ସିଉନାଗୁଡ଼ା ଗ୍ରାମର ଡମୁ ସାନ୍ତା (୫୫)ଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ସାନପୁଅ ଧର୍ମ ପରିବର୍ତ୍ତନ କରିଥିଲେ। ଡମୁ ସାନପୁଅଙ୍କ ପାଖରେ ରହୁଥିବାରୁ ଗ୍ରାମବାସୀ ହିନ୍ଦୁ ଶ୍ମଶାନରେ ମୃତଦେହ ସତ୍କାର କରିବାକୁ ମନା କରିଥିଲେ। ଏହାପରେ ମୃତକଙ୍କ ପରିବାର ଲୋକେ ଘଟଣା ସମ୍ପର୍କରେ ଉମରକୋଟ ଥାନାରେ ଅଭିଯୋଗ କରିଥିଲେ। ଉମରକୋଟ ଉପଖଣ୍ଡ ଅଧିକାରୀ, ସ୍ଥାନୀୟ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ମୃତଦେହ ଅନ୍ୟତ୍ର ଏକ ସ୍ଥାନରେ ସତ୍କାର କରାଯିବାକୁ ନେଇ ମୃତକଙ୍କ ପରିବାରକୁ ଅଧିକାରୀମାନେ ବୁଝାଇଥିଲେ। ପରିବାର ଲୋକେ ସେଥିରେ ରାଜି ହେବାପରେ ଶୁକ୍ରବାର ବିଳମ୍ବିତ ରାତିରେ ପ୍ରଶାସନ ସହାୟତାରେ ମୂର୍ତ୍ତିମା ନିକଟ ଏକ ମୋରମ ଖାଦାନରେ ମୃତଦେହ ପୋତାଯାଇଥିଲା। ଏହି ଖବର ଜାଣିବା ପରେ ଖାଦାନ ନିକଟରେ ରହୁଥିବା ୩ଗାଁର ଉତ୍ୟକ୍ତ ଲୋକେ ସେଠାରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ପୋତାଯାଇଥିବା

### ■ ୧୮ ଘଣ୍ଟା ଉମରକୋଟ୍-ରାଇଘର ରାସ୍ତାରୋକୋ କଲେ ଉତ୍ୟକ୍ତ ଲୋକେ

ମୃତଦେହକୁ ସେଠାରୁ ବାହାରକରି ଅନ୍ୟତ୍ର କେଉଁଠି ସତ୍କାର କରିବାକୁ ସେମାନେ ଜିଦ୍ ଧରିଥିଲେ। ମୃତଦେହକୁ କୌଣସି ପରିସ୍ଥିତିରେ ବାହାର କରାଯିବ ନାହିଁ ବୋଲି ପ୍ରଶାସନିକ ଅଧିକାରୀମାନେ ରୋକ୍‌ଠୋକ୍ ମନା କରିଥିଲେ। ଏହାପରେ ଉତ୍ୟକ୍ତ ଗ୍ରାମବାସୀ ଶୁକ୍ରବାର ରାତିରୁ ହିଁ ରାଇଘର-ଉମରକୋଟ ରାସ୍ତାକୁ ଅବରୋଧକରି ଧାରଣାରେ ବସିଥିଲେ। ଘଟଣାସ୍ଥଳରେ ଏସ୍‌ଆଇ ଅକ୍ଷୟ ମିଶ୍ର, ସନ୍ତୋଷ ମାଝି, ସୌମେନ୍ଦ୍ର ସେଠ, ଏଏସ୍‌ଆଇ ଶରତ ଚନ୍ଦ୍ର କୁଟୁରୁକା, ରାମଚନ୍ଦ୍ର ବେହେରା, ସୁଖଦେ ଛାତ୍ରୀୟା ଓ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ ଥିଲେ। ନବରଙ୍ଗପୁର ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ତହସିଲଦାର ତୁଳା ମୁଦୁଲି, ଏସ୍‌ଡିପିଓ ଶୁଭେନ୍ଦୁ ଶବର, ଉମରକୋଟ ଏସ୍‌ଆଇ ନୀଳିମା ପାଣିଗ୍ରାହୀ ଧାରଣାରେ ବସିଥିବା ଲୋକଙ୍କ ସହ ଆଲୋଚନା କରିଥିଲେ। ପୁନର୍ବାର ଉକ୍ତ ସ୍ଥାନରେ କୌଣସି ମୃତଦେହ ସତ୍କାର କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ଶନିବାର ସନ୍ଧ୍ୟାରେ ହଟିଥିଲା।

# ସୋନପୁର ସବୁଠୁ ଉତ୍ତପ୍ତ

## ୪୫° ସେଲସିୟସ୍ ଉପରେ ୫ ସହର

ଭୁବନେଶ୍ୱର,୧୭।୬(ଅନିଲ ଦାସ)

ଚାରିଆଡ଼େ ଉତ୍ତପ୍ତ ପରିବେଶ। ଲମ୍ବିଚାଲିଛି ତତଲା ଦିନ। ପାଣିପାଗ ବିଜ୍ଞାନୀଙ୍କ ପୂର୍ବାନୁମାନ ଗୋଳମାଳିଆ ହୋଇଯାଉଛି। ଦିନେ କି ସପ୍ତାହେ ନୁହେଁ, ମାସାଧିକ କାଳ ଗରମ ପ୍ରକୋପ ଜାରିରହିଛି। ତାତିରେ କେବେ ବିରାମ ଲାଗିବ ତାହା ଆକଳନ କରାଯାଇ ପାରୁନାହିଁ। ଅନ୍ୟପକ୍ଷରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମଧ୍ୟ ଚିନ୍ତା ବଢ଼ାଇଲାଣି। ପାଗ ଅନୁକୂଳ ହେଉ ନ ଥିବାରୁ ନିକଟରେ ମୌସୁମୀ ଆଗମନ ଆଶା କ୍ଷୀଣ। ଆସନ୍ତା ୨୧ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ହିଟ୍‌ୱେଭ ଜାରିରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଶନିବାର ସୋନପୁର ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୫.୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ରାଜ୍ୟର ୫ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ସେଲ୍‌ସିୟସକୁ ଟପିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୫.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ସମ୍ବଲପୁର ୪୫.୪, ହୀରାକୁଦ ୪୫.୧ ଏବଂ ବଲାଙ୍ଗୀରରେ ୪୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ଝାରସୁଗୁଡ଼ାରେ ୪୪.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ଅନୁଗୋଳ ୪୪.୭, ସୁନ୍ଦରଗଡ଼ ୪୪.୫, ନୟାଗଡ଼ ୪୪.୫, ବରଗଡ଼ ୪୪.୪, ଭୁବନେଶ୍ୱର ୪୪.୩, ତାଳଚେର ୪୪, ଢେଙ୍କାନାଳ ୪୩.୬, ଟିଟିଲାଗଡ଼ ୪୩.୫, ଖୋର୍ଦ୍ଧା ୪୩.୫, ରାଉରକେଲା ୪୩.୪, ନୂଆପଡ଼ା ୪୩.୪, ଦେବଗଡ଼ ୪୨.୫, ବାରିପଦା ୪୨.୪, ଜଗତସିଂହପୁର ୪୨.୪, କଟକ ୪୨.୧, ଫୁଲବାଣୀ ୪୨, ଭବାନୀପାଟଣା ୪୧.୮, କେନ୍ଦୁଝର ୪୧.୪, ଭଦ୍ରକ ୪୦.୫, ବ୍ରହ୍ମପୁର ୪୦.୫, କେନ୍ଦ୍ରାପଡ଼ା ୪୦.୨, ଯାଜପୁର ୪୦ ଏବଂ ଛତ୍ରପୁରରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ସୋନପୁର, ବୌଦ୍ଧ, ଅନୁଗୋଳ, ଦେବଗଡ଼, କେନ୍ଦୁଝର, କଟକ, ନୟାଗଡ଼, ଖୋର୍ଦ୍ଧା ଏବଂ ବଲାଙ୍ଗୀର ଜିଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଏ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଢେଙ୍କାନାଳ, ମୟୂରଭଞ୍ଜ, କନ୍ଧମାଳ, କଳାହାଣ୍ଡି ଏବଂ ନୂଆପଡା ଜିଲା ପାଇଁ ୟେଲୋୱାର୍ନିଂ ଜାରି କରାଯାଇଛି।

BUYERS REQUIRED FOR VANAMEI SHRIMP
ବନମେଇ ଚିଙ୍ଗୁଡ଼ି ପାଇଁ କ୍ରେତା ଆବଶ୍ୟକ



- ଆମେ ଉଚ୍ଚ ଗୁଣମାନର ବନମେଇ ଚିଙ୍ଗୁଡ଼ି ଚାଷ କରୁଥିବା ଏକ କମ୍ପାନୀ ଅଟୁ
- ଆମେ ବନମେଇ ଚିଙ୍ଗୁଡ଼ି ପାଇଁ ସମ୍ଭାବ୍ୟ କ୍ରେତା ଆବଶ୍ୟକ କରୁଛୁ
- ଚିଙ୍ଗୁଡ଼ିର ଗଣନା 40 -100 ମଧ୍ୟରେ ଅଟେ
- ପରିମାଣ 20 -25 ଟନ୍ ମଧ୍ୟରେ ଅଟେ
- କୌଣସି ମଧ୍ୟସ୍ଥି ରହିବେ ନାହିଁ, ସିଧାସଳଖ ଚାଷୀ ଓ କ୍ରେତାଙ୍କ ମଧ୍ୟରେ ନେଣଦେଣ ସମ୍ପାଳିତ ହେବ
- We are a company that is doing high quality farming of VANAMEI SHRIMP
- We require potential buyers of VANAMEI SHRIMP
- Shrimp count ranges between 40 – 100
- Quantity ranges between 20 – 25 TON
- No middlemen is involved, transaction will be done from direct farmer to buyer

Location: CHANDBALI, DISTT. BHADRAK, ODISHA,
ସ୍ଥାନ: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା CALL +91 – 77357 48087

LIC
भारतीय जीवन बीमा निगम
LIFE INSURANCE CORPORATION OF INDIA

ଭାରତୀୟ ଜୀବନ ବୀମା ନିଗମ
ପୂର୍ବ ମଧ୍ୟ କ୍ଷେତ୍ରୀୟ କାର୍ଯ୍ୟାଳୟ
ଇଞ୍ଜିନିୟରିଂ ବିଭାଗ
"ଜୀବନ ଦୀପ", ଏକ୍ଜିବିଶନ୍ ରୋଡ୍, ପାଟନା–୮୦୦୦୦୧ ।
ଫୋନ୍ ନଂ. ୦୬୧୨–୨୫୦୧୧୧୮/୨୫୦୩୦୧୪
ଏକ ଆଇଏସ୍‌ଓ ୯୦୦୧:୨୦୧୫ ପ୍ରମାଣିତ ବିଭାଗ

ଆର୍କିଟେକ୍ଟ ଡିଜାଇନ୍ ପ୍ରତିଯୋଗିତା

ଭାରତୀୟ ଜୀବନ ବୀମା ନିଗମ ନିମ୍ନଲିଖିତ କାର୍ଯ୍ୟ ପାଇଁ ଏକକାଳୀନ ଦର ଭିତ୍ତିରେ ଯୋଗ୍ୟ ଆର୍କିଟେକ୍ଟ/ଆର୍କିଟେକ୍ଟ ଫାର୍ମଗୁଡ଼ିକଠାରୁ ୱେବ୍‌ସାଇଟ୍ http://www.tenderwizard.com/LIC ମାଧ୍ୟମରେ ଇ–ବିଡ୍ ଆହ୍ୱାନ କରୁଛି:

| | |
|---|---|
| ବିଡ୍ ନଂ. | ଏଲ୍‌ଆଇସିଆଇ/ଇସିଜେଡ୍‌ଓ/ଇଏନ୍‌ଜିଜି./୨୦୨୩–୨୪/୦୭ |
| କାର୍ଯ୍ୟର ନାମ | ଡିଜାଇନ୍ ପ୍ରତିଯୋଗିତା ମାଧ୍ୟମରେ ସେକ୍ଟର–VI, ସିଡିଏ, ବିଡାନାସୀ, କଟକ, ଓଡ଼ିଶାଠାରେ ଆମ ପଲିସିଧାରକଙ୍କ ହାଉସିଂ ସ୍କିମ୍‌ରେ ଡୁପ୍ଲେକ୍ସ ନିର୍ମାଣ ନିମନ୍ତେ ପରାମର୍ଶଦାତା ତଥା ଆର୍କିଟେକ୍ଟଙ୍କ ନିଯୁକ୍ତି ନିମନ୍ତେ ଇ–ଟେଣ୍ଡର । |
| ବିକ୍ରୟ ଅବଧି (ଡାଉନ୍‌ଲୋଡିଂ) | ତା୧୯।୦୬।୨୦୨୩, ୧୭.୩୦ ଘଟିକାରୁ ତା୧୦।୦୭।୨୦୨୩ରିଖ ୧୭.୩୦ ଘଟିକା |
| ପ୍ରାକ୍-ବିଡ୍ ବୈଠକ | ତା୦୫।୦୭।୨୦୨୩, ୧୧.୩୦ ଘଟିକା, ସ୍ଥାନ: କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଭାରତୀୟ ଜୀବନ ବୀମା ନିଗମ, 'ଜୀବନ ପ୍ରକାଶ', ନୂଆପାଟନା, କଟକ – ୭୫୩୦୦୧ଙ୍କ କାର୍ଯ୍ୟାଳୟ |
| ଅନ୍‌ଲାଇନ୍ ବିଡ୍ ଦାଖଲ ସମାପ୍ତି ତାରିଖ ଓ ସମୟ | ତା୧୭।୦୭।୨୦୨୩ରିଖ ୨୩.୫୯ ଘଟିକା |
| ପ୍ରାକ୍‌ଯୋଗ୍ୟତା ଏବଂ ବୈଷୟିକ ବିଡ୍ ଖୋଲାଯିବାର ତାରିଖ ଓ ସମୟ | ତା୧୮।୦୭।୨୦୨୩ରିଖ, ୧୫.୩୦ ଘଟିକା ପରଠାରୁ |
| ଟେଣ୍ଡର ପ୍ରକ୍ରିୟାକରଣ ଦେୟ | ଟ.୨,୩୬୦.୦୦ ଜିଏସ୍‌ଟି ସମେତ, ତା୧୭।୦୭।୨୦୨୩ରିଖ, ୨୩.୫୯ ଘଟିକା ମଧ୍ୟରେ ଏନ୍‌ଇଏଫ୍‌ଟି ଜରିଆରେ ସ୍ଥାନାନ୍ତର କରାଯିବା ଆବଶ୍ୟକ |
| ଯୋଗାଯୋଗ ଇ-ମେଲ୍ | ecz_engg@licindia.com |
| ଉପସ୍ଥାପନା ତାରିଖ | 'ପ୍ରାକ୍‌ଯୋଗ୍ୟତା ଏବଂ ବୈଷୟିକ ବିଡ୍' ଯାଞ୍ଚ ପରେ ଯୋଗ୍ୟ ବିବେଚିତ ହୋଇଥିବା ଏବଂ ଟେଣ୍ଡର ପ୍ରକ୍ରିୟାକରଣ ଦେୟ ଜମା କରିଥିବା ବ୍ୟକ୍ତିମାନଙ୍କୁ ସୂଚିତ କରାଯିବ । |
| ମୂଲ୍ୟ ବିଡ୍ ଖୋଲାଯିବାର ତାରିଖ | ପରେ ସୂଚିତ କରାଯିବ |

ଦ୍ରଷ୍ଟବ୍ୟ: ଉପରୋକ୍ତ ଟେଣ୍ଡର ସମ୍ବନ୍ଧରେ କୌଣସି ଯୋଗପତ୍ର/ଶୁଦ୍ଧିପତ୍ର/ବିକ୍ରୟ ତାରିଖ ବୃଦ୍ଧି କେବଳ http://www.tenderwizard.com/LIC ୱେବ୍‌ସାଇଟ୍‌ରେ ଜାରି କରାଯିବ ଏବଂ ଗଣମାଧ୍ୟମରେ କୌଣସି ପୃଥକ୍ ଅଧିସୂଚନା ଜାରି କରାଯିବ ନାହିଁ । ତେଣୁ ବିଡରମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିଜକୁ ସର୍ବଦା ସୂଚିତ ରଖିବା ପାଇଁ କଥିତ ୱେବ୍‌ସାଇଟ୍ ନିୟମିତ ଭାବେ ପରିଦର୍ଶନ କରିବେ ।
ତାରିଖ: ୧୮।୦୬।୨୦୨୩ ଅତିରିକ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଞ୍ଜିନିୟରିଂ)

# ଖଟିଆରେ ବୁହାହେଲେ ଗର୍ଭବତୀ



ଭବାନୀପାଟଣା,୧୭।୬(ଉତ୍ତମ କୁମାର ଦାଶ)

ଗାଁକୁ ପକ୍କା ପୋଲ ନ ଥିବାରୁ ଆସି ପାରିଲାନି ଆମ୍ବୁଲାନ୍ସ। ଫଳରେ ଖଟିଆରେ ବୋହି ଜଣେ ଗର୍ଭବତୀ ମହିଳାଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଇଥିଲା। ଏଭଳି ଏକ ଦୃଶ୍ୟ ଶନିବାର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ତଳଝାପି ପଞ୍ଚାୟତ ରାଣୀପଦର ଗ୍ରାମ ଖମନପଡ଼ାରେ।

ଗାଁର ଭୋଳାନାଥ ଗଉଡ଼ଙ୍କ ସ୍ତ୍ରୀ ନନ୍ଦିନୀ ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଆମ୍ବୁଲାନ୍ସକୁ ଡକାଯାଇଥିଲା। ହେଲେ ଗାଁ ପାଖରେ ଇନ୍ଦ୍ରାବତୀ ଓ ବାଲିଯୋର ନଦୀ ପ୍ରବାହିତ ହେଉଥିବାରୁ ଯିବାଆସିବାରେ ବାଧକ ସାଜିଛି। ଆଜି ପର୍ଯ୍ୟନ୍ତ ନଦୀ ଉପରେ ପୋଲ ନିର୍ମାଣ ହୋଇପାରିନାହିଁ। ଗାଁ ଲୋକଙ୍କ ନିଜସ୍ୱ ଉଦ୍ୟମରେ ତିଆରି ହୋଇଛି କାଠ ପୋଲ। ସେଥିରେ ଆମ୍ବୁଲାନ୍ସ ଯାଇପାରି ନ ଥିବାରୁ ଦୂରରେ ଅଟକି ଯାଇଥିଲା। ପରେ ଗ୍ରାମବାସୀ ଏକ ଖଟିଆରେ ନନ୍ଦିନୀଙ୍କୁ ନେଇ ଗାଁ ପାରି କରିଥିଲେ। ଗାଁଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂର ଥୁଆମୂଳ ରାମପୁର-କାଶୀପୁର ମୁଖ୍ୟ ରାସ୍ତାରେ ଅପେକ୍ଷା କରିଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ। ସେଠାରୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଏଭଳି ଦୃଶ୍ୟ ପ୍ରାୟ ସମୟରେ ଅଞ୍ଚଳରେ ଦେଖାଯାଉଥିଲେ ମଧ୍ୟ ପ୍ରଶାସନ କି ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ତୀବ୍ର ଉଦବେଗ ପ୍ରକାଶ ପାଇଛି।

# ୩୬ ପୌର ସଂସ୍ଥା ପାଇଁ ୨୨୫.୫୩ କୋଟି

ଭୁବନେଶ୍ୱର,୧୭।୬(ଅନିଲ ଦାସ)

## ମୁକ୍ତା ଯୋଜନାରେ ଅନୁମୋଦନ କଲେ ମୁଖ୍ୟମନ୍ତ୍ରୀ

### ୩ ପର୍ଯ୍ୟାୟରେ ମୋଟ ୮୩୩.୨୧ କୋଟି ମଞ୍ଜୁର

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା) ଯୋଜନାର ତୃତୀୟ ପର୍ଯ୍ୟାୟରେ ରାଜ୍ୟର ଉତ୍ତର ରାଜସ୍ୱ ଡିଭିଜନ ଅଞ୍ଚଳରେ ଥିବା ୧୦ଟି ଜିଲାର ୩୬ ପୌରାଞ୍ଚଳ ପାଇଁ ୨୨୫.୫୩ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ସେହି ଜିଲାଗୁଡ଼ିକ ହେଲା ଢେଙ୍କାନାଳ, ଅନୁଗୋଳ, କେନ୍ଦୁଝର, ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, ବରଗଡ଼, ଝାରସୁଗୁଡ଼ା ଏବଂ ଦେବଗଡ଼। ଏହି ଜିଲାଗୁଡ଼ିକ ପାଇଁ ଅନୁମୋଦିତ ସମସ୍ତ ପ୍ରକଳ୍ପ କାର୍ଯ୍ୟ ମିଶନ ଶକ୍ତି ଗ୍ରୁପ୍ ଦ୍ୱାରା କରାଯିବ। ମୁକ୍ତା ଯୋଜନା ଅଧୀନରେ ଉକ୍ତ ପୌରାଞ୍ଚଳଗୁଡ଼ିକର ସମସ୍ତ ୱାର୍ଡର ବିକାଶ ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ ହୋଇଛି। ପ୍ରତ୍ୟେକ ପ୍ରକଳ୍ପ ଦୀର୍ଘସ୍ଥାୟୀ ପରିବେଶ ଅନୁକୂଳ।

ଉଲ୍ଲେଖଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଜୁନ୍ ୧୬ ତାରିଖରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ନେଇ ୪୨ଟି ପୌର ସଂସ୍ଥାର ଜନପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ମୁକ୍ତା ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକ ମଧ୍ୟରେ କ୍ଷୁଦ୍ର ପାର୍କ, ଖୋଲା ଜିମ୍, ପିଲାଙ୍କ ଖେଳିବା ଜାଗା, ଖେଳପଡ଼ିଆ, ୱାକିଂ ଟ୍ରାକ୍, ଭେଣ୍ଡିଂ ଜୋନ ଆଦି ରହିଛି। ସହରାଞ୍ଚଳର ଗରିବ ଶ୍ରମିକ ଓ ଅନ୍ୟ ରାଜ୍ୟକୁ ଚାଲିଯାଉଥିବା ଶ୍ରମିକମାନଙ୍କୁ କାମ ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ଯୋଜନା ୨୦୨୦ ଏପ୍ରିଲ ୧୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ଏହି ଯୋଜନା ରାଜ୍ୟର ସମସ୍ତ ୧୧୫ଟି ପୌରସଂସ୍ଥାରେ କାର୍ଯ୍ୟକାରୀ କରାଯାଉଛି। ରାଜ୍ୟର ସମସ୍ତ ପୌର ସଂସ୍ଥା ପାଇଁ ୩ଟି ପର୍ଯ୍ୟାୟରେ ମୁକ୍ତା ଯୋଜନାରେ ସମୁଦାୟ ୮୩୩.୨୧ କୋଟି ଟଙ୍କା ମଞ୍ଜୁର କରାଗଲାଣି।

# ୬ ସୂଚନା ସେବା ଅଧିକାରୀ ହେଲେ ଉପନିର୍ଦ୍ଦେଶକ

ଭୁବନେଶ୍ୱର,୧୭।୬(ଅନିଲ ଦାସ)

ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧୀନ ବିଭିନ୍ନ କାର୍ଯ୍ୟାଳୟରେ ଅବସ୍ଥାପିତ ଓଡ଼ିଶା ସୂଚନା ସେବା ବର୍ଗର ୬ଜଣ ବରିଷ୍ଠ ଅଧିକାରୀଙ୍କୁ ଉପନିର୍ଦ୍ଦେଶକ(ଡେପୁଟି ଡାଇରେକ୍ଟର) ଭାବରେ ପଦୋନ୍ନତି ଦିଆଯାଇଛି। ସେମାନେ ହେଲେ ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ଭଣ୍ଡାର ଅଧିକାରୀ ସୁରଜିତ ମିଶ୍ର, ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ରକ୍ଷକ କୁମାର ନାୟକ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପତି, ମୁଖ୍ୟାଳୟର ସୂଚନା ଅଧିକାରୀ ଦୀପ୍ତିମୟୀ ମହାପାତ୍ର, ବରଗଡ଼ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଏବଂ କଟକ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର।

ଏ ନେଇ ଶନିବାର ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପଦୋନ୍ନତି ପାଇଥିବା ଅଧିକାରୀମାନେ ଅନ୍ୟାଦେଶ ପର୍ଯ୍ୟନ୍ତ ବର୍ତ୍ତମାନ ଅବସ୍ଥାପିତ ସ୍ଥାନରେ କାର୍ଯ୍ୟ କରିବେ। ସେମାନେ ବିଭାଗୀୟ କର୍ତ୍ତୃପକ୍ଷ ତଥା ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହିତ ଓଡ଼ିଶା ସୂଚନା ସେବା ସଂଘ ପକ୍ଷରୁ ପଦୋନ୍ନତି ପାଇଥିବା ଅଧିକାରୀମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

nsm NATIONAL SUPERCOMPUTING MISSION
INFRASTRUCTURE | APPLICATIONS | R&D | HRD
ସେଣ୍ଟର ଫର୍ ଡେଭଲପମେଣ୍ଟ ଅଫ୍ ଆଡ୍‌ଭାନ୍ସଡ୍ କମ୍ପ୍ୟୁଟିଂ
(ଏମ୍‌ଇଆଇଟିୱାଇ, ଭାରତ ସରକାରଙ୍କ ଏକ ବୈଜ୍ଞାନିକ ସୋସାଇଟି)
सी डैक CDAC

ସାମାଜିକ ଭାବେ ବଞ୍ଚିତ ସମୂହ (ଏସ୍‌ସି ଏବଂ ଏସ୍‌ଟି ଯୁବବର୍ଗ)ଙ୍କ ନିମନ୍ତେ ହାଇ ପରଫର୍ମାନ୍ସ କମ୍ପ୍ୟୁଟିଂ (ଏଚ୍‌ପିସି) ପିଜି ଡିପ୍ଲୋମା

ସେପ୍ଟେମ୍ବର ୨୦୨୩ ବ୍ୟାଚ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ପଞ୍ଜୀକରଣ



ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ (ଏମ୍‌ଇଆଇଟିୱାଇ), ଭାରତ ସରକାରଙ୍କ ଦ୍ୱାରା ପାଣ୍ଠିପ୍ରାପ୍ତ ଜାତୀୟ ସୁପରକମ୍ପ୍ୟୁଟିଂ ମିଶନ୍ (ଏନ୍‌ଏସ୍‌ଏମ୍) ଅଧୀନରେ, ସେଣ୍ଟର ଫର୍ ଡେଭଲପମେଣ୍ଟ ଅଫ୍ ଆଡ୍‌ଭାନ୍ସଡ୍ କମ୍ପ୍ୟୁଟିଂ (ସି-ଡିଏସି) ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମା ପାଠ୍ୟକ୍ରମଗୁଡ଼ିକ ମଧ୍ୟରେ ହାଇ ପରଫର୍ମାନ୍ସ କମ୍ପ୍ୟୁଟିଂ (ଏଚ୍‌ପିସି)ରେ କୁଶଳୀ ଏବଂ ବିଶେଷଜ୍ଞ ମାନବ ସମ୍ବଳ ବିକାଶ ପାଇଁ କାମ କରୁଅଛି । ଇଞ୍ଜିନିୟରିଂ ଏବଂ ବିଜ୍ଞାନର ମନୋନୀତ ଶୃଙ୍ଖଳାରେ ପୋଷ୍ଟ ଗ୍ରାଜୁଏସନ କରିଥିବା ଭାରତର ଅନୁସୂଚିତ ଜାତି (ଏସ୍‌ସି) ଏବଂ ଅନୁସୂଚିତ ଜନଜାତି (ଏସ୍‌ଟି) ସମ୍ପ୍ରଦାୟର ବ୍ୟକ୍ତିମାନଙ୍କଠାରୁ ସି-ଡିଏସି ହାଇ ପରଫର୍ମାନ୍ସ କମ୍ପ୍ୟୁଟିଂ (ଏଚ୍‌ପିସି) ପାଠ୍ୟକ୍ରମରେ ନାମଲେଖା ପାଇଁ ଏନ୍‌ଏସ୍‌ଏମ୍ ସି-ଡିଏସି କମନ୍ ଆଡ୍‌ମିଶନ୍ ଟେଷ୍ଟ (ସି-ସିଏଟି) ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛି ।

ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ପାଠ୍ୟକ୍ରମ
- ଏଚ୍‌ପିସି ସିଷ୍ଟମ୍ ଆଡ୍‌ମିନିଷ୍ଟ୍ରେଶନ୍ (ପିଜି-ଡିଏଚ୍‌ପିସିଏସ୍‌ଏ)
- ଏଚ୍‌ପିସି ଆପ୍ଲିକେଶନ୍ ପ୍ରୋଗ୍ରାମିଂ (ପିଜି-ଡିଏଚ୍‌ପିସିଏପି)

ଗୁରୁତ୍ୱପୂର୍ଣ୍ଣ ତାରିଖ
ଅନ୍‌ଲାଇନ୍ ପଞ୍ଜୀକରଣର ଶେଷ ତାରିଖ: ଜୁଲାଇ ୦୫, ୨୦୨୩
ଏନ୍‌ଏସ୍‌ଏମ୍ ସି-ଡିଏସି କମନ୍ ଆଡ୍‌ମିଶନ୍ ଟେଷ୍ଟ : ଜୁଲାଇ ୧୫-୧୬, ୨୦୨୩
ପାଠ୍ୟକ୍ରମ ଆରମ୍ଭ: ସେପ୍ଟେମ୍ବର ୦୮, ୨୦୨୩

ପାଠ୍ୟକ୍ରମ ଓ ଯୋଗ୍ୟତାର ମୁଖ୍ୟ ବିନ୍ଦୁ:
- କେବଳ ଭାରତର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ସମ୍ପ୍ରଦାୟ ଆବେଦନ କରିପାରିବେ
- ଦରଖାସ୍ତ ଏବଂ ପାଠ୍ୟକ୍ରମ ଦେୟ ଛାଡ଼ କରାଯାଇଛି
- କେବଳ ୬ ମାସର ପାଠ୍ୟକ୍ରମ ଅବଧି ପାଇଁ ସାମାନ୍ୟ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ
- ୯୦୦ ଘଣ୍ଟିଆ ପାଠ୍ୟକ୍ରମର ସଫଳ ପ୍ରଶିକ୍ଷଣ ଏବଂ ପ୍ରମାଣନ ପରେ ପ୍ଲେସମେଣ୍ଟ ସୁଯୋଗ

CBC - 06132/12/0009/2324

ନାମଲେଖା ପାଇଁ ଯୋଗ୍ୟତା, ନାମଲେଖା ପଦ୍ଧତି, ନାମଲେଖା ପାଠ୍ୟଖସଡ଼ା, ସମୟସୂଚୀ ସମ୍ବନ୍ଧୀୟ ବିବରଣୀ ଏବଂ ଅନ୍ୟାନ୍ୟ ନିୟମ ଓ ସର୍ତ୍ତାବଳୀ ପାଇଁ ସି-ଡିଏସିର ଏସିଟିଏସ୍ ୱେବ୍‌ସାଇଟ୍ https://www.cdac.in/NSMTrainingSCST ପରିଦର୍ଶନ କରନ୍ତୁ ।

ऍक्टस acts
ISO 9001:2015 Organisation
ପ୍ରଶିକ୍ଷଣ କେନ୍ଦ୍ର: ଆଡ୍‌ଭାନ୍ସଡ୍ କମ୍ପ୍ୟୁଟିଂ ଟ୍ରେନିଂ ସ୍କୁଲ୍,
ସେଣ୍ଟର ଫର୍ ଡେଭଲପମେଣ୍ଟ ଅଫ୍ ଆଡ୍‌ଭାନ୍ସଡ୍ କମ୍ପ୍ୟୁଟିଂ, ସି-ଡିଏସି ଇନୋଭେସନ୍ ପାର୍କ, ପଞ୍ଚବଟୀ, ପାଷାଣ, ପୁଣେ ୪୧୧୦୦୮, ମହାରାଷ୍ଟ୍ର, ଭାରତ, ଟେଲି: ୦୨୦-୨୫୫୦୩୧୦୦, ୧୦୭, ୧୩୪, ୧୩୬, ଇ-ମେଲ୍: actssupport@cdac.in

ବିଜ୍ଞପ୍ତି
ବାହାନଗା ବଜାର (ବାଲେଶ୍ୱର)ର
ଦୁଃଖଦ ରେଳ ଦୁର୍ଘଟଣାରେ ମୃତକଙ୍କ ସମ୍ପର୍କୀୟ/ଆତ୍ମୀୟଙ୍କ ନିମନ୍ତେ

ଏତଦ୍ୱାରା 02.06.2023ରେ ବାହାନଗା ବଜାର, ଜିଲ୍ଲା-ବାଲେଶ୍ୱର (ଓଡ଼ିଶା)ରେ 12841 ଶାଲିମାର-ଏମ୍‌ଜିଆର ଚେନ୍ନାଇ ସେଣ୍ଟ୍ରାଲ କରମଣ୍ଡଳ ଏକ୍ସପ୍ରେସ୍ ଏବଂ 12864 ଏସ୍‌ଏମ୍‌ଭିବି ହାଓଡ଼ା ଏକ୍ସପ୍ରେସ୍ ମଧ୍ୟରେ ସଂଘଟିତ ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସମ୍ପର୍କୀୟ/ଆତ୍ମୀୟମାନଙ୍କୁ ଅଚିହ୍ନା ମୃତକଙ୍କ ସହ ସମ୍ପର୍କ ସିଦ୍ଧ କରିବା ନିମନ୍ତେ ନିଜର ଡିଏନ୍‌ଏ ନମୁନା ପ୍ରଦାନ କରିବାକୁ ଭାରତୀୟ ରେଳ ଅନୁରୋଧ ଜଣାଉଛି ।

ସ୍ଥାନ
ଆକାଡେମିକ ବ୍ଲକ (କମିଟି ରୁମ),
AIIMS, ଭୁବନେଶ୍ୱର

ଦୟାକରି ନିମ୍ନଲିଖିତ ବ୍ୟକ୍ତିମାନଙ୍କ ସହ ଯୋଗାଯୋଗ କରନ୍ତୁ:

139
ଭାରତୀୟ ରେଳ ହେଲ୍‌ପ୍‌ଲାଇନ୍

ଶ୍ରୀ ଦିଗମ୍ବର ପାଢ଼ି, ସହାୟକ କାର୍ମିକ ଅଧିକାରୀ
ମୋବାଇଲ-8455887604

ଶ୍ରୀ ବିଶ୍ୱନାଥ ପାଢ଼ି, ସହାୟକ ବାଣିଜ୍ୟ ପ୍ରବନ୍ଧକ
ମୋବାଇଲ-8455885967

ଶ୍ରୀ ବି.ତପନ କୁମାର, ଲୋକସମ୍ପର୍କ ଅଧିକାରୀ
ମୋବାଇଲ-8455885040

ଶ୍ରୀ ବିକାଶ କୁମାର, ଲୋକସମ୍ପର୍କ ଅଧିକାରୀ
ମୋବାଇଲ-8455885041

ଭୁବନେଶ୍ୱର ରେଳ ଷ୍ଟେସନଠାରେ ସହାୟତା: 0674-2534027
ପୂର୍ବ ତଟ ରେଳପଥ କଣ୍ଟ୍ରୋଲ ରୁମ୍, ଭୁବନେଶ୍ୱରଠାରେ ସହାୟତା: 8455885999
ଏବଂ ଖୋର୍ଦ୍ଧା ରୋଡ୍‌ଠାରେ ସହାୟତା: 8455887999

ଭାରତୀୟ ରେଳ
D-3/23

ଯେତେବେଳେ ତୁମେ ଏକ ସାଂପ୍ରଦାୟିକ ଧାର୍ମିକ ଗଣ୍ଡି ଭିତରେ ରହି ବନ୍ଦ ହୋଇଯାଅ– ଏବଂ ସେତିକି ମାତ୍ର ବିଶ୍ୱାସ ସଙ୍ଗେ ନିଜକୁ ବାନ୍ଧି ରଖ– ଏବଂ ଭାବ ଯେ, ସେତିକି ହିଁ ବିଶ୍ୱରେ ଏକମାତ୍ର ସତ୍ୟ– ସେତେବେଳେ ତୁମେ ତୁମର ଅନ୍ତରାତ୍ମାର ଅଗ୍ରଗତି ଓ ବିସ୍ତାରଶୀଳତାକୁ ବନ୍ଦ କରିଦିଅ। –ଶ୍ରୀମା

# ନୀରବ କାହିଁକି



ଆକାର ପଟେଲ

୩୦ ବର୍ଷ ପୂର୍ବେ କାର୍ଟୁନିଷ୍ଟ ସୁଧୀର ତୈଲାଙ୍ଗ ସେତେବେଳର ପ୍ରଧାନମନ୍ତ୍ରୀଙ୍କର ଏକ କାର୍ଟୁନ ଆଙ୍କିଥିଲେ ଓ ସେଥିରେ ଭଗବଦ୍ ଗୀତାର ଏକ ବାଣୀ ଲେଖିଥିଲେ। ତାହା ହେଉଛି– ଆତ୍ମାକୁ ଅସ୍ତ୍ର କାଟିପାରିବନାହିଁ, ପାଣି ବୁଡ଼ାଇପାରିବନାହିଁ କି ବାୟୁ ଉଡ଼ାଇ ନେଇପାରିବନାହିଁ କିମ୍ବା ନିଆଁ ଦହନ କରିପାରିବନାହିଁ। ଏହା ଅପରିବର୍ତ୍ତନୀୟ, ସର୍ବବ୍ୟାପୀ ଓ ସ୍ଥିର। ଏହି କାର୍ଟୁନଟି ପ୍ରଧାନମନ୍ତ୍ରୀ ନରସିମା ରାଓଙ୍କୁ ସୂଚିତ କରିଥିଲା। ତାଙ୍କ ବିରୋଧରେ ପ୍ରମୁଖ ଅଭିଯୋଗ ଥିଲା ଯେ ସେ ଜଟିଳ କ୍ଷେତ୍ରରେ କିଛି କରି ନ ଥିଲେ। ଜଣେ ନିଷ୍କ୍ରିୟ ଓ ନିଷ୍ପତ୍ତି ନେବାରେ ଅକ୍ଷମ ବ୍ୟକ୍ତି ଭାବେ ତାଙ୍କୁ ଦର୍ଶାଯାଇଥିଲା। ତାଙ୍କ ଚାରିପାଖରେ ବଜ୍ରପାତ ଘଟି ଦେଶର ବ୍ୟାପକ କ୍ଷତି ଘଟାଉଥିବାବେଳେ ରାଓ ଆଖି ବନ୍ଦ କରି ବସିଥିବା ତୈଲାଙ୍ଗ ତାଙ୍କ କାର୍ଟୁନରେ ସୂଚାଇ ଥିଲେ। କ୍ଷତିକୁ ଉପେକ୍ଷା କରିବା ଦୋଷ ରାଓଙ୍କ ଉପରେ ଲଦା ଯାଇଥିଲା। ବାସ୍ତବରେ ଲୋକ ସଭାରେ କଂଗ୍ରେସର ୨୪୦ ସଦସ୍ୟ ଥିବାରୁ ଏହି କଂଗ୍ରେସ ନେତା ଅଗ୍ରଗତି କରିପାରୁ ନ ଥିଲେ। ଲୋକ ସଭାରେ ସଂଖ୍ୟା କମ୍ ଥିବା ଜଣେ ପ୍ରଧାନମନ୍ତ୍ରୀ ଅନ୍ୟମାନେ ଚାହୁଁ ନ ଥିବା ବିଧେୟକ ମାଧ୍ୟମରେ ବଳ ପ୍ରୟୋଗ କରିପାରି ନ ଥିଲେ ଏବଂ କଂଗ୍ରେସରେ ସେ ସମୟରେ ତାଙ୍କର ବହୁ ବିରୋଧୀ ଥିଲେ। ରାଓ ମଧ୍ୟ ଏକ ସାକ୍ଷାତ୍କାରରେ ଦର୍ଶାଇଥିଲେ ଯେ, ପଦକ୍ଷେପ ନ ନେବା ବି ଏକ ପଦକ୍ଷେପ। ତାଙ୍କ ସାଥୀ ଜି. ସଞ୍ଜୀବା ରେଡ୍ଡୀ କହିଥିଲେ, ରାଓ ଜଣେ ଗଭୀର ଭାବୁକ ଏବଂ ତ୍ୱରିତ ପଦକ୍ଷେପ ନେବାର ବ୍ୟକ୍ତି ନୁହନ୍ତି ଏବଂ ସେ ହେଉଛନ୍ତି ଏଭଳି ବ୍ୟକ୍ତି ଯିଏ କି ଉତ୍ତେଜନାକୁ ପ୍ରତିହତ କରି ସ୍ୱାଭାବିକ ନିଷ୍ପତ୍ତି ନେଇଥାନ୍ତି। ରାଓଙ୍କ ସମୟ ଥିଲା ଏକ ବିପର୍ଯ୍ୟୟର ସମୟ। ପୂରା ସମୟ ତକ ଦେଶ ପାଇଁ ଦୁଃଖଦ ଥିଲା। ସେତେବେଳେ ମନ୍ଦିରକୁ ନେଇ ହିଂସା, ମଣ୍ଡଳ କମିଶନ ଏବଂ ୧୯୯୨ର ଦଙ୍ଗା, ୧୯୯୩ର ବମ୍ବେ ବିସ୍ଫୋରଣ, ଲୋକସଭାରେ ଲାଞ୍ଚ ଓ ଆର୍ଥିକ ସଙ୍କଟ ଦେଖାଯାଇଥିଲା। ତଥାପି ଏସବୁ ମଧ୍ୟରେ ରାଓ ସୈନିକ ଭଳି କାର୍ଯ୍ୟ କଲେ ଓ ରକ୍ଷା ପାଇଗଲେ। ଏବେ ଆସନ୍ତୁ ତାଙ୍କୁ ଓ ତାଙ୍କ କାର୍ଯ୍ୟଶୈଳୀକୁ ଏବକାର ପ୍ରଧାନମନ୍ତ୍ରୀଙ୍କ ସହ ତୁଳନା କରିବା।

ଏବକାର ପ୍ରଧାନମନ୍ତ୍ରୀ ନିଷ୍ପତ୍ତି ନେବାରେ ବେଶ୍ ଜଣାଶୁଣା ଓ ପଦକ୍ଷେପ ନେବାରେ ସିଦ୍ଧହସ୍ତ ବୋଲି ପ୍ରଚାର କରାଯାଉଛି। କିନ୍ତୁ ବାସ୍ତବତା ତାହା ନୁହେଁ। ମଣିପୁର ମେ ୩ରୁ ୪୫ ଦିନ ହେଲା ଜଳୁଛି। ହେଲେ ପ୍ରଧାନମନ୍ତ୍ରୀ ଏହା ଉପରେ ଖୁବ୍ କମ୍ ପଦକ୍ଷେପ ନେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଏକ ମାସ ପରେ ମେ ୩୦ରେ ସେଠାକୁ ଗଲେ। କିନ୍ତୁ ତାଙ୍କ ଗସ୍ତ ହିଂସା ରୋକିପାରିଲା ନାହିଁ। କାରଣ ସେ କିଛି କହିବା ବ୍ୟତୀତ କିଛି କଲେ ନାହିଁ। ପ୍ରଧାନମନ୍ତ୍ରୀଙ୍କଠାରୁ ସେହିଭଳି କେଇପଦ କଥା ବି ଶୁଣିବାକୁ ମିଳିନାହିଁ। ପରେ ସେ ଆଉ କ'ଣ କହିବେ? ଏହା କହିବେ କି ଡବଲ ଇଞ୍ଜିନ ସରକାର ଭାଙ୍ଗିଗଲା। ଭାଜପା ଆଇନଶୃଙ୍ଖଳା ଉପରେ ଠିକ୍ ଭାବେ କାର୍ଯ୍ୟ କରି ପାରି ନାହିଁ କି ନାଗରିକଙ୍କ ସୁରକ୍ଷା କରି ନାହିଁ। କିନ୍ତୁ ଭାଜପା ତାହା କହିବ ନାହିଁ କିମ୍ବା ସ୍ୱୀକାର କରିବ ନାହିଁ। ସେଥିପାଇଁ ତାହା ନୀରବ ରହିବାକୁ ପସନ୍ଦ କରିଛି। ବିଶ୍ୱାସ କରାଯାଉଛି, ତାହା ଆପେ ଆପେ ଚାଲିଯିବ ଏବଂ ପରେ ତା' ଉପରେ ତାଙ୍କୁ କିଛି କରିବାକୁ ନ ଥିବ। ନିକଟରେ ଏଭଳି ବି ଘଟିଛି। ୧୭ ଏପ୍ରିଲ ୨୦୨୧ରେ ସେ ଆସାନ୍‌ସୋଲରେ ଏକ ରାଲିକୁ ସମ୍ବୋଧନ କରିଥିଲେ। ସେ ଏଡ଼େ ବିଶାଳ ରାଲି କେବେ ଦେଖି ନ ଥିଲେ ବୋଲି କହିଥିଲେ। ଅନ୍ୟପକ୍ଷରେ ସେହିଦିନ ୨ ଲକ୍ଷରୁ ଅଧିକ ଲୋକ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଥିଲେ ଏବଂ କିଛିଦିନ ମଧ୍ୟରେ ଏହି ସଂଖ୍ୟା ଦୁଇଗୁଣ ବଢ଼ିଗଲା। ଭାରତର ହସ୍ପିଟାଲ ଓ ଶ୍ମଶାନର ଦୃଶ୍ୟ ସାରା ବିଶ୍ୱରେ ଖବର ପାଲଟିଯାଇଥିଲା। ସରକାରଙ୍କ ଅପାରଗତା ଓ ତ୍ରୁଟି ପଦାରେ ପଡ଼ିଗଲା। ତ୍ରୁଟି ଯୋଗୁ ସରକାର ସ୍ଥାଣୁ ହୋଇଗଲେ ଓ ପ୍ରଧାନମନ୍ତ୍ରୀ ଅନ୍ତର୍ଦ୍ଧାନ ହୋଇଗଲେ। ମାର୍ଚ୍ଚରୁ ସେପ୍ଟେମ୍ବର ୨୦୨୦ ପର୍ଯ୍ୟନ୍ତ, ଏହି ୭ ମାସରେ ୮୨ ଥର ସାଧାରଣରେ ସଶରୀରରେ ଓ ଭର୍ଚୁଆଲରେ ଦେଖାଦେଇଛନ୍ତି। ତା'ପର ୪ ମାସରେ ସେ ୧୧୧ ଥର ଓ ଫେବୃୟାରୀରୁ ୨୫ ଏପ୍ରିଲ ୨୦୨୧ ଯାଏ ସେ ୯୨ଥର ସାଧାରଣରେ ଦେଖାଦେଇଥିଲେ ଏବଂ ସେହିଦିନଠାରୁ କୁମ୍ଭ ଓ ପଶ୍ଚିମବଙ୍ଗ ରାଲି ରଦ୍ଦ କରିବା ପରେ ମୋଦି ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ସେ ୨୦ ଦିନ ଯାଏ ଆଉ ସାଧାରଣରେ ଦେଖାଦେଇ ନ ଥିଲେ। ଯେତେବେଳେ କୋଭିଡ୍ ଲହର ଥମିଗଲା ଏବଂ ସେ ଆଉ ଆଗକୁ କଠିନ ସମସ୍ୟା କିମ୍ବା ପ୍ରଶ୍ନର ସମ୍ମୁଖୀନ ହେବ ନାହିଁ ବୋଲି ସ୍ପଷ୍ଟ ହେଲା, ସେତେବେଳେ ସେ ଦେଖାଦେଲେ। ସେ ଆଉ କ'ଣ ବା କରିପାରିଥା'ନ୍ତେ। ସଫଳତାର କମ୍ ସୁଯୋଗ କିମ୍ବା ବ୍ୟକ୍ତିଗତ ବିଫଳତାର ସମ୍ଭାବନା ଥାଇ ବି ଜଣେ ନେତା ଏକ କଠିନ ସମୟରେ ଆଗକୁ ବାହାରିବା ଉଚିତ, କାରଣ ତାହା ହିଁ ବାସ୍ତବ ନେତୃତ୍ୱ। କିନ୍ତୁ ମୋଦି ଆଗକୁ ନ ଆସି ଦୂରେଇ ରହିଲେ, ଯାହା ମଣିପୁରବାସୀ ଦେଖିଛନ୍ତ ଏବଂ ଦ୍ୱିତୀୟ ଲହରରେ ପୀଡ଼ିତ ଓ ଅନ୍ୟମାନେ ବି ଦେଖିଥିଲେ। କାରଣ ସେ ସମୟରେ ସାମ୍ନାକୁ ଆସିନାହାନ୍ତି। ତାଙ୍କ ମନ୍ତ୍ରୀମାନେ ବି ଦୂରେଇ ରହିଛନ୍ତି, ଫଳରେ ସମସ୍ୟା ବଢ଼ିଗଲା। ଏବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଇମ୍ଫାଲରେ ରହିବା ଉଚିତ। କିନ୍ତୁ ପ୍ରଧାନନ୍ତ୍ରୀ ନୀରବ ଥିବାରୁ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଉପରେ କୌଣସି ଚାପ ନାହିଁ। ଏପରିକି ଲଦାଖରେ ସୀମା ଉତ୍ତେଜନାକୁ ନେଇ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ କାହିଁକ ଏହା କରୁଛନ୍ତି ଓ ଲଦାଖରେ ତାଙ୍କର କ'ଣ ଅଛି, ସେ ବିଷୟରେ ମୋଦି ତାଙ୍କୁ ଫୋନ କରି ନ ଥିଲେ। ଏଣୁ ସମସ୍ୟା ସମାଧାନ କରିବାକୁ ତାଙ୍କର କୌଣସି ବ୍ୟକ୍ତିଗତ ଦାୟିତ୍ୱ ନ ଥିବା ଭଳି ମନେହେଉଥିଲା। ନରସିମା ରାଓ ମଧ୍ୟ ଏହା କରିପାରିଥାଆନ୍ତେ। କିନ୍ତୁ ସେ ନିଜକୁ ଜଣେ କାମିକା ବ୍ୟକ୍ତି ଭାବେ ଛଳନା କରୁ ନ ଥିଲେ କିମ୍ବା ସେ ନିଷ୍ପତ୍ତି ନେବାରେ ଜଣେ ଦକ୍ଷ ନେତା ବୋଲି କହୁ ନ ଥିଲେ।

Email:aakar.patel@gmail.com

# କାହାର ସାଥ୍, କାହାର ବିକାଶ



ବିଚିତ୍ର ବିଶ୍ୱାଳ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯେଉଁ ସ୍ଲୋଗାନ ଲୋକମାନଙ୍କ ମଧ୍ୟରେ ସବୁଠାରୁ ବେଶି ଆଶା ସଞ୍ଚାରକରିଥିଲା ତା' ହେଉଛି 'ସବ୍‌କା ସାଥ୍ ସବ୍‌କା ବିକାଶ'। କିନ୍ତୁ ଯଦି ବାସ୍ତବତାକୁ ଦେଖାଯାଏ ତେବେ ଏହି ସବ୍‌କା ସାଥ୍ ସବ୍‌କା ବିକାଶ ସ୍ଲୋଗାନ ହିଁ ସବୁଠାରୁ ବେଶି ମିଛ ତଥା ପ୍ରହେଳିକା ପ୍ରମାଣିତ ହୋଇଛି। ଗୋଟିଏ କଥା ବାରମ୍ବାର ଦେଖାଯାଉଛି ଯେ, ମୋଦିଙ୍କ ସବ୍‌କା ସାଥ୍ ଓ ସବ୍‌କା ବିକାଶରେ ସାଧାରଣ ଜନତା, ଚାଷୀ,ମୂଲିଆ ନାହାନ୍ତି। ପ୍ରଧାନମନ୍ତ୍ରୀ ଯେପରି ଭାବେ ନିଜର କର୍ପୋରେଟ୍ ବନ୍ଧୁ ଓ ଅନ୍ୟ କମ୍ପାନୀଙ୍କ ସାଥ୍ ଦେଉଛନ୍ତି ଓ ତାଙ୍କର ବିକାଶ ପାଇଁ ଲାଗିପଡ଼ିଛନ୍ତି ସମତାଳରେ ସାଧାରଣ ଜନତାଙ୍କ କଥା ସେ ଭୁଲିଯାଇଛନ୍ତି। ସରକାର ଯେପରିଭାବେ କମ୍ପାନୀଗୁଡ଼ିକର ସାଥ୍ ଦେଉଛନ୍ତି ସେହି ତୁଳନାରେ ସାଧାରଣ ଜନତାଙ୍କ ସାଥିରେ ନାହାନ୍ତି। ତେଣୁ ଏହି ସ୍ଲୋଗାନକୁ ସଂଶୋଧନକରି କମ୍ପାନୀ କା ସାଥ୍, କମ୍ପାନୀ କା ବିକାଶ କହିଲେ ଅଧିକ ଠିକ୍‌ହେବ।

୨୦୨୨ ପ୍ରାରମ୍ଭରେ ଅକ୍ସଫାମ୍ ଅନୁଷ୍ଠାନ ଦ୍ୱାରା ପ୍ରସ୍ତୁତ ବିଷମତା ସମ୍ବନ୍ଧୀୟ ଏକ ରିପୋର୍ଟ ଶୀର୍ଷକ 'ଦି ଇନ୍‌ଇକ୍ୱାଲିଟି ଭାଇରସ୍' ପ୍ରକାଶ କରିଥିଲା ଯେ, ଭାରତରେ କରୋନା କାଳରେ ୧୧ ଜଣ ଧନିକଙ୍କ ଯେତିକି ସମ୍ପତ୍ତି ବୃଦ୍ଧି ପାଇଛି, ସେତିକି ଟଙ୍କାରେ ଏମ୍‌ଜିଏନ୍‌ଆର୍‌ଇଜିଏ ଭଳି ଗରିବ କଲ୍ୟାଣ ଯୋଜନାକୁ ୧୦ବର୍ଷ ଯାଏ ଚଲାଯାଇପାରିବ। ରିପୋର୍ଟ ଆହୁରି କହୁଛି ଯେ, ଆମ ଦେଶରେ ନିୟମିତଭାବେ ଧନୀମାନେ ଅଧିକ ଧନୀ ହେଉଥିବାବେଳେ ଗରିବମାନେ ଅଧିକ ଗରିବ ହେବାରେ ଲାଗିଛନ୍ତି। ପରିଣାମ ସ୍ୱରୂପ ଧନୀ ଓ ଗରିବଙ୍କ ମଧ୍ୟରେ ପ୍ରଭେଦ ବହୁତ ବଢ଼ିଛି। ଦେଶର ଅର୍ଥନୀତି କ୍ରମାଗତଭାବେ ବଢ଼ିଚାଲୁଛି ବୋଲି ଯେଉଁ ପ୍ରଚାର କରାଯାଉଛି, ତାହା ସାଧାରଣ ଜନତାଙ୍କ ବିକାଶକୁ ପ୍ରତିଫଳିତ କରୁନାହିଁ। ବରଂ ଉପରଭାଗରେ ଥିବା କିଛି ସୁପର ଧନୀକଙ୍କ ସମ୍ପତ୍ତି ବହୁପରିମାଣରେ ବଢ଼ିଥିବାରୁ ତାହା ଆମ ଦେଶର ଅର୍ଥନୀତିର ପୃଥୁଳଚିତ୍ରକୁ ଦର୍ଶାଉଛି। ସମ୍ପ୍ରତି ଭାରତକୁ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ବୋଲି ଯେଉଁ ପ୍ରଚାରକରାଯାଉଛି ତାହା କେବଳ ଏହିପରି ଧନିକମାନେ ଅଧିକ ଧନୀ ହେବାର ପ୍ରକ୍ରିୟାରେ ହିଁ ହୋଇଛି।



ଚଳିତ ବଜେଟରେ ଦୁର୍ଭାଗ୍ୟଜନକଭାବେ ଲୋକମାନଙ୍କ ହାତକୁ କାମ ଯୋଗାଉଥିବା ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନା ବାବଦକୁ ଅର୍ଥ କମ୍ କରିଦିଆଯାଇଛି। ସରକାର ଗୋଟିଏ ପଟେ ଏମ୍‌ଜିଏନ୍‌ଆର୍‌ଇଜିଏ, ଅନ୍ୟାନ୍ୟ ଜନକଲ୍ୟାଣକାରୀ ଯୋଜନା ଓ ସାମାଜିକ ସୁରକ୍ଷା ଆଦି ଯୋଜନାରେ ବ୍ୟୟବରାଦ କମ୍ କରୁଥିବାବେଳେ ଅନ୍ୟପଟେ ଗୁଜରାଟଭିତ୍ତିକ ଏକ କମ୍ପାନୀ ବେଦାନ୍ତ ଫକ୍ସକନ୍‌କୁ ୭୬ ହଜାର କୋଟି ଟଙ୍କା ସବ୍‌ସିଡି ପ୍ରଦାନ କରିଛନ୍ତି। ଏହା ବ୍ୟତୀତ ଗୁଜରାଟ ସରକାରଏହି କମ୍ପାନୀକୁ ରିହାତି ଦାମ୍‌ରେ ଜମି ଯୋଗାଇ ଦେଇଛନ୍ତି। ଚିନ୍ତାର ବିଷୟ ଯେ, ଏମ୍‌ଜିଏନ୍‌ଆର୍‌ଇଜିଏର ବାର୍ଷିକ ବଜେଟଠାରୁ ଅଧିକ ଟଙ୍କା କେବଳ ଗୋଟିଏ କମ୍ପାନୀକୁ ରିହାତି ପ୍ରଦାନ କରାଯାଇଛି। ପ୍ରଶ୍ନ ଉଠୁଛି ବଡ଼ ବଡ଼ କମ୍ପାନୀକୁ ହଜାର ହଜାର କୋଟି ଟଙ୍କା ରିହାତି ଦେବା ରେବିଡି ସଂସ୍କୃତି ନା ଗରିବ ଲୋକଙ୍କୁ ଖାଦ୍ୟଶସ୍ୟ କି କାମ ଯୋଗାଇବା ରେବିଡି ସଂସ୍କୃତି! କରଦାତାଙ୍କ ଟଙ୍କାରେ ପ୍ରଧାନମନ୍ତ୍ରୀ କାହାର ବିକାଶକୁ ପ୍ରାଧାନ୍ୟ ଦେବାକୁ ଚାହୁଁଛନ୍ତି? ବେଦାନ୍ତ ଫକ୍ସକନ୍ ଯେପରି କମ୍ପାନୀ ସେଥିରେ ଅଧିକ କର୍ମନିଯୁକ୍ତି ବି ସୃଷ୍ଟିହେବାର ସମ୍ଭାବନା ନାହିଁ। ଯଦି ପ୍ରଧାନମନ୍ତ୍ରୀ ପ୍ରକୃତରେ ସବ୍‌କା ସାଥ୍ ସବ୍‌କା ବିକାଶ ଚାହାନ୍ତି ତେବେ ସେ କମ୍ପାନୀକୁ ସବ୍‌ସିଡି ନ ଦେଇ ସେହି ଟଙ୍କାରେ ଏମ୍‌ଜିଏନ୍‌ଆର୍‌ଇଜିଏରେ ଲୋକମାନଙ୍କୁ ୨ଗୁଣ କର୍ମନିଯୁକ୍ତି ଯୋଗାଇ ପାରିଥାନ୍ତେ। ଏହା ଦ୍ୱାରା ଗ୍ରାମୀଣ ଲୋକମାନଙ୍କର କ୍ରୟଶକ୍ତି ଅଧିକ ବଢ଼ିଥାନ୍ତା ଓ ଏହା ଦେଶର ଅର୍ଥନୀତିକୁ ଅଧିକ ସୁଦୃଢ଼ କରିଥାନ୍ତା। ସ୍ୱାଧୀନତା ସମୟରେ ଚର୍ଚ୍ଚାରେ ଥିବା ଟ୍ରିକଲ୍‌ଡାଉନ୍‌ତତ୍ତ୍ୱ ଅର୍ଥାତ୍ ପ୍ରଥମେ ଧନୀମାନେ ବିକଶିତ ହେବା ପରେ ଧୀରେ ଧୀରେ ଗରିବମାନେ ବିକଶିତ ହେବେ ତାହା ଏବେ ଭୁଲ୍ ପ୍ରମାଣିତ ହୋଇସାରିଛି। ସାରା ବିଶ୍ୱ ଏହା ମାନିବାକୁ ଆରମ୍ଭ କଲାଣି। ତେଣୁ ଆମ ବିକାଶ ନୀତି ଏକାସାଙ୍ଗରେ ଧନୀ ଓ ଗରିବଙ୍କୁ ସାଥିରେ ନେଇ ଚାଲିବା କଥା। କିନ୍ତୁ ଦୁର୍ଭାଗ୍ୟର ବିଷୟ , ଆମ ଅର୍ଥନୈତିକ ଢାଞ୍ଚା ଗରିବଙ୍କୁ ଶୋଷଣକରି ଅଧିକ ଗରିବ କରୁଛି ଓ ଧନୀଙ୍କୁ ସୁପର ଧନୀ। ବାସ୍ତବିକ ସବ୍‌କା ସାର୍ଥ ସବ୍‌କା ବିକାଶ ପାଇଁଏହି ଢାଞ୍ଚାକୁ ଓଲଟାଇବାକୁ ପଡ଼ିବ।

ମେକ୍ ଇନ୍ ଇଣ୍ଡିଆକୁ ପ୍ରୋତ୍ସାହନ ଦେବା ପାଇଁ ୧୪ଟି କ୍ଷେତ୍ରର ଉତ୍ପାଦନଭିତ୍ତିକ କମ୍ପାନୀଙ୍କୁ ମିଳୁଥିବା ରିହାତିକୁ ସରକାର ୨୦% ପର୍ଯ୍ୟନ୍ତ ବୃଦ୍ଧିକରୁଛନ୍ତି। ମାର୍ଚ୍ଚ ୨୦୨୨ରେ ସରକାର ହୁଣ୍ଡାଇ ସମେତ ୪କମ୍ପାନୀକୁ ବୈଦ୍ୟୁତିକ ଯାନର ବ୍ୟାଟେରି ନିର୍ମାଣ କରିବା ପାଇଁ ୧୮ହଜାର କୋଟି ଟଙ୍କା ରିହାତି ପ୍ରଦାନ କରିଥିଲେ। ପରେ ପରେ ହୁଣ୍ଡାଇ ଏଥିରୁ ଓହରିଯାଇଥିଲା। ଏତଦ୍‌ବ୍ୟତୀତ ଗତ ୫ବର୍ଷ ମଧ୍ୟରେ ବ୍ୟାଙ୍କଗୁଡ଼ିକ ମଧ୍ୟ ବ୍ୟାଡ୍‌ଲୋନ୍ ନାମ ଦେଇ ୧୦,୯,୫୧୧ କୋଟି ଟଙ୍କା ସୁପର ଧନୀମାନଙ୍କୁ ଛାଡ଼ କରିଛନ୍ତି। ଗରିବ ଲୋକମାନେ ଋଣ ଶୁଝିବାରେ ବିଳମ୍ବ କଲେ ଏହି ବ୍ୟାଙ୍କଗୁଡ଼ିକ ବାଘରବାଡ଼ି ନିଲାମକରୁଥିବାବେଳେ ଧନିକମାନଙ୍କୁ ଲକ୍ଷ ଲକ୍ଷ କୋଟି ଟଙ୍କାଋଣ ଛାଡ଼ କରୁଛନ୍ତି ଓ ଏହାର ନାଁ ଦେଉଛନ୍ତି ବ୍ୟାଡ୍‌ଲୋନ୍। ଏଥିରେ ଉଭୟ ସରକାରଙ୍କ ନିୟନ୍ତ୍ରଣରେ ଥିବା ବ୍ୟାଙ୍କ୍ ଓ ଘରୋଇ ବ୍ୟାଙ୍କ୍ ଅଛନ୍ତି। ୨୦୧୭–୧୮ରେ କୋଭିଡ୍ ସମୟରେ ସୁପର ଧନୀମାନଙ୍କୁ ବ୍ୟାଡ୍‌ଲୋନ୍ ନାଁରେ ସର୍ବାଧିକ ୨ ଲକ୍ଷ ୩୬ ହଜାର କୋଟି ଟଙ୍କା ଋଣ ଛାଡ଼ କରାଯାଇଥିବାବେଳେ ୨୦୧୮–୧୯ରେ ୨ଲକ୍ଷ ୩୪ ହଜାର କୋଟି, ୨୦୧୯–୨୦ ରେ ୨ ଲକ୍ଷ ୨ ହଜାର କୋଟି ଓ ୨୦୨୦–୨୧ରେ ୧ ଲକ୍ଷ ୭୪ ହଜାର କୋଟି ଟଙ୍କା ଋଣ ଛାଡ଼କରାଯାଇଛି। ଅନ୍ୟପକ୍ଷରେ ୨୦୨୦–୨୧ରେ ସର୍ବାଧିକ ୩୩ ହଜାର ୫୩୪ କୋଟି ଟଙ୍କା ଋଣ ଆଦାୟ କରାଯାଇଥିବାବେଳେ ୨୦୧୯–୨୦ ଓ ୨୦୨୦–୨୧ରେ ୩୦ ହଜାର କୋଟି ଲେଖାଏ ଋଣ ଆଦାୟ କରାଯାଇଛି। ଏଥିରେ ସ୍ପଷ୍ଟ ଯେ, ଋଣ ପରିଶୋଧ ଆଦାୟ ତୁଳନାରେ ବହୁ ଅଧିକ ଟଙ୍କା ଧନିକମାନଙ୍କୁ ଛାଡ଼କରାଯାଉଛି। କେଉଁମାନଙ୍କୁ ଏହି ଋଣ ଛାଡ଼କରାଯାଇଛି ତାହା ସର୍ବସାଧାରଣରେ ଜଣାଇବାକୁ ରିଜର୍ଭବ୍ୟାଙ୍କ୍ ଅଫ୍ ଇଣ୍ଡିଆ ମନାକରିଦେଇଛି। କିନ୍ତୁ ଗରିବ ଲୋକଙ୍କ ଋଣ ଖିଲାପିବେଳକୁବ୍ୟାଙ୍କ ଋଣଖିଲାପୀଙ୍କ ନାମ କାନ୍ଥରେ ଲେଖିଦେଉଛି। ଏହା କ'ଣ ପକ୍ଷପାତିତା ନୁହେଁ?

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ– ୯୪୩୮୪୬୮୪୭୪

# ଗାନ୍ଧୀ ଓ ଗୋପବନ୍ଧୁ



ପ୍ରଫୁଲ୍ଲ କୁମାର ସାହୁ

ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଉତ୍କଳମଣି ଗୋପବନ୍ଧୁ ଦାସ– ଦୁହେଁ ସମଭାବାପନ୍ନ ମଣିଷ। ବିଧି ପ୍ରେରିତ ମହାପୁରୁଷ। ଜଣେ ସାବରମତୀର ସନ୍ଥ ଓ ଅନ୍ୟ ଜଣେ ସତ୍ୟବାଦୀ ବକୁଳ ବନର ବୈରାଗୀ। ଜଣେ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ ଓ ଅନ୍ୟ ଜଣେ ଓଡ଼ିଶାରେ ଅସହଯୋଗ ଆନ୍ଦୋଳନର ସାରଥି। ଉଭୟ ଥିଲେ ସତ୍ୟନିଷ୍ଠ ମୁକ୍ତିଯୋଦ୍ଧା, ସମାଜ ସଂସ୍କାରକ, ମାନବବାଦୀ ଚିନ୍ତା ନାୟକ ଓ ଧର୍ମ ନିରପେକ୍ଷ ତଥା ଧର୍ମପ୍ରାଣ ସନ୍ଥ।

ଗାନ୍ଧିଜୀଙ୍କ ତାରୁଣ୍ୟର ଆବେଗିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ସଚେତନତା ନିର୍ମାଣ ଅନ୍ତରାଳରେ ରହିଛି ତାଙ୍କ ମାତା ପୁତୁଳି ବାଇ(ଯିଏ ଥିଲେ ଅତ୍ୟନ୍ତ ଧର୍ମପ୍ରାଣା)ଙ୍କ ଜୀବନାଦର୍ଶ ତଥା ଭକ୍ତି ଭାବଧାରା ଅନୁପ୍ରେରିତ ଅନେକ ଭାରତୀୟ ସନ୍ଥ ସନ୍ନ୍ୟାସୀଙ୍କ ପ୍ରଭାବ। ଅନ୍ୟ ପକ୍ଷରେ ଶୈଶବରୁ ମାତୃହରା ଗୋପବନ୍ଧୁ ନିଜ ଗାଁ ଦେଇ ବହିଯାଇଥିବା ପୁଣ୍ୟତୋୟା ଭାର୍ଗବୀକୁ ମାତୃଜ୍ଞାନ କରି ପାଇଥିଲେ କରୁଣାର ଝର ଭଳି ଝରି ଝରି କରୁଣା ବିତରି ଯିବାର ପ୍ରେରଣା। ପିଲାଟିଦିନରୁ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଗବତ ପଢ଼ି ଲଭିଥିଲେ ଶୁଦ୍ଧପୂତ ଭାବ ଓ ଉତ୍ସର୍ଗୀକୃତ କର୍ମଯୋଗର ଉଦ୍ଦୀପନା। ଉପନିଷଦ ତାଙ୍କୁ ଶିଖାଇଥିଲା ନିଃସ୍ୱାର୍ଥ ସେବା, ସାଧନା ଓ ସଂକଳ୍ପର ମହାମନ୍ତ୍ର।

ଅସହଯୋଗ ଆନ୍ଦୋଳନର ମୁଖ୍ୟ ବିଷୟ ଥିଲା ସ୍ୱଦେଶୀ ଗ୍ରହଣ ଓ ବିଦେଶୀ ବର୍ଜନ। ବିଦେଶୀ ବସ୍ତ୍ରକୁ ଗଣିକା ଓ ସ୍ୱଦେଶୀ ବସ୍ତ୍ରକୁ ଧର୍ମପତ୍ନୀ କୁଳବଧୂ ସହିତ ତୁଳନା କରିବାସହ ଦେଶବାସୀଙ୍କୁ ଆହ୍ୱାନ ଜଣେଇ ଗୋପବନ୍ଧୁ କହିଛନ୍ତି, ବିଦେଶୀକୁ ଛାଡ଼ି ସ୍ୱଦେଶୀ ଗ୍ରହଣ କଲେ ଲାଘବ ହେବ ଗାନ୍ଧିଜୀଙ୍କ ଦୁଃଖ। ସାମ୍ପ୍ରଦାୟିକ ସଦ୍ଭାବନା ପ୍ରତିଷ୍ଠା କରିବା ପାଇଁ ଗାନ୍ଧିଜୀ ସାରା ଜୀବନ ସଂଗ୍ରାମ କରିଛନ୍ତି ଏବଂ ତାଙ୍କ ପରିକଳ୍ପିତ ସ୍ୱରାଜ୍ୟ ଥିଲା ସର୍ବଧର୍ମ ସମନ୍ୱୟର ମଞ୍ଚ। ହିନ୍ଦୁ ପରମ୍ପରାକୁ ସେ ଗଣ୍ଠିଧନ କରିଥିଲେ ସତ, କିନ୍ତୁ ସବୁ ଧର୍ମ ପ୍ରତି ଥିଲା ତାଙ୍କର ଶ୍ରଦ୍ଧା ଓ ସମ୍ମାନ। ତେଣୁ ପ୍ରାର୍ଥନା ସଭାରେ ସେ ଉଦ୍ଧାର କରୁଥିଲେ ଭିନ୍ନ ଭିନ୍ନ ଧର୍ମର ଶାସ୍ତ୍ରବାଣୀ। ଅର୍ଥାତ୍ ତାଙ୍କର ଧର୍ମ ଥିଲା ମାନବ ଧର୍ମ। ସେ ଆଦର୍ଶକୁ ଆଦରି ନେଇଥିବାରୁ ଉତ୍କଳମଣି ଗୋପବନ୍ଧୁଙ୍କ ଆଖିରେ ନ ଥିଲା ମନ୍ଦିର, ମସଜିଦ୍ ଓ ଗିର୍ଜା ଭିତରେ ଫରକ। ସେ ହିନ୍ଦୁଧର୍ମକୁ ଭଲ ପାଉଥିଲେ ସତ, କିନ୍ତୁ ତାଙ୍କ ମନରେ ସଦା ଜାଗ୍ରତ ଥିଲା ସର୍ବଧର୍ମ ସମନ୍ୱୟ ଭାବ। ୧୯୩୪ ମସିହାରେ ଗାନ୍ଧିଜୀ ଓଡ଼ିଶାରେ ଆରମ୍ଭ କରିଥିଲେ ତାଙ୍କର ବହୁ ଚର୍ଚ୍ଚିତ ହରିଜନ ପଦଯାତ୍ରା। ତା'ର ବହୁ ପୂର୍ବରୁ ଗୋପବନ୍ଧୁ ଏଠି ଜାତି ପ୍ରଥାକୁ ବିରୋଧ କରି ଆରମ୍ଭ କରିଥିଲେ ବିଭିନ୍ନ କାର୍ଯ୍ୟକ୍ରମ। ସତ୍ୟବାଦୀ ବନବିଦ୍ୟାଳୟର ପଂକ୍ତି ଭୋଜନ ତା'ର ସବୁଠାରୁ ବଡ଼ ଉଦାହରଣ।

ଗାନ୍ଧିଜୀ କେବଳ ଭାରତର ସ୍ୱାଧୀନତା ପାଇଁ ନୁହେଁ, ଏଥି ସହିତ ସେ ଲଢୁଥିଲେ ସାମାଜିକ ଅନ୍ୟାୟ ତଥା ଦେଶର କୋଟି କୋଟି ମୂକ ନିର୍ବାକ ଜନତାଙ୍କ ମୁହଁରେ ଟିକେ ହସ ଭରିଦେବା ପାଇଁ। ସରଳ ସତ୍ୟଶୀଳ ଓ ନିରାଡ଼ମ୍ବର ଜୀବନ ଜିଇବାରେ ଗାନ୍ଧିଜୀ ଥିଲେ ଭାରତୀୟତାର ପ୍ରତୀକ। ଅନୁରୂପ ଭାବରେ ଓଡ଼ିଶାରେ ଗୋପବନ୍ଧୁ ଥିଲେ ସେହି ସରଳତାର ପ୍ରତୀକ। ପ୍ରାଚୀନ ଭାରତର ମୁନି ଋଷିଙ୍କ ଭଳି ସତ୍ୟବାଦୀର ସନ୍ଥ ଆଦରି ନେଇଥିଲେ ସରଳ ଓ ନିରାଡ଼ମ୍ବର ଜୀବନ। ଲାଲା ଲଜପତ୍ ରାୟଙ୍କ ଭାଷାରେ 'ମୋ ଜାଣିବାରେ ୧୯୨୦ଠାରୁ ଗାନ୍ଧିଜୀଙ୍କୁ ଛାଡ଼ିଦେଲେ ଗୋପବନ୍ଧୁଙ୍କ ଭଳି ସରଳ ଅମାୟିକ ବ୍ୟକ୍ତିତ୍ୱ ଅନ୍ୟ କେହି ନାହିଁ। ସେ କେବଳ ଦୁଇଟି ଲୁଗା ବ୍ୟବହାର କରୁଥିଲେ। ଗୋଟିଏ ହାତବୁଣା ଧୋତି ଓ ଚାଦରଟିଏ ଥିଲା ତାଙ୍କର ନିତିଦିନିଆ ପୋଷାକ। ଏହି ଗୋଟିଏ ପୋଷାକକୁ ସେ ଘରେ,ବାହାରେ ସଭାରେ, କୋର୍ଟରେ, ସ୍କୁଲରେ ଓ କଂଗ୍ରେସ ଦରବାରରେ ସବୁଠି ପିନ୍ଧିବାର ଦେଖାଯାଉଥିଲା। ସେ ସତ୍ୟ, ସାଧୁତା ଓ ସରଳ ଭାବେ ଜୀବନ ବିତାଇବାକୁ ନିଜର ବ୍ରତ କରି ନେଇଥିଲେ।' ସତ୍ୟ, ଅହିଂସା ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ଗାନ୍ଧୀ ଗୋପବନ୍ଧୁ ଥିଲେ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଅହିଂସାର ଏହି ଶକ୍ତ ଡୋରିରେ ବନ୍ଧା ଥିଲା ଗୋପବନ୍ଧୁଙ୍କ ଜୀବନ। ସ୍ୱରାଜ୍ୟ ପଥରେ ସତ୍ୟର ଉପାସନା ଏକ ଅନନ୍ୟ ସାଧନା। ଗୋପବନ୍ଧୁ ଥିଲେ ସେହି ଆଦର୍ଶର ଏକନିଷ୍ଠ ପୂଜାରୀ।



ଶ୍ରାଦ୍ଧତିଥି ଉପଲକ୍ଷେ

ଗୋପବନ୍ଧୁଙ୍କ ଦୃଷ୍ଟିରେ ଗାନ୍ଧୀ ଥିଲେ ଏକ ମହତ୍ତର ଚେତନା। ଗାନ୍ଧିଜୀଙ୍କୁ ସେ କେତେବେଳେ ସତ୍ୟ, ନ୍ୟାୟ ଓ ନିର୍ଭୀକତାର ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି ତ କେତେବେଳେ ତୁଳନା କରିଛନ୍ତି ସକ୍ରେଟିସ୍‌ଙ୍କ ସହିତ। ଗାନ୍ଧିଜୀ ମଧ୍ୟ 'ୟଙ୍ଗ ଇଣ୍ଡିଆ'ରେ ଗୋପବନ୍ଧୁଙ୍କୁ ତପସ୍ୱୀ ବୋଲି ଲେଖିଛନ୍ତି ଏବଂ ତାଙ୍କର ସମର୍ପଣ ଭାବ ଓ କର୍ମଯୋଗକୁ ପ୍ରଶଂସା କରିଛନ୍ତି ଖୋଲା ମଞ୍ଚରେ। ଗାନ୍ଧିଜୀଙ୍କ ଚିନ୍ତନ ଓ ଆଦର୍ଶ ଗୋପବନ୍ଧୁଙ୍କୁ ଯେତିକି ପ୍ରଭାବିତ କରିଛି, ଗାନ୍ଧିଜୀଙ୍କୁ ମଧ୍ୟ ସମପରିମାଣରେ ପ୍ରଭାବିତ କରିଛି ଗୋପବନ୍ଧୁଙ୍କ ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱ। ଗୋପବନ୍ଧୁଙ୍କ ନିଃସ୍ୱାର୍ଥପରତା, ନିର୍ମଳ ଭାବମୂର୍ତ୍ତି ଓ ଅକୁଣ୍ଠିତ ଜନସେବାରେ ଗାନ୍ଧିଜୀ ମୁଗ୍ଧ ହୋଇ କହିଛନ୍ତି, ତାଙ୍କ ଭଳି ନେତା ଓ କର୍ମୀ ଜାତିର ଗୌରବ। ପୁଣ୍ୟପ୍ରାଣ ଗୋପବନ୍ଧୁଙ୍କ ମହାପ୍ରୟାଣ (୧୯୨୮)ପରେ ୧୯୩୪ ମେ ୮ ତାରିଖ ପୁରୀରେ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି ଗାନ୍ଧିଜୀ କହିଥିଲେ– 'ଗୋପବନ୍ଧୁଙ୍କ ଧର୍ମନିଷ୍ଠା, ସତ୍ୟନିଷ୍ଠା, ସାଧୁତା, ସରଳତା ଓ ବୀର ପ୍ରଭାବ ମୋ ଉପରେ ମଧ୍ୟ ପଡ଼ିଥିଲା। ଆଜି ଏହି ପୁଣ୍ୟ ଭୂମିରେ ମୁଁ ତାଙ୍କ ଅଭାବ ବେଶି ଅନୁଭବ କରୁଛି। ଅହିଂସା ଲଢ଼େଇରେ ଗାନ୍ଧିଜୀଙ୍କ ଆଦର୍ଶର ଜୟ ହେବ ବୋଲି ଅନୁଭବ କରି ଗୋପବନ୍ଧୁ 'ବନ୍ଦୀର ଆତ୍ମକଥା'ରେ ଲେଖିଥିଲେ–

'ମହାତ୍ମା ସାଧନା ମହାତ୍ମା କଷଣ,
ନ ଯାଏ ଜଗତେ କେବେ ଅକାରଣ।'

ଗାନ୍ଧିଜୀ ସେହି କଥାକୁ ଦୋହରାଇଛନ୍ତି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ। ତାଙ୍କ ବକ୍ତବ୍ୟ ଅନୁସାରେ''ମୁଁ ବିଶ୍ୱାସ କରୁଛି ଓ ଆପଣମାନେ ବିଶ୍ୱାସ କରନ୍ତୁ ଯେ ତାଙ୍କ ମହତ୍ତ୍ୱ ଆତ୍ମା ପରି ଅମର ହୋଇ ରହିଛି ଓ ଚିରକାଳ ରହିବ। ମୋର ଆଶା ଯେ କେବଳ ଉତ୍କଳ କାହିଁକି, ସମଗ୍ର ଭାରତ ସେହି ସ୍ୱର୍ଗୀୟ ପଣ୍ଡିତ ଗୋପବନ୍ଧୁଙ୍କର ତ୍ୟାଗମାର୍ଗ ଅନୁସରଣ କରିବ ଏବଂ ତାଙ୍କ ସ୍ମୃତିର ପ୍ରଭାବରେ ନିଜକୁ ଧନ୍ୟ ମନେକରିବ।'' ଗାନ୍ଧୀ ଓ ଗୋପବନ୍ଧୁଙ୍କ ଲକ୍ଷ୍ୟ ଥିଲା ସମାନ। ଉଭୟେ ନିଜ ନିଜ କ୍ଷେତ୍ରରେ ଅନନ୍ୟ ଓ ଅତୁଳନୀୟ।

ମୋ–୬୩୭୧୬୪୨୪୬୪

## ଏଇ ଭାରତରେ

କୁହାଯାଏ ଛୋଟ ପିଲାମାନଙ୍କ ନିରୀହ ମନରେ ମିଥ୍ୟା ପ୍ରବେଶ କରି ନ ଥାଏ। ସେମାନେ ସତ୍ୟ ହିଁ କହିଥାନ୍ତି। ସେମାନଙ୍କ ମନରେ କୌଣସି ଦ୍ୱନ୍ଦ୍ୱ ନ ଥାଏ। ସମସ୍ତେ ପିଲାମାନଙ୍କର ସଚ୍ଚୋଟତା ଏବଂ ସତ୍ୟତା ଉପରେ ବିଶ୍ୱାସ କରନ୍ତି। ଭାଗଲପୁର ଜିଲାରେ ମଧ୍ୟ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ଯେଉଁଠାରେ ଗୋଟିଏ ମାସ ପରେ ଏକ ଶିଶୁର ସଚ୍ଚୋଟତା ଜାଗ୍ରତ ହୋଇଛି ଏବଂ ସେ ମଧ୍ୟ ତାଙ୍କର ଭୁଲ୍‌କୁ ହୃଦୟଙ୍ଗମ କରି କ୍ଷମା ମାଗିଛନ୍ତି। ବାସ୍ତବରେ, ଭାଗଲପୁର ଜିଲାର ଇଣ୍ଡଷ୍ଟ୍ରିଆଲ ପୋଲିସ ଷ୍ଟେଶନ ଅଧୀନସ୍ଥ ଜ୍ୟୋତି ବିହାର କଲୋନୀରୁ ଏକ ମାସ ପୂର୍ବରୁ ଅନୋମାଲଙ୍କର ସାଇକେଲ ଚୋରି ହୋଇଥିଲା। ତାଙ୍କ ଘର ବାହାରେ ସିସିଟିଭି ଲଗାଯାଇଥିଲା, ଯେଉଁଥିରେ ସେମାନେ ଦେଖିଲେ ଏକ ଛୋଟ ପିଲା ଚୋରି କରିବା ପାଇଁ ଘରେ ପ୍ରବେଶ କରି କେବଳ ସାଇକେଲ ନେଇ ଚାଲିଗଲା। ପରିବାର ସଦସ୍ୟମାନେ ଏହି ସାଇକେଲ ଫେରି ପାଇବାର ଆଶା ଛାଡି ଦେଇଥିଲେ। କିନ୍ତୁ ଏକ ମାସ ପରେ ସାଇକେଲ ଚୋରି କରିଥିବା ପିଲା ନିଜେ ଆସି ସାଇକେଲ ଫେରାଇ ଏକ ଚିଠିରେ 'ଆଇ ଆମ ସରି'ଲେଖି ପକାଇଥିଲେ। ପିଲାଟି ଚିଠିରେ ଲେଖିଥିଲା ଯେ ମୋର ନାମ ଅର୍ଣ୍ଣବ, ମୁଁ ଆପଣଙ୍କର ସାଇକେଲ ନେଇଥିଲି, ମୋର ବନ୍ଧୁ ମୋତେ ଏହା କରିବାକୁ କହିଥିଲେ। ମୁଁ ଏଭଳି କାର୍ଯ୍ୟ କରିଥିବାରୁ ବେଶ୍ ଦୁଃଖିତ।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଜୁନ୍ ୧୯୯୮

- ନାଇଜରର ରାଜଧାନୀ ନିଆମିଠାରୁ ୬୦ କିଲୋମିଟର ଦୂର ପଶ୍ଚିମରେ ତୋରାଡ଼ି ନିକଟସ୍ଥ ଏକ ସୁନା ଖଣିରେ ମାଟି ଅତଡ଼ା ଧସି ଅନ୍ୟୁନ ୩୦ ଜଣ ଲୋକଙ୍କ ମୃତ୍ୟୁ।
- ବୋସନିଆ ହେର୍ଜେଗୋଭିନାରେ ଆହୁରି ଅଧିକ ବର୍ଷଟିଏ 'ନାଟୋ' ସାମରିକ ବାହିନୀ ଏବଂ ଆନ୍ତର୍ଜାତିକ ପୋଲିସ ଅବସ୍ଥାନ କରିବା ନିମନ୍ତେ ଜାତିସଂଘ ନିରାପତ୍ତା ପରିଷଦ ପକ୍ଷରୁ ଅନୁମତି ପ୍ରଦାନ।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | 2 | | | | 5 |
| | | | | 4 | | 3 | | |
| 7 | | 4 | 3 | | 6 | | 8 | |
| | | | | | | 5 | | |
| | | 9 | | | | | 7 | |
| | | | 7 | | 1 | 4 | 3 | |
| | | 8 | | | 5 | | 2 | |
| | 1 | 7 | | 6 | | | | |
| | 6 | | 9 | | 4 | | 5 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 5 | 8 | 1 | 7 | 4 | 6 | 3 |
| 4 | 8 | 6 | 3 | 9 | 2 | 5 | 1 | 7 |
| 1 | 7 | 3 | 4 | 5 | 6 | 9 | 8 | 2 |
| 3 | 9 | 8 | 1 | 2 | 5 | 7 | 4 | 6 |
| 7 | 1 | 2 | 6 | 3 | 4 | 8 | 5 | 9 |
| 6 | 5 | 4 | 7 | 8 | 9 | 3 | 2 | 1 |
| 5 | 6 | 9 | 2 | 4 | 3 | 1 | 7 | 8 |
| 8 | 4 | 7 | 9 | 6 | 1 | 2 | 3 | 5 |
| 2 | 3 | 1 | 5 | 7 | 8 | 6 | 9 | 4 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଜୁଳିସେବା ପାଇବା ମୌଳିକ ଅଧିକାର

ମହାଶୟ,

ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ତାତିକୁ ବଳିଯାଉଛି ଅଘୋଷିତ ଅସମୟରେ ବିଜୁଳିକାଟ୍। ନିରବଚ୍ଛିନ୍ନ ଉନ୍ନତ ମାନର ଗୁଣାତ୍ମକ ବିଜୁଳି ଯୋଗାଣକୁ ନେଇ ଦାଏର କରାଯାଇଥିବା ଜନସ୍ୱାର୍ଥ ମାମଲାରେ କଲିକତା ହାଇକୋର୍ଟ ତାଙ୍କ ରାୟରେ ଦର୍ଶାଇଥିଲେ ''ଗୋଟିଏ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଦ୍ୟୁତ୍‌ସେବା ପାଇବା ସାଧାରଣ ଜନତାଙ୍କ ମୌଳିକ ଅଧିକାର ମଧ୍ୟରୁ ଅନ୍ୟତମ ଅଧିକାର।'' ବିଜୁଳି ଯୋଗାଣରେ ଅହେତୁକ ତ୍ରୁଟି ଓ ଅନିୟମିତତା ସବୁ ସରକାରଙ୍କ ଅପାରଗତା ଅବହେଳାଜନିତ କଷଣ ଓ ନିର୍ଯାତନା। ଆଇନତଃ ଖାଉଟି କଲ୍ୟାଣ ଉପଭୋକ୍ତା ଆଇନ ଅନୁଯାୟୀ ଏହା ଦଣ୍ଡନୀୟ ଅପରାଧ ବୋଲି ବିବେଚନା କରାଯିବା ଦରକାର। ଉପଭୋକ୍ତା ଖାଉଟିମାନଙ୍କୁ କ୍ଷତି ପୂରଣ ଦେବା ସହିତ କେଉଁ ସେକ୍ସନରେ କେତେ ସମୟ ବିଜୁଳିସେବା ବନ୍ଦ ରହିଛି, ସେଇ ସମୟାନୁପାତରେ ଆବଣ୍ଟନ କରାଯାଉଥିବା ବିଦ୍ୟୁତ୍ ବିଲ୍‌ରେ ରିହାତି ଦେବା ଉଚିତ। ସରକାର ବିଜୁଳି ସେବା ଯୋଗାଇବାରେ ପଦକ୍ଷେପ ଗ୍ରହଣ କରିବା ଜରୁରୀ।

–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୁମେ ମୋର ଆଦି ଅନ୍ତ,
ତୁମେ ମୋର ସବୁ ସାନ ବଡ଼
ତୁମେ ସତ୍ୟ ସନାତନ ଜ୍ଞାନରୂପୀ ଜଡ଼
ଆହେ ଜଡ଼!

(ଜଡ଼–ଦର୍ଶନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ୩ ଗାଡ଼ିରୁ ବ୍ୟାଟେରି ଚୋରି ଅଭିଯୋଗ

ପାଣିକୋଇଲି,୧୭।୬(ବିକାଶ କୁମାର ମଲ୍ଲିକ): ପାଣିକୋଇଲି ଥାନା ଅଞ୍ଚଳରୁ ୩ ଗାଡ଼ିରୁ ୬ଟି ବ୍ୟାଟେରି ଚୋରି ହେବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପାଣିକୋଇଲି ଅମୃତିଆ ରାସ୍ତା କଡ଼ ଖୋସାଲପୁରଠାରେ ଥିବା ଜୟ ଜଗନ୍ନାଥ କୋଇଲା ଇଣ୍ଡଷ୍ଟ୍ରି ମଧ୍ୟରେ ସଠିପୁରର ଶିଦ୍ଧାର୍ଥ ଶଙ୍କର ବିଶ୍ୱାଳଙ୍କ ୩ ଗାଡ଼ି ରଖାଯାଇଥିଲା। ରଜ ଛୁଟି ପାଇଁ ଚାଳକମାନେ ସେଠାରେ ଗାଡ଼ି ରଖି ଘରକୁ ଯାଇଥିଲେ। ଶନିବାର ଗାଡ଼ିଗୁଡିକୁ ବାହାର କରିବାକୁ ଯିବାବେଳକୁ ବ୍ୟାଟେରିକୁ କେହି ଚୋରି କରି ନେଇଥିବା ଜଣାପଡ଼ିଥିଲା।

### ବୃଦ୍ଧଙ୍କ ମୃତଦେହ ଜବତ

ବଡ଼ବିଲ,୧୭।୬(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ରୁଗୁଡ଼ି ପୋଲିସ ବରପଦା ଗ୍ରାମସ୍ଥିତ ଏକ ପୋଖରୀରୁ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ମୃତକ ଭୂୟାଁ ବରପଦାର ଅନାମ ନାଏକ। ଗତ ବୁଧବାରଠାରୁ ସେ ନିଖୋଜ ଥିଲେ। ଶନିବାର ପୋଖରୀରେ କ୍ଷତ ବିକ୍ଷତ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିଥିଲେ। ରୁଗୁଡି ପୋଲିସ ପହଞ୍ଚି ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ବିଦ୍ୟୁତ୍ ସବ୍‌ଷ୍ଟେଶନ ସ୍ଥାନାନ୍ତରକୁ ବିରୋଧ

ସିଂହପୁର,୧୭।୬ (ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ଥାନା ତଥା ବରୀ ବ୍ଲକ ଅନ୍ତର୍ଗତ ମଧୁସୂଦନପୁରଠାରେ ନିର୍ମାଣ ହେବାକୁ ଥିବା ୩୩କେଭି ବିଦ୍ୟୁତ୍ ସବ୍‌ଷ୍ଟେସନ ସ୍ଥାନାନ୍ତର ହେଉଥିବାରୁ ଅଞ୍ଚଳବାସୀ ଏକତ୍ରିତ ହୋଇ ଏହାକୁ ବିରୋଧ କରିଛନ୍ତି। ଏନେଇ ମଧୁସୂଦନପୁରସ୍ଥିତ ଆଞ୍ଚଳିକ ବିଜେଡି କାର୍ଯ୍ୟାଳୟ ପରିସରରେ ଏକ ସମ୍ମିଳନୀରେ ଶତାଧିକ ଗ୍ରାମବାସୀ ଏକତ୍ରିତ ହୋଇଥିଲେ। ସେମାନେ କହିଛନ୍ତି, ଦୀର୍ଘଦିନ ଧରି ମଧୁସୂଦନପୁର ଗ୍ରାମର ଏକ ସରକାରୀ ଜାଗାରେ ସବ୍‌ଷ୍ଟେସନ ସ୍ଥାପନ ହେବ ବୋଲି ପୂର୍ବତନ ସରପଞ୍ଚ ଆଦରମଣି ସମାଲ, ପ୍ରମୋଦ ସାମଲ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଆସୁଥିଲେ। ସବ୍‌ଷ୍ଟେସନ ସ୍ଥାପନ ପାଇଁ ଅନୁମୋଦନ କରାଯାଇଥିଲା। ହେଲେ କେତେଜଣ ସରକାରୀ କର୍ମଚାରୀ ଆଇନକୁ ଅପବ୍ୟବହାର କରି ବିଞ୍ଝାରପୁର ବ୍ଲକର ରଣପୁର ଗ୍ରାମରେ ଏହି ସବଷ୍ଟେସନ ସ୍ଥାପନ ପାଇଁ ସଜବାଜ ହେଉଥିବା ଜଣାପଡିଛି। ତେଣୁ ମଧୁସୂଦନପୁରଠାରେ ସବଷ୍ଟେଶନ ସ୍ଥାପନ କରିବାକୁ ସ୍ଥାନୀୟ ବିଧାୟିକା, ବିଭାଗୀୟ ଯନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କୁ ଅଞ୍ଚଳବାସୀ ଅବଗତ କରାଇଛନ୍ତି। ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ଅଞ୍ଚଳବାସୀ ଭୋଟ ବର୍ଜନ କରିବା ସହିତ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏଥିରେ ପୂର୍ବତନ ସରପଞ୍ଚ ଆଦରମଣି ସାମଲ, ପ୍ରମୋଦ ସାମଲ, ଆଇନଜୀବୀ ଅମ୍ବିକା ପ୍ରସାଦ ସାମଲ, ପ୍ରହଲ୍ଲଦ ରାୟ, ବିଭୁତି ଭୁଷଣ ରାୟ, ବିଭୁତି ଭୁଷଣ ଦାସ, ପୂର୍ବତନ ସରପଞ୍ଚ ଭରତ ମଲ୍ଲିକ, ଗୌରାଙ୍ଗ ପରିଡ଼ା, ଯୁବନେତା ଅଶିତ ନାୟକ ଓ ବିଶ୍ୱଜିତ ପଲାଇଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।


ବିଦ୍ୟୁତ୍ ସବ୍‌ଷ୍ଟେଶନ ସ୍ଥାନାନ୍ତରକୁ ବିରୋଧରେ ଏକାଠି ହୋଇଥିବା ଲୋକେ।

# ପୂର୍ବତନ କାଉନସିଲରଙ୍କ ପରଲୋକ

ଯାଜପୁରରୋଡ୍, ୧୭।୬ (ପବିତ୍ର ରଞ୍ଜନ ମହାନ୍ତି):



ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ୨୧ନଂ. ୱାର୍ଡ ସନ୍ତରା ଗ୍ରାମର ପୂର୍ବତନ କାଉନସିଲର ଅଶୋକ କୁମାର ସାମନ୍ତ ସିଂହାର(ପାକନ)ଙ୍କ ଶନିବାର ସକାଳେ ତାଙ୍କ ବାସଭବନାରେ ପରଲୋକ ହୋଇଯାଇଛି। ତାଙ୍କୁ ୫୬ ବର୍ଷ ବୟସ ହୋଇଥିଲା। ଏହି ଖବର ପ୍ରଚାରିତ ହେବା ମାତ୍ରେ ଯାଜପୁରରୋଡ୍ ଅଞ୍ଚଳରେ ଶୋକର ଛାୟା ଖେଳିଯିବା ସହ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସେ ଏକାଧାରରେ ଜଣେ ଖବରଦାତା, ସାମାଜିକ କର୍ମୀ, ରାଜନେତା ଓ ବ୍ୟବସାୟୀ ଭାବେ ପରିଚିତ ଥିଲେ। ଜଣେ ମିଷ୍ଟଭାଷୀ, ମେଳାପୀ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ଲୋକାଦୃତ ହୋଇଥିଲେ। ପାକନ ବ୍ୟାସନଗର ପୌର ପରିଷଦରେ ୨୦୦୩ ଏବଂ ୨୦୦୮ରେ କଂଗ୍ରେସରୁ ୨ ଥର କାଉନସିଲର ନିର୍ବାଚିତ ହୋଇଥିଲେ।

ତାଙ୍କ ମୃତ୍ୟୁ ଖବର ପାଇ କୋରେଇ ବିଧାୟକ ଅଶୋକ କୁମାର ବଳ, ଉପାଧକ୍ଷା ସୁବାସ ଚନ୍ଦ୍ର ବଳ, ପୂର୍ବତନ ପୌରାଧାକ୍ଷା ସବିତା ରାଉତ, ପ୍ରୀତିରଞ୍ଜନ ସାହୁ, ସ୍ଥାନୀୟ କାଉନସିଲର ମନୋଜ ପରିଡ଼ା, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, କଂଗ୍ରସ ନେତା ପ୍ରମୋଦ ପରିଡ଼ା, ନଗର କଂଗ୍ରେସ ସଭାପତି ମାୟାଧର ମଲ୍ଲିକ, ସନ୍ତୋଷ ମହାନ୍ତି, ତପନ ନାୟକ, ତପନ ସାହୁ, ଭାଜପା ଯୁବନେତା ଆଲେକଜାଣ୍ଡର ଦାସ, ପ୍ରସନ୍ନ କୁମାର ସାମଲ, ନିତ୍ୟାନନ୍ଦ ମହାଳିକ, ଷ୍ଟିଲ୍ ସିଟି କାଳୀପୂଜା କମିଟି ସଭାପତି ବଚନ ସାମଲ ଓ ସମ୍ପାଦକ ରାକେଶ ରାଉତଙ୍କ ସମେତ ବହୁ କଂଗ୍ରେସ, ବିଜେଡି କାଉନସିଲର, ଖବରଦାତା, ବ୍ୟବସାୟୀ ଏବଂ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନାରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପରିବାର ଲୋକେ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ପୌର ପରିଷଦ କାର୍ଯ୍ୟାଳୟକୁ ନିଆଯାଇଥିଲା। ପରେ ନହକା ବାଇପାସସ୍ଥିତ ତାଙ୍କ ବ୍ୟବସାୟିକ ପ୍ରତିଷ୍ଠାନ ନିକଟକୁ ନିଆଯାଇଥିଲା। ଏହାପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ସଂଗ୍ରାମ ମୁଖାଗ୍ନି ଦେଇଥିଲେ।

# ଜିଲା ସାମ୍ବାଦିକ ୟୁନିୟନର ସାଙ୍ଗଠନିକ ଆଲୋଚନା

ଯାଜପୁର ଟାଉନ,୧୭।୬ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା ସାମ୍ବାଦିକ ୟୁନିୟନର ଏକ ସାଙ୍ଗଠନିକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଆଦିତ୍ୟ ମେକାପଙ୍କ ସଭାପତିତ୍ୱରେ ଏହି ଆଲୋଚନାଚକ୍ରରେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି, ରାଜ୍ୟ ସମ୍ପାଦକ ସମରଜିତ ମହାନ୍ତି, ରାଜ୍ୟ କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ରାଜୀବ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ରାଉତରାୟ, ସଂଗଠନ ସମ୍ପାଦକ ତପନ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ସଂଗଠନ ବିଷୟରେ ଆଲୋଚନା କରିଥିଲେ। ରାଜ୍ୟ ସରକାର ତୁରନ୍ତ ସାମ୍ବାଦିକଙ୍କୁ ୨ଲକ୍ଷ ପରିବର୍ତ୍ତେ ୧୦ଲକ୍ଷ ଟଙ୍କାର ବୀମା ରାଶିରେ ଅନ୍ତର୍ଭୁକ୍ତ କରିବା ପାଇଁ ଆଲୋଚନା କରାଯିବା ସହ ପେନସନ୍ ଓ ସାମ୍ବାଦିକ ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ସେହିପରି ବରିଷ୍ଠ କଂଗ୍ରେସ ନେତା ଅନାଦି ଚରଣ ଦାସ ଓ ସାମ୍ବାଦିକ ଦିଲଦାର ଚାନ୍ଦଙ୍କ ପରଲୋକରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଆଲୋଚନାଚକ୍ରରେ ଜିଲା ଯୋଜନା ସମନ୍ୱୟ ଅଧ୍ୟକ୍ଷ ଦିଲୀପ ଦାସ, ଜିଲା ଉପସଭାପତି ଦେବପ୍ରସାଦ ସାହୁ, ଚନ୍ଦ୍ରଶେଖର ସାହୁ, କୌଶିକ ଦାସ, ଅଜୟ କୁମାର ରାଉଳ, ଅଜୟ ରଣା, ସମର ବିଜୟ ଶରଣ, ବିଜୟ କୁମାର ମହାନ୍ତି, ସୁରେନ୍ଦ୍ର ସାମଲ, ସଞ୍ଜିବ ନାୟକ, ଶିଶିର ରଞ୍ଜନ ମାନ୍ଧାତା, ବିଶ୍ୱଜିତ ରଣା ଓ ସରୋଜ କାହାଳଙ୍କ ସମେତ ବହୁ ସାମ୍ବାଦିକ ଭାଗ ନେଇଥିଲେ।


ଆଲୋଚନାରେ ଯୋଗଦେଇଥିବା ଅତିଥି ଓ କର୍ମକର୍ତ୍ତା।

# ଭୋଟକାରେ ମାଙ୍କଡ଼ ଆତଙ୍କ ଥମୁନି


ବନ ବିଭାଗ ପକ୍ଷରୁ ମାଙ୍କଡ଼ ଧରିବାକୁ ପ୍ରୟାସ କରାଯାଉଛି।

ରସୁଲପୁର,୧୭।୬(ରଞ୍ଜିତ ରାଉତ):

- ପୁଣି ମାଙ୍କଡ଼ ଆକ୍ରମଣରେ ୨ଗୁରୁତର
- ପାଗଳ ମାଙ୍କଡ଼ ଧରିବାକୁ ପ୍ରୟାସ ଜାରି

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ୨ ସପ୍ତାହ ହେଲା ମାଙ୍କଡ଼ ଆତଙ୍କ ଦେଖାଦେଇଛି। ହେଲେ ଏହା ଥମିବାର ନାଁର ଧରୁନାହିଁ। ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ମାଙ୍କଡ ଆକ୍ରମଣ କରି କ୍ଷତାକ୍ତ କରି ପକାଉଛନ୍ତି। ଏଯାଏ ମାଙ୍କଡ ଆକ୍ରମଣରେ ୬ ଆହତ ହୋଇସାରିଲେଣି। ସେମାନଙ୍କ ମଧ୍ୟରୁ ୩ଜଣ ଗୁରୁତର ହୋଇ ବିଭିନ୍ନ ସ୍ଥାନରେ ଚିକିତ୍ସିତ ହେଉଛନ୍ତି। ଶନିବାର ସକାଳୁ ପଞ୍ଚାୟତର କୀର୍ତ୍ତନ ବିହାରୀ ସାମଲ ବଣି ଛକରୁ ଘରକୁ ଫେରୁଥିବା ସମୟରେ ବରଗଛ ଡାଳରେ ବସିଥିବା ଏକ ମାଙ୍କଡ ତାଙ୍କ ଉପରକୁ ଝାମ୍ପି ପଡି ଆହତ କରି ପକାଇଛି। ତାଙ୍କ ଗୋଡ଼ରୁ ମାଂସ ବାହାରିଯିବା ସହ ସେ କ୍ଷତାକ୍ତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅପରାହ୍ନ ସାଢେ ୧ଟାରେ ଗୋଟିଏ ମାଙ୍କଡ ହନୁମାନ ସାହି ଭିତରକୁ ପଶି ଆସି ଗାଁ ଦାଣ୍ଡରେ ଛିଡ଼ା ହୋଇଥିବା ସାଧୁଚରଣ ସାହୁଙ୍କୁ ଆକ୍ରମଣ କରିଥିଲା। ତାଙ୍କ ଗୋଡ଼ ଶିର ଛିଣ୍ଡି ଯାଇଥିବାରୁ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଗାଁ ଲୋକେ ମାଙ୍କଡ଼ ଭୟରେ ବାହାରକୁ ବାହାରୁନାହାନ୍ତି। ଛୋଟ ପିଲାଙ୍କୁ ଗାଁ ଦାଣ୍ଡରେ ଖେଳାଖେଳି କରିବା ପାଇଁ ଅଭିଭାବକ ଛାଡୁନାହାନ୍ତି। ମାଙ୍କଡ଼ ପଲକୁ ନେଇ ଗାଁରେ ଭୟର ବାତାବରଣ ଉପୁଜିଥିବାବେଳେ ଘଟଣା ସମ୍ପର୍କରେ ସରପଞ୍ଚ ସ୍ମୃତିରେଖା ରାଉତ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, କଟକ ବନାଞ୍ଚଳ ଡିଭିଜନ ଡିଏଫଓ ଅଜିତ କୁମାର ଶତପଥୀଙ୍କୁ ଅବଗତ କରାଇଥିଲେ। ପରେ ଜିଲାପାଳ ଓ ବନାଞ୍ଚଳ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଗଡ଼ମଧୁପୁର ବନଖଣ୍ଡ ଫରେଷ୍ଟର ମହମ୍ମଦ ଜାକିର ହୁସେନ ଓ ତାଙ୍କ ଅନ୍ୟ ଦୁଇ ସହଯୋଗୀ ପହଞ୍ଚି ମାଙ୍କଡ଼ଙ୍କୁ ଠାବ କରିବାକୁ ଚେଷ୍ଟା କରିଥିଲେ। ମାଙ୍କଡ଼ ପଲ ଗାଁ ବାଡ଼ିବଗିଚାରେ ଥିବା ବଡ଼ଗଛ ଡାଳରେ ଘୁରି ବୁଲୁଥିବାରୁ ସେମାନଙ୍କୁ କାବୁ କରିବା ସହଜ ହେଉନାହିଁ। ବନ କର୍ମଚାରୀଙ୍କ ପକ୍ଷରୁ ମାଙ୍କଡ଼ଙ୍କୁ କଦଳୀରେ ନିଶା ବଟିକା ମିଶାଇ ଖାଇବାକୁ ଦିଆଯାଇଥିଲା। ତଥାପି ମାଙ୍କଡ଼ଙ୍କୁ କାବୁ କରିବା ସହଜ ହୋଇପାରିନାହିଁ। ସନ୍ଧ୍ୟାରେ ୧୦ଜଣିଆ ମାଙ୍କଡ ଧରାଳି ଦଳ ଆସି ପହଞ୍ଚିଛନ୍ତି। ରବିବାର ସକାଳୁ ମାଙ୍କଡ଼ ଧରା ଅଭିଯାନ ଆରମ୍ଭ ହେବ। ତେବେ ଆତଙ୍କ ଖେଳାଇ ଥିବା ମାଙ୍କଡ଼ଙ୍କୁ ଧରିବାରେ ବନ କର୍ମଚାରୀ ଓ ମାଙ୍କଡ ଧରାଳି କେତେ ସଫଳ ହେଉଛନ୍ତି ତାକୁ ଦେଖିବାକୁ ବାକି ରହିଲା। ଏହାଛଡା ଆହତଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ସେମାନଙ୍କ ପରିବାର ପକ୍ଷରୁ ଦାବି ହେଉଛି। ପୂର୍ବରୁ ମାଙ୍କଡ଼ ଆକ୍ରମଣରେ ସେରପୁର ଗ୍ରାମର କାଠିଆ ମଲିକ, ଭୋଟକା ଗ୍ରାମର ଜଟାଧାରୀ ସାହୁ, ବିଷ୍ଣୁ ଚରଣ ଦାସ, ବିଜୟ କୁମାର ସାହୁ ଆହତ ହୋଇଥିଲେ। ଏଠାରେ ଆଉ ଦୁଇଜଣ ଆହତ ହୋଇଛନ୍ତି।

# ଜଳିଲା ଉଚ୍ଚ କ୍ଷମତାସମ୍ପନ୍ନ ଆଲୋକ

ପାଣିକୋଇଲି,୧୭।୬ (ବିକାଶ କୁମାର ମଲ୍ଲିକ):

ପାଣିକୋଇଲି ଓଭରବ୍ରିଜର ବାମପାର୍ଶ୍ୱ ଗଣେଶ ବଜାରରେ ଶନିବାର ଉଚ୍ଚ କ୍ଷମତା ସମ୍ପନ୍ନ ଉଜ୍ଜ୍ୱଳ ଆଲୋକ ଜଳିଛି। ଏଠାରେ ଦେଢ଼ ବର୍ଷ ହେବ ଖମ୍ବ ପୋତାଯାଇଥିଲେ ମଧ ଆଲୋକ ଜଳି ନ ଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ବିଭାଗ ପକ୍ଷରୁ ଦ୍ରୁତ ପଦକ୍ଷେପ ନିଆଯାଇ ଆଲୋକ ଜଳିବା ବ୍ୟବସ୍ଥା କରାଯାଇଛି। ଏଥିସହିତ ଓଭରବ୍ରିଜ ତଳେ ବାକିଥିବା ସ୍ଥାନରେ ମଧ୍ୟ ଏଲ୍ଇଡି ଆଲୋକ ଲଗାଯାଇଛି। ଏବେ ଯାତ୍ରୀଙ୍କୁ ରାଜପଥରୁ ଉଭୟ ପାର୍ଶ୍ୱକୁ ଯାତାୟତ ପାଇଁ ଆଉ ଅସୁବିଧା ହେବନାହିଁ। ଯାତ୍ରୀ ଓ ବଜାର ବାସୀଙ୍କ ବିଭିନ୍ନ ସମସ୍ୟା ଦୂର ହୋଇଛି ବୋଲି ମତପ୍ରକାଶ ପାଇଛି।



# ସାହୁପଡ଼ାରେ ଗୋଟିଏ ରାତିରେ ୩ ଘରୁ ଚୋରି

ଆଳି,୧୭।୬(ବନମାଳୀ ସେନାପତି ):

ଆଳି ଥାନା ସାହୁପଡା ଗ୍ରାମର ୩ଟି ଘରୁ ଶୁକ୍ରବାର ରାତିରେ ଚୋରମାନେ କଳାକନା ବୁଲାଇ ଦେଇଛନ୍ତି। ଆଳି ଥାନାରେ ଆନନ୍ଦ ବେହେରା ଦେଇଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ପରିବାର ଲୋକ ରାତିରେ ଶୋଇ ଥିଲେ। ରାତିରେ ସେମାନେ ବାହାରକୁ ଯିବାକୁ କବାଟ ଖୋଲିବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। କବାଟ ବାହାର ପଟୁ ବନ୍ଦ ଥିଲା। ସେ ପୁତୁରାକୁ ଡାକିବାରୁ ସେ କବାଟ ଖୋଲିଥିଲେ। ତାଙ୍କ ବୋହୂ ବାପ ଘରକୁ ଯାଇଥିବାରୁ ସେହି ଘରର କବାଟ ତାଡ଼ି ଚୋରମାନେ ନଗଦ ଟଙ୍କା ସହିତ ଲକ୍ଷାଧିକ ଟାଙ୍କର ସୁନା ଅଳଙ୍କାର ଲୁଟି ନେଇଛନ୍ତି। ସେହିପରି ଗ୍ରାମର ଗୌରୀ ମଲ୍ଲ ଓ ଲକ୍ଷ୍ମୀଧର ମହାନ୍ତିଙ୍କ ଘରୁ ମଧ ଚୋରମାନେ ଲକ୍ଷାଧିକ ଟଙ୍କାର ସୁନାଗହଣା ନେଇ ଫେରାର ହୋଇଯାଇଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ସୁନା ଅଳଙ୍କାର, ଟଙ୍କା ଚୋରି

କେନ୍ଦ୍ରାପଡ଼ା,୧୭।୬(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଜଜାଙ୍ଗ ଗ୍ରାମରେ ଶୁକ୍ରବାର ରାତିରେ ଟାଉନ ଥାନା ଅନ୍ତର୍ଗତ ତିନିମୁହାଣୀସ୍ଥିତ ୧ ନଂ. ଫାଣ୍ଡି କନ୍‌ଷ୍ଟେବଳ ବିମେଳେନ୍ଦୁ ପାଢ଼ୀଙ୍କ ଘରୁ ୧୮ ଭରି ସୁନା ସହ ପ୍ରାୟ ୪୦ ହଜାର ଟଙ୍କା ଚୋରି ହୋଇଛି। ଏସମ୍ପର୍କରେ ବିମଳେନ୍ଦୁଙ୍କ ବାପା ଅଶେଷ ସଦର ଥାନାରେ ଅଭିଯୋଗ ପତ୍ର ଦେଇଛନ୍ତି। ବିମଳେନ୍ଦୁଙ୍କ ମାଆ ମିନତୀଙ୍କ ବୟାନ ଅନୁଯାୟୀ ତାଙ୍କ ବଡପୁଅ ବାଙ୍ଗାଲୋରରେ ରହୁଛନ୍ତି। ସାନପୁଅ କନ୍‌ଷ୍ଟେବଳ ବିମଳେନ୍ଦୁ ରଜ ପାଇଁ ଭଉଣୀ ଘରକୁ ଯାଇଥିଲେ। ଗତ ରାତି ୧୧ଟାରେ ମିନତୀ ଓ ସ୍ୱାମୀ ଅଶେଷ ଖାଇ ସାରି ଶୋଇଥିଲେ। ଏହାପରେ ଚୋର ସିଢ଼ିଘର ବାଟ ଦେଇ ଘରକୁ ଆସି ଏହି ଲୁଟ କରିଛନ୍ତି। ଶୋଇବା ସମୟରେ କୌଣସି ଶବ୍ଦ ଶୁଣିନାହାନ୍ତି। ତେବେ ସିଢ଼ିଘର ଖୋଲିବା ପାଇଁ ବ୍ୟବହୃତ ଲୁହା ରଡ ଛାଡିଛନ୍ତି।

# ଶିଶୁ, କୈଶୋର ଶ୍ରମ ନିଷେଧ କର୍ମଶାଳା

ଯାଜପୁର ଟାଉନ୍,୧୭।୬(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲା ଶିଶୁ ସୁରକ୍ଷା ଶାଖା, ଶ୍ରମ ଓ ଶିକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ଏକ ଦିବସୀୟ ଶିଶୁ, କୈଶୋର ଶ୍ରମ ନିଷେଧ ଓ ନିୟନ୍ତ୍ରଣ ଅଧିନିୟମ-୧୯୮୬ ସମ୍ପର୍କରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଦିବ୍ୟଲୋଚନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିଶୁ ଶ୍ରମିକ ଉଦ୍ଧାର ଓ ପୁନଃ ଥଇଥାନ ନିମନ୍ତେ କାର୍ଯ୍ୟ କରୁଥିବା ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶିଶୁ ମଙ୍ଗଳ ସମିତିର କର୍ମକର୍ତ୍ତାମାନଙ୍କୁ ନିରନ୍ତର ତାଲିମ ପ୍ରଦାନ କରାଯାଉଛି ବୋଲି ମହାନ୍ତି କହିଥିଲେ। ପ୍ରଶିକ୍ଷଣ ବିଶାରଦ ଭାବେ ଅବସରପ୍ରାପ୍ତ ଜିଲା ବିଚାରପତି ଗୟାଧର ପଣ୍ଡା ଯୋଗଦେଇ ଶିଶୁ ଓ କୈଶୋର ଶ୍ରମ ଅଧିନିୟମ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଶିଶୁ ମଙ୍ଗଳ ସମିତି ଅଧକ୍ଷା ରେକ୍ସୋନା ଜେନା, ଡେପୁଟୀ କଲେକ୍ଟର କାଜଲ ପ୍ରଧାନ, ଜିଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି, ଜିଲା ସମାଜ ମଙ୍ଗଳ ବିଭାଗର ସୁରକ୍ଷା ଅଧିକାରୀ ସଂଯୁକ୍ତା ଘଡ଼ାଇ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହୃଷୀକେଶ ବାରିକ, ଶିଶୁ ଅଧିକାର କର୍ମୀ ତପନ କୁମାର ଗୋଛାୟତ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ହରେକୃଷ୍ଣ ମହାନ୍ତି, ଟାଟା ଷ୍ଟିଲ ଫାଉଣ୍ଡେଶନର କର୍ମକର୍ତ୍ତା ବିଶ୍ୱରଂଜନ ଦ୍ୱିବେଦୀ ପ୍ରମୁଖ ଯୋଗଦେଇଥିଲେ।


କର୍ମଶାଳାରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

# ସୂଚନା ଅଧିକାର କର୍ମୀଙ୍କୁ ଗିରଫ ପ୍ରତିବାଦରେ ବିକ୍ଷୋଭ

ଯାଜପୁର ଟାଉନ,୧୭।୬ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲାର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ ଓ ବିଞ୍ଝାରପୁର ସୂଚନା ଅଧିକାରୀ କର୍ମୀ ସୀମନ୍ତ ପାତ୍ରଙ୍କୁ ଉଠାଇ ନେଇ ମାଡ଼ ମାରିବା ପ୍ରତିବାଦରେ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଓଡ଼ିଶା ସୂଚନା ଅଧିକାର ଅଭିଯାନ ଯାଜପୁର ଶାଖା ପକ୍ଷରୁ ୫୦ରୁ ଉର୍ଦ୍ଧ୍ୱ ସୂଚନା ଅଧିକାରୀ କର୍ମୀ ଓ ସଦସ୍ୟ କିଆନାଳିକୁଳ ଛକରୁ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାସହ ଅତିରିକ୍ତ ଜିଲାପାଳଙ୍କୁ ଘଟଣାର ଉଚିତ୍ ତଦନ୍ତ କରି ନ୍ୟାୟ ବିଚାର କରିବା ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଧର୍ମଶାଳାର ସୂଚନା ଅଧିକାରୀ କର୍ମୀ ବେହୁରା ପ୍ରଶାସନର ଅନେକ ଦୁର୍ନୀତି ସାମ୍ନାକୁ ଆଣିଥିବାବେଳେ ମାଳମାଳ ଅଭିଯୋଗକୁ ନେଇ ହାଇକୋର୍ଟ, ଲୋକାୟୁକ୍ତ ଓ ଭିଜିଲାନ୍ସର ଦ୍ୱାରସ୍ଥ ହୋଇ ସତ୍ୟକୁ ସାମ୍ନାକୁ ଆଣୁଥିଲେ। ସେହି ରାଗରେ ଉଦ୍ଦେଶ୍ୟମୂଳକ ଭାବେ ମିଥ୍ୟା କେଶ୍ କରି ତାଙ୍କୁ ଜେଲ୍ ପଠାଯାଇଥିବା ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ କହିଥିଲେ। ଅନ୍ୟପକ୍ଷରେ ବିଞ୍ଝାରପୁରର ସୂଚନା ଅଧିକାର କର୍ମୀ ପାତ୍ରଙ୍କୁ କେତେଜଣ ଗୁଣ୍ଡା ଶ୍ରେଣୀର ବ୍ୟକ୍ତି ଘରୁ ଉଠାଇ ନେଇ ମାଡ ମାରିଥିଲେ। ଏ ନେଇ ବିଞ୍ଝାରପୁର ଥାନାରେ ଅଭିଯୋଗ ପରେ ମଧ ପୋଲିସ ଚୁପ୍ ରହିବା ଘଟଣାକୁ ଘୋର ନିନ୍ଦା କରାଯିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ବିକ୍ଷୋଭରେ ସୂଚନା ଅଧିକାରୀ କର୍ମୀ, ସାମାଜିକ କର୍ମୀ ଏବଂ ଅନେକ ସଂଗଠନର ଶତାଧିକ ସଦସ୍ୟ ସାମିଲ ହୋଇଥିଲେ। ବିକ୍ଷୋଭର ନେତୃତ୍ୱ ସଂଯୁକ୍ତା ପାଣିଗ୍ରାହୀ, ଜିତେନ୍ଦ୍ର ସାହୁ, ତାରିଣୀ ପଟ୍ଟନାୟକ, ରବୀନ୍ଦ୍ର ଜେନା ଓ ଭୁବନାନନ୍ଦ ସାମଲ ପ୍ରମୁଖ ନେଇଥିଲେ।



ସୂଚନା ଅଧିକାର କର୍ମୀମାନେ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ମହିଳାଙ୍କୁ ସମ୍ପର୍କୀୟ ଦେଢ଼ଶୁରଙ୍କ ବଳାତ୍କାର ଉଦ୍ୟମ

**ପାରାଦୀପ,୧୭।୬(ଶରତ ରାଉତ):** ପାରାଦୀପ ଲକ୍‌ଥାନା ଅଞ୍ଚଳରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ସମ୍ପର୍କୀୟ ଦେଢ଼ଶୁର ତାଙ୍କ ଭାଇବୋହୂଙ୍କୁ ବଳାତ୍କାର ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଘଟଣାରେ ପୋଲିସ ମାମଲା (ନଂ.୨୪୦/୨୩) ରୁଜୁ କରି ଅଭିଯୁକ୍ତକୁ ଅଟକ ରଖିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ଗଙ୍ଗାଧର ସାମଲ। ସେ ସମ୍ପୃକ୍ତ ମହିଳାଙ୍କୁ ୬ ହଜାର ଟଙ୍କା ଦେଇ ଏପରି ଉଦ୍ୟମ କରିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି।

### ନିଖୋଜ ନାବାଳିକା ମାମୁଘରୁ ଉଦ୍ଧାର

**ରଘୁନାଥପୁର,୧୭।୬ (ରାଜେନ୍ଦ୍ର ନାରାୟଣ ସିଂହ):** ରଘୁନାଥପୁର ଥାନା ଅଞ୍ଚଳରୁ ଗତ ଚାରିମାସ ତଳୁ ଜଣେ ନାବାଳିକା ନିଖୋଜ ହୋଇଯାଇଥିଲେ। ତାଙ୍କୁ ମାମୁଘରୁ ଉଦ୍ଧାର କରାଯାଇଛି। ଝିଅ ନିଖୋଜ ଥିବା ନେଇ ବାପା ଗତ ଜାନୁୟାରୀରେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ନିଖୋଜ ମାମଲା (ନଂ. ୨୫ /୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଶନିବାର ଝିଅ ମାମୁ ଘରେ ଥିବା ଖବରପାଇ ବାପା ସେଠାରୁ ତାକୁ ଆଣି ଥାନାରେ ପହଞ୍ଚିଥିଲେ। ଏହାପରେ ମାଜିଷ୍ଟ୍ରେଟଙ୍କ ନିକଟରେ ପୋଲିସ ଝିଅର ବୟାନ ରେକର୍ଡ କରିଛି। ପରେ ଝିଅକୁ ମା'ବାପାଙ୍କ ଜିମା ଦିଆଯାଇଥିବା ଆଇଆଇସି ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି।

### ରବିନାରାୟଣ ଜେନା ହେଲେ ଜିଲା ବିଜେଡି ସଭାପତି

**ବାଲିଆ/ବିରିଡ଼ି ୧୭।୬ (ରଞ୍ଜିତ ଖଣ୍ଡୁଆଳ/ପ୍ରଶାନ୍ତ ରାଉତ):** ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ବିରିଡ଼ି ବ୍ଲକ ଅଧକ୍ଷ ଓ ଜିଲା ବିଜେଡି ଉପସଭାପତି ରବିନାରାୟଣ ଜେନା ଜଗତସିଂହପୁର ଜିଲା ବିଜେଡି ସଭାପତିଭାବେ ନିଯୁକ୍ତି ପାଇଛନ୍ତି। ଏନେଇ ଜେନା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଜଗତ୍‌ସିଂହପୁର ଏମ୍‌ପି ଓ ୪ ନିର୍ବାଚନ ମଣ୍ଡଳୀର ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଖବର ପ୍ରକାଶ ପାଇବାପରେ ବ୍ଲକ ଅଧକ୍ଷ ମମତା ପାତ୍ର ଜିଲା ପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ, ପୂର୍ବତନ ଜିଲା ପରିଷଦ ସଭ୍ୟ ନେତ୍ରାନନ୍ଦ ପାତ୍ର, ବରିଷ୍ଠ ନେତା ନୃସିଂହ କୁମାର ଦାଶ , ମାଙ୍ଗୁଳି ସରପଞ୍ଚ ନିରଞ୍ଜନ ସେଠୀ ପ୍ରମୁଖ ନୂତନ ସଭାପତିଙ୍କ ବାସଭବନରେ ପହଞ୍ଚି ସମ୍ବର୍ଦ୍ଧନା ଜଣାଇଛନ୍ତି।

### ଥାନାରେ ଅଭିଯୋଗ କଲେ ସମ୍ପଦ ଅଧିକାରୀ

#### ବନ୍ଦର କ୍ୱାର୍ଟର ଜବରଦଖଲ ଘଟଣା

**ପାରାଦୀପ,୧୭।୬(ଶରତ ରାଉତ):** ପାରାଦୀପ ବନ୍ଦର ସମ୍ପଦ ବିଭାଗ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ସମ୍ପଦ ବିଭାଗର ବରିଷ୍ଠ ପରିଚାଳକ (ସିନିୟର ଇଷ୍ଟେଟ ମ୍ୟାନେଜର)ବିଶ୍ୱଜିତ୍ ମିଶ୍ର ଏନେଇ ଅଭିଯୋଗ କରିଛନ୍ତି। ତାଙ୍କ ଚିଠି ନଂ. ୨୧୪୧/୧୬-୦୬-୨୦୨୩ ଦର୍ଶାଯାଇଛି ଯେ, ନୂଆବଜାର ଇ-୩୫ କ୍ୱାର୍ଟର ୬ ମାସ ହେଲା ଖାଲି ଥିଲା। ଜଣେ ବ୍ୟକ୍ତି ଏହାର ପଛ ପଟ କବାଟ ଭାଙ୍ଗି ବ୍ୟବହାର କରୁଛନ୍ତି। ସେହି କ୍ୱାର୍ଟର ମଧରେ ବନ୍ଦର ସମ୍ପତ୍ତି ଯଥା ପୁରୁଣା କବାଟ, ଝରକା, ଆଜ୍‌ବେଷ୍ଟସ ଆଦି ରଖିଛନ୍ତି। ଏହି ଘଟଣାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଚିଠିରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ସମ୍ପର୍କରେ ଥାନାଧିକାରୀ ସବ୍ୟସାଚୀ ରାଉତ କୁହନ୍ତି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ମହିଳାଙ୍କ ବେକରୁ ସୁନାଚେନ ଝାମ୍ପି ନେଲେ ଦୁର୍ବୃତ୍ତ

**ଚଣ୍ଡିଖୋଲ,୧୭।୬ (ପ୍ରଦୀପ୍ତ କୁମାର ପୃଷ୍ଟି):** ବଡ଼ଚଣା ଥାନା ଧାନମଣ୍ଡଳ ଫାଣ୍ଡି ଅଧୀନ ଧାନମଣ୍ଡଳ ବଜାରରୁ ଶନିବାର ଦିନ ଦ୍ୱିପ୍ରହରରେ ଜଣେ ମହିଳାଙ୍କ ବେକରୁ ସୁନାଚେନ ଝାମ୍ପି ନେଇଛନ୍ତି ଦୁର୍ବୃତ୍ତ। ଏନେଇ ଧାନମଣ୍ଡଳ ଫାଣ୍ଡିରେ ମହିଳାଜଣଙ୍କ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଥାନା ଚଣ୍ଡିତଳ ଗ୍ରାମର ତାପସ ଦାସ ତାଙ୍କ ସ୍ତ୍ରୀ ଓ ପୁଅଙ୍କୁ ବାଇକ୍‌ରେ ବସାଇ ଧାନମଣ୍ଡଳସ୍ଥିତ ସାଇ ମନ୍ଦିରକୁ ପୂର୍ବାହ୍ନ ପ୍ରାୟ ୧୦ଟାରେ ଯାଉଥିଲେ। ଧାନମଣ୍ଡଳ ବଜାରରେ ପୂର୍ବରୁ ଏକ ବାଇକ୍ ଧରି ଠିଆହୋଇଥିବା ୨ ଯୁବକ ସେମାନଙ୍କୁ ପିଛାକରି ମାତ୍ର ୧୦୦ ମିଟର ଦୂରରେ ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଥିଲେ। ଚେନ ଲୁଟ୍ କରିବା ସମୟରେ ମହିଳା ଓ ତାଙ୍କ ପୁଅ ପଡ଼ି ଯାଇଥିଲେ। ତାପସ ସେମାନଙ୍କୁ ଉଠାଇବା ସମୟରେ ଯୁବକଦ୍ୱୟ ଫେରାର ହୋଇଯାଇଥିଲେ। ମହିଳା ଓ ତାଙ୍କ ପୁଅ ଆହତ ହୋଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବାପରେ ଘରକୁ ଫେରିଛନ୍ତି।

# ବିଦ୍ୟୁତ୍ ତଦନ୍ତକାରୀ ଦଳକୁ ଅଟକ ରଖିଲେ ଗ୍ରାମବାସୀ

**ତିର୍ତ୍ତୋଲ, ୧୭।୬ (ଗୌରାଙ୍ଗ ସ୍ୱାଇଁ)**

ତିର୍ତ୍ତୋଲ ବ୍ଲକ ସାମନ୍ତରାପୁର ପଞ୍ଚାୟତର ସାମନ୍ତପୁର ଗ୍ରାମରେ ଅଘୋଷିତ ବିଦ୍ୟୁତ୍ କାଟ ଓ ଲୋ- ଭୋଲଟେଜ ସମସ୍ୟାରେ ଉପଭୋକ୍ତାମାନେ ଉତ୍ତ୍ୟକ୍ତ ହୋଇଯାଇଛନ୍ତି। ଏହି ପଞ୍ଚାୟତର ସାମନ୍ତପୁର ଗ୍ରାମକୁ ଆସିଥିବା ଏକ ବିଦ୍ୟୁତ ତଦନ୍ତକାରୀ ଦଳକୁ ଶନିବାର ସେମାନେ ଅଟକ ରଖିଥିଲେ। ବିଦ୍ୟୁତ ବିଭାଗ ଉଚ୍ଚ ଅଧିକାରୀଙ୍କ ହସ୍ତକ୍ଷେପ ଓ ପ୍ରତିଶ୍ରୁତି ପରେ ସେମାନଙ୍କୁ ଛଡ଼ାଯାଇଛି। ବିଦ୍ୟୁତ ବିଭାଗର ଏକ ତଦନ୍ତକାରୀ ଦଳ ଗ୍ରାମରେ ପହଞ୍ଚିବା ପରେ ବିଦ୍ୟୁତ୍ ଉପଭୋକ୍ତାମାନେ ସେମାନଙ୍କୁ ଲୋ-ଭୋଲ୍‌ଟେଜ ଏବଂ ପାୱାର କଟ ସମ୍ବନ୍ଧରେ ବିଭିନ୍ନ ପ୍ରଶ୍ନ କରିଥିଲେ। ଉକ୍ତ ଦଳ ପକ୍ଷରୁ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଗ୍ରାମବାସୀ ସେମାନଙ୍କୁ ଅଟକ ରଖିଥିଲେ।



ବିଦ୍ୟୁତ୍ ତଦନ୍ତକାରୀ ଦଳକୁ ଗ୍ରାମବାସୀ ବିଭିନ୍ନ ପ୍ରଶ୍ନ ପଚାରୁଛନ୍ତି।

### ଅଘୋଷିତ ବିଦ୍ୟୁତ୍ କାଟ, ଲୋ ଭୋଲ୍‌ଟେଜ ସମସ୍ୟାକୁ ବିରୋଧ

ଉପଭୋକ୍ତାଙ୍କ ଅଭିଯୋଗ ଅନୁଯାୟୀ, ଦିନ ହେଉ କି ରାତିରେ ଟିକେ ପବନ କି ବର୍ଷା ହେଲେ ଲାଇନ କଟାଯାଉଛି। ଗୋଟିଏ ଦିନରେ ସର୍ବାଧିକ ୫ ରୁ ୬ ଘଣ୍ଟା ବିଦ୍ୟୁତ ସରବରାହ ବନ୍ଦ ରହୁଛି। ଗୋଟିଏ ପଟେ ଖରାର ପ୍ରକୋପ ବଢୁଥିବା ବେଳେ ଅନ୍ୟପଟେ ବିଦ୍ୟୁତ ସରବରାହ ବନ୍ଦ ରହିବା ଯୋଗୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତରେ ଏକାଧିକ ସ୍ଥାନରେ ବିଦ୍ୟୁତ ତାର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏଥିପ୍ରତି ଲାଇନ ମ୍ୟାନ ଏବଂ ହେଲପର କେହି ବି ଦୃଷ୍ଟି ଦେଉନାହାନ୍ତି। ଏସମ୍ପର୍କରେ ବାରମ୍ବାର ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରାଗଲେ ମଧ୍ୟ କୌଣସି ଦୃଢ ପଦକ୍ଷେପ ନିଆଯାଉନାହିଁ। ତଦନ୍ତ ଟିମ୍‌କୁ ଅଟକ ରଖାଯାଇଥିବା ଜାଣିବା ପରେ ସରପଞ୍ଚଙ୍କ ପ୍ରତିନିଧି ସୂର୍ଯ୍ୟ ନାରାୟଣ ବେହେରା ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଜନସାଧାରଣଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ପାରାଦୀପସ୍ଥିତ ନିର୍ବାହୀ ଯନ୍ତ୍ରୀ ପ୍ରତାପ ପରିଡ଼ା ସହ ଫୋନ ଯୋଗେ କଥା ହୋଇଥିଲେ। ଉଭୟ ଲାଇନମ୍ୟାନ ଏବଂ ହେଲପରଙ୍କ ବଦଳି ସହ ନୂତନ ଟ୍ରାନ୍ସଫରମର ଯୋଗାଇବା ଦାବି ସମ୍ପର୍କରେ ବିଚାର କରାଯିବ ବୋଲି ପରିଡ଼ା ପ୍ରତିଶ୍ରୁତି ଦେବା ପରେ ବିଦ୍ୟୁତ୍ ତଦନ୍ତକାରୀ ଦଳକୁ ଛାଡ଼ି ଦିଆଯାଇଛି ବୋଲି ସରପଞ୍ଚଙ୍କ ପ୍ରତିନିଧି କହିଛନ୍ତି।

## ପୋଖରୀରୁ ଅଚିହ୍ନା ଯୁବକଙ୍କ ମୃତଦେହ ଜବତ

**ଯାଜପୁର ଟାଉନ,୧୭।୬ (ପ୍ରଯୁକ୍ତା ମହାନ୍ତି)**

ଯାଜପୁର ସହରର କାଳିମେଘା ପୋଖରୀରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ଜବତ କରିଛି ଯାଜପୁର ଟାଉନ ପୋଲିସ। ଶନିବାର କାଳିମେଘା ପୋଖରୀରେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ସମ୍ପୃକ୍ତ ଯୁବକଙ୍କ ବୟସ ୨୨ରୁ୨୪ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମୃତଯୁବକ ଜଣକ କଳାବର୍ଣ୍ଣର ହୋଇଥିବାବେଳେ ସେ ଏକ ଟି-ସାର୍ଟ ଓ ପ୍ୟାଣ୍ଟ ପିନ୍ଧିଥିଲେ। ଯୁବକ ଜଣକ ମଦ ପିଇ ପୋଖରୀରେ ବୁଡିଯାଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ତାଙ୍କ ଶରୀରରେ କୌଣସି କ୍ଷତବିକ୍ଷତ ଚିହ୍ନ ନଥିବା ପୋଲିସ କହିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟଚିକିତ୍ସାଳୟକୁ ପଠାଯାଇଛି। ଏ ସମ୍ପର୍କରେ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ନଂ.୪୦/୨୦୨୩ ରୁଜୁ ହୋଇଛି।

# ବିଜେଡିର ଗୁରୁତ୍ୱପୂର୍ଣ୍ଣ ବୈଠକ: ଜିଲାକୁ ମିଳିବ ନୂଆ ଉପହାର

**ଜଗତ୍‌ସିଂହପୁର, ୧୭।୬ (ପ୍ରମୋଦ କୁମାର ନାୟକ)**

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ରାଜ୍ୟବ୍ୟାପୀ ସାଙ୍ଗଠନିକ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ ପାଇଁ ଉଦ୍ୟମ ଆରମ୍ଭ କରିଛି। ଲୋକଙ୍କୁ ଆକର୍ଷିତ କରିବା ପାଇଁ ନୂଆ ନୂଆ ଯୋଜନା ଓ ପ୍ରକଳ୍ପ ଘୋଷଣା କରାଯାଉଛି। ବିଶେଷକରି ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କ ଆଗମନ ପୂର୍ବରୁ ବିଭିନ୍ନ ଜିଲାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜନ କରାଯାଉଛି। ଏହି କ୍ରମରେ ଶନିବାର ଜଗତ୍‌ସିଂହପୁର ଜିଲା ବିଜେଡି ପକ୍ଷରୁ ଦଳୀୟ କାର୍ଯ୍ୟକାରିଣୀ ବୈଠକ କରାଯାଇଛି। ଏଥିରେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ଉପସ୍ଥିତ ଦଳୀୟ ନେତାମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ଆଗକୁ ଦଳୀୟ କାର୍ଯ୍ୟ କିପରି ଅଧିକ କ୍ରିୟାଶୀଳ ହୋଇପାରିବ ବିଶେଷକରି ୫-ଟି ସଚିବ ଆସିବା ପୂର୍ବରୁ ଜିଲା ପାଇଁ ଆବଶ୍ୟକ ଆଖିଦୃଶିଆ ପ୍ରକଳ୍ପର ତାଲିକା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି। ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ବୈଠକରେ ଦାସଙ୍କ ସମେତ ଦଳର ଜିଲା ପର୍ଯ୍ୟବେକ୍ଷକ ତଥା ପୂର୍ବତନ ମନ୍ତ୍ରୀ ଅରୁଣ ସାହୁ, ସରକାରୀ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ମନ୍ତ୍ରୀ ତଥା ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ, ଦଳର ନୂଆ ଜିଲା ସଭାପତି ରବିନାରାୟଣ ଜେନା, କାର୍ଯ୍ୟକାରୀ ସଭାପତି ଜ୍ୟୋତିଷ ଚନ୍ଦ୍ର ଦାସ, ଏମ୍‌ପି ରାଜଶ୍ରୀ ମଲ୍ଲିକ, ଜିଲା ପରିଷଦ ସଭାପତି ମନୋଜ ଭୋଇ, ଉପସଭାପତି ସୁଜାତା ମହାନ୍ତି, ପୂର୍ବତନ ଏମ୍‌ପି କୁଳମଣି ସାମଲ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଜିଲା ମହିଳା ସଭାନେତ୍ରୀ ସବିତା ମହାପାତ୍ର, ଛାତ୍ର ସଭାପତି ସମ୍ବିତ ଲେଙ୍କା, ଯୁବ ସଭାପତି ସୌମ୍ୟଜିତ ମହାପାତ୍ର, ଜିଲା ପରିଷଦ ସଭ୍ୟାସଭ୍ୟ, ବ୍ଲକ ଅଧକ୍ଷ, ଉପାଧକ୍ଷ, ବ୍ଲକ ସଭାପତି ପ୍ରମୁଖ ଯୋଗଦେଇଥିଲେ।



ବୈଠକରେ ଯୋଗ ଦେଇଥିବା ବିଜେଡି ନେତୃମଣ୍ଡଳୀ।

### ଚଳିତ ମାସରେ ଆସିପାରନ୍ତି ୫-ଟି ସଚିବ

ଏ ସମ୍ପର୍କରେ ବିଧାୟକ ମୁଦୁଲି କହିଛନ୍ତି, ଆଜି ଏକ ଗୁରୁତ୍ୱପୂର୍ଣ୍ଣ କର୍ମଶାଳା ଥିଲା। ଏଥିରେ ଦଳର କ'ଣ ଆଭିମୁଖ୍ୟ ଅଛି, ନିର୍ବାଚନ ପୂର୍ବରୁ ଦଳ କିପରି କ୍ରିୟାଶୀଳ ହେବ ତା' ଉପରେ ଆଲୋଚନା ହୋଇଥିଲା। ଦଳ ଜିଲା ପର୍ଯ୍ୟବେକ୍ଷକ ସାହୁ କହିଛନ୍ତି, ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଓ ଉନ୍ନୟନମୂଳକ ଯୋଜନା ଯେପରି ଲୋକଙ୍କ ପାଖରେ ଠିକ ଭାବେ ପହଞ୍ଚିପାରିବ ତା'ଉପରେ ଗୁରୁତ୍ୱାରୋପ କରାଯାଉଛି। ଜିଲା ପରିଷଦ ସଭାପତି ମନୋଜ ଭୋଇ କହିଛନ୍ତି ଯୁବ, ଛାତ୍ର, ମହିଳା ପ୍ରତ୍ୟେକ ବର୍ଗର ଲୋକଙ୍କୁ ନେଇ ଦଳକୁ ଆହୁରି ସଶକ୍ତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୨୯ ଓ ୩୦ରେ ୫-ଟି ସଚିବଙ୍କ ୨ ଦିନିଆ ଜଗତ୍‌ସିଂହପୁର ଜିଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ତା' ପୂର୍ବରୁ ଏହି ବୈଠକର ଆୟୋଜନ ହୋଇଛି। ୫-ଟି ସଚିବ ୨୯ରେ ସିଆଳି ବେଳାଭୂମି ପରିଦର୍ଶନ କରି ଏହା ପ୍ରତି ଥିବା ବିପଦ ଓ ଉନ୍ନତୀକରଣ ଆଦି ଉପରେ ଅନୁଧ୍ୟାନ କରିବେ। ସେଠାରୁ ଜଗତ୍‌ସିଂହପୁରସ୍ଥିତ ସର୍କିଟ ହାଉସ ଫେରି ରାତ୍ରିଯାପନ କରିବେ। ୩୦ରେ ମା'ସାରଳାଙ୍କ ମନ୍ଦିର ଗସ୍ତ କରିବା ସାଙ୍ଗକୁ ଏହାର ବିକାଶ ପାଇଁ ଦିଆଯାଇଥିବା ଅନୁଦାନର ବିନିଯୋଗ ଉପରେ ସମୀକ୍ଷା କରିବେ। ତା'ପରେ ଗୋରେଖନାଥ, ବିରିଡ଼ି ପଞ୍ଚସଖା ପୀଠ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ଯିବାର କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଡିଟୋରିୟମ ଓ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଯୁବ, ଛାତ୍ରଙ୍କୁ ନେଇ ବୈଠକ କରିବାର କାର୍ଯ୍ୟକ୍ରମ ଥିବା କୁହାଯାଉଛି।

## ରଜ ଏକ କୃଷିଭିତ୍ତିକ ମହାନ୍ ପର୍ବ

**ବିରିଡି,୧୭।୬ (ପ୍ରଶାନ୍ତ କୁମାର ରାଉତ)**

ରଜ ଏକ ଏକ କୃଷିଭିତ୍ତିକ ପର୍ବ। ଏହି ସମୟରେ ମାଟିମା' ରଜବତୀ ହୋଇଥାଏ। ତେଣୁ ଓଡ଼ିଶାର ପୂର ପଲ୍ଲୀରେ ରଜକୁ ସ୍ୱତନ୍ତ୍ର ଭାବେ ପାଳନ କରାଯାଏ। ୨୨ ମୌଜା ମହିନ୍ଦିପୁର ଜନାର୍ଦ୍ଦନ ଶିଶୁ ଉଦ୍ୟାନ ଓ ପାଠାଗାର କମିଟି ପକ୍ଷରୁ ରଜ ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିମାନେ ଏଭଳି କହିଥିଲେ। ଡା. ଶ୍ରୀକୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଡ. ମିନତୀ ବେହେରା ମହିଳା କମିଶନ, ମୁଖ୍ୟବକ୍ତା ପଞ୍ଚାୟତିରାଜ ବିଭାଗ ସ୍ୱତନ୍ତ୍ର ସଚିବ ସତ୍ୟନାରାୟଣ ଦାଶ, ସମ୍ମାନିତ ଅତିଥି ଭାବେ ତହସିଲଦାର ସହଦେବ ସାହୁ, ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା ଯୋଗଦେଇଥିଲେ । ଅନୁଷ୍ଠାନର ସଭାପତି ଡା. ଶୁଭ ଦାଶ, ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ସହ ଅନୁଷ୍ଠାନର ସମସ୍ତ ସଦସ୍ୟ ଏଥିରେ ଉପସ୍ଥିତ ଥିଲେ । ତିନିଦିନ ବ୍ୟାପି ଚାଲିଥିବା ଏହି ମହୋତ୍ସବରେ ମୁରୁଜ, ଗୁରୁଣ୍ଡା, ମ୍ୟୁଜିକ୍ ଚେୟାର, ଦଉଡି ଡିଆଁ ଓ ନୃତ୍ୟ ଆଦି ପ୍ରତିଯୋଗିତା କରାଯାଇଥିଲା। ବିଚାରକ ଭାବେ ହାସ୍ୟ ଅଭିନେତା ଜୟୀରାମ ସାମଲ, ସିନେ ପ୍ରଯୋଜକ ସାନଲିସା ପାଟିଲ, ଖଳ ଅଭିନେତା ଡିସ୍କୋ ରେଡି ଯୋଗଦେଇଥିଲେ। ଏହିଅବସରରେ ପଣ୍ଡିତ ନିତ୍ୟାନନ୍ଦ ନନ୍ଦ, ଶିକ୍ଷକ ଲିଙ୍ଗରାଜ ମିଶ୍ର, ବନବିଭାଗ ଅଧିକାରୀ ମାନସ ରଞ୍ଜନ ଦାସ, ଖବରଦାତା ସ୍ମୃତିରଞ୍ଜନ ବେହେରା, ସାହିତ୍ୟିକ ଗୌର ପ୍ରିୟ ଦାଶ, ଆଇନଜୀବୀ ଅଭିଳାଷ ପଣ୍ଡା, ଛାତ୍ରୀ ସୁମନ ସୁଚିସ୍ମିତା ମୁଦୁଲି, ଛାତ୍ରୀ ସାଇଲିପ୍ସା ପ୍ରଧାନ ଓ କ୍ଷିରବ୍ଧିତନୟା ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଡା. ଶୁଭ ଦାଶ ଧନ୍ୟବାଦ ଦେଇଥିଲେ।

## ଜେଏସ୍‌ଡବ୍ଲ୍ୟୁର ରଜ ଉତ୍ସବ




ରଜ ଉତ୍ସବରେ ଯୋଗଦେଇଥିବା ଯୁବତୀମାନେ।

**କୁଜଙ୍ଗ, ୧୭।୬ (ମନୋଜ ପ୍ରଧାନ)**

ପାରାଦୀପସ୍ଥିତ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ରଜପର୍ବ ପାଳିତ ହୋଇଯାଇଛି । ୩ ଦିନ ବ୍ୟାପୀ ଏହି ଉତ୍ସବ କମ୍ପାନୀର କାର୍ଯ୍ୟାଳୟ ସମେତ ପ୍ରସ୍ତାବିତ ଅଞ୍ଚଳରେ ପାଳିତ ହୋଇଯାଇଛି। ପ୍ରଥମ ରଜରେ ନୂଆଗାଁସ୍ଥିତ ସିଦ୍ଧ ଗୁମ୍ଫାଠାରେ ଏକ ଫଟୋ ଜୋନ ଷ୍ଟଲ ଖୋଲାଯାଇଥିଲା। ଏଥିରେ ୩ ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳରୁ ଆସିଥିବା ଝିଅବୋହୂମାନେ ଭାଗ ନେଇ ଫୋଟୋ ଉଠାଇଥିଲେ । କିଛି ସମୟ ପରେ ଉକ୍ତ ଫଟୋକୁ ଫ୍ରେମ ଦ୍ୱାରା ବନ୍ଧେଇ କରାଯାଇ ସେମାନଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ପାରାଦୀପସ୍ଥିତ କମ୍ପାନୀ କାର୍ଯ୍ୟାଳୟ ପରିସରରେ ମିଉଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ଯ୍ୟାଳୟର ସମସ୍ତ ମହିଳା କର୍ମଚାରୀ ଭାଗ ନେଇଥିଲେ। ରଜର ଦ୍ୱିତୀୟ ଦିନରେ ଫ୍ୟାଶନ ସୋ କରାଯାଇଥିଲା। ଏଥିରେ ୬ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଶେଷ ରଜ ଦିନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ବିଜୟୀ ପ୍ରତିଯୋଗୀଙ୍କୁ କମ୍ପାନୀ ପକ୍ଷରୁ ପୁରସ୍କୃତ କରାଯାଇଥିବା ବେଳେ ଝିଅମାନଙ୍କୁ ପୋଡପିଠା, କାକରା ଓ ମିଠା ଆଦି ଖାଇବାକୁ ଦିଆଯାଇଥିଲା । ଜେଏସ୍‌ଡବ୍ଲ୍ୟୁର ସଭାପତି ତଥା ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଅନିଲ ସିଂଙ୍କ ତତ୍ତ୍ୱାବଧାନରେ ଏହି ରଜ ପର୍ବ ପାଳନ କରାଯାଇଥିଲ । ଏହି କାର୍ଯ୍ୟକ୍ରମକୁ କମ୍ପାନୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନ ପରିଚାଳନା କରିଥିଲେ ।

## ବଟ ମହାପୁରୁଷ ରଜ ମହୋତ୍ସବ: ଆଙ୍କାକ୍ଷା ରଜ କୁଇନ୍ ଚାମ୍ପିୟନ

**ତିର୍ତ୍ତୋଲ,୧୭।୬ (ଗୌରାଙ୍ଗ ସ୍ୱାଇଁ)**

ତିର୍ତ୍ତୋଲ ବ୍ଲକ ବୋଧେଇ ପଞ୍ଚାୟତ ଗୋପାଳପୁର ଗ୍ରାମ ବଟମହାପୁରୁଷ ପୀଠରେ ୩ ଦିନ ଧରି ଚାଲିଥିବା ବଟ ମହାପୁରୁଷ ରଜ ମହୋତ୍ସବ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମହୋତ୍ସବ କମିଟି ସଭାପତି ତପନ କୁମାର ଯୋଗଣିଆ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା ଯୋଗଦେଇ ରଜ ପର୍ବ ସମ୍ପର୍କରେ ବକ୍ତବ୍ୟ ଦେବା ସହ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ତଥା ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ ଜସ୍ମିନ ଆଚାର୍ଯ୍ୟ, ସମିତି ସଭ୍ୟ ଶିବ ପ୍ରସାଦ ସାହୁ, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ପରିଜା, ମହୋତ୍ସବ କମିଟି ସମ୍ପାଦକ ବିଶ୍ୱଜିତ ବସ୍ତିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଆୟୋଜିତ ରଜ କୁଇନ ପ୍ରତିଯୋଗିତାରେ ଆଙ୍କାକ୍ଷା ସ୍ୱାଇଁ ଚାମ୍ପିୟନ, ରନର୍ସ ଅପ୍ ଭାବେ ପ୍ରଭାସିନୀ ବିଶ୍ୱାଳ ଏବଂ ରାଜଲକ୍ଷ୍ମୀ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଥିଲେ। ରଜ ପର୍ବ ଉପଲକ୍ଷେ ବିଭିନ୍ନ ଦିନରେ ଅନୁଷ୍ଠିତ ପ୍ରତିଯୋଗିତାର ବିଜେତାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରକାଶ କାଣ୍ଡି, ଦିନବନ୍ଧୁ ବେଉରା, ମନୋଜ ଖଟୁଆ, ସତ୍ୟଜିତ ବସ୍ତିଆ ପ୍ରମୁଖ ପରିଚାଳନା କରିଥିଲେ।

# ମହିଳା କର୍ମଚାରୀଙ୍କୁ ମିଳିବ କ୍ରେଚ୍ ସୁବିଧା

**ଜଗତ୍‌ସିଂହପୁର,୧୭।୬ (ପ୍ରମୋଦ କୁମାର ନାୟକ)**

- ୬ ମାସରୁ ୬ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଛଡ଼ାଯାଇ ପାରିବ
- ସକାଳ ୯ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିବ

ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟରେ କାର୍ଯ୍ୟରତ ସରକାରୀ ମହିଳା କର୍ମଚାରୀଙ୍କ ପାଇଁ ଖୁବ୍‌ଶୀଘ୍ର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କ୍ରେଚ୍ (ଦିନବେଳା ଶିଶୁମାନଙ୍କ ଦେଖାଶୁଣା ପାଇଁ ଗୃହ) ସୁବିଧା ହେବାକୁ ଯାଉଛି। ଛୋଟ ପିଲାଙ୍କୁ ଘରେ ଛାଡି ମହିଳା କର୍ମଚାରୀମାନେ କର୍ମକ୍ଷେତ୍ରରେ ଯେଉଁ ଅସୁବିଧାରେ ସମ୍ମୁଖୀନ ହେଉଥିଲେ ଏଣିକି ଆଉ ସେଭଳି ହେବନାହିଁ । ମା'ମାନେ ସେମାନଙ୍କ ପିଲାଙ୍କୁ (୬ ମାସରୁ ୬ ବର୍ଷର) ସରକାରୀ କାର୍ଯ୍ୟ ଦିବସରେ ସକାଳ ୯ରୁ ରାତି ୭ଟା ପର୍ଯ୍ୟନ୍ତ ଏହି କ୍ରେଚ୍‌ରେ ସୁରକ୍ଷିତ ଭାବେ ଛାଡି ନିଧଡକରେ କାମ କରିପାରିବେ। ଏହି ଖବର ଜିଲା ମୁଖ୍ୟାଳୟରେ କାର୍ଯ୍ୟରତ ସରକାରୀ ମହିଳା କର୍ମଚାରୀଙ୍କୁ ଆଶ୍ୱସ୍ତ କରିବ ବୋଲି ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କ୍ରେଚ୍‌ଟି ଜିଲାପାଳଙ୍କ କାର୍ଯ୍ୟାଳୟ ବିଲ୍ଡିଂର ପ୍ରଥମ ମହଲାରେ କରାଯିବ। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ।

ରାଜ୍ୟ ସରକାର ଲୋକସେବା ଭବନରେ ମହିଳା କର୍ମଚାରୀଙ୍କ ସୁବିଧା ପାଇଁ ପ୍ରଥମ କରି କ୍ରେଚ୍ ସୁବିଧା କରିଛନ୍ତି। ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ବିଜ୍ଞପ୍ତି ଅନୁଯାୟୀ ଯେଉଁମାନଙ୍କ ବୟସ ୬ ମାସରୁ ୬ ବର୍ଷ ହୋଇଥିବ ସେମାନଙ୍କୁ ଏହି କ୍ରେଚ୍‌ରେ ରହିବାକୁ ସୁବିଧା ମିଳିବ। ବିଶେଷକରି ୬ ମାସରୁ ୩ ବର୍ଷର ପିଲାଙ୍କୁ ପ୍ରାଥମିକତା ଦିଆଯିବ। ଅଭିଭାବକମାନେ ନାମ ପଞ୍ଜୀକରଣ ପାଇଁ ୨୦୦୦ ଟଙ୍କା ଦେବେ। ତା'ପରେ ପ୍ରତି ମାସରେ ୧୫୦୦ ଟଙ୍କା ହିସାବରେ ଦେୟ ପୈଠ କରିବାକୁ ହେବ। ସରକାରୀ ନିଷ୍ପତ୍ତି ଅନୁଯାୟୀ ଏଠାରେ ଶିଶୁଙ୍କ ଲାଳନପାଳନ, ଯତ୍ନ ସାଙ୍ଗକୁ ସ୍ୱାସ୍ଥ୍ୟରକ୍ଷା ଉପରେ ଗୁରୁତ୍ୱ ଦିଆଯିବ। ପିଲାଙ୍କ ମାନସିକ ଉନ୍ନତି ପାଇଁ ବୟସ ଅନୁଯାୟୀ କାର୍ଯ୍ୟକ୍ରମ କରାଯିବ। ଉତ୍ତମ ପରିବେଶ ଯୋଗାଇ ଦିଆଯିବ। ଏ ନେଇ ଉତ୍ତମ ତାଲିମପ୍ରାପ୍ତ କ୍ରେଚ୍ ସହାୟିକା ନିଯୁକ୍ତି ପାଇବେ । ଯେଉଁମାନେ ଶିଶୁମାନଙ୍କୁ ଏକତ୍ର ଭାବ ପରିବେଶ ଯୋଗାଇବା ସଙ୍ଗେ ସଙ୍ଗେ ସହାନୁଭୂତିଶୀଳ ହୋଇଥିବେ । ତେବେ କ୍ରେଚ୍ ଶୀତତାପ ନିୟନ୍ତ୍ରିତ ରହିବ । ଏହାର ପରିସରରେ ଖାଇବା, ପିଇବା, ଶୋଇବା ଓ ଖେଳିବା ପାଇଁ ଅନେକ ସୁବିଧା ସୁଯୋଗ ରହିବ । ମା'ମାନେ ମଧ ଯେ କୌଣସି ସମୟରେ କ୍ରେଚ୍‌ରେ ପହଞ୍ଚି ପିଲାଙ୍କୁ ଦେଖିବା ସାଙ୍ଗକୁ ସ୍ତନ୍ୟପାନ କରାଇପାରିବେ । ଏହି ଆଧାରରେ ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ବିଲ୍ଡିଂରେ ପ୍ରାଥମିକ ପର୍ଯ୍ୟାୟରେ ୧୦ ଜଣ ଶିଶୁ ରହିବା ଭଳି କ୍ରେଚ୍ କରାଯିବ । ଏ ସମ୍ପର୍କରେ ଜିଲା ସମାଜ ମଙ୍ଗଳ ଅଧିକାରୀ ମିନତୀ ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି କ୍ରେଚ୍‌ରେ ଜଣେ ସହାୟିକା ଓ ଜଣେ ସୁପରଭାଇଜର ରହିବେ । ଏହାବାଦ୍ ଅନ୍ୟ ସରକାରୀ କର୍ମଚାରୀ ମଝିରେ ଆସି ଅନୁଧ୍ୟାନ କରିବେ । ଏବେ କ୍ରେଚ୍ କୋଠରି କାମ ଆରମ୍ଭ ହେବାକୁ ଯାଉଛି । ଏଥିରେ ଖାଇବା ଓ ରୋଷେଇ କୋଠରି ମଧ୍ୟ ରହିବ । ଜିଲା ମୁଖ୍ୟାଳୟରେ କାର୍ଯ୍ୟରତ ସମସ୍ତ ସରକାରୀ ମହିଳା କର୍ମଚାରୀଙ୍କ ପିଲାମାନେ ଏହି କ୍ରେଚ୍‌ର ସୁବିଧା ହାତେଇ ପାରିବେ ବୋଲି କହିଛନ୍ତି ।




ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ

ସୂଚନାଯୋଗ୍ୟ, ମାନବାଧିକାର କର୍ମୀ ବିଜୟ କୁମାର ପଣ୍ଡା, ଗୋଲେଖ ପ୍ରସାଦ ନାୟକ, ଶୁଭାଶିଷ ପଣ୍ଡା, ପ୍ରକାଶ ଚନ୍ଦ୍ର ଦାସ ଓ ବିଶ୍ୱପ୍ରିୟ କାନୁନ୍‌ଗୋ ସରକାରୀ ମହିଳା କର୍ମଚାରୀଙ୍କ ପାଇଁ କ୍ରେଚ୍ କରାଯିବା ଉପରେ ୨୦୧୯ରେ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆରସି)ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେମାନେ ପିଟିଶନ୍‌ରେ ଦର୍ଶାଇଥିଲେ ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କ ପ୍ରତି ଏହି ସୁବିଧା ଉପଲବ୍ଧ ହେଉନାହିଁ । ତେଣୁ କମିଶନ ସରକାରଙ୍କୁ ମହିଳା କର୍ମଚାରୀଙ୍କ ଶିଶୁମାନଙ୍କ ପାଇଁ ରାଜ୍ୟ ସଚିବାଳୟ ବିଲ୍ଡିଂ, ହେଡ୍ସ ଅଫ ଡିପାର୍ଟମେଣ୍ଟ ବିଲଡିଂ, ତୋଷାଳି ଭବନ ସମେତ ଅନ୍ୟ କାର୍ଯ୍ୟାଳୟରେ ଉପରୋକ୍ତ ସୁବିଧା ଯୋଗାଇବା ପାଇଁ ପଦକ୍ଷେପ ନିଅନ୍ତୁ । ଏହା ଉପରେ ଓଏଚ୍‌ଆର୍‌ସି ୨୦୨୨ ମାର୍ଚ୍ଚରେ ରାଜ୍ୟ ସରକାରଙ୍କୁ ମହିଳା କର୍ମଚାରୀଙ୍କ ଶିଶୁଙ୍କ ପାଇଁ କ୍ରେଚ୍ ସୁବିଧା କରାଇବାକୁ ନେଇ ପ୍ରଶ୍ନ କରିଥିଲେ। ଏହି ସୁବିଧା ୫୦ରୁ ଅଧିକ ମହିଳା କାମ କରୁଥିବା କାର୍ଯ୍ୟାଳୟ ପାଇଁ ପ୍ରଯୁଜ୍ୟ । ଓଏଚ୍‌ଆର୍‌ସି ପକ୍ଷରୁ ଜଷ୍ଟିସ୍ ବିଜୟକ୍ରିଷ୍ଣ ପଟେଲ, ସଭ୍ୟ ଜଷ୍ଟିସ୍ ରଘୁବୀର ଦାସ ଏବଂ ଅସିମ ଅମିତାଭ ଦାସଙ୍କ ନେତୃତ୍ୱରେ ବସିଥିବା ପୂର୍ଣ୍ଣ ବେଞ୍ଚ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ଶିଶୁ ଉନ୍ନୟନ ବିଭାଗ ସଚିବଙ୍କୁ ୬ ମାସ ଭିତରେ କ୍ରେଚ୍ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଆଜି କ'ଣ କେଉଁଠି

ସୋରଡ଼ା
- ତାଲୁକା ରଜତ ସମାଜ ବାର୍ଷିକ ସମାରୋହ। ସ୍ଥାନ –ପଞ୍ଚାନନ ମନ୍ଦିର, ସମୟ –ସକାଳ ୯ଟା।

## ଯୁବକଙ୍କୁ ଆକ୍ରମଣ କରି ୨ ଗିରଫ

ବୁଗୁଡ଼ା,୧୭।୬(କାଳୀଚରଣ ଦାଶ): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଖରିଡ଼ା ଗ୍ରାମର ଜଣେ ଯୁବକଙ୍କୁ ବୋତଲରେ ଆକ୍ରମଣ କରିବା ଅଭିଯୋଗରେ ବାଲିପଦର ଫାଣ୍ଡି ପୋଲିସ ଶନିବାର ୨ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖରିଡ଼ା ଗ୍ରାମର ଅକ୍ଷୟ ସ୍ୱାଇଁ ଓ ରଞ୍ଜନ ଭୂୟାଁ। ପୂର୍ବରୁ ଏକ ବାହାଘର ଉତ୍ସବରେ ଖରିଡ଼ା ଗ୍ରାମର ବିନୋଦ ବିଷୋୟୀଙ୍କ ସହ ଅକ୍ଷୟ ଓ ରଞ୍ଜନଙ୍କ ଗଣ୍ଡଗୋଳ ହୋଇଥିଲା। ଶୁକ୍ରବାର ରାତିରେ ଏକତାଳ ଗାଁର ଏକ ଜାଗାରେ ବସି ଅକ୍ଷୟ ଓ ରଞ୍ଜନ ମଦ୍ୟପାନର ଆସର ଜମାଇ ଜମିଜମା ବିଷୟରେ ଆଲୋଚନା କରୁଥିଲେ। ଏହି ସମୟରେ ବିନୋଦ ଯାଇ ସେଠାରେ ପହଞ୍ଚିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବିନୋଦଙ୍କ ସହ ଅକ୍ଷୟ ଓ ରଞ୍ଜନଙ୍କର ଯୁକ୍ତିତର୍କ ହୋଇଥିଲା। ଏଥିରେ ରାଗି ଯାଇ ଅକ୍ଷୟ ଓ ରଞ୍ଜନ ବିୟର୍ ବୋତଲରେ ବିନୋଦଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ବିନୋଦଙ୍କ ମୁଣ୍ଡ ଫାଟି ଯାଇଥିଲା ଏବଂ ସେ ବାଲିପଦର ମେଡିକାଲରେ ଚିକିତ୍ସିତ ହୋଇ ଫାଣ୍ଡିରେ ଉଭୟଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏ ନେଇ ବୁଗୁଡ଼ା ଥାନାରେ ନଂ. ୪୨୫/୨୩ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି।

## ଜୁଆ ଆଡ୍ଡାରେ ଚଢ଼ାଉ, ୭ ଗିରଫ

ଖଲ୍ଲିକୋଟ,୧୭।୬(ପ୍ରଶାନ୍ତ ମିଶ୍ର): ଖଲ୍ଲିକୋଟ ଥାନା ମୋହନପୁର ଗ୍ରାମ ନିକଟରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଶୁକ୍ରବାର ରାତିରେ ପୋଲିସ ଚଢ଼ାଉ କରି ନଗଦ ୧୦ ହଜାର ୫୦୦ ଟଙ୍କା ଜବତ କରିବା ସହ ୭ ଜଣଙ୍କୁ ଗିରଫ କରିଛି। ରାତିରେ ଖଲ୍ଲିକୋଟ ଥାନା ମୋହନପୁର ଗ୍ରାମ ନିକଟରେ ଜୁଆ ଖେଳ ଚାଲିଥିବା ଖବର ପାଇ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ପୋଲିସ କର୍ମଚାରୀ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲେ।

## ପୋଖରୀରେ ବୁଡ଼ି ଯୁବକ ମୃତ

ଛତ୍ରପୁର,୧୭।୬(ସନ୍ତୋଷ ପାଢ଼ୀ ): ଛତ୍ରପୁର ବ୍ଲକ ଅଗସ୍ତିନୂଆଗାଁ ଗ୍ରାମ ବଡ଼ବନ୍ଧରେ ବୁଡ଼ି ଗ୍ରାମର କପିଳ ନାହାକ (୩୬)ଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ପୋଖରୀରେ ଗାଧୋଉଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। କିଛି ସମୟ ପରେ ଗ୍ରାମର କେତେଜଣ ପୋଖରୀରୁ ତାଙ୍କୁ ଉଦ୍ଧାର କରି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଶନିବାର ପୂର୍ବାହ୍ନରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କପିଳଙ୍କ ମୃତଦେହକୁ ବ୍ୟବଚ୍ଛେଦ ପରେ ଗ୍ରାମକୁ ଅଣାଯାଇ ଋଷିକୁଲ୍ୟା ତଟରେ ଅନ୍ତିମ ସଂସ୍କାର କରାଯାଇଥିଲା।

## ବାଇକ ଅଛି ପୁରୁଷୋତ୍ତମପୁରରେ ରାୟଗଡାରେ କଟିଲା ଚାଲାଣ




ପୁରୁଷୋତ୍ତମପୁର, ୧୭।୬ (ସୀମାଞ୍ଚଳ ମିଶ୍ର): ପରିବହନ ବିଭାଗ କିଭଳି ଲୋକଙ୍କୁ ଠକି ଚାଲାଣ କାଟି ଶୋଷଣ କରୁଛି ତାହାର ଏକ ଉଦାହରଣ ଗଞ୍ଜାମ ଜିଲା ପୁରୁଷୋତ୍ତମପୁରରେ ଦେଖିବାକୁ ମିଳିଛି। ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍ଏସିର ସ୍ୱପ୍ନେଶ୍ୱର ବିହାରର ପ୍ରକାଶ କୁମାର ସାହୁଙ୍କ ବାଇକ୍ (ନଂ ଓଡି୦୭ କେ ୦୨୨୯) ଗତ ୬ ତାରିଖରେ ପୁରୁଷୋତ୍ତମପୁରରେ ଥିବାବେଳେ ଏହା ରାୟଗଡା ଜିଲାର ଅଙ୍କାବାଡିଠାରେ ରାୟଗଡାର ଅତିରିକ୍ତ ପରିବହନ ଅଧିକାରୀ ଦାସ ପ୍ରଭାସ କୁମାର ବଗାଲ ଓଏମଭିଡି କନ୍ଷ୍ଟେବଲ୍ ବିଜୟ କୁମାର ବେହେରା ସାକ୍ଷୀଙ୍କ ଉପସ୍ଥିତିରେ ଯାଞ୍ଚ କରି ଦ୍ରୁତଗତିରେ ଗାଡିଚାଳନା ଓ ଡ୍ରାଇଭିଂ ଲାଇସେନ୍ସ ନ ଥିବା ଦର୍ଶାଇ ୭ ହଜାର ଟଙ୍କାର ଚାଲାଣ କାଟିଛନ୍ତି । ଏହି ଚାଲାଣର ମେସେଜ ପ୍ରକାଶଙ୍କ ମୋବାଇଲ ଫୋନକୁ ଆସିବାରୁ ସେ ଚିନ୍ତାରେ ପଡିଛନ୍ତି। ଏ ନେଇ ସେ ପୁରୁଷୋତ୍ତମପୁର ପୋଲିସରେ ଜଣାଇଛନ୍ତି। ଏଭଳି କାର୍ଯ୍ୟକରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଅଦାଲତର ଆଶ୍ରୟନେବେ ବୋଲି ପ୍ରକାଶ କହିଛନ୍ତି।

# ଆନ୍ଧ୍ର ବିହନ ଉପରେ ନିର୍ଭର ଗଜପତି ଚାଷୀ

## ଆବଶ୍ୟକତା ଠାରୁ କମ୍ ଯୋଗାଉଛି ନିଗମ, ସବସିଡରୁ ବଞ୍ଚିତ

ପାରଳାଖେମୁଣ୍ଡି (ଗିରିଧାରୀ ପରିଚ୍ଛା), ୧୭।୬



ଗଜପତି ଜିଲାର ଅଧାରୁ ଅଧିକ ଚାଷୀ ଆନ୍ଧ୍ରପ୍ରଦେଶର ଧାନ ବିହନ ଉପରେ ନିର୍ଭର କରୁଛନ୍ତି। ପ୍ରତ୍ୟେକ ବର୍ଷ ଓଡ଼ିଶା ପକ୍ଷରୁ ଯେତିକି ବିହନ ଯୋଗାଯାଉଛି ତାହା ଆବଶ୍ୟକତାର ଅଧା ହୋଇଥିବା ବେଳେ ଓଡ଼ିଶାର ଧାନ ବିହନରେ ଶତ ପ୍ରତିଶତ ଶୁଦ୍ଧତା ରହୁ ନ ଥିବା ଅନେକ ଚାଷୀ ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷରେ ବାହାର ରାଜ୍ୟର ଘରୋଇ ବିହନ କିଣୁଥିବାରୁ ଜିଲାର ଚାଷୀମାନେ ସବସିଡ ପାଇବାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି।

ଚଳିତ ଖରିଫ ଋତୁରେ ଗଜପତି ଜିଲାରେ ମୋଟ ୨୯ ହଜାର ହେକ୍ଟର ଜମିରେ ଧାନ ଚାଷ ହେବ। ଆଉ କିଛି ଦିନ ପରେ ମୌସୁମୀ ଆସିବା ପରେ ଚାଷୀମାନେ ଧାନ ତଳି ପକାଇବା ସହ ଧାନ ବୁଣି ଚାଷ କାର୍ଯ୍ୟ ଆରମ୍ଭ କରିବେ। ସେହିକ୍ରମରେ ଚାଷୀଙ୍କୁ ସବସିଡରେ ଧାନ ବିହନ ଯୋଗାଇବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ବ୍ୟବସ୍ଥା ହୋଇଛି। ଗଜପତି ଜିଲାରେ ୧୫ ହଜାରରୁ ଅଧିକ ପଞ୍ଜୀକୃତ ଚାଷୀ ରହିଛନ୍ତି। ଚଳିତବର୍ଷ ରାଜ୍ୟ ବିହନ ନିଗମ ଲିମିଟେଡ ପକ୍ଷରୁ ଏହି ଜିଲାର ଚାଷୀଙ୍କ ପାଇଁ ୭ ହଜାର କୁଇଣ୍ଟାଲ ବିହନ ଯୋଗାଇବାକୁ ଯୋଜନା ହୋଇଛି। ଏଥିପାଇଁ ଜିଲାର ବିଭିନ୍ନ ସହର ଓ ବ୍ଲକରେ ଥିବା ୫୦ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ଓ ୩୪ଟି ଘରୋଇ ବିହନ ବିକ୍ରୟ କେନ୍ଦ୍ରରେ ପ୍ରାଥମିକ ପର୍ଯ୍ୟାୟରେ ୩୮୦୦ କୁଇଣ୍ଟାଲ ବିହନ ଉପଲବ୍ଧ କରାଯାଇଥିବା ବେଳେ ୩୩୬୩ କୁଇଣ୍ଟାଲ ବିହନ ଗୋଦାମରେ ମହଜୁଦ ରହିଛି । ନିଗମ ପକ୍ଷରୁ ଓଡ଼ିଶାର ଚାଷୀଙ୍କୁ ସ୍ୱର୍ଣ୍ଣ ସବ–୧, ପୂଜା, ଏମଟିୟୁ–୧୦୭୫, ଏମଟିୟୁ–୧୦୬୪, ଏମଟିୟୁ–୨୫୩୭, ଏମଟିୟୁ–୧୦୬୭, ଏମଟିୟୁ–୭୦୨୯, ଆରଜିଏଲ–୨୫୩୭ ଭଳି ବିଭିନ୍ନ କିସମର ବିହନ ଯୋଗାଯାଉଛି। ପଞ୍ଜିକୃତ ଚାଷୀମାନେ ନିକଟସ୍ଥ ବିହନ ବିକ୍ରୟ କେନ୍ଦ୍ରକୁ ଯାଇ ୧ କୁଇଣ୍ଟାଲ ଧାନ ବିହନ ପିଛା ୩୬୫୦ ଟଙ୍କା ପଇଠ କରି ବିହନ କିଣୁଛନ୍ତି। ପରବର୍ତ୍ତୀ ସମୟରେ ଚାଷୀଙ୍କୁ ବ୍ୟାଙ୍କ ଆକାଉଣ୍ଟକୁ ୧୫୦୦ ନତୁବା ୧୨୫୦ ଟଙ୍କା ସବସିଡ ଆସୁଛି। ତେବେ ଓଡିଶା ସରକାରଙ୍କ ପକ୍ଷରୁ ଉପରୋକ୍ତ କିସମର ବିହନ ଯୋଗାଯାଉଥିଲେ ମଧ୍ୟ ଓଡ଼ିଶାର ବିହନରେ ଶତ ପ୍ରତିଶତ ଶୁଦ୍ଧତା ରହୁନଥିବା ଅଭିଯୋଗ କରିଛନ୍ତି ଚାଷୀ। ଫଳରେ ଚାଷୀମାନେ ଆନ୍ଧ୍ରପ୍ରଦେଶର ବିଭିନ୍ନ ଘରୋଇ କମ୍ପାନୀ ପକ୍ଷରୁ ପ୍ରସ୍ତୁତ ହାଇବ୍ରିଡ ବିହନ ଉପରେ ନିର୍ଭର କରୁଛନ୍ତି। କୃଷକ ନେତା ସୂର୍ଯ୍ୟନାରାୟଣ ପଟ୍ଟନାୟକଙ୍କ ଅଭିଯୋଗ ପ୍ରକାରେ ଗଜପତି ଜିଲାରେ ପାଖାପାଖି ୧୬ ହଜାର ଚାଷୀ ରହିଥିବା ଏହି ଚାଷୀଙ୍କ ପାଇଁ ୧୫ ହଜାର କୁଇଣ୍ଟାଲ ଧାନ ବିହନ ଆବଶ୍ୟକ ହୋଇଥାଏ। ହେଲେ ରାଜ୍ୟ ସରକାର ଏହି ଜିଲା ପାଇଁ ମାତ୍ର ୭ ହଜାର କୁଇଣ୍ଟାଲ ବିହନ ଯୋଗାଉଥିବାରୁ ତାହା ଯଥେଷ୍ଟ ନୁହେଁ। ଫଳରେ ଏହି ଜିଲାର ଚାଷୀମାନେ ଆନ୍ଧ୍ରପ୍ରଦେଶର ବିହନ ଉପରେ ନିର୍ଭର କରିବାକୁ ବାଧ୍ୟ ହୋଇଥାନ୍ତି। ସେହିପରି ଓଡ଼ିଶା ସରକାରଙ୍କ ପକ୍ଷରୁ ଯୋଗାଣ ହେଉଥିବା ବିହନ ବୁଣିବା ଦ୍ୱାରା ସେଥିରେ ବାଲୁଙ୍ଗା ସହ ଆନ୍ୟାନ୍ୟ ସମସ୍ୟା ଦେଖା ଦେଉଥିବାରୁ ଚାଷୀମାନେ ସବସିଡ ଟଙ୍କାକୁ ଛାଡି ଆନ୍ଧ୍ରର ଘରୋଇ କମ୍ପାନୀ ପକ୍ଷରୁ ପ୍ରସ୍ତୁତ ବିହନ ଉପରେ ଭରସା କରୁଛନ୍ତି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଏହା ଦ୍ୱାରା ଅନେକ ପଞ୍ଜିକୃତ ଚାଷୀ ରାଜ୍ୟ ସରକାରଙ୍କ ସବସିଡ ଟଙ୍କା ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ରାଜ୍ୟ ସରକାର ୧୦୦ ପ୍ରତିଶତ ଶୁଦ୍ଧତା ଥିବା ବିହନ ଯୋଗାଣ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ଆଇରେନିୟସ ପ୍ରଧାନଙ୍କୁ ପଚରାଯିବାରେ ସେ କହିଛନ୍ତି, ଜିଲାର ଅଧିକାଂଶ ଚାଷୀ ସରକାରଙ୍କ ପକ୍ଷରୁ ଯୋଗାଣ ହେଉଥିବା ବିହନ ବ୍ୟବହାର କରୁଥିବା ବେଳେ କିଛି ଚାଷୀ ନିଜ ଦ୍ୱାରା ସଂରକ୍ଷିତ ବିହନ ବ୍ୟବହାର କରୁଛନ୍ତି। ଯେହେତୁ ସୀମାନ୍ତ ଅଞ୍ଚଳ, ତେଣୁ ଅଳ୍ପ କିଛି ଚାଷୀ ନିଜ ସୁବିଧା ଓ ଇଚ୍ଛା ମୁତାବକ ଆନ୍ଧ୍ରର ଘରୋଇ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଧାନ ବିହନ ବ୍ୟବହାର କରୁଥାଇପାରନ୍ତି।

## ଗେଲ୍‌ର ମନମୁଖି କାରବାର, ଚାଷୀ ଅସନ୍ତୁଷ୍ଟ

କାଶୀନଗର,୧୭।୬ (ଟି. କ୍ରିଷ୍ଣା ରାଓ)

ଗ୍ୟାସ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ଼ (ଗେଲ) ପକ୍ଷରୁ କାଶୀନଗର ବ୍ଲକ ଓ ଏନ୍ଏସିର ବହୁ ଚାଷଜମି ଦେଇ ପାଇପ ବିଛା ଯାଇଛି। ଉକ୍ତ କାର୍ଯ୍ୟ କରାଯିବା ବେଳେ ହୁଡାସବୁ ଭାଙ୍ଗି ଦିଆଯିବା ସହ ଇତସ୍ତତଃ ମାଟି ପକାଇ ଜମିକୁ ଅସମତଳ ଓ ଚାଷ ଅନୁପଯୋଗୀ କରି ଦିଆଯାଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। କାଶୀନଗର ରଇତ ସଙ୍ଘ ଉପ ସଭାପତି କେ. ସୁରାୟା ରାଓ କହିଛନ୍ତି ଯେ, ବୃହତ୍ତର ଜନସାର୍ଥକୁ ଆଖି ଆଗରେ ରଖି ପାଇପ ବିଛାଯିବା ବେଳେ ଚାଷୀମାନେ ବିରୋଧ କରିନଥିଲେ। ସେମାନଙ୍କୁ କ୍ଷତିପୂରଣ ଦିଆଯିବ ଓ ଖରିଫ ଚାଷ ଆରମ୍ଭ ପୂର୍ବରୁ ପ୍ରଭାବିତ ଚାଷଜମି ସବୁକୁ ଠିକଠାକ କରି ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ କିଛି ଚାଷୀଙ୍କୁ କ୍ଷତିପୂରଣ ମିଳିଥିବା ବେଳେ ଆଉ କିଛି ଚାଷୀଙ୍କୁ ଏହା ମିଳି ନଥିବା ଜଣାପଡିଛି। ଖରିଫ ଚାଷ ପାଇଁ ସମୟ ନିକଟବର୍ତ୍ତୀ ହୋଇ ସାରିଥିଲେ ବି ପ୍ରତିଶ୍ରୁତି ମୁତାବକ ଗେଲ କର୍ତ୍ତୃପକ୍ଷ ପଦକ୍ଷେପ ନେଇନାହାନ୍ତି। ତେଣୁ ଚାଷୀମାନଙ୍କ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତୁରନ୍ତ ଗେଲ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଆଧାର କାର୍ଡର ଦୁରୁପଯୋଗ କରି ସାଇବର ଠକେଇ

### ସିମ୍ ପରିବର୍ତ୍ତନ ଓ ଲକ୍ଷାଧିକ ଟଙ୍କା ଋଣ ଉଠାଣ ଅଭିଯୋଗ

ବ୍ରହ୍ମପୁର,୧୭।୬(ସୁବାସ ଚନ୍ଦ୍ର ପାଢ଼ୀ)

ସାଇବର ଠକମାନେ ବିଭିନ୍ନ ପ୍ରକାର ତରିକା ଆପଣେଇ ତାଙ୍କ ମାୟା ଜାଲରେ ଲୋକଙ୍କୁ ଫସାଉଛନ୍ତି। ଏବେ ଅଜବ ଧରଣର ସାଇବର ଠକେଇ ସାମ୍ନାକୁ ଆସିଛି। ବ୍ରହ୍ମପୁରର ଜଣେ ଯୁବକ ଅଭିଷେକ ପାଣିଗ୍ରାହୀ ପୁରୁଣା ସିମ୍ ବଦଳାଇ ନୂଆ ସିମ୍ ଆଣିବା ପାଇଁ ଦେଇଥିବା ବେଳେ ଦାଖଲ କରିଥିବା ଆଧାରକାର୍ଡ଼ର ଦୁରୁପଯୋଗ କରି କେହି ଦୁର୍ବୃତ୍ତ ତାଙ୍କ କ୍ରେଡିଟ୍ କାର୍ଡ଼ରୁ ପ୍ରାୟ ୮୦ହଜାର ଟଙ୍କା ଉଠାଣ କରିଛନ୍ତି। ସେହିପରି ବିଭିନ୍ନ ଅନଲାଇନ୍ ପ୍ଲାଟଫର୍ମରୁ ଯୁବକଙ୍କ ନାମରେ ଲକ୍ଷାଧିକ ଟଙ୍କାର ଋଣ କରିଛନ୍ତି। ଏପରିକି ତାଙ୍କ ଅଜାଣତରେ ସେହି ସିମ୍‌ଟି ଅନ୍ୟ ଏକ ନେଟ୍‌ୱାର୍କକୁ ପରିବର୍ତ୍ତନ ହୋଇ ତାହା ପଞ୍ଜାବର ଲୁଧିଆନାରେ ବ୍ୟବହୃତ ହେଉଥିବା ଜାଣିବାକୁ ପାଇ ଯୁବକ ଜଣକ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ୧୨/୨୩ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଘଟଣାରୁ ପ୍ରକାଶ ଯେ, ଅଭିଷେକ ପାଣିଗ୍ରାହୀ ଗତ ମାସ ୧୭ରେ ଝାରସୁଗୁଡ଼ା ଯାଇଥିଲେ। ସେଠାରେ ତାଙ୍କ ଏୟାରଟେଲ୍ ସିମ୍ ଅଚଳ ହୋଇଯିବାରୁ ସେ ଉକ୍ତ ନେଟ୍‌ୱାର୍କର ଅଫିସକୁ ଯାଇ ପଚାରି ବୁଝିଥିଲେ। ସିମ୍ ପୁରୁଣା ହୋଇଯାଇଥିବାରୁ ଆଧାରକାର୍ଡ଼ ଦେଇ ନୂଆ ସିମ୍ ନେବାକୁ କହିବାରୁ ସେ ସେପରି କରିଥିଲେ। ସେହି ରାତି ୧୦ଟାରେ ନୂଆ ସିମ୍ ମଧ୍ୟ ସକ୍ରିୟ(ଆକ୍ଟିଭେଟ୍) ହୋଇଯାଇଥିଲା। ମାତ୍ର ୨ଦିନ ପରେ ଗତ ମାସ ୧୯ତାରିଖରେ ସେ କୋଲକାତା ଯାଇଥିବା ବେଳେ ମୋବାଇଲ୍‌ରେ ତାଙ୍କର ସେହି ସିମ୍ 'ନୋ ସର୍ଭିସ' ଦେଖାଇଥିଲା। ତେଣୁ ପରଦିନ (୨୦ତାରିଖରେ) ପୁଣି ଥରେ ସେ କୋଲକାତା ସ୍ଥିତ ଉକ୍ତ ନେଟ୍‌ୱାର୍କ କମ୍ପାନି ଅଫିସକୁ ଯାଇ ଆଧାରକାର୍ଡ଼ ଦେଇ ସମାନ ନମ୍ବରର ସିମ୍ ଆଣିଥିଲେ, ଯାହାକି ସକ୍ରିୟ ହୋଇନଥିଲା। କିନ୍ତୁ ସେହି ୨୦ତାରିଖ ରାତି ପ୍ରାୟ ୮ଟା ବେଳେ ତାଙ୍କର ଦୁଇଟି ବ୍ୟାଙ୍କ କ୍ରେଡିଟ୍ କାର୍ଡ଼ରୁ ଯଥାକ୍ରମେ ୪୯,୮୮୨ଟଙ୍କା ଏବଂ ୩୯,୬୩୧ଟଙ୍କା ଅନଲାଇନ୍ ଟ୍ରାଞ୍ଜାକ୍ସନ ହୋଇଥିଲା। ସେତେବେଳେ ତାଙ୍କର ସିମ୍ ନୋ ସର୍ଭିସ୍ ଥିଲା ଏବଂ ତାଙ୍କ ପାଖକୁ କୌଣସି ପ୍ରକାର ଓଟିପି ମଧ୍ୟ ଆସିନଥିଲା। ଏହାପରେ ଅନ୍ୟାନ୍ୟ ଅନଲାଇନ୍ ପ୍ଲାଟଫର୍ମରୁ ତାଙ୍କ ନାମରେ ୧,୭୨,୨୧୨ଟଙ୍କାର ଋଣ ମଧ୍ୟ ଉଠାଣ ହୋଇଯାଇଛି। ଅନ୍ୟପକ୍ଷେ ଗତ ୬ବର୍ଷ ଧରି ସେ ବ୍ୟବହାର କରୁଥିବା ଏୟାରଟେଲ୍ ସିମ୍‌ଟି ତାଙ୍କ ଅଜାଣତରେ ଜିଓ ନେଟ୍‌ୱାର୍କକୁ ପୋର୍ଟେବୁଲ୍ ହୋଇଯାଇଥିଲା। ଜିଓ ଷ୍ଟୋରରୁ ବୁଝିବାରୁ ସେହି ସିମ୍ ଏବେ ପଞ୍ଜାବର ଲୁଧିଆନାରେ ସକ୍ରିୟ ଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ସାଇବର ଓ ଅର୍ଥନୈତିକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତନାଘନା ଚଳାଇଛି।

## ସୁରଟରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଦିଗପହଣ୍ଡି,୧୭।୬(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ଗ୍ରାମ କୁମ୍ଭାର ସାହିର ଜଣେ ଓଡ଼ିଆ ଶ୍ରମିକଙ୍କ ଗୁଜରାଟର ସୁରଟରେ ମୃତ୍ୟୁ ଘଟିଛି। ସେ ହେଲେ ବାଇରି ବେହେରା (୪୫)। ବାଇରି ପରିବାର ପ୍ରତିପୋଷଣ ପାଇଁ ୭ ବର୍ଷ ହେଲା ସୁରଟ ଯାଇ ସେଠାକାର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗତ ୨ ମାସ ପୂର୍ବେ ବାପାଙ୍କ ମୃତ୍ୟୁ ଖବର ପାଇ ସେ ଗ୍ରାମକୁ ଆସିଥିଲେ। ଶୁଦ୍ଧି କାର୍ଯ୍ୟ ସରିବାର ପ୍ରାୟ ଦେଢ଼ ମାସ ପରେ ସେ ପୁଣିଥରେ ସୁରଟ ଯାଇଥିଲେ। ତେବେ ଗତ ସୋମବାର ଦେହ ଖରାପ କହି ସେ କାମକୁ ଯାଇ ନ ଥିବା ବେଳେ ଅପରାହ୍ନରେ ରୁମ୍‌ରେ ରହୁଥିବା ଅନ୍ୟ ଶ୍ରମିକମାନେ କମ୍ପାନୀରୁ ଫେରି ଦୀର୍ଘ ସମୟ ଧରି କବାଟ ବାଡେଇବା ପରେ ମଧ୍ୟ କବାଟ ନ ଖୋଲିବା କାରଣରୁ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି କବାଟ ଭାଙ୍ଗି ଭିତରେ ପଶିବା ପରେ ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ଖବର କରିଥିଲେ। ସ୍ୱାମୀଙ୍କ ମୃତଦେହ ଗାଁକୁ ଆଣିବା ପାଇଁ ସ୍ତ୍ରୀଙ୍କ ପାଖରେ ଆବଶ୍ୟକ ଅର୍ଥରାଶିର ଅଭାବ ରହିଥିଲା। ଏହା ଶୁଣି କଇଠଖଣ୍ଡି ସରପଞ୍ଚ ମନୋରଞ୍ଜନ ଗୌଡ ସେଠାକାର ପୋଲିସ ସହ ଫୋନ ଯୋଗେ କଥାବାର୍ତ୍ତା କରିବା ପରେ ବାଇରିଙ୍କ ମୃତଦେହକୁ ପୋଲିସ ତାଙ୍କ ଶ୍ୱଶୁର ଘର ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଥିଲା। ସେଠାରେ ହିଁ ମୃତକଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା।

## ରଥଯାତ୍ରା ପ୍ରସ୍ତୁତି ବୈଠକ

ଧରାକୋଟ,୧୭।୬(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ କାର୍ଯ୍ୟାଳୟ ପରିସର ସ୍ଥିତ ସଭା ଗୃହରେ ଧରାକୋଟ ଗଡର ରଥଯାତ୍ରାର ସୁପରିଚାଳନା ପାଇଁ ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳିଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ଥାନୀୟ ବିଡିଓ ଡେନିସ ବେହେରା, ଥାନା ଅଧିକାରୀ ମମତା ସାମନ୍ତରାୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡ. ଏମ୍‌ଭିକେ ଅଶୋକ, ଅଗ୍ନିଶମ ଅଧିକାରୀ ଚିତ୍ତରଞ୍ଜନ ସାହୁ, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ତୁଷାରକାନ୍ତ ପାଢ଼ୀ, ଜଳ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଚିନ୍ମୟୀ ରାଉତ, ଏବିଡିଓ ସୁଶୀଲ କୁମାର ପଟ୍ଟନାୟକ, ଧରାକୋଟ ସରପଞ୍ଚ ପୁନିଆ ଦାସ, ରଥଯାତ୍ରା କମିଟି ସଭ୍ୟ ଦିଲୀପ ସ୍ୱାଇଁ, ରବୀନ୍ଦ୍ର ଘୋଷ, ସୁନୀଲ ଚନ୍ଦ୍ର ସ୍ୱାଇଁ, ବିଷ୍ଣୁ କେଶରୀ ଆଚାର୍ଯ୍ୟ,ସୁନୀଲ କୁମାର ଗୌଡ଼, ଜଗନ୍ନାଥ ମନ୍ଦିର ପରିଚାଳକ କାଳିଆ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅଙ୍ଗନୱାଡି କେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ



ଅତିଥିଙ୍କ ଦ୍ୱାରା ଅଙ୍ଗନୱାଡ଼ି ଗୃହ ଉଦ୍‌ଘାଟନ।

ବେଲଗୁଣ୍ଠା,୧୭।୬(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଶନିବାର ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଏବଂ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ବେଲଗୁଣ୍ଠା ସ୍ଥିତ ୫, ୬, ୭, ୮, ୧୦ ଓ ୧୩ ନମ୍ବର ୱାର୍ଡ଼ରେ ୬ଟି ଅଙ୍ଗନୱାଡି କେନ୍ଦ୍ରର ନୂତନ ଗୃହ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଧାୟକ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅଙ୍ଗନୱାଡି କେନ୍ଦ୍ରରେ ଛାତ୍ରୀଛାତ୍ର ବସିବା ପାଇଁ ଯେଉଁ ଅସୁବିଧା ଥିଲା ତାହା ଦୂର ହୋଇପାରିଛି ଏବଂ ଆଗାମୀ ଦିନରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ବେଲଗୁଣ୍ଠା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋଶନ୍ କୁମାର ଶତପଥୀ, ସିଡିପିଓ ଗାୟତ୍ରୀ ମିଶ୍ର, ପଞ୍ଚାୟତ ସମିତି ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, ଉପାଧକ୍ଷା ପ୍ରମିଳା ପ୍ରଧାନ, ନଗରପାଳ ଫିରୋଜ କୁମାର ସେଠୀ, ଉପନଗରପାଳ ଟି.ବବିତା କୁମାରୀଙ୍କ ସମେତ ସମସ୍ତ କାଉନସିଲର୍, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲାପରିଷଦ ସଭ୍ୟ ଯୋଗଦେଇଥିଲେ।

# ଦେଶୀ ମଦ ସହ ବାଇକ, ଅଟୋ ଜବତ: ୨ ଗିରଫ

ଖଲ୍ଲିକୋଟ,୧୭।୬(ପ୍ରଶାନ୍ତ ମିଶ୍ର)

ଗଞ୍ଜାମ ଅବକାରୀ ଅଧୀକ୍ଷକ ଦେବୀପ୍ରସାଦ ଦାଶଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ସେହିପରି ଛତ୍ରପୁର ଅବକାରୀ ସଦର ରେଞ୍ଜ ଇନ୍ସପେକ୍ଟର ବାଳକ ବିଶିଙ୍କ ନେତୃତ୍ୱରେ ଖଲ୍ଲିକୋଟ ଅବକାରୀ ଥାନା ଓଆଇସି ଦେବସ୍ମିତା ନାୟକ, ଏଏସଆଇ ଜି.କାମେଶ୍ୱର ଚୋରାମଦ ଗୁହାରିଆପାଟ ଅଞ୍ଚଳରୁ ତୁଳସୀପୁର ଅଭିମୁଖେ ଏକ ଅଟୋ ଯୋଗେ ଦେଶୀ ମଦ ଚାଲାଣ ହେଉଥିବା ବେଳେ ଶନିବାର ସକାଳେ ନିର୍ମଳଝର ଛକ ନିକଟରେ ଚଢ଼ଉ କରି ୫୫୦ ଲିଟର ମଦ ସହ ଅଟୋ (ନଂ ଓଆର ୦୭ଆର ୯୯୫୩)କୁ ଜବତ କରିଥିଲେ। ଏଥିସହିତ ୨ଜଣଙ୍କୁ ଗିରଫ କରିଥିଲେ।ସେମାନେ ହେଲେ ଖଲ୍ଲିକୋଟ ଥାନା ତୁଳସୀପୁର ଗ୍ରାମର ମିଥୁନ ସ୍ୱାଇଁ ଓ ବିଦ୍ୟାଧର ପ୍ରଧାନ ବୋଲି ଜଣାପଡ଼ିଛି। ଏହି ଚଢ଼ଉରେ ଛତ୍ରପୁର ସଦର ରେଞ୍ଜ କନେଷ୍ଟବଳ ଅଞ୍ଜନ କୁମାର ଦାସ, ଖଲ୍ଲିକୋଟ ଅବକାରୀ ଥାନା କନେଷ୍ଟବଳ ଏସ ପର୍ଶୁରାମ ରେଡ୍ଡି, ଟୁଟୁ ସାମଲ, କାହ୍ନୁ ଚରଣ ନାହାକ ଓ ହରିହର ବେହେରା ପ୍ରମୁଖ ସାମିଲ ଥିଲେ।



ଗିରଫ ଅଭିଯୁକ୍ତ ସହ ଜବତ ମଦ ଓ ଅଟୋ

# ରେଫେରି ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଦେହାନ୍ତ

### ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ଶୋକ ପ୍ରକାଶ

ବ୍ରହ୍ମପୁର ଅଫିସ,୧୭।୬ (ତନୁଶ୍ରୀ ନାହାକ)



ଗୋବିନ୍ଦ ଚନ୍ଦ୍ର ସାହୁ

ରାଜ୍ୟସ୍ତରୀୟ ବାସ୍କେଟବଲ କ୍ରୀଡ଼ାବିତ ତଥା ଜାତୀୟସ୍ତରୀୟ ରେଫେରୀ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ (୬୯) ଶନିବାର ସନ୍ଧ୍ୟାରେ ନିଜ ବାସଭବନରେ ଦେହାନ୍ତ ହୋଇଛି। ଦୀର୍ଘ ଦିନ ଧରି ସେ କିଡନୀ ଜନିତ ରୋଗରେ ପୀଡ଼ିତ ଥିଲେ। ଗୋବିନ୍ଦ ବହୁ ବର୍ଷ ଧରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏହାସହ ସର୍ବ ଭାରତୀୟ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ପରାମର୍ଶଦାତା କମିଟିର ଆଜୀବନ ସଦସ୍ୟ, ନିଖିଳ ଓଡ଼ିଶା ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘର ଉପଦେଷ୍ଟା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସଂଘର କାଉନସିଲ ସଦସ୍ୟ, ଏହାସହ ଗଞ୍ଜାମ ଜିଲା କ୍ରୀଡ଼ା ସଂଘର ବାସ୍କେଟବଲ କୋଚ ସହ କ୍ରୀଡ଼ା ସାଂସଦର ଆଜୀବନ ସଦସ୍ୟ ଭାବେ ବହୁ ବର୍ଷ ଧରି ଦାୟିତ୍ୱ ନିର୍ବାହ କରିଥିଲେ। ମୃତ୍ୟୁବେଳକୁ ତାଙ୍କ ନିକଟରେ ସ୍ତ୍ରୀ, ସାନ ପୁଅ ତାପସ କୁମାର ସାହୁ, ଭାଇ ହରେକୃଷ୍ଣ ସାହୁଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ରହିଥିଲେ। ତାଙ୍କ ଶୋକ ସମ୍ବାଦ ପ୍ରକାଶିତ ହେବା ପରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଏମପି ଚନ୍ଦ୍ରଶେଖର ସାହୁ, ଜିଲା କ୍ରୀଡ଼ା ସାଂସଦ ସମ୍ପାଦକ ଅଶୋକ ସାହୁ ତାଙ୍କ ଶେଷ ଦର୍ଶନ କରିବା ସହ ଗଂଜାମ ବାସ୍କେଟବଲ କ୍ରୀଡ଼ା ଇତିହାସରୁ ଜଣେ ସୁନାମ ଧନ୍ୟ କୋଚଙ୍କ ଅନ୍ତଃ ଘଟିଥିବା କହିଛନ୍ତି। ଗଞ୍ଜାମ ଜିଲା କ୍ରୀଡ଼ା ସାଂସଦ ପକ୍ଷରୁ ତାଙ୍କ ଆତ୍ମାର ସଦଗତି ନିମନ୍ତେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

# ଚିକିତ୍ସା ସେବାରେ ବ୍ୟବହାର ହେବ ଡ୍ରୋନ୍

ଫୁଲବାଣୀ ଅଫିସ, ୧୭।୬

ଦୁର୍ଗମ ଅଞ୍ଚଳରେ ଏଣିକି ରୋଗୀଙ୍କୁ ଜରୁରିକାଳୀନ ପରିସ୍ଥିତିରେ ସେବା ଯୋଗାଇବ ଡ୍ରୋନ୍ । କିଛିଦିନ ଧରି ଚାଲିଥିବା ଏହି ଡ୍ରୋନ୍ ପ୍ରୋଜେକ୍ଟର କାର୍ଯ୍ୟ ଶେଷ ହୋଇଛି । ଚଳିତ ମାସ ଶେଷ ସପ୍ତାହରେ ଏହି ସେବା ଆରମ୍ଭ ହେବାକୁ ଯାଉଛି । କନ୍ଧମାଳ ଜିଲା ଗସ୍ତରେ ଆସି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ ଡ୍ରୋନ୍‌ର ପରୀକ୍ଷଣକୁ ଅନୁଧ୍ୟାନ କରିଛନ୍ତି।

କନ୍ଧମାଳ ଜିଲା ଜଙ୍ଗଲ, ପାହାଡଘେରା ଅଞ୍ଚଳ । ଜିଲାରେ ଅନେକ ଦୁର୍ଗମ ସ୍ଥାନ ରହିଛି। ଯେଉଁଠି ରୋଗୀସେବା ସବୁ ବେଳେ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ତେଣୁ ସେସବୁ ଅଞ୍ଚଳରେ ରୋଗୀଙ୍କୁ ଜରୁରିକାଳୀନ ପରିସ୍ଥିତିରେ କିପରି ସେବା ଯୋଗାଇ ଦିଆଯିବ, ତାହାକୁ ନେଇ ଡ୍ରୋନ୍ ପ୍ରୋଜେକ୍ଟର ପରିକଳ୍ପନା କରାଯାଇଥିଲା । କିଛି ଦିନ ଧରି ଏହାର ପରୀକ୍ଷା ନିରୀକ୍ଷା କରାଯିବା ପରେ ଏବେ ଡ୍ରୋନ୍ ଉଡାଣ କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଜିଲାର କୋଟଗଡ, ସୁବର୍ଣ୍ଣଗିରି, ତୁମୁଡିବନ୍ଧ, ଲଙ୍କାଗଡ ମେଡିକାଲକୁ ଏହି ଡ୍ରୋନ ଉଡାଣ ଭରିବ । ଏଥିପାଇଁ ଜିଲାକୁ ୩ଟି ଡ୍ରୋନ୍ ଆସି ପହଞ୍ଚିଛି। ଗୋଟିଏ ଡ୍ରୋନ୍‌ର ମୂଲ୍ୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି।




ଶାସନ ସଚିବ ଡ୍ରୋନକୁ ଅନୁଧ୍ୟାନ କରୁଛନ୍ତି।

ଏସବୁ ମେଡିକାଲରେ ଜରୁରିକାଳୀନ ପରିସ୍ଥିତିରେ ରୋଗୀଙ୍କ ଚିକିତ୍ସା ପାଇଁ ଡ୍ରୋନ୍ ବ୍ୟବହୃତ ହେବ । ରୋଗୀଙ୍କୁ ଅତ୍ୟାବଶ୍ୟକ ମେଡିସିନ, ଟିକା ଏବଂ ପରୀକ୍ଷା ପାଇଁ ବିଭିନ୍ନ ପ୍ରକାର ନମୁନା ନେବା ଆଣିବାରେ ଡ୍ରୋନ୍ ବ୍ୟବହାର କରାଯିବ। ୨ କେଜି ଓଜନର ଜିନିଷ ଧରି ଡ୍ରୋନ୍ ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରିବ। ଡ୍ରୋନ୍ ଉଡାଣ ପାଇଁ ଫୁଲବାଣୀ, ବାଲିଗୁଡ଼ା ଏବଂ ତୁମୁଡିବନ୍ଧରେ କଣ୍ଟ୍ରୋଲ ରୁମ୍‌ର ବ୍ୟବସ୍ଥା କରାଯାଇଛି । ଗତ ଶୁକ୍ରବାର ପରୀକ୍ଷଣ ଭାବେ ବାଲିଗୁଡାରୁ ଡ୍ରୋନ୍ ଉଡାଣ ଭରି ଫୁଲବାଣୀ ଆସିବା ପରେ ଏଠାରୁ ମେଡିସିନ ନେଇ ଫେରି ଯାଇଥିଲା। ଏକାଥରକେ ଡ୍ରୋନ୍ ୧୩୦ରୁ ୧୫୦ କିମି ଉଡାଣ ଭରିବାର କ୍ଷମତା ରଖିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉପସ୍ଥିତ ରହି ଡ୍ରୋନ୍‌ର ପରୀକ୍ଷଣକୁ ନିରୀକ୍ଷଣ କରିଛନ୍ତି । ସେହିପରି ମେଡିକାଲରେ ସ୍ତ୍ରୀ ଓ ପସୂତି ବିଭାଗ, ଶିଶୁ ୱାର୍ଡ, ଡାଏଲିସିସ, ଫିଜିଓଥେରାପି, ଲଣ୍ଡ୍ରି, ପୁଷ୍ଟି ସାଧନ କେନ୍ଦ୍ର ବୁଲି ଦେଖିବା ସହ ରୋଗୀଙ୍କ ସହିତ ଆଲୋଚନା କରିଛନ୍ତି । ଶନିବାର ପବିଙ୍ଗିଆ, ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟ ଯାଇ ସମୀକ୍ଷା କରିଛନ୍ତି। ଜିଲାର ୩ ମେଡିକାଲ ଜିଲା ମୁଖ୍ୟ ଚିକିତ୍ସାଳୟ, ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟ ଏବଂ ଦାରିଙ୍ଗବାଡି ମେଡିକାଲ ଆମ ହସ୍ପିଟାଲରେ ପରିଣତ ହେବ ବୋଲି କହିଛନ୍ତି ।

## ସଂକ୍ଷେପରେ

### ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପିନେଲେ ଦୁର୍ବୃତ୍ତ

ଚଣ୍ଡିଖୋଲ,୧୭।୬(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ଥାନା ଧାନମଣ୍ଡଳ ଫାଣ୍ଡି ଅଧୀନ ଧାନମଣ୍ଡଳ ବଜାରରୁ ଶନିବାର ଦିନ ଦ୍ୱିପ୍ରହରରେ ଜଣେ ମହିଳାଙ୍କ ବେକରୁ ସୁନାଚେନ ଝାମ୍ପି ନେଇଛନ୍ତି ଦୁର୍ବୃତ୍ତ। ଏନେଇ ଧାନମଣ୍ଡଳ ଫାଣ୍ଡିରେ ମହିଳା ଜଣଙ୍କ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଥାନା ଅନ୍ତର୍ଗତ ଚଣ୍ଡିତଳ ଗ୍ରାମର ତାପସ ଦାସ ତାଙ୍କ ସ୍ତ୍ରୀ ଓ ପୁଅଙ୍କୁ ବାଇକ୍‌ରେ ବସାଇ ଧାନମଣ୍ଡଳସ୍ଥିତ ସାଇ ମନ୍ଦିରକୁ ପୂର୍ବାହ୍ନ ପ୍ରାୟ ୧୦ଟାରେ ଯାଉଥିଲେ। ଧାନମଣ୍ଡଳ ବଜାରରେ ପୂର୍ବରୁ ଏକ ବାଇକ୍ ଧରି ଠିଆହୋଇଥିବା ୨ ଯୁବକ ସେମାନଙ୍କୁ ପିଛାକରି ମାତ୍ର ୧୦୦ ମିଟର ଦୂରରେ ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଥିଲେ। ଚେନ ଲୁଟ୍ କରିବା ସମୟରେ ମହିଳା ଓ ତାଙ୍କ ପୁଅ ପଡ଼ି ଯାଇଥିଲେ। ତାପସ ସେମାନଙ୍କୁ ଉଠାଇବା ସମୟରେ ଯୁବକଦ୍ୱୟ ଫେରାର ହୋଇଯାଇଥିଲେ। ମହିଳା ଓ ତାଙ୍କ ପୁଅ ଆହତ ହୋଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବାପରେ ଘରକୁ ଫେରିଛନ୍ତି।

### ପୂର୍ବତନ ଏମ୍‌ପିଙ୍କ ବିୟୋଗରେ ଶୋକ

ସିଂହପୁର,୧୭।୬(ଅନଙ୍ଗ ଉଦୟ ବେହୁରିଆ): ଯାଜପୁର ଲୋକ ସଭା ଆସନର ପୂର୍ବତନ ସଦସ୍ୟ ଅନାଦି ଚରଣ ଦାସଙ୍କ ବିୟୋଗରେ ସିଂହପୁର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶୋକପ୍ରକାଶ କରାଯାଇଛି। ମଞ୍ଚ ସଭାପତି ପଦ୍ମନାଭ ଦାଶ, ସୁଶାନ୍ତ ନାୟକ, ନିରଞ୍ଜନ ଦାସ, ଅଜୟ ଓଝା, କଳାକର ପାତ୍ର, ମେଘନାଦ ମହାଲିକ, ଘନଶ୍ୟାମ ଦାସ, ନାରାୟଣ ଦାସ ଓ ପ୍ରଦୀପ ଜେନାଙ୍କ ସମେତ ମଞ୍ଚର ବହୁ କର୍ମକର୍ତ୍ତା ଶୋକବ୍ୟକ୍ତ କରିବା ସହ ତାଙ୍କ ସମୟରେ ଜିଲାରେ ବହୁ ବିକାଶମୂଳକ କାର୍ଯ୍ୟ ହୋଇଥିବା କହିଥିଲେ।

### ପୋଖରୀରୁ ଅଚିହ୍ନା ଯୁବକଙ୍କ ମୃତଦେହ ଜବତ

ଯାଜପୁର ଟାଉନ,୧୭।୬(ପ୍ରଯକ୍ତା ମହାନ୍ତି): ଯାଜପୁର ସହରର କାଳିମେଘା ପୋଖରୀରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ଜବତ କରିଛି ଯାଜପୁର ଟାଉନ ପୋଲିସ। ଶନିବାର କାଳିମେଘା ପୋଖରୀରେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ସମ୍ପୃକ୍ତ ଯୁବକଙ୍କ ବୟସ ୨୨ରୁ୨୪ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମୃତଯୁବକ ଜଣକ କଳାବର୍ଣ୍ଣର ହୋଇଥିବାବେଳେ ସେ ଏକ ଟି-ସାର୍ଟ ଓ ପ୍ୟାଣ୍ଟ୍ ପିନ୍ଧିଥିଲେ। ଯୁବକ ଜଣକ ମଦ ପିଇ ପୋଖରୀରେ ବୁଡିଯାଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ତାଙ୍କ ଶରୀରରେ କୌଣସି କ୍ଷତବିକ୍ଷତ ଚିହ୍ନ ନଥିବା ପୋଲିସ କହିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟଚିକିତ୍ସାଳୟକୁ ପଠାଯାଇଛି। ଏ ସମ୍ପର୍କରେ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ନଂ.୪୦/୨୦୨୩ ରୁଜୁ ହୋଇଛି।

# ଆନୁଷଙ୍ଗିକ ଶିଳ୍ପକୁ ବଡ଼ ଶିଳ୍ପର ଅଣଦେଖା

ଯାଜପୁର,୧୭।୬
(ହର୍ଷବର୍ଦ୍ଧନ ବେହେରା)

ଅଞ୍ଚଳବାସୀଙ୍କ ଆର୍ଥିକ ଅଭିବୃଦ୍ଧି ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ଦ୍ରୁତ ଶିଳ୍ପାୟନ ଜିଲାରେ ବିଫଳ ହୋଇଥିବା ପରିଲକ୍ଷିତ ହୋଇଛି। ଗତ ୫ବର୍ଷ ମଧ୍ୟରେ ଯାଜପୁର ଜିଲାରେ ବଡ଼ ବଡ଼ ଶିଳ୍ପ ପ୍ରତିଷ୍ଠା ଯୋଗୁ ଶତାଧିକ ପରିବାର ବିସ୍ଥାପିତ ହୋଇଛନ୍ତି। ସୁକିନ୍ଦା ଓ ଦାନଗଦି ବ୍ଲକରେ ଲଗାଲଗି ହୋଇ କାରଖାନା ପ୍ରତିଷ୍ଠା ଯୋଗୁ ପରିବେଶ ପ୍ରଦୂଷିତ ହୋଇଛି। ହେଲେ ଏହାର ଲାଭ ସ୍ଥାନୀୟ ଲୋକଙ୍କୁ ମିଳିପାରିନାହିଁ। ସମସ୍ତ କଳକାରଖାନା ଖୁବ୍ କମ୍‌ସଂଖ୍ୟକ ଲୋକଙ୍କୁ ନିୟମିତ ନିଯୁକ୍ତି ଦେଉଥିବାବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବାହାର ରାଜ୍ୟର ଅଧିବାସୀ ଅଟନ୍ତି। କାରଖାନା କାର୍ଯ୍ୟ ମୁଖ୍ୟତଃ ଠିକାଦାର ଶ୍ରମିକଙ୍କ ଦ୍ୱାରା ପରିଚାଳିତ ହେଉଥିବାବେଳେ ଉଭୟ ଠିକାଦାର ଓ ଠିକା ଶ୍ରମିକ ମଧ୍ୟ ରାଜ୍ୟ ବାହାରୁ ଆସୁଛନ୍ତି। ଖାଲି ସେତିକି ନୁହେଁ, ସମସ୍ତ କଳକାରଖାନାର ଆନୁଷଙ୍ଗିକ କାର୍ଯ୍ୟ ମଧ୍ୟ ରାଜ୍ୟ ବାହାରର ଠିକାଦାର ଓ ସଂସ୍ଥାଗୁଡ଼ିକ ଦ୍ୱାରା କରାଯାଉଛି। ଯେ କୌଣସି ଶିଳ୍ପ କମ୍ପାନୀ କାରଖାନା ପ୍ରତିଷ୍ଠା ପୂର୍ବରୁ ସରକାରଙ୍କ ସହ କରୁଥିବା ରାଜିନାମାରେ ଅଞ୍ଚଳର ଉଦ୍ୟୋଗୀଙ୍କୁ ସହାୟତା ଦେଇ ଆନୁଷଙ୍ଗିକ (ଆନ୍‌ସିଲାରି) ଶିଳ୍ପ ପ୍ରତିଷ୍ଠା କରିବେ ବୋଲି ପ୍ରତିଶ୍ରୁତି ଦେଇଥାନ୍ତି। ହେଲେ ଜିଲାରେ କୌଣସି ଶିଳ୍ପ ସଂସ୍ଥା ଆନୁଷଙ୍ଗିକ ଶିଳ୍ପକୁ ପ୍ରୋତ୍ସାହିତ କରୁଥିବା ପରିଲକ୍ଷିତ ହେଉନାହିଁ।

ଜିଲାରେ ପ୍ରିଣ୍ଟିଂ ପ୍ରେସ୍, ଫେବ୍ରିକେଶନ ୟୁନିଟ୍, ବୈଦ୍ୟୁତିକ ସରଞ୍ଜାମ ପ୍ରସ୍ତୁତି ପ୍ରଭୃତି ଶତାଧିକ ଆନ୍‌ସିଲାରି ୟୁନିଟ୍ କାର୍ଯ୍ୟ କରୁଛି। ଏହାବାଦ୍ ଫ୍ଲାଇ ଆଶ୍ (ଇଟା) ନିର୍ମାଣ କରୁଥିବା ଏକାଧିକ ଇଟା ଭାଟି ରହିଛି। କିନ୍ତୁ କଳିଙ୍ଗନଗର ଶିଳ୍ପାଞ୍ଚଳର ପ୍ରାୟ ଶିଳ୍ପସଂସ୍ଥା ଗୋଟିଏ ହେଲେ ଆନସିଲାରି ୟୁନିଟ୍‌କୁ ପ୍ରୋତ୍ସାହିତ କରିନାହାନ୍ତି। ଅପରପକ୍ଷେ ଜିଲାରେ କ୍ଷୁଦ୍ରଶିଳ୍ପର ସ୍ଥିତି ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି। ଅନ୍ୟପକ୍ଷେ ନିର୍ଦ୍ଦିଷ୍ଟ ଭାବେ ଜମି ଦଖଲ ମିଳି ନ ଥିବାରୁ କଳିଙ୍ଗନଗରର ୩୬ଟି ସ୍ମଲ୍ ସ୍କେଲ ଇଣ୍ଡଷ୍ଟ୍ରିଜ (ଏସ୍ଏସ୍ଆଇ) ନିର୍ମାଣ କାର୍ଯ୍ୟ ଅଟକି ରହିଛି। ଏହାବାଦ୍ ପ୍ରସ୍ତାବିତ ଏସ୍ଏସ୍ଆଇ କାର୍ଯ୍ୟ ଆରମ୍ଭ ପାଇଁ ରାସ୍ତା, ଡ୍ରେନେଜ୍, ବିଦ୍ୟୁତୀକରଣ, ପାଣି ଯୋଗାଣ ଇତ୍ୟାଦି ପ୍ରମୁଖ ସୁବିଧା ମିଳି ନ ଥିବାରୁ ଡାଉନଷ୍ଟ୍ରିମ୍ ଶିଳ୍ପର ଅଗ୍ରଗତି ଏକ ପ୍ରକାର ସ୍ଥାଣୁ ପାଲଟିଛି। ଆନ୍‌ସିଲାରି ୟୁନିଟ୍ ଉପରେ ପ୍ରଶାସନ ପ୍ରାୟତଃ ଆଖିବୁଜି ଦେଇଥିବା ମନେହେଉଛି। ଅନ୍ୟପକ୍ଷେ ଶିଳ୍ପ ପ୍ରତିଷ୍ଠା ପାଇଁ ଜମି ଅଧିଗ୍ରହଣ କରିବାକୁ ଯାଇ ବିସ୍ଥାପିତମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ସେହିପରି ବିସ୍ଥାପିତ ପରିବାରଙ୍କ ମଧ୍ୟରୁ ଯେଉଁମାନେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ହୋଇ ନୂତନ ପରିବାର କଲେଣି, ସେମାନଙ୍କୁ କ୍ଷତିପୂରଣ ପ୍ରଦାନରୁ ବଞ୍ଚିତ କରାଯାଉଛି। ଏଥିପାଇଁ କୁଣ୍ଡୁମୀସାହି, ଅରାସାହି, ଟାଙ୍ଗରସାହି ଓ କଚେରି ଗାଁର ଶତାଧିକ ପରିବାର ଉପଯୁକ୍ତ କ୍ଷତିପୂରଣ ଦାବିରେ ନିୟମିତ ଭାବେ ଆନ୍ଦୋଳନ କରୁଛନ୍ତି। ତଥାପି ଜିଲା ପ୍ରଶାସନ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ ନ କରି ଜବରଦସ୍ତ ବିସ୍ଥାପିତ କରିବାକୁ ଯୋଜନା ପ୍ରସ୍ତୁତ କରୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ନୀତିନିୟମ ଅନୁସାରେ ବିସ୍ଥାପନ ପ୍ରକ୍ରିୟା ଚାଲିଛି ବୋଲି କହୁଛନ୍ତି।

**କଳିଙ୍ଗନଗର ଶିଳ୍ପାଞ୍ଚଳ**



# ଜେଲରେ ସର୍ବେଶ୍ୱରଙ୍କୁ ଭେଟିଲେ ଭାଜପା ପ୍ରତିନିଧି



ସର୍ବେଶ୍ୱର ବେହେରାଙ୍କୁ ଭେଟିବାକୁ ଯାଇଥିବା ଭାଜପା ପ୍ରତିନିଧି ଦଳ।

କୋରେଇ,୧୭।୬(ଚନ୍ଦ୍ରକାନ୍ତ ପତି):

ଯାଜପୁର ଜିଲା ରଗଡ଼ି ଜେଲରେ ଥିବା ସୂଚନା ଅଧିକାର କର୍ମୀ ତଥା ଭାଜପା ନେତା ସର୍ବେଶ୍ୱର ବେହେରାଙ୍କୁ ଭେଟିଛନ୍ତି ଭାଜପା ପ୍ରତିନିଧି ଦଳ। ଗତ ୧୩ ତାରିଖରେ ଧର୍ମଶାଳା ଅଞ୍ଚଳରେ ବେଆଇନ ମାଟି ଉଠାଣକୁ ନେଇ ଧର୍ମଶାଳା ତହସିଲଦାର ବେହୁରାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଫଳରେ ବେହୁରାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଗଡି ଉପକାରାଗାରକୁ ପଠାଇ ଦିଆଯାଇଥିଲା। ଘଟଣା ସମ୍ପର୍କରେ ଅବଗତ ହେବାପରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରଗଡ଼ି ଜେଲକୁ ଯାଇ ବେହୁରାଙ୍କୁ ଭେଟିଛନ୍ତି। ଏଥିସହିତ ଏହି ଗିରଫ ଏକ ଷଡ଼ଯନ୍ତ୍ର ବୋଲି ଗଣମାଧମ ଆଗରେ ସାମଲ କହିଛନ୍ତି। ଏହାକୁ ନେଇ ଆଗାମୀ ଦିନରେ ଭାଜପା ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ଭାଜପା ଜିଲା ପ୍ରଭାରୀ ସାରଦା ଶତପଥୀ, ଜିଲା ସଭାପତି ଗୌତମ ରାୟ, ଜିଲା ମହିଳା ସଭାନେତ୍ରୀ ବବିତା ମଲ୍ଲିକ, ସୁକିନ୍ଦା ଭାଜପା ନେତା ପ୍ରଦୀପ ବଳ ସାମନ୍ତ, କୋରେଇ ଭାଜପା ନେତା ବିଶ୍ୱଜିତ ନାୟକ ଏବଂ ରାଜ୍ୟ ଭାଜପା ଯୁବନେତା ବିକ୍ରମ ବିଶ୍ୱାଳ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ପ୍ରତିବାଦ


ଭାଜପା କର୍ମୀମାନେ ପ୍ରତିବାଦ କରୁଛନ୍ତି।

ସିଂହପୁର,୧୭।୬
(ଅନଙ୍ଗ ଉଦୟ ବେହୁରିଆ):

**ବାରମ୍ବାର ବିଦ୍ୟୁତ୍ କାଟ**

ପ୍ରବଳ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳି ଯୋଗୁ ଲୋକେ ଗରମରେ ସନ୍ତୁଳି ହେଉଥିବାବେଳେ ଟାଟା ପାୱାର ବାରମ୍ବାର ବିଦ୍ୟୁତ୍ କାଟକରି ଲୋକଙ୍କ କଷ୍ଟକୁ ଦ୍ୱିଗୁଣିତ କରୁଛି। କାଳବୈଶାଖୀରେ ୧୦ରୁ ୧୫ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ୍ କରାଯାଉଛି। ଲୋକେ ଅଭିଯୋଗ କଲେ ବିଭାଗୀୟ କର୍ମଚାରୀ ବେଫିକର। ତେଣୁ ବାରମ୍ବାର ବିଦ୍ୟୁତ୍ କାଟ୍ ପ୍ରତିବାଦରେ ବିଞ୍ଝାରପୁର ଭାଜପା ପକ୍ଷରୁ ସ୍ଥାନୀୟ ଷ୍ଟକଚର କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଛି। ବିଦ୍ୟୁତ୍ କାଟ ବନ୍ଦ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଭାଜପା ନେତ୍ରୀ ବବିତା ମଲିକ କହିଛନ୍ତି। ସିଂହପୁରଠାରେ ପ୍ରସ୍ତାବିତ ୩୩ କେଭି ଗ୍ରୀଡ୍ ପାୱାର ସବ୍‌ଷ୍ଟେଶନ ନିର୍ମାଣ ପାଇଁ ଦୀର୍ଘଦିନ ହେବ ଅର୍ଥ ମଞ୍ଜୁର ହୋଇଥିଲେ ମଧ ତାହା ସ୍ଥାପନ କରାଯାଇନାହିଁ। ଫଳରେ ସିଂହପୁର, ଜରି, ବାଙ୍ଗରା ଏବଂ ଓଳେଇ ଚନ୍ଦନପୁର ପଞ୍ଚାୟତ ଲୋକେ ଲୋ ଭୋଲଟେଜର ସମ୍ମୁଖୀନ ହେଉଛନ୍ତି। କର୍ମଚାରୀ ଅଭାବ ଯୋଗୁ ପବନ, ବର୍ଷା ହେଲେ ଦୀର୍ଘ ସମୟ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଯାଉଛି ବୋଲି ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଏହି ଆନ୍ଦୋଳନରେ ନିରଞ୍ଜନ ବେଉରିଆ, ଦେବେନ୍ଦ୍ର ବିଶ୍ୱାଳ, ଧୀରେନ୍ଦ୍ର ନାୟକ, ସୁଶାନ୍ତ ସାମଲ, ଜ୍ୟୋସ୍ନାରାଣୀ ଜେନା, ନିରଞ୍ଜନ ମଲିକ, ପ୍ରଫୁଲ୍ଲ ନାୟକ ଓ ରାଜେନ୍ଦ୍ର ଜେନାଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ଅସଦାଚରଣ ମାମଲା, ଦୋଷୀଙ୍କୁ ୩ ବର୍ଷ ଜେଲ

କେନ୍ଦ୍ରାପଡ଼ା, ୧୭।୬ (ଜଗନ୍ନାଥ ଧଳ):

ନିକିରାଇ ଥାନା କେନ୍ଦ୍ରାପଡା ବ୍ଲକ ବାରୋ ଗ୍ରାମର ୨୦୧୯ରେ ଜଣେ ମହିଳାଙ୍କୁ ଅସଦାଚରଣ କରାଯାଇଥିଲା । ଏହି ମାମଲା (କେସ ନଂ– ୭୩/୧୯) ର ଶନିବାର ଫଇସଲା ହୋଇଛି । କୋର୍ଟ ବାରୋ ଗ୍ରାମର ରାମଚନ୍ଦ୍ର ମଲ୍ଲିକଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ ଓ ୫ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅର୍ଥ ୫ ହଜାର ଟଙ୍କା ଅନାଦୟେରେ ଅଧିକ ୬ ମାସ ଜେଲରେ ରହିବେ ବୋଲି ଆଡହକ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟର ଜଜ୍ ତ୍ରିବିକ୍ରମ କେଶରୀ ଚିନ୍ନରା ରାୟରେ ଉଲ୍ଲେଖ କରିଛନ୍ତି । ଏସମ୍ପର୍କରେ ମାମଲା ପରିଚାଳନାକାରୀ ସରକାରୀ ଓକିଲ ସଞ୍ଜୟ ଜେନା କହିଛନ୍ତି, ପୀଡ଼ିତାଙ୍କ ସ୍ୱାମୀ ଅଟୋରିକ୍ସା ଚଳାନ୍ତି । ୨୦୧୯ ଜୁନ ୨୮ ରାତିରେ ରାମଚନ୍ଦ୍ର ପୀଡ଼ିତାଙ୍କ ଘରକୁ ଯାଇ ଅଟୋ ଭଡା ନେବେ ବୋଲି କହି କବାଟ ବାଡେଇ ଥିଲେ । ତେବେ ରାତି ଅଧିକ ହୋଇଥିବାରୁ ସ୍ୱାମୀଙ୍କୁ ବାହାରକୁ ଯିବା ପାଇଁ ସ୍ତ୍ରୀ ମନା କରିଥିଲେ। ତେବେ ରାମଚନ୍ଦ୍ର ଗୋଟିଏ ଶାବଳରେ କବାଟ ଭାଙ୍ଗି ଘରକୁ ପଶିଥିଲେ । ପୀଡ଼ିତାଙ୍କୁ ଜୋରଜବରଦସ୍ତ ବାହାରେ ଥିବା ବିଲକୁ ନେବା ପୂର୍ବରୁ ଶାବଳରେ ବାଡେଇ ସଂଜ୍ଞାହୀନ କରିଥିଲେ । ବିଲରେ ମହିଳାଙ୍କୁ ଅସଦାଚରଣ କରିଥିବା ନେଇ ମାମଲା ହୋଇଥିଲା। ଏହି ମାମଲାରେ ୧୨ ଜଣ ସାକ୍ଷୀ ଥିବା ଓକିଲ ଜେନା ସୂଚନା ଦେଇଛନ୍ତି ।

# ବଣମଲ୍ଲୀ ସାହିତ୍ୟ ସେବା ସଙ୍ଗଠନର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଜେନାପୁର,୧୭।୬(ଅଶୋକ ଦାସ):

ଧର୍ମଶାଳା ବ୍ଲକ୍ ଅଧୀନ ବୃନ୍ଦାଦେଇପୁର ଗଡ଼ଜାତ ସ୍ମାରକୀ ପୀଠରେ ବଣମଲ୍ଲୀ ସାହିତ୍ୟ ସେବା ସଂଗଠନର ୯ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଂଗଠନ ସଭାପତି ନିର୍ମାଲ୍ୟ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ମୁଖ୍ୟବକ୍ତା ଭାବେ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ସମ୍ମାନିତ ଅତିଥିଭାବେ ଡାକ୍ତର ନିହାର ରଞ୍ଜନ କର, ଅଜୟ କୁମାର ଦାସ ଓ ପ୍ରଫୁଲ କୁମାର ଦାସ ପ୍ରମୁଖ ଯୋଗଦେଇ ମହାପୁରୁଷମାନଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ସମାଜସେବାକୁ ନିଃସ୍ୱାର୍ଥପର ଭାବେ ଭଲପାଇବା ଦରକାର ବୋଲି କହିଥିଲେ। ସଂଗଠନ ସମ୍ପାଦକ ସରୋଜକାନ୍ତ ବେହେରା ଓ ବୈରାଗୀ ସେନାପତିଙ୍କ ସମେତ ଅନ୍ୟ ଅତିଥିଙ୍କ ଦ୍ୱାରା ମୁଖପତ୍ର 'ମହକ'ର ଷଷ୍ଠ ସଂସ୍କରଣ ଉନ୍ମୋଚନ କରାଯାଇଥିଲା। ପରେ ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ୍ କାହ୍ନୁଚରଣ ସାହୁ, ଚଳିତ ମାଟ୍ରିକ ପରୀକ୍ଷାର ବ୍ଲକ୍ ଟପ୍ପର ଓ ଏନ୍ଇଇଟି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଏବଂ ସ୍ୱେଚ୍ଛାସେବୀଙ୍କୁ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସଂଗଠନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ସ୍ମୃତି ମନେପକାଇଲେ ପୁରାତନ ଛାତ୍ରୀଛାତ୍ର


ବନ୍ଧୁମିଳନରେ ସାମିଲ ହୋଇଥିବା ପୁରାତନ ଛାତ୍ରୀଛାତ୍ର।

ଧର୍ମଶାଳା,୧୭।୬(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଧର୍ମଶାଳା ବାଣୀପୀଠ ୧୯୭୫ ମସିହା ମାଟ୍ରିକ୍ ବ୍ୟାଚ୍‌ର ଏକ ବନ୍ଧୁମିଳନ ପ୍ରସିଦ୍ଧ ଶୈବପୀଠ ଗୋକର୍ଣ୍ଣେଶ୍ୱର ନିକଟସ୍ଥ ପାନ୍ଥିକାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉକ୍ତ ବ୍ୟାଚ୍‌ର ବହୁ ଛାତ୍ରୀଛାତ୍ର ଯୋଗଦେଇ ଅତିତର ସ୍ମୃତି ମନେପକାଇବା ସହ ଦୀର୍ଘ ୪୮ ବର୍ଷ ପରେ ସମସ୍ତେ ଏକାଠି ହୋଇଥିବାରୁ ଖୁସିବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ସମସ୍ତେ ଗୋକର୍ଣ୍ଣେଶ୍ୱର ମହାଦେବଙ୍କୁ ଦର୍ଶନ କରିଥିଲେ।

ପୁରାତନ ଛାତ୍ର ଚିତ୍ତରଞ୍ଜନ ଶତପଥୀ, ଇଂ. ଇନ୍ଦ୍ରମଣି ସାମଲ, ପୂର୍ବତନ ସମବାୟ ସଚିବ ସତ୍ୟନାରାୟଣ ପଣ୍ଡା, ବ୍ୟବସାୟୀ ଲକ୍ଷ୍ମୀଧର ମହାନ୍ତି, ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, କ୍ରୀଡ଼ାବିତ ପଦାରବିନ୍ଦ ପରିଡ଼ା, ସୁବାସ ମହାରଣା, ବିଜୟ କୁମାର ପଣ୍ଡା, କାର୍ତ୍ତିକ ଚନ୍ଦ୍ର ଦାସ, କୁଳମଣି ମହାନ୍ତି, ରବୀନ୍ଦ୍ର ମହାନ୍ତି, ମଦନ ମୋହନ ଓଝା, ସୁଧାଂଶୁ ଶେଖର ମହାରଣା, ଶ୍ୟାମସୁନ୍ଦର ମୁଦୁଲି, ସେକ୍ ୟୁସୁପ୍ ଅଲ୍ଲି, ସେକ୍ ରମଜାନ, ଛାତ୍ରୀ ବିନୋଦିନୀ ପଣ୍ଡା, ପ୍ରଭାମୟୀ ମହାନ୍ତି, ପ୍ରିୟମ୍ବଦା ଦାସ, ପ୍ରଭାବତି ପ୍ରଧାନ ଓ କୁଞ୍ଜଲତା ବରାଳ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ପ୍ରାରମ୍ଭରେ ପୁରାତନ ଛାତ୍ରୀଛାତ୍ରଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ୮୩ ବର୍ଷ ଧରି ପାଲାକୁ ବଞ୍ଚାଇ ରଖିଛନ୍ତି ଗ୍ରାମବାସୀ

ଚଣ୍ଡିଖୋଲ,୧୭।୬'
(ପ୍ରଦୀପ୍ତ କୁମାର ପୃଷ୍ଟି):

ଆଧୁନିକତାର ସାମାଜିକ ବ୍ୟବସ୍ଥା ଧୀରେଧୀରେ ଆମ ପୁରୁଣା ସଂସ୍କୃତି ଓ ଐତିହ୍ୟ ହଜାଇ ଦେଉଥିବାବେଳେ ଏବେବି କେତେକ ସ୍ଥାନରେ ଆମର ପୁରୁଣା ପାଲା ସଂସ୍କୃତି ବଞ୍ଚିରହିଛି। ୮୩ ବର୍ଷ ଧରି ପାଲା ଅନବରତ ଆଜି ପର୍ଯ୍ୟନ୍ତ ଚାଲୁରହିଛି। ଏହା ଧୀରେଧୀରେ ଗୋଟିଏ ଦଳରୁ ଆରମ୍ଭ ହୋଇ ବାଦୀପାଲାରେ ପରିଣତ ହୋଇ ଚାଲିଥିଲାବେଳେ ପିଢ଼ି ପରେ ପିଢ଼ି ଏହାକୁ ଉଜ୍ଜୀବିତ କରି ରଖିବା ନିଶ୍ଚିତ କଷ୍ଟକର ବ୍ୟାପାର। ତେବେ ଯେତେ ଝଡ଼ ଝଞ୍ଜା ଆସୁ ପଛେ ୩ ଗ୍ରାମର ଲୋକେ ଆଜି ପର୍ଯ୍ୟନ୍ତ ଏହି ପରମ୍ପରାକୁ ପ୍ରତ୍ୟେକ ବର୍ଷ ରଜରେ ପାଳନ କରନ୍ତି। ରଜ ୩ ଦିନ ଧରି ଏଠାରେ ପାଲା ପରିବେଷଣ କରାଯାଏ। ଏଭଳି ନିଆରା ତଥା ସଂସ୍କୃତିପ୍ରେମୀ ବାଦୀପାଲା ଅନୁଷ୍ଠିତ ହୋଇଆସୁଛି ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲେଇ ପଞ୍ଚାୟତର କେଶରାଇପୁର, କଟକ ଜିଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଲଳିତଗିରି ଓ ରହାଡ଼ଗିରି ଗ୍ରାମରେ।

ଗ୍ରାମବାସୀଙ୍କ କହିବା ଅନୁସାରେ ୧୯୪୦ରେ ଏହି ୩ ଗ୍ରାମର ସ୍ୱର୍ଗତ ବେବର୍ତ୍ତା ହରିବଲ୍ଲଭ ଦାସ, ନେତ୍ରାନନ୍ଦ ଦାସ, ବିଷ୍ଣୁଚରଣ ତ୍ରିପାଠୀ, ଧ୍ରୁବଚରଣ ସିଂହ, ଦୋଳ ଗୋବିନ୍ଦ ଦାସ, ବୈଷ୍ଣବ ପାତ୍ର ଓ ସନାତନ ସାହୁଙ୍କ ପ୍ରଚେଷ୍ଟାରେ ପାଲା ସଂସ୍କୃତି ଆରମ୍ଭ ହୋଇଥିଲା। ମହାଭାରତ, ରାମାୟଣ ଓ ବିଭିନ୍ନ ପୁରାଣ ସହିତ ଦେଶାତ୍ମବୋଧକ ଭାବନା ଜାଗ୍ରତ ହେଉଥିଲା। ଆମ ଗ୍ରାମର ଐତିହ୍ୟ ଓ ସଂସ୍କୃତି ଏହି ପାଲା ମାଧ୍ୟମରେ ଲୋକେ ଜାଣିଥିଲେ। ସେଥିପାଇଁ ଏହି ପରମ୍ପରାକୁ ବଞ୍ଚାଇ ରଖିବାକୁ ଆମେ ଉଦ୍ୟମ କରିଛୁ। ଚଳିତ ବର୍ଷ ଗାୟକ ସୁଧାକର କାଶୀନାଥ ଜେନା ଓ ଗାୟକ ବୈଷ୍ଣବ ଦୋଳ ଗୋବିନ୍ଦ ଅଧିକାରୀ ପାଲା ପରିବେଷଣ କରିଛନ୍ତି। ଉଭୟ ଗାୟକ ୩ ଘଣ୍ଟା କରି ରଜ ତିନିଦିନ ପାଲା ପରିବେଷଣ କରିଛନ୍ତି। ଆଜିର ଯୁବପିଢ଼ି ସେହି ପରମ୍ପରାକୁ ବଜାଇ ରଖିବାରେ ସକ୍ଷମ ହୋଇଛନ୍ତି। ବହୁ ବଡ଼ବଡ଼ ଗାୟକ ଏଠାକୁ ଆସି ପାଲା ପରିବେଷଣ କରିଛନ୍ତି। ଏହି ବାଦୀପାଲା ମହୋତ୍ସବକୁ ଶରତ ଚନ୍ଦ୍ର ଦାସ, ଗୋବିନ୍ଦ ଚନ୍ଦ୍ର ସାମଲ, ପ୍ରଦୀପ୍ତ ପାତ୍ର, ଅନିରୁଦ୍ଧ ପାତ୍ର, ବେବର୍ତ୍ତା ଅଜୟ ବଲ୍ଲଭ ଦାସ, ଅଙ୍କୁର ସାମଲ ଓ ହରେକୃଷ୍ଣ ସିଂହ ପ୍ରମୁଖ ପରିଚାଳନା କରିଥିଲେ। ଆମେ ବଞ୍ଚିଥିବା ପର୍ଯ୍ୟନ୍ତ ଆମ ପିତୃ ପୁରୁଷମାନେ ଆରମ୍ଭ କରିଥିବା ଏହି ପାଲା ପରମ୍ପରା ବଞ୍ଚାଇ ରଖିବାକୁ ଚେଷ୍ଟା କରିବୁ ବୋଲି ସେମାନେ ପ୍ରକାଶ କରିଛନ୍ତି।


ପାଲା ପରିବେଷଣ କରାଯାଉଛି।

## ସଂକ୍ଷେପରେ

### ସାହୁପଡ଼ାରେ ଗୋଟିଏ ରାତିରେ ୩ ଘରୁ ଚୋରି

ଆଳି,୧୭।୬(ବନମାଳୀ ସେନାପତି ): ଆଳି ଥାନା ଅନ୍ତର୍ଗତ ସାହୁପଡା ଗ୍ରାମର ୩ଟି ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରମାନେ କଳାକନା ବୁଲାଇ ଦେଇଛନ୍ତି । ଆଳି ଥାନାରେ ଆନନ୍ଦ ବେହେରା ଦେଇଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ପରିବାର ଲୋକ ସବୁଦିନ ପରି ଶୁକ୍ରବାର ରାତିରେ ଶୋଇ ଥିଲେ । ରାତି ପ୍ରାୟ ୩ ଟା ସମୟରେ ସେମାନେ ଘର ବାହାରକୁ ଯିବାକୁ କବାଟ ଖୋଲିବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ । କବାଟ ବାହାର ପଟୁ ବନ୍ଦ ଥିଲା । ସେ ପୁତୁରାକୁ ଡାକିବାରୁ ସେ କବାଟ ଖୋଲିଥିଲେ । ତାଙ୍କ ବୋହୂ ବାପ ଘରକୁ ଯାଇଥିବାରୁ ସେହି ଘରର କବାଟ ତାଡ଼ି ଚୋରମାନେ ନଗଦ ଟଙ୍କା ସହିତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି । ସେହିପରି ଗ୍ରାମର ଗୌରୀ ମଲ୍ଲ ଓ ଲକ୍ଷ୍ମୀଧର ମହାନ୍ତିଙ୍କ ଘରୁ ମଧ ଚୋରମାନେ ଲକ୍ଷାଧିକ ଟଙ୍କାର ସୁନାଗହଣା ନେଇ ଫେରାର ହୋଇଯାଇଛନ୍ତି । ଆଳି ଥାନା ପୋଲିସ ଅଭିଯୋଗ ପାଇବା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ନିଟ୍‌ରେ ସାଇରୁଦ୍ରାକ୍ଷଙ୍କ ସଫଳତା

କେନ୍ଦ୍ରାପଡ଼,୧୭।୬ (ଜଗନ୍ନାଥ ଧଳ): କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବାରାହା ଦୋମନ୍ତା ପଞ୍ଚାୟତର ଗୁଁଠଳ ଗ୍ରାମର ଶୈବଲ୍ୟ କୁମାର ମହାପାତ୍ର ଓ



ସଭ୍ୟାରାଣୀଙ୍କ ଏକମାତ୍ର ପୁଅ ସାଇ ରୁଦ୍ରାକ୍ଷ ନିଟ୍ ପରୀକ୍ଷାରେ ଶତକଡା ୯୭ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ସେ ଛତିଶଗଡ଼ର ରାୟପୁରସ୍ଥିତ ଜେଏନ୍ ପବ୍ଲିକ ସ୍କୁଲରେ ଦ୍ୱାଦଶପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାସ କରିଥିଲେ । ଏହାପରେ ସେ ନିଟ୍ ପରୀକ୍ଷା ଦେଇଥିଲେ । ସେ ଜଣେ ମେଧାବୀ ଛାତ୍ର । ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କ ପାଖକୁ ଶୁଭେଚ୍ଛାର ବାର୍ତ୍ତା ଆସିଛି ।

### ପରିବେଶ ସୁରକ୍ଷାରେ ସାଇକେଲ ଯାତ୍ରୀ ରାମପ୍ରସାଦ

କେନ୍ଦ୍ରାପଡ଼ା,୧୭।୬ (ଜଗନ୍ନାଥ ଧଳ): ପ୍ରଦୂଷଣ ମୁକ୍ତ ହିଁ ବିଶ୍ୱକୁ ଆଗାମୀ ଭୟଙ୍କର ପରିସ୍ଥିତିରୁ ମୁକ୍ତି ଦେଇ ପାରିବ । ପରିବେଶ ସୁରକ୍ଷାର ସଚେତନତାର ବାର୍ତ୍ତା ଦେଇ କଲିକତା ୨୪ ପ୍ରଗଣା ଜିଲା ସୁବାଶଗ୍ରାମର ୪୫ ବର୍ଷିୟ ରାମପ୍ରସାଦ ନସ୍କର ଶନିବାର କେନ୍ଦ୍ରାପଡା ପହଞ୍ଚିଛନ୍ତି । ସ୍ଥାନୀୟ ଅଞ୍ଚଳରେ ଯୁବବର୍ଗଙ୍କ ସହିତ ମିଶି ପ୍ଲାଷ୍ଟିକ ପ୍ରଦୂଷଣ, ବାୟୁ ଓ ଶବ୍ଦ ପ୍ରଦୂଷଣର ନିରାକରଣ ଉପରେ ଆଲୋଚନା କରିଛନ୍ତି । ନିଜ ସମ୍ପର୍କରେ ରାମପ୍ରସାଦ କୁହନ୍ତି, ୧୯୯୯ରେ ସେ ଭାରତର ବିଭିନ୍ନ ରାଜ୍ୟ, ବାଂଲାଦେଶ ଓ ନେପାଳ ଦେଶକୁ ସାଇକେଲରେ ଯାଇ ସଚେତନତା ସୃଷ୍ଟି କରିଥିଲେ । ଫଳରେ ବିଭିନ୍ନ ସ୍ଥାନରେ ଚାରା ରୋପଣ, ଗ୍ୟାସ୍ ପ୍ରଦୂଷଣ ଉପରେ ଯୁବବର୍ଗ ଅଦ୍ୟାବଧି କାର୍ଯ୍ୟକ୍ରମ ଜାରି ରଖିଛନ୍ତି । ଗତ ୮୭ ଦିନ ଧରି ଓଡ଼ିଶାର ବିଭିନ୍ନ ଜିଲା ଗସ୍ତ କରି ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରୁଥିବା ସେ ପ୍ରକାଶ କରିଛନ୍ତି ।

# ଭିତରକନିକାରେ କୁମ୍ଭୀର ବଂଶ ବୃଦ୍ଧି ରୋକିବାକୁ ଗୁରୁତ୍ୱ

କେନ୍ଦ୍ରାପଡ଼ା,୧୭।୬ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ନିମପୁର ଗ୍ରାମର ଅଶୋକ କୁମାର ଆଚାର୍ଯ୍ୟଙ୍କ ଏକମାତ୍ର ପୁଅ ଆଶୁତୋଷ(୧୦)ଙ୍କୁ ବ୍ରାହ୍ମଣୀ ନଦୀ ଘାଟରେ ଗତ ୧୪ ତାରିଖରେ କୁମ୍ଭୀର ଠାଣି ନେଲା । ଏହି ସ୍ଥାନ ଜାତୀୟ ଉଦ୍ୟାନ ଭିତରକନିକା ସଂରକ୍ଷିତ ଅଞ୍ଚଳ ନୁହେଁ । କେବଳ ନିମପୁର ନୁହେଁ ସହର ନିକଟ ଇନ୍ଦୁପୁରଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ କୁମ୍ଭୀର ଉପଦ୍ରବ ଦେଖିବାକୁ ମିଳୁଛି । ଭିତରକନିକାର ସୀମିତ ଅଞ୍ଚଳରେ ଅତ୍ୟଧିକ କୁମ୍ଭୀର ପ୍ରଜନନ କେନ୍ଦ୍ରାପଡ଼ା ଜିଲା ସମେତ ନିକଟସ୍ଥ ଯାଜପୁର ଓ ଭଦ୍ରକ ଜିଲାରେ ଆତଙ୍କ ଖେଳାଇଛି । ପ୍ରତିମାସରେ କୁମ୍ଭୀର ଓ ମଣିଷ ଲଢ଼େଇ ଦେଖିବାକୁ ମିଳୁଛି । ସାଇନବୋର୍ଡରେ ସଚେତନତା କାର୍ଯ୍ୟକ୍ରମ ସୀମିତ ରହିଥିବା ବେଳେ ନଦୀ ନାଳ ଅଞ୍ଚଳରେ ଥିବା କୁମ୍ଭୀରକୁ ବାର୍ଷିକ ଗଣନାରେ ସାମିଲ କରାଯାଉ ନାହିଁ । ୧୯୯୧ରେ ଜାତୀୟ ଉଦ୍ୟାନରେ ଏହାର ବଂଶବୃଦ୍ଧି ରୋକିବାକୁ କେନ୍ଦ୍ର ସରକାରଙ୍କ ବନ୍ୟ ଓ ପର୍ଯ୍ୟବରଣ ମନ୍ତ୍ରଣାଳୟରୁ ଚିଠି ହୋଇଥିଲା । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଓ ପରିବେଶବିତ୍‌ମାନେ ଏବେ ସ୍ୱର ଉଠାଇଲେଣି ।

ପରିବେଶବିତ୍ ତଥା କଇଁଛ ସୁରକ୍ଷା ସମିତିର ସମ୍ପାଦକ ହେମନ୍ତ କୁମାର ରାଉତ କହିଛନ୍ତି, ଲୁଣା କୁମ୍ଭୀର ପାଇଁ ଭିତରକନିକା ପ୍ରସିଦ୍ଧ । ଗତ ଜାନୁୟାରୀ ଗଣନା ସମୟରେ ପ୍ରାୟ ୧୮୦୦ କୁମ୍ଭୀର ରହିଥିବା ଜଣାପଡ଼ିଛି । ଏଠାରେ ଧଳା କୁମ୍ଭୀର ସହ ଅନ୍ୟ ଦୁଇ ପ୍ରଜାତି କୁମ୍ଭୀର ମଧ୍ୟ ଦେଖାଗଲାଣି । ଜାତୀୟ ଉଦ୍ୟାନର ସୀମିତ ଅଞ୍ଚଳରେ ଏହି ସଂରକ୍ଷିତ ପ୍ରାଣୀଙ୍କ ବଂଶବୃଦ୍ଧି ଏବେ ଜିଲା ଓ ବାହାର ଜିଲାରେ ଆତଙ୍କ ଖେଳାଇଛି । ଗତ ୧୦ ବର୍ଷର ହିସାବକୁ ନିଆଗଲେ ପ୍ରାୟ ଶତାଧିକ ଲୋକ କୁମ୍ଭୀର ଆକ୍ରମଣରେ ମୃତାହତ ହେଲେଣି । ସେହିପରି ଜାଲ ଓ ଅନ୍ୟ କାରଣରୁ ୨୫ରୁ ଉର୍ଦ୍ଧ୍ୱ କୁମ୍ଭୀରଙ୍କ ଜୀବନ ଗଲାଣି । ସଂଖ୍ୟା ଗଣନାରେ ସାମିଲ ନ ଥିବା ନଦୀ ନାଳ ଅଞ୍ଚଳରେ କୁମ୍ଭୀର ବୁଲୁଥିବା ଦେଖି ସ୍ଥାନୀୟ ଅଞ୍ଚଳବାସୀ ସହିତ ଯାଜପୁରର କୟାଁଗୋଲା, ଦଶରଥପୁର, ଭଦ୍ରକର ବିଭିନ୍ନ ନଦୀକୂଳବାସୀ ଆତଙ୍କିତ ହେଉଛନ୍ତି । ଜାତୀୟ ଉଦ୍ୟାନ ବାହାରେ ଥିବା ଆଳି, ରାଜକନିକା, ପଟ୍ଟାମୁଣ୍ଡାଇ, ମହାକାଳପଡ଼ା ଓ ରାଜନଗରରେ କୁମ୍ଭୀର ପ୍ରତି ସାବଧାନ ସାଇନ୍‌କାର୍ଡରେ ସଚେତନତା କାର୍ଯ୍ୟକ୍ରମ ସୀମିତ ରହୁଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି । ଡେରାଡୁନସ୍ଥିତ ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆର ପୂର୍ବତନ



ଏମିତି ସାଇନବୋର୍ଡରେ ସୀମିତ କୁମ୍ଭୀର ସଚେତନତା ।

- ୧୯୯୧ରେ କେନ୍ଦ୍ର ମନ୍ତ୍ରଣାଳୟରୁ ଆସିଥିଲା ଚିଠି
- ନଦୀ ନାଳ ଅଞ୍ଚଳରେ କୁମ୍ଭୀର ଗଣନା ହେଉନାହିଁ
- ସାଇନ୍‌ବୋର୍ଡରେ ସୀମିତ ସଚେତନତା କାର୍ଯ୍ୟକ୍ରମ

ବନ୍ୟପ୍ରାଣୀ ବିଶେଷଜ୍ଞ ବି.ସି.ଚୌଧୁରୀ କହିଛନ୍ତି, ସୀମିତ ଅଞ୍ଚଳରେ ଏହି ପ୍ରଜାତିର ଅତ୍ୟଧିକ ବଂଶବୃଦ୍ଧି ଚିନ୍ତାର କାରଣ ନିଶ୍ଚିତ ହେବ । ଖାଦ୍ୟ, ପ୍ରଜନନ ପାଇଁ ପାର୍ଟନର, ବସା ସ୍ଥାପନ ସହିତ ଅନ୍ୟ ସମସ୍ୟା ରହିବ । ଯାହା କଳହର ସୂତ୍ରପାତ କରିବା ସହିତ ବଂଶବୃଦ୍ଧି ପାଇଁ ନିକଟସ୍ଥ ଅଞ୍ଚଳକୁ ବ୍ୟବହାର କରିବ । ଏଠାରେ ଅତ୍ୟଧିକ ବଂଶବୃଦ୍ଧିକୁ ରୋକିବା ପାଇଁ ୧୯୯୧ରେ କେନ୍ଦ୍ର ସରକାରଙ୍କ ବନ୍ୟ ଓ ପର୍ଯ୍ୟାବରଣ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । କୁମ୍ଭୀରର ଅତ୍ୟଧିକ ବଂଶବୃଦ୍ଧି ଯୋଗୁ ବର୍ଷା ଓ ବନ୍ୟା ସମୟରେ ବାହାର ଅଞ୍ଚଳକୁ ପଳାଇବା ସାଧାରଣ କଥା । ଫଳରେ ମଣିଷ ଓ କୁମ୍ଭୀର ଲଢ଼େଇ ଅତ୍ୟଧିକ ହେବ । ଏହାକୁ ରୋକିବା ସହିତ ଲୁଣା ଅଞ୍ଚଳରେ ମାଛ ବଂଶ ବୃଦ୍ଧି ପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି ସେ ମତ ଦେଇଚନ୍ତି । ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ୧୯୭୫ରେ ଭିତରକନିକାରେ କୁମ୍ଭୀର ସଂରକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ତତ୍କାଳୀନ ସମୟରେ ଏହାର ସଂରକ୍ଷଣ ଜରୁରୀ ଥିଲା । ୧୯୯୧ରେ ମନ୍ତ୍ରଣାଳୟର ନିର୍ଦ୍ଦେଶ ପରେ ୧୯୯୫ରେ ସଂରକ୍ଷଣ କାର୍ଯ୍ୟକ୍ରମକୁ ବନ୍ଦ ରଖାଗଲା । ଆରମ୍ଭ ସମୟରେ ମାତ୍ର ୯୪ଟି କୁମ୍ଭୀର ଥିବାବେଳେ ୨୦ ବର୍ଷରେ ଏହା ୧୦୦୦କୁ ବୃଦ୍ଧି ପାଇ ସାରିଥିଲା । ଏହାସତ୍ତ୍ୱେ ଏବେ ମଧ୍ୟ କୁମ୍ଭୀର ଅଣ୍ଡା ସଂଗ୍ରହ ଓ ହାଚେରୀରେ ସଂରକ୍ଷଣ କରାଯାଉଛି । ସୀମିତ ଅଞ୍ଚଳରେ ଏହି ପ୍ରାଣୀର ଅତ୍ୟଧିକ ବଂଶ ବୃଦ୍ଧି ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଘାତକ ହେବ ବୋଲି ସାମଲ ମତ ରଖିଛନ୍ତି । ଏସମ୍ପର୍କରେ କନିକା ରେଞ୍ଜର ମାନସ ଦାଶ କହିଛନ୍ତି, ଭିତରକନିକାରେ କୁମ୍ଭୀର ସଂରକ୍ଷଣ କାର୍ଯ୍ୟକ୍ରମ ଜାରି ରହିଛି । ବିଭାଗୀୟ ନିର୍ଦ୍ଦେଶକୁ ସର୍ବଦା କାର୍ଯ୍ୟକାରୀ କରାଯାଉଛି ।

### ମଧୁବନରେ ସାଇକଥା ପ୍ରବଚନ



ଆଳି,୧୭।୬ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଡ଼ିମିରିପାଳ ପଞ୍ଚାୟତ ମଧୁବନ ଗ୍ରାମରେ ଆଗାମୀ ଜୁଲାଇ ମାସ ୧୦ ତାରିଖରେ ପ୍ରତିଷ୍ଠା ହେବାକୁ ଥିବା ନୂତନ ସାଇ ମନ୍ଦିର ନିମନ୍ତେ ଶୁକ୍ରବାର ବାବାଙ୍କ ଆଜ୍ଞାମାଳ ମଧୁବନରେ ପହଞ୍ଚିବା ପରେ ଗ୍ରାମର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ଆଜ୍ଞାମାଳ ଆସିବା ଉପଲକ୍ଷେ ସନ୍ଧ୍ୟାରେ ସାଇ ଶ୍ରଦ୍ଧା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସାଇକଥା ପ୍ରଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସାଇ ପ୍ରଚନ କାର୍ଯ୍ୟକ୍ରମରେ ପ୍ରଚକ ଆଦିତ୍ୟ ପାଢ଼ୀ ଯୋଗଦେଇ ସାଇ ବାବାଙ୍କ କଥାମୃତ ଶ୍ରଦ୍ଧାଳୁଙ୍କ ନିକଟରେ ପରିବେଷଣ କରିଥିଲେ । ଏହି ପ୍ରଚନ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ,ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ପୂର୍ବତନ ଉପାଧକ୍ଷ କେଦାରନାଥ ବେହେରା, ଯୁବନେତା ସୁବ୍ରତ ଦାଶଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଏହି ସାଇକଥା ପ୍ରଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସାଇ ଶ୍ରଦ୍ଧା ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ ।

# ଅର୍ତ୍ତାମୂଳରେ ରଜ ଉତ୍ସବ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

ଡେରାବିଶ,୧୭।୬ (ବେବର୍ତ୍ତା ଅଜୟ ଦାସ)

କୃଷିଭିତ୍ତିକ ଗଣପର୍ବ ରଜ ପାଇଁ ଚଳିତ ବର୍ଷ ଡେରାବିଶ ବ୍ଲକ ଅଞ୍ଚଳରେ ଅତି ଆନନ୍ଦ ଉଲ୍ଲାସର ସହ ପାଳନ ହୋଇଯାଇଛି । ଏହି ଅବସରରେ ବ୍ଲକ ଅଧୀନ ଯଅଁରାବାରିମୂଳ ପଞ୍ଚାୟତ ଅର୍ତ୍ତାମୂଳଠାରେ ଅଷ୍ଟମ ବାର୍ଷିକ ରଜ ମହୋତ୍ସବ ପ୍ରଥମ ରଜ ବୁଧବାରଠାରୁ ଆରମ୍ଭ ହୋଇ ଶେଷ ରଜ ଶୁକ୍ରବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଛି । ଏହି ଅବସରରେ ଅନୁଷ୍ଠିତ ମହୋତ୍ସବରେ ତିନିଦିନ ଧରି କିଶୋରୀମାନଙ୍କ ମଧ୍ୟରେ ଦୋଳି, ଦଉଡ଼ିଡିଆଁ, ପୁଚି, ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ତିନିଦିନିଆ ରଜ ମହୋତ୍ସବକୁ ଡେରାବିଶ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ମହୋତ୍ସବ କମିଟିର କର୍ମକର୍ତ୍ତା କୃଷ୍ଣଚନ୍ଦ୍ର ବଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା ଓ ସାମାଜିକ କର୍ମୀ ରଜତ ବଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ତେବେ ଉଦ୍‌ଯାପନୀ ଉତ୍ସବରେ ସାହିତ୍ୟିକ ପ୍ରମୋଦ କୁମାର ପ୍ରତାପ ଅଧକ୍ଷତା କରିଥଲେ । ଉଠାଜଳସେଚନ ନିଗମର ଅଧକ୍ଷ ଅମରେଶ ପତ୍ରୀ ମୁଖ୍ୟଅତିଥି, ଶିକ୍ଷାବିତ୍ ରଞ୍ଜନ ସ୍ୱାଇଁ, ସମବାୟବିତ୍ ରଜତ କୁମାର ବଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆର ଗଣପର୍ବ ଭାବେ ପରିଚିତ ରଜ ଭାଇଚାରାର ନିଦର୍ଶନ ପାଲଟିଥିବା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପତ୍ରୀ ପୁରସ୍କାର ବିତରଣ କରିଥିଲେ । ପ୍ରମୋଦ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ଦିବସରେ ପ୍ରାଧାପକ ଅଜୟ କୁମାର ରାଉତ, କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ପୂର୍ବତନ ସରପଞ୍ଚ ରଘୁନାଥ ଶତପଥୀ, ଉମେଶ ଚନ୍ଦ୍ର ତ୍ରିପାଠୀ ଓ ସୁଖଦାନନ୍ଦ ପ୍ରଧାନ ଅତିଥିଭାବେ ଯୋଗେ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ମହୋତ୍ସବ କମିଟିର ସଦସ୍ୟମାନେ ପରିଚାଳନା କରିଥିଲେ ।

## ଅସଦାଚରଣ ମାମଲା, ଦୋଷୀଙ୍କୁ ୩ ବର୍ଷ ଜେଲ

କେନ୍ଦ୍ରାପଡ଼ା, ୧୭।୬ (ଜଗନ୍ନାଥ ଧଳ)

ନିକିରାଇ ଥାନା କେନ୍ଦ୍ରାପଡା ବ୍ଲକ ବାରୋ ଗ୍ରାମର ୨୦୧୯ରେ ଜଣେ ମହିଳାଙ୍କୁ ଅସଦାଚରଣ କରାଯାଇଥିଲା । ଏହି ମାମଲା (କେସ ନଂ- ୭୩/୧୯) ର ଶନିବାର ଫଇସଲା ହୋଇଛି । କୋର୍ଟ ବାରୋ ଗ୍ରାମର ରାମଚନ୍ଦ୍ର ମଲ୍ଲିକଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ ଓ ୫ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅର୍ଥ ୫ ହଜାର ଟଙ୍କା ଅନାଦୟେରେ ଅଧିକ ୬ ମାସ ଜେଲରେ ରହିବେ ବୋଲି ଆଡହକ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟର ଜଜ୍ ତ୍ରିବିକ୍ରମ କେଶରୀ ଚିନ୍ନରା ରାୟରେ ଉଲ୍ଲେଖ କରିଛନ୍ତି । ଏ ସମ୍ପର୍କରେ ମାମଲା ପରିଚାଳନାକାରୀ ସରକାରୀ ଓକିଲ ସଞ୍ଜୟ ଜେନା କହିଛନ୍ତି, ପୀଡ଼ିତାଙ୍କ ସ୍ୱାମୀ ଅଟୋରିକ୍ସା ଚଳାନ୍ତି । ୨୦୧୯ ଜୁନ ୨୮ ରାତିରେ ରାମଚନ୍ଦ୍ର ପୀଡ଼ିତାଙ୍କ ଘରକୁ ଯାଇ ଅଟୋ ଭଡା ନେବେ ବୋଲି କହି କବାଟ ବାଡେଇ ଥିଲେ । ତେବେ ରାତି ଅଧିକ ହୋଇଥିବାରୁ ସ୍ୱାମୀଙ୍କୁ ବାହାରକୁ ଯିବା ପାଇଁ ସ୍ତ୍ରୀ ମନା କରିଥିଲେ । ତେବେ ରାମଚନ୍ଦ୍ର ଗୋଟିଏ ଶାବଳରେ କବାଟ ଭାଙ୍ଗି ଘରକୁ ପଶିଥିଲେ । ପୀଡ଼ିତାଙ୍କୁ ଜୋରଜବରଦସ୍ତ ବାହାରେ ଥିବା ବିଲକୁ ନେବା ପୂର୍ବରୁ ଶାବଳରେ ବାଡେଇ ସଂଜ୍ଞାହୀନ କରିଥିଲେ । ବିଲରେ ମହିଳାଙ୍କୁ ଅସଦାଚରଣ କରିଥିବା ନେଇ ମାମଲା ହୋଇଥିଲା । ଏହି ମାମଲାରେ ୧୨ ଜଣ ସାକ୍ଷୀ ଥିବା ଓକିଲ ଜେନା ସୂଚନା ଦେଇଛନ୍ତି ।

## କନ୍‌ଷ୍ଟେବଲଙ୍କ ଘରୁ ୧୮ ଭରି ସୁନା ଅଳଙ୍କାର,ଟଙ୍କା ଚୋରି

କେନ୍ଦ୍ରାପଡ଼ା,୧୭।୬(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଜଜାଙ୍ଗ ଗ୍ରାମରେ ଶୁକ୍ରବାର ରାତିରେ ଏହି ଚୋରି ଘଟଣା ଘଟିଛି । ଟାଉନ ଥାନା ଅନ୍ତର୍ଗତ ତିନିମୁହାଣୀସ୍ଥିତ ୧ ନଂ. ଫାଣ୍ଡି କନ୍‌ଷ୍ଟେବଲ ବିମେଳେନ୍ଦୁ ପାଢ଼ୀଙ୍କ ଘରୁ ୧୮ ଭରି ସୁନା ସହ ପ୍ରାୟ ୪୦ ହଜାର ଟଙ୍କା ଚୋରି ହୋଇଛି । ଏସମ୍ପର୍କରେ ବିମଳେନ୍ଦୁଙ୍କ ବାପା ଅଶେଷ ସଦର ଥାନାରେ ଏକ ଅଭିଯୋଗ ପତ୍ର ଦେଇଛନ୍ତି । ବିମଳେନ୍ଦୁଙ୍କ ମାଆ ମିନତୀଙ୍କ ବୟାନ ଅନୁଯାୟୀ ତାଙ୍କ ବଡପୁଅ ବାଙ୍ଗାଲୋରରେ ରହୁଛନ୍ତି । ସାନପୁଅ କନ୍‌ଷ୍ଟେବଲ ବିମଳେନ୍ଦୁ ରଜ ପାଇଁ ଭଉଣୀ ଘରକୁ ଯାଇଥିଲେ । ଗତ ରାତି ୧୧ଟାରେ ମିନତୀ ଓ ସ୍ୱାମୀ ଅଶେଷ ଖାଇ ସାରି ଶୋଇଥିଲେ । ଏହାପରେ ଚୋର ସିଡ଼ିଘର ବାଟ ଦେଇ ଘରକୁ ଆସି ଏହି ଲୁଟ କରିଛନ୍ତି । ଶୋଇବା ସମୟରେ କୌଣସି ଶବ୍ଦ ଶୁଣିନାହାନ୍ତି । ତେବେ ସିଡ଼ିଘର ଖୋଲିବା ପାଇଁ ବ୍ୟବହୃତ ଲୁହା ରଡ ଛାଡିଛନ୍ତି । ଥାନାଧିକାରୀ ସରୋଜ ସାହୁ କହିଛନ୍ତି, ଅଭିଯୋଗକୁ ଭିତ୍ତି କରି ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି ।

## ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଜିଲା ଟପ୍ପରଙ୍କୁ ସମ୍ବର୍ଦ୍ଧନା



ଯୁକ୍ତ ୨ ଟପ୍ପର ଗାୟତ୍ରୀ ପାଣିଗ୍ରାହୀଙ୍କୁ ଭାଜପା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି ।

କେନ୍ଦ୍ରାପଡ଼ା,୧୭।୬ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ଭାଜପା ମହିଳା ମୋର୍ଚ୍ଚାର ସଭାନେତ୍ରୀ ପ୍ରିୟଦର୍ଶୀନି ନନ୍ଦ +୨କଳାରେ ଟପ୍ପର ହୋଇଥିବା ଗାୟତ୍ରୀ ପାଣିଗ୍ରାହୀଙ୍କୁ ତାଙ୍କ ବରୁଣାଡିହା ବାସଭବନରେ ଭେଟି ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ଗାୟତ୍ରୀ ଶୈଳେନ୍ଦ୍ର ନାରାୟଣ ଜୁନିୟର କଲେଜର ଛାତ୍ରୀ । ମହିଳା ମୋର୍ଚ୍ଚାର ସଭାନେତ୍ରୀଙ୍କ ବ୍ୟତୀତ ଜିଲା ମହିଳା ମୋର୍ଚ୍ଚାର ପ୍ରୀତିପ୍ରଜ୍ଞା ଜେନା, ସ୍ୱର୍ଣ୍ଣଲତା ସ୍ୱାଇଁ, ସଙ୍ଗୀତା ବିଶ୍ୱାଳ, ପ୍ରଭାସିନୀ ପାତ୍ର ଓ ରଶ୍ମିତା ସାହୁଙ୍କ ସମେତ ରାଜକନିକା ୨୮ ନଂ. ଜୋନ ଯୁବମୋର୍ଚ୍ଚା ସଭାପତି ଶ୍ରେୟସ ଦାସ, ବିଜୟ କୁମାର ବେହେରା, ସୋମନାଥ କର, ସୁଜିତ୍ କୁମାର ବେହେରା, ସୁବାସ ନାୟକ ଓ ସୁରେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ବିଦ୍ୟୁତ୍ କାଟ୍ ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

କେନ୍ଦ୍ରାପଡ଼ା,୧୭।୬ (ଜଗନ୍ନାଥ ଧଳ)

ଟାଟା ପାୱାରର ମନମୁଖୀ ଅଘୋଷିତ ବିଦ୍ୟୁତ୍ କାଟ ପ୍ରତିବାଦରେ ସାରା ରାଜ୍ୟରେ ବିକ୍ଷୋଭ ଚାଲୁଥିବା ବେଳେ ରାଜକନିକା ବ୍ଲକ କଂଗ୍ରେସ ପକ୍ଷରୁ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଚଳିତ ବର୍ଷ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ସାମାନ୍ୟ ପବନ ବହିଲେ ୨୪ଘଣ୍ଟା ବିଦ୍ୟୁତ୍‌କାଟ ଜନ ଜୀବନ କୁ ଅସ୍ତବ୍ୟସ୍ତ କରିଦେଇଛି । କାଳ ବୈଶାଖୀର ଦ୍ୱାହି ଦେଇ ଯନ୍ତ୍ରୀ ଓ ମନ୍ତ୍ରୀ ବିଦ୍ୟୁତ୍ ଉପଭୋକ୍ତାଙ୍କ ଅସୁବିଧା ବିଷୟରେ କର୍ଣ୍ଣପାତ କରୁ ନ ଥିବାରୁ ରାଜକନିକା ବ୍ଲକ କଂଗ୍ରେସ ପକ୍ଷରୁ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ବାଇକ୍ ରାଲି କରିଥିଲେ । ଠିକ ଭାବେ ବିଦ୍ୟୁତ୍ ଯୋଗାଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି କହିଥିଲେ ।

ବ୍ଲକ କଂଗ୍ରେସ କାର୍ଯ୍ୟାଳୟରୁ ବାହାରିଥିବା ବାଇକ୍ ରାଲି ଥାନା ଛକ, ମେଡିକାଲ ଛକ, ଚନ୍ଦନ ପୋଖରୀ ଛକ ହୋଇ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ଶେଷ ହୋଇଥିଲା । ଏହି ବିକ୍ଷୋଭ ଓ ପ୍ରତିବାଦ ସଭାରେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥ ଶର୍ମା, ରାଜକନିକା ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା, ବରିଷ୍ଠ ନେତା ଦୁର୍ଯ୍ୟୋଧନ ମହାନ୍ତି, ଅଜୟ ଦାସ, ରଞ୍ଜନ ସେଠୀ, ଅଞ୍ଜନା ସାହୁ ଓ ରବିନାରାୟଣ ବେହେରା ଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ମହିଳା ଯୋଗ ଦେଇଥିଲେ ।




ଧାରଣା ଦେଉଥିବା କଂଗ୍ରେସ କର୍ମୀ ଓ ନେତା ।

# ବାଲ୍ୟ ବିବାହ ରୋକିଲା ପ୍ରଶାସନ

ମହାକାଳପଡ଼ା,୧୭।୬( ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ଦିନକୁ ଦିନ ବାଲ୍ୟ ବିବାହ ସ୍ଥାନୀୟ ପ୍ରଶାସନ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି । ଯେଉଁ ବୟସରେ ନାବାଳିକା ଓ ନାବାଳକମାନେ ପାଠ ପଢି ଭବିଷ୍ୟତର ସୁନେଲି ସ୍ୱପ୍ନ ଦେଖିବା କଥା ସେହି ବୟସରେ ସଂସାର ଜାଲରେ ଛନ୍ଦି ହୋଇ ପଡୁଛନ୍ତି । ବିବାହ ବୟସ ନ ହେବା ପୂର୍ବରୁ ଏମାନେ ଜୀବନ ସାଥୀ ଖୋଜି ବିବାହ ବନ୍ଧନରେ ଆବଦ୍ଧ ହେଉଛନ୍ତି । ଯାହା ଫଳରେ ସଚେତନତା ଅଭାବ ପାଇଁ କମ ବୟସରେ ନାବାଳିକା ମାତୃତ୍ୱ ଲାଭ କରୁଛନ୍ତି । ଫଳରେ ଶିଶୁଟିଏ ଜନ୍ମ ହୋଇ ବିକାରଗସ୍ତ ହେବା ସହ ନାବାଳିକା ମା'ର ବିପଦରେ ଜୀବନ ଚାଲିଯାଉଛି । ଶନିବାର ଏମିତ ଏକ ବାଲ୍ୟ ବିବାହକୁ ପ୍ରଶାସନ ରୋକିବାରେ ସଫଳ ହୋଇଛି । କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ପେଟଛେଲା ପଞ୍ଚାୟତର ଶବରପଡ଼ା ଗ୍ରାମର ପ୍ରକାଶ ମଲିକ(୧୮) ବାଲେଶର ଜିଲାର ସୋର ଅଞ୍ଚଳର ଏକ ନାବାଳିକାଙ୍କୁ ପ୍ରେମ ବିବାହ କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ । ଏ ସଂକ୍ରାନ୍ତରେ ଖବର ପାଇବା ପରେ କେନ୍ଦ୍ରାପଡ଼ା ଶିଶୁ ସୁରକ୍ଷା ଅଧିକାରୀଙ୍କ ସମେତ ଏକ ସ୍ୱତନ୍ତ୍ର ଟିମ୍ ପ୍ରେମୀ ଯୁଗଳଙ୍କୁ ଉଦ୍ଧାର କରିଥିଲେ । ଉଭୟଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ଲକ ଶିଶୁ ବିକାଶ ଓ ବାଲ୍ୟ ବିବାହ ନିରାକରଣ ଅଧିକାରିଣୀ କବିତା ମଲିକ କହିଛନ୍ତି ।



ଶବରପଡ଼ା ଗ୍ରାମରେ କେନ୍ଦ୍ରାପଡ଼ା ଶିଶୁ ସୁରକ୍ଷା ଅଧିକାରୀ ଓ ଅନ୍ୟମାନେ ପହଞ୍ଚିଛନ୍ତି ।

- ରାଜ୍ୟ ବାହାରକୁ ଚାଲାଣ ହେଉଛନ୍ତି ନାବାଳିକା
- ୫ ଶହରୁ ଉର୍ଦ୍ଧ୍ୱ ନାବାଳିକା ମମତା ଯୋଜନାରୁ ବଞ୍ଚିତ

କେବଳ ଏହି ଗୋଟିଏ ଘଟଣାର ନୁହେଁ, ବ୍ଲକର ବଟୀଘର, ଖରିନାସି, ରାମନଗର, ପେଟଛେଲା, ବଉଳ କଣି, ଜମ୍ବୁ, ସୁନିତି, କେବି ଦାଣ୍ଡୁଆ, ନାଞ୍ଚୁରା ଆଦି ପଞ୍ଚାୟତରେ ୫ ଶହରୁ ଅଧିକ ନାବାଳିକା ବିବାହ କରି ମମତା ଯୋଜନାରୁ ବାଦ ପଡ଼ିଥିବା ଅଭିଯୋଗ ହୋଇଛି । ଫଳରେ ସରକାରଙ୍କ ଜନ କଲ୍ୟାଣ ଯୋଜନାରୁ ଏମାନେ ସମ୍ପୂର୍ଣ୍ଣ ବଞ୍ଚିତ ହୋଇଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସଚେତନ ଅଭାବ, ଦାରିଦ୍ର୍ୟ ଓ ନିରକ୍ଷର ପାଇଁ ଉପକୂଳ ଅଞ୍ଚଳରୁ ଉତ୍ତର ପ୍ରଦେଶର ଝାନସି, ଗୟା, ମଥୁରା, ବିହାର, ଛତିଶ ଗଡ଼ ଆଦି ଅଞ୍ଚଳକୁ ବିବାହର ପ୍ରଲୋଭନ ଦେଖାଇ କେତେଜଣ ଅଧ୍ୟସ୍ଥି ରାଜ୍ୟ ବାହାରକୁ ଚାଲାଣ କରୁଥିବା ଅଭିଯୋଗ ହୋଇଛି ।

## ସଂକ୍ଷେପରେ

### ଅଂଶୁଘାତରେ କୃଷକଙ୍କ ମୃତ୍ୟୁ ଅଭିଯୋଗ

ଭାପୁର,୧୭।୬(ଭରତ କୁମାର ବେହେରା): ଫତେଗଡ ଥାନା ଅଧୀନ ମରିଚିଆ ଗ୍ରାମ ଅଧୀନ ଶାଳବଣୀ ଗ୍ରାମର ଜଣେ କୃଷକଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ଶାଳବଣୀ ଗ୍ରାମର ରୂପ ଖୁଣ୍ଟିଆଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ସ୍ୱାମୀ ମଥୁରା ଖୁଣ୍ଟିଆ (୬୦) ଶନିବାର ସକାଳୁ ନିଜ ବିଲକୁ ଗୋବର ଖତ ପକାଇବାକୁ ଯାଇଥିଲେ । ପୂର୍ବାହ୍ନ ଦଶଟା ବେଳକୁ ତାଙ୍କର ମୁଣ୍ଡ ବୁଲାଇବାରୁ ଘରକୁ ଫେରି ଆସିଥିଲେ। ଘରଲୋକ ତୁରନ୍ତ ଅସୁସ୍ଥ ମଥୁରାଙ୍କୁ ଲେମ୍ବୁପାଣି ପିଇବାକୁ ଦେଇଥିଲେ। ଅଧିକ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଭାପୁର ତହସିଲଦାର ଲମ୍ବଜିତ୍ ବେହେରା ମେଡିକାଲରେ ପହଞ୍ଚି ଡାକ୍ତର ସତ୍ୟ ପ୍ରିୟ ସାହୁଙ୍କ ସହ ଆଲୋଚନା କରି ଫତେଗଡ଼ ପୋଲିସ ସହାୟତାରେ ଶବ ବ୍ୟବଚ୍ଛେଦ ପାଇଁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା।

### ନୂଆଗାଁରୁ ପୁରୀ ସ୍ୱତନ୍ତ୍ର ଟ୍ରେନ୍

**ରଥଯାତ୍ରାରୁ ସୁନାବେଶ ପର୍ଯ୍ୟନ୍ତ ଚାଲିବ**

ନୟାଗଡ଼,୧୭।୬(ଲୋକନାଥ ମିଶ୍ର):ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ଦର୍ଶନ ଉଦ୍ଦେଶ୍ୟରେ ରଥଯାତ୍ରାରୁ ସୁନାବେଶ ପର୍ଯ୍ୟନ୍ତ ନୟାଗଡ଼ ଜିଲାବାସୀଙ୍କ ପାଇଁ ସ୍ୱତନ୍ତ୍ର ଟ୍ରେନ ବ୍ୟବସ୍ଥା ହୋଇଛି । ଏହି ଟ୍ରେନ୍ ନୂଆଗାଁରୁ ସକାଳ ୪.୧୫ରେ ଛାଡିବ । ଟ୍ରେନ ପୁରୀରେ ପୂର୍ବାହ୍ନ ୮.୧୫ରେ ପହଞ୍ଚିବ । ସେହିପରି ପୁରୀରୁ ରାତ୍ର ୯.୧୫ରେ ଛାଡି ନୂଆଗାଁରେ ରାତି ୧ଟା ୧୫ରେ ପହଞ୍ଚିବ । ତେବେ ପୂର୍ବରୁ ନୂଆଗାଁରୁ ପୁରୀ ଗଡୁଥିବା ଟ୍ରେନର ସମୟ ସାରଣୀରେ କୌଣସି ପରିର୍ତ୍ତନ କରାଯାଇ ନାହିଁ । ଅପରପକ୍ଷେ ଦଶପଲ୍ଲାରୁ ରଥଯାତ୍ରାରେ ଟ୍ରେନ ଚଳାଚଳ ନେଇ ସେପରି କିଛି ସୂଚନା ମିଳିନି ।

### ମା’ ବନଦୁର୍ଗା ମନ୍ଦିର ରତ୍ନମୁଦ

**ନୟାଗଡ଼,୧୭।୬(ଲୋକନାଥ ମିଶ୍ର):** ନୟାଗଡ଼ ସହର ଖଣ୍ଡପଡ଼ା ରୋଡସ୍ଥିତ ବଲାଙ୍ଗୀ ପାର୍କରେ ମା’ବନଦୁର୍ଗାଙ୍କ ରତ୍ନମୁଦ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପୂର୍ବାହ୍ନରେ ହୋମଯଜ୍ଞ ହୋଇଥିଲା । ନୟାଗଡ଼ ମ୍ୟୁନିସିପାଲିଟିର ଅଧକ୍ଷା ନିରୁପମା ଖଟେଇ ଓ ସାମାଜିକ କର୍ମୀ ଶ୍ରୀକାନ୍ତ ଖଟେଇ ହୋମରେ ବସିଥିଲେ । ଭକ୍ତମାନେ ରତ୍ନମୁଦ କାର୍ଯ୍ୟକ୍ରମରେ ସାମିଲ ହୋଇ ସୁନା, ଟଙ୍କା, ରୁପା, ମୁଗ, ବିରି, ଧାନ ପକାଇଥିଲେ । ପ୍ରକାଶଥାଉ କି ବଲାଙ୍ଗୀ ପାର୍କ ଅଞ୍ଚଳରେ ପୂର୍ବରୁ ମା’ପୂଜା ପାଉଥିଲେ । ମା’ଙ୍କ ପାଇଁ ମନ୍ଦିର ନିର୍ମାଣ ଚାଲିଛି ।

### ହାଇୱା ତଳେ ପଶିଗଲେ ବାଇକ୍ ଆରୋହୀ

**ନୟାଗଡ଼,୧୭।୬(ଲୋକନାଥ ମିଶ୍ର):** ନୟାଗଡ଼ ଟ୍ରାଫିକ ଛକରେ ଶନିବାର ସନ୍ଧ୍ୟାରେ ଏକ ବଡଧରଣର ଦୁର୍ଘଟଣାରୁ ଜଣେ ବାଇକ୍ ଚାଳକ ବର୍ତ୍ତି ଯାଇଛନ୍ତି । ବାଇକ୍ ଚାଳକ ଖୋର୍ଦ୍ଧା ପାର୍ଶ୍ୱରୁ ଦଶପଲ୍ଲା ଅଭିମୁଖେ ଯାଉଥିବାବେଳେ ହାଇୱା ଓଡ଼ଗାଁରୁ ଖଣ୍ଡପଡା ଅଞ୍ଚଳକୁ ଯାଉଥିଲା । ଶନିବାର ସନ୍ଧ୍ୟାରେ ବାଇକ୍ ଚାଳକ ବାଇକ୍ ସହ ହାଇୱା ଚକ ତାଳକୁ ଚାଲି ଯାଇଥିଲେ । ଏହି ସମୟରେ ହାଇୱା ଡ୍ରାଇଭର ବ୍ରେକ ଦେଇଥିବାବେଳେ ଉପସ୍ଥିତ ଲୋକ ବାଇକ୍ ଚାଳକଙ୍କୁ ଉଦ୍ଧାର କରିଥିଲେ ।

# ବଦଳିଯାଉଛି ପିତା ଧର୍ମ,ପିତା ସ୍ୱର୍ଗର ପରିଭାଷା

## ଆଜି ବିଶ୍ୱ ପିତୃ ଦିବସ

ଖଣ୍ଡପଡା,୧୭।୬(ଅଜୟ କୁମାର ମହାରଣା)

**ବାପାଙ୍କୁ ସମ୍ମାନ ଜଣାଇବା ପାଇଁ ପ୍ରତି ବର୍ଷ ଜୁନ ତୃତୀୟ ରବିବାରକୁ ପିତୃ ଦିବସ ଭାବେ ପାଳନ କରାଯାଉଛି । ହେଲେ ଅନେକ ବାପା ଅଛନ୍ତି ଯେଉଁମାନଙ୍କ ପାଇଁ ପିତୃ ଦିବସ ମୂଲ୍ୟହୀନ । ପରିବାରରେ ରହିଥିଲେ ମଧ୍ୟ ସେମାନେ ଅବହେଳିତ ଓ ଉପେକ୍ଷିତ । ହାତ ଧରି ଯିଏ ଚାଲିବା ଶିଖାଏ । ସମ୍ବଳ ନ ଥାଇ ମୁଣ୍ଡଖାଳ ତୁଣ୍ଡରେ ମାରି ଯିଏ ପିଲାର ଭବିଷ୍ୟତ ପାଇଁ ଚିନ୍ତା କରେ । ଯାହାଙ୍କୁ ପାଖରେ ପାଇଲେ ଶତ ସିଂହର ବଳ ଆସେ, ସିଏ ଆମର ବାପା । ହେଲେ ସମ୍ପ୍ରତି ପିତାଙ୍କ ପରିଚୟ ହଜିବାକୁ ବସୁଛି । ଯେଉଁ ପିଲାମାନଙ୍କ ଆଙ୍ଗୁଳି ଧରି ବାପା ବାଟ ଚଲାଇଥିଲେ ସେ ଆଜି ଅଖୋଜା ଆଉ ଅଲୋଡା ସାଜିଛନ୍ତି । ସତେ ଯେପରି ବାପା ଶବ୍ଦଟି ସେହି ପିଲାମାନଙ୍କ ପାଇଁ ବୋଝ ପାଲଟି ଯାଇଛି । ଏହି ପରିପ୍ରେକ୍ଷୀରେ କେତେଜଣ ବ୍ୟକ୍ତି ବିଶେଷଙ୍କ ମତାମତକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନ... ।**

“ ପିତାମାତାଙ୍କ ଆର୍ଶୀବାଦ ବିନା କୌଣସି ସନ୍ତାନର ଉନ୍ନତି ଅସମ୍ଭବ । ପିତା ମାତା ଭଗବାନଙ୍କର ପ୍ରତିନିଧି ସ୍ୱରୂପ ଭୁପୃଷ୍ଠରେ ତାଙ୍କର ସନ୍ତାନମାନଙ୍କ ଜନ୍ମଦାତା । ଅହଂ ବ୍ରହ୍ମାସ୍ମି । ଆତ୍ମା ବ୍ରହ୍ମା ସ୍ୱରୂପ ହେଲେ ମଧ ତାହା ମାନବ ରୁପରେ ଏହି ଭୂପୃଷ୍ଠରେ କାହାରି ନା କାହାରି ସନ୍ତାନ ହୋଇଥାନ୍ତି। ପିତାଙ୍କୁ ସ୍ୱର୍ଗଠାରୁ ଅଧିକ ଭାବେ ଗ୍ରହଣ କରିଛି ଭାରତୀୟ ସଂସ୍କୃତି। ସନ୍ତାନକୁ ମା’ ଜନ୍ମ ଦେଲେ ମଧ ପିତାଙ୍କର ଭୂମିକା କିଛି କମ୍ ନୁହଁ । କିନ୍ତୁ ବର୍ତ୍ତମାନର ସମାଜରେ ପିତାଙ୍କୁ ବହୁତ ହତାଦର କରାଯାଉଛି ।



**–ବିଭୁତି ଭୂଷଣ ସିଂହ ମର୍ଦ୍ଦରାଜ, ପୂର୍ବତନ ଉପବାଚସ୍ପତି, ଭୁବନେଶ୍ୱର**

“ ଅଥୟ ସାଗର ବିନ୍ଦୁ ବଳୟର ବାପା ହେଉଛନ୍ତି ଥୟ ବେଳାଭୂମି, ଯେଉଁଠି ସମସ୍ୟା, ସମାଧାନର ଢେଉମାନେ ମଥା ଛୁଇଁ ଫେରନ୍ତି । ମୁଁ ମାଟିର ଗଣେଶ, ବାପା ଜୀବନ ଗଣିତର ଭାଜ୍ୟ,ଭାଜକ, ଭାଗଫଳ ଓ ଭାଗଶେଷ । ଯାହାଙ୍କ ପାଇଁ ମୋ ଜୀବନ ଏକ ନିଅଣ୍ଟିଆ ବଜେଟ । ମୋ ମୁଣ୍ଡ ଉପର ଆକାଶ ଛିଣ୍ଡି ପଡିଲା ବେଳେ ବାପା ହେଉଛନ୍ତି ଗିରି ଗୋବର୍ଦ୍ଧନଧାରୀ ଶ୍ରୀକୃଷ୍ଣଙ୍କର କାଣି ଆଙ୍ଗୁଠି ସଦୃଶ ଅଭୟ ପ୍ରଦାନକାରୀ ।



**–ଜ୍ୟୋତ୍ସ୍ନା ମହାରଣା, ଅଧ୍ୟାପିକା**

“ ହୃଦୟ ମନ୍ଦିରର ପ୍ରକୃତ ଦେବତା ହେଉଛନ୍ତି ବାପା ଓ ମା । ବିଶ୍ୱ ପିତୃତ୍ୱ ଦିବସରେ ମୁଁ ଏତିକି କହିବି କି, ଦୁନିଆ ବଡ ଦାଣ୍ଡରେ ଜଣଙ୍କର ପରିଚୟ ସୃଷ୍ଟି ହୁଏ ତାର ବାପାଙ୍କ ନାମରେ । କଥାରେ ଅଛି ବାପ ଥିଲା ପୁଅ ସଭାରେ ହାରେନା । କିନ୍ତୁ ଆଜିର ସ୍ୱାର୍ଥ କେନ୍ଦ୍ରିକ ମଣିଷ ପିତାଙ୍କ ବାର୍ଦ୍ଧକ୍ୟ ସମୟରେ ସେମାନଙ୍କୁ ବହୁ ଭାବେ ଅବହେଳା କରାଯାଉଛି । ଏହା କରିବା ପୂର୍ବରୁ ନିଜେ ସଚେତନ ହେବା ଜରୁରୀ ଯେ, ମୋର ବି ଦିନେ ଏହି ସମୟ ଆସିବ ।



**–ପୂର୍ଣ୍ଣଚନ୍ଦ୍ର ଶତପଥୀ, ଅଧ୍ୟାପକ, ନୟାଗଡ**

“ ପିତାସ୍ନେହ,ପ୍ରେମତ୍ୟାଗରଅସରନ୍ତିଉପନ୍ୟାସ। ଜୀବନର ସବୁ ଦୁଃଖ, କଷ୍ଟକୁ ଛାତିରେ ଚାପି ଧରି ସନ୍ତାନର ସମସ୍ତ ଅଳି ଅଝଟକୁ ବିନା ଦ୍ୱିଧାରେ ପୂରଣ କରିଥାଆନ୍ତି । ମାତ୍ର ତାଙ୍କର ବୃଦ୍ଧାବସ୍ଥାରେ ସେ ପିଲାମାନଙ୍କ ପାଖରେ ଅଲୋଡା ହୋଇ ଯାଆନ୍ତି । ଭଲମନ୍ଦ ର ଶିକ୍ଷା ଦେଇଥିବା ବାପା ପରବର୍ତ୍ତୀ ସମୟରେ ପିଲାମାନଙ୍କ ଦ୍ୱାରା ନିର୍ଯାତିତ ହୋଇଥାଆନ୍ତି । ଯେଉଁ ମାଟିରେ ରାମଚନ୍ଦ୍ର ପିତୃଭକ୍ତିର ଅନନ୍ୟ ପରାକାଷ୍ଠା ଦେଖାଇଛନ୍ତି, ସେଇ ମାଟିରେ ମୂଲ୍ୟବୋଧର ସଂଜ୍ଞା କ’ଣ ଏଇଆ ହୋଇପାରେ ?



**–ଶ୍ରଦ୍ଧାଞ୍ଜଳି ମହାନ୍ତି, ଛାତ୍ରୀ ଦଶପଲ୍ଲା**

“ ପିତାଙ୍କ ବର୍ଣ୍ଣନା ଶବ୍ଦରେ ଅସମ୍ଭବ । ପିତା ଏକ ଦେବ ଦୁର୍ଲଭ ଶବ୍ଦ । ପିତା ଏକ ଜ୍ଞାନ ଓ ଅନୁଭବର ଗନ୍ତାଘର । ସାରା ଜୀବନ ଖରା ବର୍ଷା, ଶୀତ କାକର ଖାଇ ନିଜେ ଛାଇ ବାଣ୍ଟୁଥିବା ମହାବୃକ୍ଷ ହେଉଛନ୍ତି ପିତା । କିନ୍ତୁ ଆଜିର ଯୁବ ପିଢ଼ି ବାପାଙ୍କ ମହତ୍ୱ ବୁଝିବାରେ ତ୍ରୁଟି ଘଟିଛି । ଜୀବନରେ କିଛି ଦରକାର ନାହିଁ । ଖାଲି ସ୍ନେହ, ପ୍ରେମଟିକେ ଦରକାର । ମୋଟ ଉପରେ ପିତୃ ଦିବସ ଗୋଟିଏ ଦିନ ପାଳନ କଲେ ହେବନି ପିତାଙ୍କ ପ୍ରତି ପୁତ୍ରର ଯେଉଁ ଭଳି ଭାବେ ସମ୍ମାନ ପ୍ରଦର୍ଶନ କରିବା କଥା ତାହା ନ କଲେ ସେ ପୁତ୍ରର ଜୀବନରେ ଆଦୌ ଉପରକୁ ଉଠିବ ନାହିଁ ।



**–ଅଶୋକ କୁମାର ପାତ୍ର, ଶିକ୍ଷାବିତ୍ ଖେଡପଡା, ନୟାଗଡ**

“ ବିଶ୍ୱପିତୃଦିବସକୃତଜ୍ଞତାଜ୍ଞାପନକରିବାରଦିବସ। ପିତାମାନେ ନିଃସ୍ୱାର୍ଥପର ଭାବେ ତାଙ୍କ ସନ୍ତାନ ପାଇଁ କେତେ ବଳିଦାନ ଦେଇଛନ୍ତି, କେତେ କଷ୍ଟ ଭୋଗିଛନ୍ତି । କିନ୍ତୁ ସେଥିପାଇଁ ସାନମାନେ କେବେ ବି ତାଙ୍କ ପିତାଙ୍କୁ ଛୋଟ ଧନ୍ୟବାଦଟିଏ ବି କହି ନ ଥାନ୍ତି । । ପିତୃତ୍ୱ ଏକ ପରୀକ୍ଷା । ପାରଦର୍ଶିତାର ପରିଭାଷା । ତ୍ୟାଗ ଓ ତୀତିକ୍ଷାର ଅମ୍ଳାନ ଗାଥା । ପିତୃ ଦିବସରେ ସମସ୍ତେ ନିଜ ଜୀବନ୍ତ ଭଗବାନ ପିତାଙ୍କୁ କୃତଜ୍ଞତା ଜଣାଇ ଆର୍ଶୀବାଦ ନେବା ଉଚିତ ।



**–କଲ୍ୟାଣୀ ପଣ୍ଡା, ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ**

### ଲାଞ୍ଚ ଗ୍ରହଣ ମାମଲା, ତତ୍କାଳୀନ ଫାର୍ମାସିଷ୍ଟ ନିର୍ଦ୍ଦୋଷ

ବ୍ରହ୍ମପୁର,୧୭।୬(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ଏକ ଲାଞ୍ଚ ଗ୍ରହଣ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଉଛନ୍ତି ଏମ୍‌କେସିଜି ମେଡିକାଲର ତତ୍କାଳୀନ ଫାର୍ମାସିଷ୍ଟ ମେରୀ ଖାନ। ସେ ବର୍ତ୍ତମାନ ଅବସର ଗ୍ରହଣ କରିସାରିଛନ୍ତି। ପ୍ରକାଶ ଯେ, ପୁରୀ ଜିଲା କୃଷ୍ଣପ୍ରସାଦ ଅଲଣ୍ଡାପାଟଣା ଥାନା ଅଞ୍ଚଳର କିଶୋର ସାମନ୍ତରାୟ ଏମ୍‌କେସିଜିରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ୨୦୧୮ ନଭେମ୍ବର ୨୬ ରେ ଏକ ଦୁର୍ଘଟଣାରେ ସେ ଆହତ ହୋଇ ଏମ୍‌କେସିଜିରେ ଭର୍ତ୍ତି ହୋଇଥିଲେ। ୨୦୧୮ ଡିସେମ୍ବର ୧୩ରେ ତାଙ୍କର ଅସ୍ତ୍ରୋପଚାର ପାଇଁ ସ୍ଥିର ହୋଇଥିଲା। କିଶୋରଙ୍କ ଅସ୍ତ୍ରୋପଚାର ପୂର୍ବରୁ ସେଠାରେ କାର୍ଯ୍ୟରତ ଫାର୍ମାସିଷ୍ଟ ମେରୀ ଖାନ ତାଙ୍କ ପୁଅ ମାନସ ସାମନ୍ତରାୟଙ୍କୁ ୮୦୦ ଟଙ୍କା ଲାଞ୍ଚ ମାଗିଥିଲେ। ସେ ଏନେଇ ଭିଜିଲାନ୍ସଙ୍କୁ ଜଣାଇଥିଲେ। ଘଟଣା ଦିନ ମାନସ, ଫାର୍ମାସିଷ୍ଟ ମେରୀ ଖାନଙ୍କୁ ଏମ୍‌କେସିଜିର ଅସ୍ତ୍ରୋପଚାର ଗୃହ ନିକଟରେ ୮୦୦ ଟଙ୍କା ଲାଞ୍ଚ ଦେଇଥିଲେ। ଭିଜିଲାନ୍ସ ଟିମ ସେଠାରେ ଚଢଉ କରି ଲାଞ୍ଚ ଟଙ୍କା ଜବତ କରିବା ସହ ମେରୀ ଖାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେ ଜାମିନ ପାଇଥିଲେ।

# ହାତୀମୁଣ୍ଡା ଜଙ୍ଗଲ ଛାଡୁନି ଦନ୍ତା

ନୟାଗଡ, ୧୭।୬(ଲୋକନାଥ ମିଶ୍ର)

ନୟାଗଡ଼ ରୁଖି ଜଙ୍ଗଲ ଛାଡିବା ପରେ ଦନ୍ତା ହାତୀ ନୟାଗଡ଼ ରେଞ୍ଜ ଖେଡପଡା ସେକ୍ସନ ଚାହାଳି ବିଟ୍‌ର ହାତୀମୁଣ୍ଡା ଜଙ୍ଗଲରେ ଶନିବାର ଦେଖିବାକୁ ମିଳିଛି । ହାତୀଟି କମ୍ପାର୍ଟମେଣ୍ଟ ୮ର ଗୋଛାବାରୀ ଓ ଚକାପଦର ଅଞ୍ଚଳର ଜଙ୍ଗଲରେ ଘୁରି ବୁଲୁଛି । ଘଉଡାଇବା ପାଇଁ ବନବିଭାଗର ଏକ ଟିମ୍ ଲାଗି ପଡିଥିଲେ ମଧ ହାତୀମୁଣ୍ଡା ଛାଡୁନି ହାତୀ । ଦନ୍ତା ଶନିବାର ବଲାଙ୍ଗୀର ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ଅତିକ୍ରମ କରି ଗୁଡୁପାଙ୍ଗୀ ନୂଆସାହି ଦେଇ ହାତୀମୁଣ୍ଡା ଜଙ୍ଗଲକୁ ଯାଇଥିଲା । ହାତୀଟି ରାତିରେ ହାତୀମୁଣ୍ଡା ଜଙ୍ଗଲରେ ରହିଥିବା ଖେଡପଡା ସେକ୍ସନ ବନପାଳ ସୁମିତ୍ରା ମିଶ୍ର ସୂଚନା ଦେଇଛନ୍ତି ।



ହାତୀମୁଣ୍ଡିଆ ଜଙ୍ଗଲରେ ବୁଲୁଥିବା ଦନ୍ତା ।

### ଆକ୍ରମଣ ଅଭିଯୋଗରେ ଜଣେ ଗିରଫ

ବେଗୁନିଆପଡ଼ା,୧୭।୬ (ସୁଶାନ୍ତ ପଟ୍ଟନାୟକ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ କାତିରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ନୂଆଁଦିଗିରୁ ଅଭିଯୁକ୍ତଙ୍କୁ କୋଦଳା ପୋଲିସ ଶନିବାର କୋର୍ଟ ଚାଲାଣ କରିଛି । ସେ ହେଲେ ମନୋଜ ପ୍ରଧାନ(୨୧) । ମନୋଜ ଅର୍ଜୁନ ସ୍ୱାଇଁଙ୍କୁ କାତିରେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୁକ୍ତଙ୍କ ଠାରୁ ଗୋଟିଏ ଲୁହା କାତି ମଧ ପୋଲିସ ଜବତ ପୋଲିସ । ଏ ନେଇ ନଂ.୨୭୨ /୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ଅଭିଯୁକ୍ତଙ୍କ ଆକ୍ରମଣରେ ଗୁରୁତର ଆହତ ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଅର୍ଜୁନ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

# ମିଶନ ଶକ୍ତି ଉପଦେଷ୍ଟାଙ୍କ ନୟାଗଡ଼ ଗସ୍ତ

ନୟାଗଡ଼,୧୭।୬(ଲୋକନାଥ ମିଶ୍ର)

**ମିଶନ କାଫେରେ ଖାଇଲେ ଜଳଖିଆ, ଆହାର କେନ୍ଦ୍ରରେ ବୁଲିଲେ**

ଶନିବାର ନୟାଗଡ଼ ଜିଲାକୁ ମିଶନ ଶକ୍ତି ଉପଦେଷ୍ଟା ଗୀତାଞ୍ଜଳୀ ବସ୍ତିଆ ଓ ପୂର୍ବତନ ମହିଳା କମିଶନର ସ୍ନେହାଞ୍ଜଳି ମହାନ୍ତି ଆସି ଜିଲା ମୁଖ୍ୟାଳୟରେ ମିଶନ ଶକ୍ତି କାଫେରେ ଜଳଖିଆ ଖାଇଲେ ଓ ଆହାର କେନ୍ଦ୍ର ବୁଲି ସୁବିଧା ଅସୁବିଧା ପଚାରି ବୁଝିଥିଲେ । ନୟାଗଡ଼ ବ୍ଲକ ସମ୍ମୁଖରେ ଥିବା ମିଶନ ଶକ୍ତି ଟି ଷ୍ଟଲ ବୁଲି ମହିଳାମାନେ କିପରି ଉପକୃତ ହେଉଛନ୍ତି ପଚାରି ବୁଝିଥିଲେ । ପରେ ନୟାଗଡ଼ ବ୍ଲକ ସଭାଗୃହରେ ସମୀକ୍ଷା କରିଥିଲେ । ମହିଳା ଉଦ୍ୟୋଗୀ ସୃଷ୍ଟି ଉପରେ ମିଶନ ଶକ୍ତି ଉପଦେଷ୍ଟା ଗୁରୁତ୍ୱ ଦେଇଥିଲେ । ଏହାପରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କୁ ଭେଟି ଆଲୋଚନା କରିଥିଲେ । ସେହିପରି ମାଛିପଡାର କ୍ରିଷ୍ଣା ଛେନାପୋଡ଼ କେନ୍ଦ୍ରକୁ ପରିଦର୍ଶନ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଭାପୁର ଓ ଖଣ୍ଡପଡା ବ୍ଲକରେ ସମୀକ୍ଷା କରିଥିଲେ ।

# କାମ କଲାନି ଜିଲା ପରିଷଦ ସଭାପତିଙ୍କ ଆଲୋଚନା

ନୟାଗଡ଼, ୧୭।୬(ଲୋକନାଥ ମିଶ୍ର)

- ବଢ଼ିଲା ପାୱାର କଟ୍, ଲୋଭୋଲଟେଜ
- ଶୁଣିଲାନି ବିଦ୍ୟୁତ୍ ବିଭାଗ

ନୟାଗଡ଼ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ ଗତ ୧୩ ତାରିଖ ମଙ୍ଗଳବାର ଟିପିସିଓଡିଏଲର ଡିଭିଜନ କାର୍ଯ୍ୟାଳୟକୁ ଯାଇ ନିର୍ବାହୀଯନ୍ତ୍ରୀଙ୍କ ସହ ବିଦ୍ୟୁତ୍ କାଟ ଓ ଲୋଭୋଲଟେଜ ଉପରେ ଅଲୋଚନା କରିଥିଲେ। ନୟାଗଡ଼ ସହରବାସୀ ବିଦ୍ୟୁତକାଟ ଓ ଲୋଭୋଲଟେଜ ନେଇ ଯେଉଁ ଅସନ୍ତୁଷ୍ଟ ହୋଇଛନ୍ତି ସେନେଇ ସମାଧାନର ମାର୍ଗ କାଢ଼ିଥିବା କହିଥିଲେ । ସଭାପତିଙ୍କ ସୂଚନା ଅନୁସାରେ ବିଦ୍ୟୁତ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରିବାର ପ୍ରଣାଳୀରେ ପରିବର୍ତ୍ତନ ଅଣାଯିବ ବୋଲି ଦର୍ଶାଇଥିଲେ । ଲୋଭୋଲଟେଜ, ବିଦ୍ୟୁତ୍ କାଟ ସମସ୍ୟାକୁ ୨୪ରୁ ୪୮ ଘଣ୍ଟା ଭିତରେ ସମାଧାନ କରାଯିବା ପାଇଁ ଗଣମାଧମକୁ କହିଥିଲେ । ହେଲେ ୨୪ ଘଣ୍ଟା, ୪୮ ଘଣ୍ଟା ଯାଇ ୫ ଦିନ ବିତି ଯିବାକୁ ବସିଛି ଜିଲା ପରିଷଦ ଚେୟାରମ୍ୟାନଙ୍କ କଥାକୁ ଶୁଣିଲାନି ବିଦ୍ୟୁତ୍ ବିଭାଗ । ଇତିମଧରେ ପାୱାର କଟ ବଢ଼ିଛି । ସକାଳେ, ସନ୍ଧ୍ୟାରେ ଓ ରାତିରେ ପାୱାର କଟ ବେଶୀ ବାଧିଲାଣି । ପୁଣି ଲୋଭୋଲେଟଜ ଯୋଗୁ ଫ୍ୟାନ ନ ବୁଲିବା ଅତ୍ୟାଧିକ କଷ୍ଟ ଆଣିଛି । ଏପଟେ ଗୁଳଗୁଳି ଓ ଖରାର ପ୍ରକୋପ ବଢ଼ି ଚାଲିଥିବାବେଳେ ସେପଟେ ବିଦ୍ୟୁତ୍ ବିଭାଗର ପାୱାର କଟ ଓ ଲୋଭୋଲେଟଜ ନେଇ ଗ୍ରାହକ ଏକାଠି ହେଲେଣି । ଅପରପକ୍ଷେ ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ୧ ସପ୍ତାହ ପରେ ଏକ ବୈଠକ କରାଯିବ ବୋଲି ଜିଲା ପରିଷଦଦ ଅଧକ୍ଷ କହିଥିଲେ। ଏଥିରେ ଜିଲାପାଳ, ବିଧାୟକ, ମ୍ୟୁନିସିପାଲିଟିର ଲୋକପ୍ରତିନିଧି, ଜିଲା ପରିଷଦ ଅଧକ୍ଷ ଓ ବିଦ୍ୟୁତ୍ ଉପଭୋକ୍ତା ସଂଘ ଉପସ୍ଥିତିରେ ଆଲୋଚନା କରାଯିବ ବୋଲି ସୂଚନା ଦେଇଥିଲେ ।

# ଶିଶୁ ଶ୍ରମିକ ନିରାକରଣ ରଥର ଉଦ୍‌ଘାଟନ

**୧୬ ଦିନ ପରେ ନୟାଗଡ଼ରେ ଗଡିଲା ରଥ**

ନୟାଗଡ଼,୧୭।୬(ଲୋକନାଥ ମିଶ୍ର)

ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁଶିଶୁଶ୍ରମିକନିରାକରଣ ରଥ ଶନିବାର ନୟାଗଡ଼ ଜିଲାରେ ଶୁଭରାମ୍ଭ ହୋଇଛି । ଏହାକୁ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ପତାକା ଦେଖାଇ ଉଦ୍‌ଘାଟନ କରିବା ପରେ ରଥ ଗଡି ସଚେତନତା ଆରମ୍ଭ କରିଛି । ତେବେ ବହୁ ବିଳମ୍ବରେ ୧୬ ଦିନ ପରେ ରଥ ଜିଲାରେ ସଚେତନତା ଆରମ୍ଭ କରିଛି । ଶିଶୁ ଶ୍ରମିକ ସଚେତନତା ମାସ ଜୁନ ୧ ରୁ ୩୦ ତାରିଖ ପର୍ଯ୍ୟନ୍ତ ପାଳନ କରିବାକୁ ଲେବର କମିଶନର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିଭିନ୍ନ ଜିଲାରେ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି । ତେବେ ଜୁନ ମାସ ୧୬ଦିନ ବିତି ଯାଇଥିଲେ ମଧ୍ୟ ନୟାଗଡ ଜିଲାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ପାରି ନ ଥିଲା । ଜିଲାରେ ଅତି କମରେ ଗୋଟିଏ ବ୍ଲକରେ ୭ ଦିନ ଲେଖାଏଁ ୪ଟି ବ୍ଲକରେ ସଚେତନତା ମାସ ପାଳନ କରିବା ପାଇଁ ୭୦ ହଜାର ଟଙ୍କା ଅନୁଦାନ ଆସିଛି । ସେହିଭଳି ଏକ ସ୍ୱତନ୍ତ୍ର ଧରଣର ଶୋଭାଯାତ୍ରା କରି ଶିଶୁ ଶ୍ରମିକ ନିୟୋଜନ କରିବା ଦଣ୍ଡନୀୟ ବୁଝାଇବା ପାଇଁ ୧୦ ହଜାର ଅନୁଦାନ ଆସିଛି । ପୁଣି ଜିଲାସ୍ତରୀୟ ସଭା କରିବା ପାଇଁ ଅପରପକ୍ଷେ ୪୦ ହଜାର ଅନୁଦାନ ଆସିଛି । ଏସବୁ ସତ୍ତ୍ୱେ ଲେବର କମିଶନରଙ୍କ ନିର୍ଦ୍ଦେଶକୁ ଜିଲା ଶ୍ରମ ଅଧିକାରୀ ଅଣଦେଖା କରିଥିଲେ । ରଥ ୧୭ ତାରିଖରୁ ଗଡିବା ପରେ୧୪ ଦିନ ମଧ୍ୟରେ ଜିଲାରେ ସଚେତନତା ହେବା କାଠିକର ପାଠ ହୋଇ ପଡିବ । ଜିଲା ଶ୍ରମ ଅଧିକାରୀ ଓ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ ଅପାରଗତା ଯୋଗୁ ବିଳମ୍ବରେ ରଥ ଗଡାଇବାର ବ୍ୟବସ୍ଥାକୁ ସାଧାରଣରେ ସମାଲୋଚନା କରିଛନ୍ତି ।





ଶିଶୁ ଶ୍ରମିକ ନିରାକରଣ ରଥର ଶୁଭାରମ୍ଭ କରୁଛନ୍ତି ଜିଲାପାଳ ଓ ଅନ୍ୟମାନେ ।



ନୟାଗଡ଼ ଜିଲା ଓଡ଼ଗାଁ ସମ୍ଭବରେ ଜଙ୍ଗଲ ସୁରକ୍ଷା ପାଇଁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ।



ଜଙ୍ଗଲରେ ବିଲୁପ୍ତପ୍ରାୟ ଗେଣ୍ଠୁଳି ଗଛ ଦଶପଲ୍ଲା ବ୍ଲକ ତାବେଡା ଗାଁ ନିକଟ ମାଈମୁଣ୍ଡିଆରେ ଦେଖିବାକୁ ମିଳିଛି ।



ଆସନ୍ତା ୨୦ରେ ରଥଯାତ୍ରା ପାଇଁ ରଣପୁର ଜଗନ୍ନାଥ ମନ୍ଦିର ସମ୍ମୁଖରେ ପ୍ରସ୍ତୁତ ରହିଥିବା ତିନି ରଥ ।

# ବିଞ୍ଝାରପୁର ବ୍ଲକରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**ପ୍ରୀତିପୁର,୧୭।୬(ସୁଶାନ୍ତ ବେହୁରିଆ)**

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଥିଯୋଗୁ ଅଞ୍ଚଳବାସୀ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡିଛି। ଏହି ବ୍ଲକର ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୨୯ ପଞ୍ଚାୟତ ସମେତ ପଡୋଶୀ ବ୍ଲକର ରୋଗୀମାନେ ନିର୍ଭର କରିଥାନ୍ତି। କିନ୍ତୁ ରୋଗୀଙ୍କୁ ଏଠାରେ ସବୁ କ୍ଷେତ୍ରରେ ନିରାଶ ହେବାକୁ ପଡୁଛି। ଅବସ୍ଥାପିତ ଡାକ୍ତର ଚିକିତ୍ସା ସେବା କରିବା ବଦଳରେ ରୋଗୀଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଦେଉଥିବା ଅଭିଯୋଗ ହେଉଛି। ଡାକ୍ତରଖାନାରେ ଡାକ୍ତର, ଫାର୍ମାସିଷ୍ଟ, ଡ୍ରେସର, ଷ୍ଟାଫ୍ ନର୍ସ ଓ ବିଶେଷଜ୍ଞ ପଦବୀ ଦୀର୍ଘଦିନ ହେବ ଖାଲି ପଡ଼ିଥିଲେ ମଧ୍ୟ ସରକାର ଏଥିପ୍ରତି ଆଦୌ ଗୁରୁତ୍ୱ ଦେଉ ନ ଥିବାରୁ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ୧୪ ଜଣ ଡାକ୍ତର ନିଯୁକ୍ତି ବ୍ୟବସ୍ଥା ଥିବାବେଳେ ବିଶେଷଜ୍ଞ ଭାବେ କେବଳ ପ୍ରସୂତି ବିଭାଗ ଓ ଦାନ୍ତ ବିଭାଗରେ ଅଛନ୍ତି। ଶିଶୁ ରୋଗ, ଭେଷଜ ଓ ଇଏନ୍‌ଟି ବିଭାଗର ଡାକ୍ତର ପଦାବୀ ବହୁଦିନ ହେବ ଖାଲି ରହିଛି। ପ୍ରଶାସନିକ ବିଭଗର ଦୁଇଟି ପଦବୀ ମଧ୍ୟରୁ ଗୋଟିଏ ଖାଲି ଅଛି। ୭ ଏମ୍‌ବିବିଏସ୍ ପଦବୀରୁ ୩ ଏବଂ ୨ ଡ୍ରେସର ଓ ଫାର୍ମାସିଷ୍ଟ ପଦବୀ ମଧ୍ୟରୁ ଗୋଟିଏ ଲେଖାଏ ଖାଲି ରହିଛି। ସେହିପରି ୧୦ ଷ୍ଟାଫ ନର୍ସ ପଦବୀ ମଧ୍ୟରୁ ୨ଜଣ ଅଛନ୍ତି। ସେହିପରି ବିଞ୍ଝାରପୁର ବ୍ଲକ ଅଧୀନ ବହୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍‌ସି)ରେ ସ୍ଥାୟୀ ଡାକ୍ତର ନଥିବାରୁ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଜରି ଏବଂ ବରପଦା ପିଏଚ୍‌ସିରେ ଆୟୁର୍ବେଦିକ ଡାକ୍ତରଙ୍କ ଦ୍ୱାରା ଲୋକଙ୍କୁ ସ୍ୱାସ୍ଥ୍ୟସେବା ଦିଆଯାଉଛି। ସିଂହପୁର ସ୍ୱାସ୍ଥ୍ୟକେନ୍ଦ୍ରରେ କେହି ଡାକ୍ତର ନ ଥିବାବେଳେ ଉଓଙ୍ଗରା ସ୍ୱାସ୍ଥ୍ୟକେନ୍ଦ୍ରରେ ଚୁକ୍ତିଭିତ୍ତିକ ଡାକ୍ତର କାର୍ଯ୍ୟ ତୁଲାଉଛନ୍ତି। ବ୍ଲକରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ଶନିବାର ଯଜ୍ଞ ପଡ଼ିଆଠାରେ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ନେତା, ଶିକ୍ଷାବିତ୍ ଓ ବିଭିନ୍ନ ଗଣ ସଂଗଠନର କାର୍ଯ୍ୟକର୍ତ୍ତା ଏକତ୍ର ହୋଇ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ସପ୍ତାହରେ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକଙ୍କୁ ଦାବିପତ୍ର ଦେବାକୁ ନିଷ୍ପତ୍ତି ନିଆଯାଇଛି। ବିଞ୍ଝାରପୁର ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚ ନାମରେ ଏକ ଅନୁଷ୍ଠାନ ଗଢ଼ାଯାଇଛି। ଯୁବ ସାମାଜିକ କର୍ମୀ ଶ୍ରୀକାନ୍ତ ପ୍ରଧାନଙ୍କ ଆବାହକତ୍ୱରେ ଏକ କମିଟି ଗଠନ କରାଯାଇ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମିର ଉନ୍ନତି ସାଙ୍ଗକୁ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଡାକ୍ତର ପଦବୀ ଓ ଅନ୍ୟାନ୍ୟ ଜରୁରୀ ସେବା ଯୋଗାଉଥିବା ପଦବୀ ପୂରଣ ପାଇଁ ଆସନ୍ତା ଏକ ମାସ ମଧ୍ୟରେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ମଞ୍ଚ ପକ୍ଷରୁ ପ୍ରଶାସନକୁ ସତର୍କ କରାଯାଇଛି। ନିକଟରେ ରାଜ୍ୟ ସରକାର ୧୨୦୫ ନୂତନ ଡାକ୍ତର ନିଯୁକ୍ତି ଦେଇଥିବାରୁ ତୁରନ୍ତ ବିଞ୍ଝାରପୁର ଡାକ୍ତରଖାନାର ଡାକ୍ତର ପଦବୀ ପୂରଣ ପାଇଁ ବୈଠକରେ ଦୃଢ଼ ଦାବି କରାଯାଇଛି। ବୈଠକରେ ଶ୍ରୀକାନ୍ତ ପ୍ରଧାନ, ରବୀନ୍ଦ୍ର ଜେନା, ସନାତନ ସାହୁ, ଭୁବନାନନ୍ଦ ସାମଲ, ରବୀନ୍ଦ୍ର ଧଳ, ଉପେନ୍ଦ୍ର ରାଉତ, ସୁନୀଲ କୁମାର ସାହୁ, ସୁବୋଧ ଧଳ, ପ୍ରଫୁଲ୍ଲ ଦାସ, ସୁଶାନ୍ତ କୁମାର ପାତ୍ର, ଯଦୁମଣି ଧଳ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି।

### ପ୍ରତିବାଦରେ ଆନ୍ଦୋଳନ ଚେତାବନୀ



ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଟୁଇଙ୍କଲ୍



@ ଦୀପକ



@ ଧରିତ୍ରୀ



@ ପ୍ରିୟବ୍ରତ



@ ସୈଫଅଲି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଦଗ୍ଧ କବିଙ୍କ ପାଇଁ ବରୀ ମାଟି ଇତିହାସରେ ଲିପିବଦ୍ଧ

**ବରୀ,୧୭।୬(ମହେନ୍ଦ୍ର ସ୍ୱାଇଁ):**

୧୯୩୪ ଭାରତ ଛାଡ଼ ଆନ୍ଦୋଳନରେ ଦେଶ ମାତୃକାର ସେବା ପାଇଁ ଶହୀଦ ହୋଇଥିବା ବରୀ ଅଞ୍ଚଳର ସାଉଣ୍ଟି ମଲିକ, ସାନନ୍ଦ ସ୍ୱାଇଁ, ହାଡ଼ିବନ୍ଧୁ ପଣ୍ଡା ଓ ମାୟାଧର ଭୂୟାଁଙ୍କ ପ୍ରତିମୂର୍ତ୍ତି ଶନିବାର ବରୀ ତହସିଲ କାର୍ଯ୍ୟାଳୟ ନିକଟରେ ଉନ୍ମୋଚିତ ହୋଇଯାଇଛି। ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉକ୍ତ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଥିଲେ, ବରୀ ମାଟି ନିଆରା। ଏହାର ସଂସ୍କୃତି, ପରମ୍ପରା ସତେ ଯେମିତି ମଣିଷ ପଣିଆର ସ୍ୱତନ୍ତ୍ର ପରିଚୟ ଦେଇଥାଏ। ବିଦଗ୍ଧ କବିଙ୍କ ପାଇଁ ବରୀ ମାଟି ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ତେଣୁ ଏଭଳି ପବିତ୍ର ମାଟିରେ ପାଦଦେଇ ଆଜି ଧନ୍ୟ ହୋଇଛି। ବରୀ ବିଧାୟିକା ସୁନନ୍ଦା ଦାସ କହିଥିଲେ, ମା', ମାଟି, ମାତୃଭାଷା କେତେ ଆପଣାର ସେ କଥାକୁ ଏ ମାଟିର ଝିଅ ଓ ବୋହୂ ହିସାବରେ ଅତି ନିକଟରୁ ଦେଖିଛି। ବିଧାୟିକା ନୁହେଁ, ବରୀ ମାଟିର ସେବା କ୍ଷେତ୍ରରେ ଲୋକେ ଦାୟିତ୍ୱ ଦେଇଥିବାରୁ ସେବା କରିବା ପାଇଁ ଅଙ୍ଗୀକାରବଦ୍ଧ ବୋଲି ସେ ମତ ରଖିଛନ୍ତି। ଅନ୍ୟତମ ଅତିଥି ଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଯୋଗଦେଇ ଏଭଳି ମହାନ ବ୍ୟକ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ଯୋଗଦେବା ମୋ ପାଇଁ ସୌଭାଗ୍ୟ ବୋଲି କହିଥିଲେ। ଅତିଥିମାନେ ୪ ଶହୀଦଙ୍କ ସମେତ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀ, ମା' ରମାଦେବୀ, ବିପ୍ଳବୀ କବି ବାଞ୍ଛାନିଧି ଦାଶ ଓ ଗୌତମ ବୁଦ୍ଧଙ୍କ ଆବକ୍ଷ ପ୍ରତିମୂର୍ତ୍ତି ସହିତ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ତହସିଲଦାର ତିଳୋତ୍ତମା ପୃଷ୍ଟି, ବ୍ଲକ୍ ବିଜେଡି ସଭାପତି କେଦାର ସାମଲ, ସରପଞ୍ଚ ମାନସ ଜେନା, ସମିତିସଭ୍ୟା ଜ୍ୟୋତିର୍ମୟୀ ବେହେରା, ସରପଞ୍ଚ ଚପଳା ମଲ୍ଲ, ରଶ୍ମିତା ପରିଡ଼ା, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଶଙ୍କର୍ଷଣ ସ୍ୱାଇଁ, ପ୍ରଜ୍ଞାପରମିତା ପରିଡ଼ା, ହରପ୍ରିୟା ସାହୁ, ସୁଶାନ୍ତ ଦାସ, ସସ୍ମିତା କୁଣ୍ଡୁ, ସମିତିସଭ୍ୟ ସୁଧାଂଶୁବାଳା ସାମଲ, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ଗଣେଶ ମହାକୁଡ଼, ରାକେଶ ଦେଓ ଏବଂ ଅଯୋଧ୍ୟା ଜେନା ପ୍ରମୁଖ ଯୋଗ ଦେଇଥିଲେ। ମାଳଦା ଛକଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ବିଧାୟିକା ଦାସଙ୍କ ନେତୃତ୍ୱରେ ମନ୍ତ୍ରୀ ପାତ୍ରଙ୍କୁ ପ୍ରତିମୂର୍ତ୍ତି ଉନ୍ମୋଚନ ସ୍ଥଳକୁ ପାଛୋଟି ଅଣାଯାଇଥିଲା।



ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

# ଉପଭୋକ୍ତାଙ୍କୁ ଅତିଷ୍ଠ କରୁଛି ବିଜୁଳି ସେବା

**୨୧ରେ ଯାଜପୁରରୋଡ୍ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରିବ ଜିଲା ବିଦ୍ୟୁତ୍ ଉପଭୋକ୍ତା କମିଟି**

**ଯାଜପୁରରୋଡ୍,୧୭।୬ (ପବିତ୍ର ରଞ୍ଜନ ମହାନ୍ତି):**

ଦିନକୁ ଦିନ ଉପଭୋକ୍ତାଙ୍କୁ ଅତିଷ୍ଠ କରୁଛି ଟାଟା ପାୱାରର ବିଜୁଳି ସେବା। କମ୍ପାନୀ ୨୪ ଘଣ୍ଟିଆ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଘନଘନ ଅଘୋଷିତ ବିଦ୍ୟୁତ୍ କାଟ୍ ସହ ଜୋରଜୁଲମ କରି ବିଲ ଆଦାୟ ଉପଭୋକ୍ତାଙ୍କୁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ କରିଛି। ଯାଜପୁର ଜିଲା ବିଦ୍ୟୁତ୍ ଉପଭୋକ୍ତା କମିଟି ବହୁବାର ବିଦ୍ୟୁତ୍ କ୍ଷେତ୍ରରେ ସୁଧାର ଆଣିବାକୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ଟାଟା ପାୱାର ଏହାକୁ ଗ୍ରହଣ କରିବା ତ ଦୂରର କଥା ଏହାକୁ ଖାତିରି କରୁନାହିଁ। ତେଣୁ ଏଥିରେ ସମ୍ପୂର୍ଣ୍ଣ ସୁଧାର ଆଣିବା ନିମନ୍ତେ ଉପଭୋକ୍ତା ପରାମର୍ଶଦାତା କମିଟିର ଏକ ପ୍ରସ୍ତୁତି ବୈଠକ ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ହରେକୃଷ୍ଣ ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମସ୍ତେ ଉଦ୍‌ବେଗ ପ୍ରକାଶ କରିବା ସହ ବିଶେଷ କରି ଗ୍ରୀଷ୍ମ ପ୍ରବାହ ସମୟରେ ଘଣ୍ଟାଘଣ୍ଟା ଧରି ବିଦ୍ୟୁତ୍ କାଟର ଘୋର ସମାଲୋଚନା କରିଥିଲେ। ବୈଠକରେ ଆଇନଜୀବୀ ବିବେକାନନ୍ଦ ମହାନ୍ତି, ଅଭିମନ୍ୟୁ ମିଶ୍ର, ରାଜେନ୍ଦ୍ର ସାମଲ, ଆସିତାନନ୍ଦ ବିଶ୍ୱାଳ, ବିରଞ୍ଚିନାରାୟଣ ପଣ୍ଡା ଓ ଗୋପୀନାଥ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହିମର୍ମରେ ବାଲେଶ୍ୱରସ୍ଥିତ ମୁଖ୍ୟ ପରିଚାଳକ ଭାସ୍କର ସରକାରଙ୍କ ଉଦେଶ୍ୟରେ ଏକ ୧୧ଦଫା ଦାବିପତ୍ର ଯାଜପୁର ରୋଡ୍ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଯଦି ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ ନ ହୁଏ ତେବେ ଆସନ୍ତା ୨୧ ତାରିଖରେ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏଥିସହିତ ତୁରନ୍ତ ରାଜ୍ୟ ସରକାର ଟାଟା ପାୱାର ସହିତ ଚୁକ୍ତିକୁ ବାତିଲ କରିବାକୁ ଦର୍ଶାଯାଇଛି। ଏ ସମ୍ପର୍କରେ ଯାଜପୁରରୋଡ୍ ଅଧୀକ୍ଷଣ ଯନ୍ତ୍ରୀ ଅନନ୍ତନାରାୟଣ ବିଷୋୟୀଙ୍କୁ ପଚାରିବାରେ ଆଗକୁ ରଥଯାତ୍ରା ଥିବାରୁ ସେ ବ୍ୟସ୍ତରହିବେ। ତେଣୁ ଉପୋଭୋକ୍ତା କମିଟିକୁ ଚିଠି ମାଧ୍ୟମରେ ଅବଗତ କରାଯାଇ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରାଯିବ ବୋଲି ସେ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ୧୦୫ ଗ୍ରାମ୍ ବ୍ରାଉନସୁଗାର ଜବତ: ୮ କୋର୍ଟ ଚାଲାଣ

**ନାଉଗାଁ,୧୭।୬(ସୁଧା ବେଉରା)**

ନାଉଗାଁ ଥାନା ଶିଖରଘାଟ ନିକଟରୁ ଶୁକ୍ରବାର ୧୦୫ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଏହି ଅଭିଯୋଗରେ ୮ ଜଣଙ୍କୁ ଗିରଫ ପରେ ଶନିବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ କଟକ ଜିଲା ନିଆଳି ତୋଟାସାହି ଗ୍ରାମର ପ୍ରକାଶ ଭୋଇ, ମାନସ ଭୋଇ, ନାଉଗାଁ ବ୍ଲକ ଅଲଣା ଗ୍ରାମର ବିଶ୍ୱଜିତ ଲେଙ୍କା, ବଛାଲୋ ଗ୍ରାମର ମହିମା ପ୍ରସାଦ ଲେଙ୍କା, ନାଉଗାଁ ଗ୍ରାମର କାଳନ୍ଦୀ ମଲିକ, ଅରଖକୁଦ ଗ୍ରାମର ଜୀବନ ଜ୍ୟୋତି ନାୟକ, ଗଳଦାରୀ ଗ୍ରାମର ଜ୍ଞାନ ରଞ୍ଜନ ନାୟକ, ଭାତପଡା ଗ୍ରାମର ପ୍ରତାପ ପରିଡା।

ପୋଲିସ ସୂଚନା ଅନୁଯାୟୀ, ନାଉଗାଁ ଥାନାଧିକାରୀ ଅନିରୁଦ୍ଧ ନାୟକ ଶିଖରଘାଟ ନିକଟରେ ଗାଡ଼ି ଯାଞ୍ଚ ପାଇଁ ଏସ୍‌ଆଇ ଦୀପ୍ତିମୟୀ ବିଶ୍ୱାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ଣ ପ୍ରାୟ୨ ଟାରେ ଗାଡ଼ି ଯାଞ୍ଚ ଚାଲିଥିବାବେଳେ କଟକ ଜିଲା ନିଆଳି ପାର୍ଶ୍ୱରୁ ଏକ ମୋଟରସାଇକେଲକୁ ପିଛା କରି ଗୋଟିଏ କାର ଆସୁଥିଲା। ଏନେଇ ସନ୍ଦେହ ହେବାରୁ ପୋଲିସ ଉଭୟ ଗାଡ଼ିକୁ ଅଟକାଇଥିଲା। ବାଇକରେ ୨ ଜଣ ବସିଥିବାବେଳେ କାରରେ ଚାଳକଙ୍କୁ ମିଶାଇ ୩ ଜଣ ଯୁବକ ଥିଲେ। ପୋଲିସ ଉଭୟ କାର ଓ ବାଇକ ଯାଞ୍ଚ ସମୟରେ ସେଥିରୁ ବ୍ରାଉନସୁଗାର ମିଳିଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ପଚରାଉଚୁରା କରିବା ପରେ ଏଥିରେ ଆଉ ୩ ଜଣ ସମ୍ପୃକ୍ତ ଥିବା ଜଣାପଡିଥିଲା। ଏହାପରେ ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବ୍ରାଉନସୁଗାର, କାର, ବାଇକ ଓ ୩ଟି ମୋବାଇଲ ଜବତ କରିଛି। ଏନେଇ ଥାନାରେ ମାମଲା (ନଂ.୧୬୧/୨୩) ରୁଜୁ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୧ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ପୋଲିସ କହିଛି।

# ବୃଦ୍ଧଙ୍କ ମୃତଦେହ ଜବତ

### ଅଂଶୁଘାତ ଆଶଙ୍କା

**ଧର୍ମଶାଳା,୧୭।୬(ବଟକୃଷ୍ଣ ପରିଡ଼ା):**

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ଏରଷଣ୍ଡା ଗ୍ରାମ ନିକଟରୁ ଶନିବାର ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରାଯାଇଛି। ମୃତ ବୃଦ୍ଧଜଣକ ଏରଷଣ୍ଡା ଗ୍ରାମର ଜଗନ୍ନାଥ ସାହୁ (୬୮)ବୋଲି ଜଣାପଡ଼ିଛି। ସେ ଶୁକ୍ରବାର ଚାରଗୋଠସ୍ଥିତ ତାଙ୍କ ଭଉଣୀ ଘରକୁ ଯାଇ ଫେରି ନ ଥିଲେ। ପରିବାର ଲୋକେ ତାଙ୍କ ଭଉଣୀ ଘରକୁ ପଚାରିବା ପରେ ସେ ଶୁକ୍ରବାର ମଧ୍ୟାହ୍ନରେ ଘରକୁ ଫେଆସିଥିବା ସେମାନେ କହିଥିଲେ। ତେଣୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜା କରିବା ପରେ ଏରଷଣ୍ଡା ଗ୍ରାମ ନିକଟସ୍ଥ ଏକ ବୁଦାମୂଳରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଗ୍ରାମବାସୀଙ୍କ ସହାୟତାରେ ତାଙ୍କ ମୃତଦେହକୁ ସେଠାରୁ ଉଦ୍ଧାର କରାଯାଇଥିଲା। ଅଂଶୁଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ଏ ସମ୍ପର୍କରେ ତାଙ୍କ ପରିବାର ପକ୍ଷରୁ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ଜବତ କରି ତଦନ୍ତ ଚଳାଇଛି।

# ଖରସ୍ରୋତାରେ କୁମ୍ଭୀର ଆତଙ୍କ

**ରସୁଲପୁର,୧୭।୬(ରଂଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ବାହାଦଲାପୁର ପଞ୍ଚାୟତର ପରିଡ଼ାବାଦ ଓ ନରସିଂହପୁର ପଞ୍ଚାୟତର ଘୋଳପୁର ଗ୍ରାମ ନିକଟ ଖରସ୍ରୋତା ନଦୀରେ କୁମ୍ଭୀର ଆତଙ୍କ ଦେଖାଦେଇଛି। ନଦୀରେ କୁମ୍ଭୀର ଉପସ୍ଥିତିକୁ ଦେଖି ପ୍ରଶାସନ ପକ୍ଷରୁ ଧିବର ଓ ନଦୀକୂଳିଆବାସୀଙ୍କୁ ନଦୀ ଗର୍ଭକୁ ନ ଯିବା ପାଇଁ ସର୍ତକ କରାଇ ଦିଆଯାଇଛି। କୁମ୍ଭୀରକୁ ଘୋଳପୁର ଗାଁର ନଦୀପଠାରେ ଧିବରମାନେ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ପ୍ରଶାସନକୁ ଅବଗତ କରାଯାଇଥିଲା। ପ୍ରଶାସନ ପକ୍ଷରୁ ଡାକବାଜୀ ଯନ୍ତ୍ର ସହାୟତାରେ ନଦୀ କୂଳିଆଙ୍କୁ ସତର୍କ କରାଇ ଦିଆଯାଇଥିଲା। ରାତି ୧୦ଟାଠାରୁ ୨ଟା ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୁମ୍ଭୀର ସମ୍ପର୍କରେ ପ୍ରଚାର କାର୍ଯ୍ୟ ଜାରି ରହିଥିଲା।

ଶୁକ୍ରବାର ସନ୍ଧ୍ୟାରେ ଧିବରମାନେ ନଦୀକୁ ମାଛ ଧରିବାକୁ ଯାଇଥିଲେ। ଏହି ସମୟରେ ଘୋଳପୁରଠାରେ ନଦୀ ସ୍ୱର ଉପରେ କୁମ୍ଭୀରଟି ଶୋଇଥିବା ଦେଖିବାକୁ ପାଇଥିଲେ। ଫଳରେ ଭୟରେ ସେମାନେ ଫେରି ଆସିଥିଲେ। ଏ ସଂପର୍କରେ ପ୍ରଶାସନ ଜାଣି ଘଟଣା ସ୍ଥଳରେ ପହଞ୍ଚି କୁମ୍ଭୀରକୁ ଠାବ କରିବାରେ ଲାଗି ପଡ଼ିଥିଲା। ପ୍ରଶାସନ ପକ୍ଷରୁ କୁମ୍ଭୀରକୁ କାବୁ କରାଯାଇ ପାରିନାହିଁ। କୁମ୍ଭୀରଟି ସମୟେ ସମୟେ ନଦୀରେ ଦେଖାଦେଉଛି ବୋଲି ସ୍ଥାନୀୟ ଅଞ୍ଚଳ ଲୋକଙ୍କଠାରୁ ସୂଚନା ମିଳିଛି।



# ଜିଲା ପରିଷଦ ସଭ୍ୟଙ୍କ ପରିବାରକୁ ଆକ୍ରମଣ

- ପୂର୍ବ ଶତ୍ରୁତାରୁ ବୁଲିଲା ଖଣ୍ଡା, ଭୁଜାଲି
- ୫ ଗୁରୁତର, ଗ୍ରାମରକ୍ଷୀଙ୍କ ମୁଣ୍ଡ ଫାଟିଲା

**ଯାଜପୁର ଟାଉନ/ଯାଜପୁର ସଦର,୧୭।୬ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି/ ସମର ବିଜୟ ସରଣ):**

ଯାଜପୁର ସଦର ଥାନା ଅଧୀନ ୩୧ନଂ. ଜୋନ୍‌ର ଶାସକ ଦଳ ଜିଲା ପରିଷଦ ସଭ୍ୟ ବିନୋଦ କୁମାର ମାଝିଙ୍କ ପରିବାରକୁ ଆକ୍ରମଣ ହୋଇଛି। କେତେଜଣ ଦୁର୍ବୃତ୍ତ ଖଣ୍ଡା, ଭୁଜାଲି ସାହାଯ୍ୟରେ ଆକ୍ରମଣ କରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏହି ଘଟଣାରେ ଉଭୟଙ୍କ ପକ୍ଷରୁ ୫ଜଣ ଗୁରୁତର ହୋଇଛନ୍ତି। ଏନେଇ ଉଭୟଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହେବାପରେ ପୋଲିସ ୪ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ରାଜନୈତିକ ପୂର୍ବ ଶତ୍ରୁତାକୁ ନେଇ ଶୁକ୍ରବାର ରାତିରେ ଏହି ଘଟଣା ଘଟିଛି। ହଣାକଟାରେ ସ୍ଥାନୀୟ ଗ୍ରାମରକ୍ଷୀ ସୁରେନ୍ଦ୍ର ମଲ୍ଲିକଙ୍କ ସହ ଜିଲା ପରିଷଦ ସଭ୍ୟଙ୍କ ପରିବାରର ପ୍ରଶାନ୍ତ ମାଝି, ବୀରକିଶୋର ମାଝି, ନାରାୟଣ ମାଝି ଓ ବିପକ୍ଷ ଗୋଷ୍ଠୀର ବ୍ରଜ ମଲ୍ଲିକ ନାମକ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ପ୍ରଶାନ୍ତ ଓ ବୀରକିଶୋରଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ପୂର୍ବ ରାଜନୈତିକ କଥାକୁ ନେଇ ଶୁକ୍ରବାର ରାସ୍ତାରେ ଯାଉଥିବା ବେଳେ ଜିଲା ପରିଷଦ ସଭ୍ୟ ମାଝିଙ୍କୁ ବିପକ୍ଷ ଗୋଷ୍ଠୀର ଲୋକେ ଅଟ୍ଟହାସ୍ୟ କରିଥିଲେ। ପରେ ଏହି ଘଟଣା ଗ୍ରାମରକ୍ଷୀଙ୍କ ଜରିଆରେ ସାମାଧାନ ଆଡକୁ ଯାଉଥିବାବେଳେ ଜିଲା ପରିଷଦ ସଭ୍ୟଙ୍କ ପରିବାର ଉପରେ ୩୦ରୁ ଊର୍ଦ୍ଧ୍ୱ ଲୋକ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଅପରପକ୍ଷରେ ବିପକ୍ଷଙ୍କୁ ଜିଲା ପରିଷଦ ସଭ୍ୟଙ୍କ ପରିବାର ପକ୍ଷରୁ ଆକ୍ରମଣ କରାଯାଇ କେତେକଙ୍କୁ ଲହୁଲୁହାଣ କରାଯାଇଥିବା ଥାନାରେ ଲିଖିତ ଏତଲା ଦିଆଯାଇଛି। ଏ ସମ୍ପର୍କରେ ଥାନାରେ ନଂ.୧୫୧/୨୩, ୧୫୨/୨୩, ୧୫୩/୨୩ ଓ ୧୫୪/୨୩ରେ ୪ଟି ମାମଲା ରୁଜୁ କରାଯାଇଛି। ଏପର୍ଯ୍ୟନ୍ତ ଘଟଣାରେ ସଂପୃକ୍ତ ଥିବା କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବା ସୂଚନା ମିଳିଛି।



ଆକ୍ରମଣରେ ଗୁରୁତର ହୋଇଥିବା ବ୍ୟକ୍ତିମାନେ।

# ମୃତଦେହ ପରିବହନ ବ୍ୟବସ୍ଥାକୁ ଅଣଦେଖା

ନୟାଗଡ଼,୧୭।୬(ଲୋକନାଥ ମିଶ୍ର)

- ସବୁବେଳେ ଅଚଳ ମହାପ୍ରୟାଣ ଗାଡ଼ି
- ରୋଗୀ ଓ ମୃତଦେହ ବୋହୁଛି ଘରୋଇ ଆମ୍ବୁଲାନ୍ସ
- ପ୍ରତିଶ୍ରୁତି ଦେଇ ଭୁଲିଗଲେ ମୋ ସରକାର
- ଯୋଗାଇଲେ ଆମ୍ବୁଲାନ୍ସ, ଦେଲେନି ମୃତଦେହ ପରିବହନ ଗାଡ଼ି

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରୁ ମୃତ ବ୍ୟକ୍ତିଙ୍କୁ ଘରକୁ ନେବା ପାଇଁ କୌଣସି ବ୍ୟବସ୍ଥା ନାହିଁ । ସରକାର, ଜିଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଆଖିବୁଜି ଦେଇଥିବାରୁ ବିଭିନ୍ନ ସମୟରେ ବାଇକ୍, ଟ୍ରଲି, ରିକ୍ସା କିମ୍ବା ଘରୋଇ ଯାନବାହନରେ ମୃତଦେହ ନିଆଯାଉଥିବା ଲୋକଲୋଚନକୁ ଆସୁଛି। ଅନ୍ୟପକ୍ଷେ ମୃତଦେହ ପରିବହନ ପାଇଁ ସରକାର ଯୋଗାଇଥିବା ମହାପ୍ରୟାଣ ଗାଡ଼ି ଅଧିକାଂଶ ସମୟରେ ଅଚଳ ରହୁଛି। ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ମହାପ୍ରୟାଣ ସେବା ଯୋଗାଇ ଦିଆଯାଉଥିବାବେଳେ ଏହା ପ୍ରହସନ ପାଲଟିଛି ବୋଲି ଅଭିଯୋଗ ହୋଇଛି। ସବୁବେଳେ ଯଦି ମହାପ୍ରୟାଣ ଗାଡ଼ି ଖରାପ ତେବେ ଏହି ସେବାକୁ ବନ୍ଦ କରି ଦିଆଯାଉ ବୋଲି ମତପ୍ରକାଶ ପାଇଛି। ସେହିଭଳି ଘରୋଇ ଆମ୍ବୁଲାନ୍ସରେ ମୃତଦେହ ଓ ରୋଗୀମାନଙ୍କୁ ନିଆଯାଉଥିବାବେଳେ ପ୍ରତିବାଦର ସ୍ୱର ଉଠୁନି । ଗୋଟିଏ ଗାଡ଼ିରେ ଦୁଇ ପ୍ରକାରର କାର୍ଯ୍ୟ ଠିକ୍ ହୋଇ ନ ଥିଲେ ହେଁ ଏହି ସେବା ବହୁ ଦିନ ଧରି ଚାଲି ଆସିଛି।

## ଘରୋଇ ଆମ୍ବୁଲାନ୍ସ ଉପରେ ନାହିଁ ଲଗାମ

ମୃତଦେହ ପରିବହନ ପାଇଁ ଘରୋଇ ଆମ୍ବୁଲାନ୍ସର ରେଟ୍ ଉପରେ ଲଗାମ ନ ଥିବାରୁ ମନଇଚ୍ଛା ଟଙ୍କା ନିଆଯାଉଥିବା ଅଭିଯୋଗ ହେଉଛି । ଜିଲା ମୁଖ୍ୟ ଚିକିତ୍ସାଳୟରୁ ପୁରୀ ସ୍ୱର୍ଗଦ୍ୱାରକୁ ମୃତଦେହ ନେବା ପାଇଁ ରୋଟାରୀ ଆମ୍ବୁଲାନ୍ସ ୫ ହଜାର ଟଙ୍କା ନେଉଥିବାବେଳେ ଘରୋଇ ଆମ୍ବୁଲାନ୍ସ ୬ ହଜାରରୁ ୮ ହଜାର ପର୍ଯ୍ୟନ୍ତ ନେଉଛନ୍ତି । ପୁଣି ଜିଲା ମୁଖ୍ୟ ଚିକିତ୍ସାଳୟରୁ ୧ରୁ ୧୦ କି.ମି.ପର୍ଯ୍ୟନ୍ତ ଅଞ୍ଚଳକୁ ୨ରୁ ୪ ହଜାର ଟଙ୍କା ମନଇଚ୍ଛା ରେଟ ଘରୋଇ ଆମ୍ବୁଲାନ୍ସ ନେଉଥିବା ଅଭିଯୋଗ ହୋଇଛି । ପାଟିରୁ ଯାହା ବାହାରିଲା ସେହି ରେଟ ଲାଗୁ ହେଉଛି । ଘରୋଇ ଆମ୍ବୁଲାନ୍ସର ରେଟ୍ ଚାଟ ଉପରେ ଲଗାମ ନ ଥିବାରୁ ମୃତକଙ୍କ ପରିବାର ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି । ବେଶି ହଇରାଣ ଗରିବ ଲୋକେ ହେଉଛନ୍ତି। ଜିଲାପାଳ ଏ ଦିଗରେ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ ଦାବି ଉଠିଛି ।

## ଡିଏଚ୍‌ଏଚ୍ ଭିତରେ ରହୁଛି ଆମ୍ବୁଲାନ୍ସ

ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍) ଭିତରେ ଘରୋଇ ଆମ୍ବୁଲାନ୍ସ ରହୁଛି । ରାଜ୍ୟର ବିଭିନ୍ନ ଜିଲା ମୁଖ୍ୟ ଚିକିତ୍ସାଳୟ ବାହାରେ ଆମ୍ବୁଲାନ୍ସ ରହୁଥିବାବେଳେ ନୟାଗଡ଼ ଜିଲାରେ ଏହାର ବ୍ୟତିକ୍ରମ ଦେଖା ଦେଇଛି । ଘରୋଇ ଆମ୍ବୁଲାନ୍ସ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ବାହାରେ ରଖିବାର ସ୍ଥାନ ଚୟନ କରିବାକୁ ସାଧାରଣରେ ଦାବି ହେଉଛି । ଏ କ୍ଷେତ୍ରରେ ଜିଲାପାଳ ମଧ୍ୟ ହସ୍ତକ୍ଷେପ କରିବାକୁ ଦାବି ହେଉଛି। ଏନେଇ ସିଡିଏମ୍‌ଓ ମକରନ୍ଦ ବେଉରା କୁହନ୍ତି, ଘରୋଇ ଆମ୍ବୁଲାନ୍ସ ଉପରେ ଲଗାମ ଦେବା ଉପରେ ଆମେ ପ୍ରଚେଷ୍ଟା କରିବୁ। ତେବେ ଏନେଇ ଜିଲାପାଳ ପଦକ୍ଷେପ ନେଇପାରିବେ ବୋଲି ସେ କହିଛନ୍ତି । ସେହିପରି ମହାପ୍ରୟାଣ ଗାଡ଼ି ଅଧିକାଂଶ ସମୟ ଅଚଳ ହେଉଥିବାରୁ ଅସୁବିଧା ସୃଷ୍ଟି ହେଉଥିବା ସ୍ୱୀକାର କରିଛନ୍ତି।

ଅନ୍ୟପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମୋ ସରକାର ୧୦୦ ଶଯ୍ୟା ବିଶିଷ୍ଟ ୬ମହଲା ବିଶିଷ୍ଟ କୋଠା ଘର ନିର୍ମାଣ କରିବା ପାଇଁ ଘୋଷଣା କରିବା ସମୟରେ ୨ଟି ଆମ୍ବୁଲାନ୍ସ ଦେବାକୁ ଘୋଷଣା କରିଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ୧୦୦ ଶଯ୍ୟା ବିଶିଷ୍ଟ ୬ମହଲା ବିଶିଷ୍ଟ କୋଠା ଘର ନିର୍ମାଣ ହୋଇ ସାରିଛି, ଗୋଟିଏ ଆମ୍ବୁଲାନ୍ସ ମିଳି ସାରିଛି । ତେବେ ଜିଲା ମୁଖ୍ୟ ଚିକିତ୍ସାଳୟ ପାଇଁ ମୋ ସରକାର ମୃତଦେହ ପରିବହନ ଗାଡ଼ି ଦେବାକୁ ଭୁଲି ଯାଇଛନ୍ତି। ପୁଣି ନୟାଗଡ଼ ରୋଟାରୀ ପକ୍ଷରୁ ଏକ ସ୍ୱର୍ଗରଥ ବ୍ୟବସ୍ଥା ହୋଇଥିଲା। ଏହି ସେବା ପ୍ରାୟ ୧୦ ବର୍ଷ ହେଲା ବନ୍ଦ ରହିଛି । ରୋଟାରୀର ଆମ୍ବୁଲାନ୍ସ ଗାଡ଼ିରେ ମୃତଦେହ ପରିବହନ ଓ ଗୁରୁତର ରୋଗୀଙ୍କୁ ନେବା ଆଣିବା କରାଯାଉଛି ।





@ ଟୁଙ୍କିଲ୍


@ ଦୀପକ


@ ଧରିତ୍ରୀ


@ ପ୍ରିୟବ୍ରତ


@ ସୈଫଅଲ୍ଲି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଆଖି, କର୍ଣ୍ଣ, ନାସା ଓ ଗଳା ସ୍କ୍ରିନିଂ ଶିବିର



ନୟାଗଡ଼/ଭାପୁର,୧୭।୬(ଲୋକନାଥ ମିଶ୍ର/ଭରତ ବେହେରା) : ଭାପୁର ବ୍ଲକର ପଦ୍ମାବତୀ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଶନିବାର ଆଖି, କର୍ଣ୍ଣ, ନାସା ଓ ଗଳା ସ୍କ୍ରିନିଂ ଶିବିର ଆୟୋଜନ କରାଯାଇଥିଲା । ଏଥିରେ ୪୦ରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସା ସହାୟତା ପାଇଥିଲେ । ଶିବିରକୁ ଚିକିତ୍ସାଳୟ ମୁଖ୍ୟ ଡାକ୍ତର ପ୍ରଦୀପ ପାଇକରାୟ ଆୟୋଜନ କରିଥିଲେ। ନୟାଗଡ଼ ମୁଖ୍ୟ ଚିକିତ୍ସାଳୟର ଡାକ୍ତର ପୁଷ୍ପା ନିଳିମା ଲାକ୍ରା, କର୍ଣ୍ଣ ନାସା ଗଳା ବିଭାଗରେ ଅଡ଼ିଓଲୋଜିଷ୍ଟ ନିଷ୍ଠା ରଞ୍ଜନ ଦାଶ, ଚକ୍ଷୁ ବିଭାଗରେ ଦୃଷ୍ଟିମାପ ବିଶେଷଜ୍ଞ ସନ୍ତୋଷ କୁମାର ମହାରଣା, ମାନସିକ ସ୍ୱାସ୍ଥ୍ୟ ସାମାଜିକ କର୍ମୀ ଶ୍ରୀ ସନ୍ତୋଷ କୁମାର ନାୟକ, ସନ୍ଧ୍ୟାରାଣୀ ମହାପାତ୍ର, ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର କ୍ୱାଲିଟି ଆସ୍ୟୁରାନ୍ସ ଏସ୍.କେ. ମହାପାତ୍ର ପ୍ରମୁଖ ଯୋଗଦେଇ ପରୀକ୍ଷଣ କରିଥିଲେ ।

### ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ଗ୍ରାହକ ସେବା ବିପର୍ଯ୍ୟସ୍ତ

ଖଣ୍ଡପଡ଼ା,୧୭।୬(ଅଜୟ କୁମାର ମହାରଣା) : ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋସ୍ଥିତ ଦୁଇ ମହଲା କୋଠା ଉପରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ସଂପ୍ରତି ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଗ୍ରାହକ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ବ୍ୟାଙ୍କ କର୍ମଚାରୀମାନେ ମଧ ଅନୁରୂପ ଭାବେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଉକ୍ତ ବ୍ୟାଙ୍କରେ ଏସି ନ ଥିବାରୁ ଦ୍ୱିପ୍ରହର ସମୟରେ ଗ୍ରାହକମାନେ ଲମ୍ବା ଧାଡିରେ ଠିଆ ହୋଇ ସେମାନଙ୍କ ବ୍ୟାଙ୍କ କାର୍ଯ୍ୟ କରିବା ଅସମ୍ଭବ ହୋଇପଡୁଛି । ଏ ସମ୍ପର୍କରେ ବ୍ୟାଙ୍କ ଶାଖା ପରିଚାଳକ ସୁରେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରେ ଜନସାଧାରଣ ତଥା ଗ୍ରାହକମାନଙ୍କ ଅସୁବିଧା ସମ୍ପର୍କରେ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି କହିଛନ୍ତି । କାର୍ଯ୍ୟାଳୟରେ ଏସିର ବ୍ୟବସ୍ଥା ନ ଥିବାରୁ କର୍ମଚାରୀମାନେ ନିଜ ଚୌକିରେ ବସି କାମ କରିବା ଅସମ୍ଭବ ହୋଇପଡୁଛି ।

### ରଜ ଉପଲକ୍ଷେ କ୍ରୀଡ଼ା, ସଙ୍ଗୀତ ପ୍ରତିଯୋଗିତା

ଖଣ୍ଡପଡ଼ା,୧୭।୬(ଅଜୟ କୁମାର ମହାରଣା): ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡିଆ ପଞ୍ଚାୟତ, ତେନ୍ତୁଳିଆପଲ୍ଲୀ ଗ୍ରାମର ହିଉମ୍ୟାନ ଲରନର୍ସ ଟ୍ରଷ୍ଟ ଓ ରକ୍ଷକ ସଂଗଠନ ପକ୍ଷରୁ ରଜ ଉତ୍ସବ ଅବସରରେ କୁନି କୁନି ପିଲାମାନଙ୍କ ମଧ୍ୟରେ କ୍ରୀଡା ଓ ସଙ୍ଗୀତ ପ୍ରତିଯୋଗୀତା ସରପୋଖରୀଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶୁକ୍ରବାର ଗଡିଆସାହି ଗ୍ରାମର ହରିଜନ ସାହିରେ ଗରିବ ଶ୍ରେଣୀର ପିଲାମାନଙ୍କୁ ଉପହାର ସ୍ୱରୂପ ନୂତନ ପୋଷାକ ବଣ୍ଟନ କରାଯାଇଛି । ରକ୍ଷକ ଅନୁଷ୍ଠାନର ମୁଖ୍ୟ ସନ୍ତୋଷ କୁମାର ଗୌଡ ଓ ପଙ୍କଜିନୀ ରାଉଳ ଏବଂ ସହଯୋଗୀ କୁଳମଣି ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଭାପୁର ବ୍ଲକରେ ଷଷ୍ଠ ସାଧାରଣ ଅଧିବେଶନ

ଭାପୁର,୧୭।୬(ଭରତ କୁମାର ବେହେରା)

ଭାପୁର ପଞ୍ଚାୟତ ସମିତି ସଦ୍‌ଭାବନା କକ୍ଷରେ ଶନିବାର ଦିନ ଷଷ୍ଠ ସାଧାରଣ ଅଧିବେଶନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜିତ କୁମାର ମଲିକଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ। ମୁଖ୍ୟଅତିଥି ଭାବେ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ବ୍ଲକର ସମସ୍ତ ବିଭାଗର ଅଧିକାରୀ, ଭାପୁର ପଞ୍ଚାୟତ ସମିତିର ସମସ୍ତ ଜନପ୍ରତିନିଧି ଏହି ବୈଠକରେ ଉପସ୍ଥିତ ରହିଥିଲେ। ସଭାକାର୍ଯ୍ୟ ପୂର୍ବରୁ ପଞ୍ଚାୟତ ସମିତିର ଇନଚାର୍ଜ ଜେପିଓ ରାଧାମୋହନ ଦଳବେହେରା ପଞ୍ଚମ ସାଧାରଣ ଅଧିବେଶନର ବିବରଣୀ ପାଠ କରିଥିଲେ। ଏହି ବୈଠକରେ ଭତ୍ତା, ରାଶନ, ଆବାସ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବ୍ଲକ କୃଷି ଅଧିକାରୀ ବିରଞ୍ଚି ନାରାୟଣ ମଙ୍ଗରାଜ କାଳିଆ, ଯୋଜନା, ବଳିଆ ଯୋଜନା ସହିତ ବିଭିନ୍ନ କୃଷି ଉପରେ ରହିଥିବା ଯୋଜନା ବିଷୟରେ ବିସ୍ତୃତ ଭାବେ ସୂଚନା ପ୍ରଦାନ କରିଥିଲେ । ଭାପୁର ବ୍ଲକର ଉଦ୍ୟାନ ବିଭାଗ କାର୍ଯ୍ୟାଳୟର ଅବସ୍ଥିତିକୁ ନେଇ ଜନପ୍ରତିନିଧିମାନେ ପ୍ରଶ୍ନ କରିଥିଲେ। ଖୁବଶୀଘ୍ର ବ୍ଲକ ପରିସରରେ ଏହି କାର୍ଯ୍ୟାଳୟ ଖୋଲିବାକୁ ବିଧାୟକ କହିଥିଲେ। ଅସହ୍ୟ ଗ୍ରୀଷ୍ମ ପ୍ରବାହ ସମୟରେ ବାରମ୍ବାର ବିଦ୍ୟୁତ କଟୁଥିବା ନେଇ ସମସ୍ତ ଜନପ୍ରତିନିଧି କ୍ଷୋଭର ସହିତ କହିଥିଲେ। ହେଲେ ବିଦ୍ୟୁତ୍ ବିଭାଗର ସେକ୍ସନ ୧ର ଯନ୍ତ୍ରୀ ଭାପୁର ବ୍ଲକରେ ବିଦ୍ୟୁତ୍ କଟାକୁ ଖଣ୍ଡନ କରିଥିଲେ। ଯନ୍ତ୍ରୀଙ୍କ ଏହି ଉତ୍ତରକୁ ନେଇ ଜନପ୍ରତିନିଧି ଅସନ୍ତୋଷ ପ୍ରକାଶ କରିଥିଲେ। ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ପାଇଁ ବିଡ଼ିଓ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକ ଦୀର୍ଘ ତିନି ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିଲା।


ସାଧାରଣ ଅଧିବେଶନରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧି ।

## ଶତାୟୁ ଓଡ଼ିଶୀ ଗାୟକ ସମ୍ମାନିତ

ଶରଣକୁଳ,୧୭।୬(ଦୀପକ କର)

ଶରଣକୁଳ ନିକଟବର୍ତ୍ତୀ ଗୋଡିପଲ୍ଲୀ ପଞ୍ଚାୟତର ତାଳପାଟଣା ଗ୍ରାମରେ ଦିବ୍ୟାଙ୍ଗମାନଙ୍କ କଲ୍ୟାଣ ଓ ଅଧିକାର ନିମନ୍ତେ କାମ କରୁଥିବା ଆଶ୍ରୟ ଆନୁକୂଲ୍ୟରେ ତଥା ତାଳପାଟଣା ଗ୍ରାମବାସୀଙ୍କ ଉଦ୍ୟମରେ ଓଡ଼ଗାଁ ବ୍ଲକର ଜଣାଶୁଣା ସଂକୀର୍ତ୍ତନ ଓ ଓଡ଼ିଶୀ ଗାୟକ ପିତାମ୍ବର ଦୋରାଙ୍କୁ ତାଙ୍କ ବାସଭବନରେ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ କବି ରାମକୃଷ୍ଣ ମହାରଣା, ଦାସକାଠିଆ କଳାକାର ପ୍ରଫୁଲ୍ଲ ନାହାକ ସଚେତନତା କାର୍ଯ୍ୟକ୍ରମ ଦାସକାଠିଆ ମାଧ୍ୟମରେ ପରିବେଷଣ କରିଥିଲେ । କବି ପାଣ୍ଡବ ନାୟକ, ରବୀନ୍ଦ୍ର କୁମାର ଦୋରା, ବାବାଜୀ ଦୋରା, ଭିକାରୀ ସ୍ୱାଇଁ, ରମେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହ ଓଡ଼ିଶୀ ଗାୟକ ଦୋରା ୭୫ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଶୀ ସଂକୀର୍ତ୍ତନ ଗାୟକ ଭାବେ ନିଜର ପରାକାଷ୍ଠା ଦେଖାଇଥିଲେ। ପରିଣତ ବୟସରେ ଏଭଳି କଳାକାରଙ୍କୁ କଳାକାର ଭତ୍ତା ନ ମିଳିବା ଅତି ଦୁଃଖର ବିଷୟ ବୋଲି ଉପସ୍ଥିତ ବ୍ୟକ୍ତିମାନେ ମତ ଦେଇଥିଲେ । ପିତାମ୍ବର ଦୋରାଙ୍କୁ ଆଶ୍ରୟ ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଲୋକନାଥ ଦାଶ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ବହୁ କଳାକାର ଏପରି ଭାବେ ବୃଦ୍ଧ ଅବସ୍ଥାରେ ରହିଥିଲେ ମଧ୍ୟ ପ୍ରଶାସନ ସେମାନଙ୍କ ପ୍ରତି ଆଖିବୁଜି ଦେଇଛି । କିନ୍ତୁ ଆଶ୍ରୟ ସେପରି ବ୍ୟକ୍ତିମାନଙ୍କୁ ଖୋଜି ପ୍ରଶାସନର ନଜରକୁ ଆଣିବ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ଦାଶ ପ୍ରକାଶ କରିଛନ୍ତି।



ଶତାୟୁ ଓଡ଼ିଶୀ ଗାୟକ ପିତାମ୍ବର ଦୋରାଙ୍କୁ ସମ୍ମାନିତ କରାଯାଉଛି ।

### ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

ଓଡ଼ଗାଁ,୧୭।୬ (ଆଦର୍ଶ କୁମାର ପଟ୍ଟନାୟକ): ଓଡ଼ଗାଁ ଆଦର୍ଶ ଥାନା ବାହାଡ଼ଖୋଲା ଫାଣ୍ଡି ନୂଆଗାଁ ବ୍ଲକ ଅନ୍ତର୍ଗତ ଗୁମି ପଞ୍ଚାୟତ ଅଞ୍ଚଳରେ ଏକ ପ୍ରାଥମିକ ବିଦ୍ୟାଳୟ ନିକଟରେ ଦୋଳି ଖେଳୁଥିବା ଜଣେ ୧୫ ବର୍ଷର ନାବାଳିକାକୁ ଜଣେ ଯୁବକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି । ଏନେଇ ନାବାଳିକାଙ୍କ ଅଭିଭାବକ ଓଡ଼ଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୦୩/୨୩ ରେ ମାମଲା ରୁଜୁ କରି ଶିଶୁ ଯୌନ ଉତ୍ପୀଡ଼ନ ନିରୋଧ ଆଇନ ବଳରେ ଅଭିଯୁକ୍ତ ଯୁବକ ବାନାମ୍ବର ସାହୁଙ୍କୁ ଶନିବାର ଗିରଫ କରିଛି ଏବଂ ଅଭିଯୁକ୍ତ ଯୁବକ ଓ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଛି। ପୋକ୍‌ସୋ ଆକ୍ଟରେ ୧୬୪ରେ ମାଜିଷ୍ଟ୍ରେଟଙ୍କ ସାମ୍ନାରେ ନାବାଳିକାଙ୍କ ବୟାନ ରେକର୍ଡ କରାଯିବା ସହିତ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପ୍ରକାଶ କରିଛି ।

## ସରକାରଙ୍କ ଭତ୍ତା ଯୋଜନା ଭେଳିକି

- ପଡି ରହିଛି ୨ହଜାରରୁ ଊର୍ଦ୍ଧ୍ୱ ଆବେଦନ ପତ୍ର
- ନୂଆଗାଁ ବ୍ଲକକୁ ଆସୁନି ଅଧିକ ଟାର୍ଗେଟ
- ୬୪ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଦିଆଯାଉଛି ଭତ୍ତା

ନୂଆଗାଁ,୧୭।୬ (ଧନେଶ୍ୱର ସାହୁ )

୬୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ ସରକାର ଭତ୍ତା ଦେଉଥିବା କଥା କହୁଛନ୍ତି । ହେଲେ ନୂଆଗାଁ ବ୍ଲକରେ ୬୪ ବର୍ଷର ବୃଦ୍ଧାବୃଦ୍ଧ ଆବେଦନ କରିଥିଲେ ମଧ୍ୟ ସେମାନଙ୍କୁ ଅଦ୍ୟାବଧି ଭତ୍ତା ପ୍ରଦାନ କରାଯାଉ ନାହିଁ । ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ବର୍ତ୍ତମାନ ୬୫ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଭତ୍ତା ପ୍ରଦାନ କରାଯାଉଛି । ଏଥିପାଇଁ ସରକାରଙ୍କ ଏହି ଯୋଜନା ଏକ ଭେଳିକି ବୋଲି ଅଭିଯୋଗ ହେଉଛି ।

ପରିଣତ ବୟସରେ ବୃଦ୍ଧାବୃଦ୍ଧମାନଙ୍କୁ ସହାୟତା ପାଇଁ ସରକାର ଭତ୍ତା ଯୋଜନା କରିଛନ୍ତି। ୬୦ ବର୍ଷ ବୟସର ବ୍ୟକ୍ତିମାନେ ଭତ୍ତା ପାଇଁ ଆବେଦନ କଲେ ୬୦ ବର୍ଷରୁ ୭୯ ବର୍ଷ ପର୍ଯ୍ୟନ୍ତ ୫୦୦ ଟଙ୍କା ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ୭୦୦ ଟଙ୍କା ଭତ୍ତା ଦେବାର ବ୍ୟବସ୍ଥା ରହିଛି । ଏହି ଭତ୍ତା ଟଙ୍କା ଦ୍ୱାରା ଲୋକମାନଙ୍କ ଅନେକ ଉପକାର ହେଉଛି । ପରିଣତ ବୟସରେ ସେମାନେ ଔଷଧ ଖର୍ଚ୍ଚ କରିବା ସହ ନିଜ ଇଚ୍ଛାରେ କିଛି କିଣି ପାରୁଛନ୍ତି । ତେବେ ସରକାର ୬୦ ବର୍ଷ ବୟସରୁ ଭତ୍ତା ଦେଉଥିବା କଥା କହୁଥିବା ବେଳେ ପ୍ରକୃତରେ ତାହା କରାଯାଉ ନ ଥିବା ଅଭିଯୋଗ ହେଉଛି। ନୂଆଗାଁ ବ୍ଲକରେ ୬୦ରୁ ୬୪ ବର୍ଷ ମଧ୍ୟରେ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ଭତ୍ତା ପାଇଁ ଆବେଦନ କରିଥିଲେ ମଧ୍ୟ ସେମାନଙ୍କୁ ଭତ୍ତା ଦିଆଯାଉନାହିଁ। ୬୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ୬୦ ବର୍ଷ ବୟସର ବ୍ୟକ୍ତିମାନେ ଭତ୍ତା ପାଇଁ ଆବେଦନ କରି ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡି ନିରାଶ ହେଉଛନ୍ତି। ତୁମର ସିରିଏଲ ଆସିଲେ ତମକୁ ଭତ୍ତା ଦିଆଯିବ ବୋଲି ସଂପୃକ୍ତ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଉଛି । ନୂଆଗାଁ ବ୍ଲକ କାପ୍ତାପଲି ପଞ୍ଚାୟତର ବଂଶୀ ଦେଇ, ବାହାଡାଖୋଲା ଘଡେଇବନ୍ଧ ଗ୍ରାମର ଅଭିମନ୍ୟୁ ବାରିକ, ନରସିଂହ ବାରିକ, ଉଚ୍ଛବ ବାରିକଙ୍କୁ ୬୩ ବର୍ଷରୁ ଅଧିକ ବର୍ଷ ହୋଇଥିଲେ ମଧ୍ୟ ସେମାନେ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏବାବଦରେ ନୂଆଗାଁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱର୍ଣ୍ଣସାରିକାଙ୍କୁ ପଚାରିବାରେ ଆବେଦନକାରୀଙ୍କ ସଂଖ୍ୟା ଅଧିକ ହେଉଥିବା ବେଳେ ସରକାରଙ୍କ ଟାର୍ଗେଟ ବହୁତ କମ୍ ରହୁଛି । ସେଥିପାଇଁ ଅଧିକ ବୟସର ଲୋକମାନଙ୍କୁ ଆମେ ପ୍ରଥମେ ଗୁରୁତ୍ୱ ଦେଉଛୁ ବୋଲି କହିଛନ୍ତି ।



ଭତ୍ତା ପାଇବା ଅପେକ୍ଷାରେ ବଂଶୀ ଦେଇ ଓ ଅନ୍ୟମାନେ ।

## ପୂର୍ବତନ ମନ୍ତ୍ରୀଙ୍କ ମା’ଝାଡ଼େଶ୍ୱରୀ ପୀଠ ପରିଦର୍ଶନ

ଶରଣକୁଳ,୧୭।୬(ଦୀପକ କର)

ଶରଣକୁଳ ଆରାଧ୍ୟ ଦେବୀ ମା’ଝାଡେଶ୍ୱରୀଙ୍କ ପୀଠରେ ୩ଦିନ ଧରି ଚାଲିଥିବା ରଜ ମହୋତ୍ସବ ଓ ବିଶ୍ୱଶାନ୍ତି ଯଜ୍ଞର ଶୁକ୍ରବାର ଶେଷ ରଜରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତ୍ରୀ ସୁରମା ପାଢୀ ଯଜ୍ଞ କାର୍ଯ୍ୟରେ ଯୋଗଦେଇ ଏହି ପୀଠର ଉନ୍ନତି କାମନା କରିବା ସହ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଁ ସମସ୍ତେ ଚେଷ୍ଟା କରିବା ଉଚିତ ବୋଲି କହିଥିଲେ । ପାଢୀଙ୍କ ସହ ପୂର୍ବତନ ଜିଲା ପରିଷଦ ସଭ୍ୟ ମଦନ ନନ୍ଦ, ପୂର୍ବତନ ସମିତି ସଭ୍ୟ ଶତ୍ରୁଘ୍ନ ରାଉତ, ସାମାଜିକ କର୍ମୀ ପ୍ରମୋଦ କୁମାର ପ୍ରଧାନ, ଆଶୁତୋଷ ମହାପାତ୍ର, ଯଜ୍ଞ କମିଟିର ସଭାପତି ଜ୍ଞାନରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।


ମା’ଝାଡ଼େଶ୍ୱରୀ ପୀଠରେ ପୂର୍ବତନ ମନ୍ତ୍ରୀ ସୁରମା ପାଢୀ

# ଗଞ୍ଜାମ ଜିଲା ଜାତୀୟ ସ୍ତରରେ ପୁରସ୍କୃତ



ଉପରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଜିଲାପାଳ।

### ଜଳ ଉତ୍ସ ସଂରକ୍ଷଣ ଓ ପରିଚାଳନା ପାଇଁ ପ୍ରଥମ ର୍ୟାଙ୍କ୍

**ଛତ୍ରପୁର,୧୭।୬(ସନ୍ତୋଷ ପାଢ଼ୀ)**

ଗଞ୍ଜାମ ଜିଲା ପୁଣି ଥରେ ଜାତୀୟ ସ୍ତରରେ ସମ୍ମାନିତ ହୋଇଛି। ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ, ନଦୀ ବିକାଶ ଏବଂ ଗଙ୍ଗା ସଂରକ୍ଷଣ ବିଭାଗ ତରଫରୁ ଗଞ୍ଜାମ ଜିଲାକୁ ଚତୁର୍ଥ ଜାତୀୟ ଜଳ ପୁରସ୍କାର ୨୦୨୨ ମିଳିଛି। ଏଥିସକାଶେ ମନ୍ତ୍ରଣାଳୟ ପକ୍ଷରୁ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଉପରାଷ୍ଟ୍ରପତି ଜଗଦୀପ ଧନକର ଶନିବାର ନୂଆଦିଲୀଠାରେ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଗଞ୍ଜାମ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି. କୀର୍ତ୍ତି ଭାସନ ଉପସ୍ଥିତ ଥିଲେ। ଗଞ୍ଜାମ ଜିଲାକୁ ପ୍ରଥମ ର୍ୟାଙ୍କ୍ ଶ୍ରେଷ୍ଠ ଜିଲା କ୍ୟାଟେଗୋରିରେ 'ଜାତୀୟ ଜଳ ପୁରସ୍କାର-୨୦୨୨' ମିଳିଛି।

# ଏୟାର ଆମ୍ବୁଲାନ୍ସ ଗେଟ୍ ଖୋଲିଗଲା



ଜମାଦାରପାଲି ଏୟାରଷ୍ଟ୍ରିପ୍‌ରେ ଅଟକିଥିବା ଏୟାର ଆମ୍ବୁଲାନ୍ସ।

**ସମ୍ବଲପୁର,୧୭।୬(ଶୁଭାଶିଷ ପାଢୀ)**

ସମ୍ବଲପୁର ଜମାଦାରପାଲି ଏୟାରଷ୍ଟ୍ରିପରେ ଶନିବାର ଏକ ବଡଧରଣର ଦୁର୍ଘଟଣା ଟଳିଯାଇଛି। ଏକ ଘରୋଇ କମ୍ପାନୀ ଏୟାର ଆମ୍ବୁଲାନ୍ସ ଅବତରଣ କରିବା ସମୟରେ ଏହାର ଗେଟ୍ ଖୋଲିଯାଇଥିଲା। ଏହି ସମୟରେ ଗେଟ୍‌ରେ ଥିବା ତାର ଛିଣ୍ଡିଯାଇଥିଲା। ପରେ ଏହା ସୁରକ୍ଷିତ ଅବତରଣ କରିଥିବାବେଳେ ଏଥିରେ ଥିବା ପାଇଲଟଙ୍କ କୌଣସି କ୍ଷତି ହୋଇନାହିଁ।

ସୂଚନା ଅନୁସାରେ, ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ପୂର୍ବତନ ମନ୍ତ୍ରୀ ଷ୍ଟେଫିନ ମାରାଣ୍ଡି ଟ୍ରେନ୍ ଯୋଗେ ରାଞ୍ଚିରୁ ଭେଲୋର ଯାଉଥିଲେ। ହେଲେ ବଲାଙ୍ଗୀର ନିକଟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ବଲାଙ୍ଗୀର ମେଡିକାଲ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସମ୍ବଲପୁର ବୁର୍ଲାର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ତାଙ୍କୁ ଏୟାର ଆମ୍ବୁଲାନ୍ସ ଯୋଗେ ନେବା ପାଇଁ ଯୋଜନା କରାଯାଇ ଡକାଯାଇଥିଲା। ଅପରାହ୍ନ ପ୍ରାୟ ୨ଟା ସମୟରେ ଜମାଦାରପାଲି ଏୟାରଷ୍ଟ୍ରିପ୍‌ରେ ଏହି ଘରୋଇ ଏୟାର ଆମ୍ବୁଲାନ୍ସ ଅବତରଣ କରିଥିଲା। ଏହି ସମୟରେ ଗେଟ୍ ଖୋଲିଯିବାରୁ ପ୍ରାୟ ଅଧଘଣ୍ଟା ଧରି ମରାମତି ଚାଲିଥିଲା। ପରେ ଏହା ଅସୁସ୍ଥ ଥିବା ପୂର୍ବତନ ମନ୍ତ୍ରୀଙ୍କୁ ନ ନେଇ ଫେରିଯାଇଥିଲା। ଏ ସମ୍ପର୍କରେ ଏଡିଏମ୍ ଅଜାମ୍ବର ମହାନ୍ତି କହନ୍ତି, ଏୟାର ଆମ୍ବୁଲାନ୍ସରେ ଯାନ୍ତ୍ରିକ ତ୍ରୁଟି ଥିବା ଯୋଗୁ ଅଟକି ରହିଥିଲା। ମରାମତି କରିବା ପରେ ଚାଲିଯାଇଥିଲା। ଖବର ପାଇ ସଦର ଏସ୍‌ଡିପିଓ ପ୍ରଦୀପ ସାହୁ ଓ ଅନ୍ୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ।

# ହାତୀଙ୍କୁ ଅଂଶୁଘାତ ଭୟ

- ଅସହ୍ୟ ଗ୍ରୀଷ୍ମପ୍ରବାହରେ ବନ୍ୟଜୀବନ ପ୍ରଭାବିତ
- ରେସ୍କ୍ୟୁ ସେଣ୍ଟରକୁ ଆସିଲା ଅସୁସ୍ଥ ମାଈ ହାତୀ

**ଅଧା ହେଲାଣି ଆଷାଢ଼। ହେଲେ ଅସହ୍ୟ ଗ୍ରୀଷ୍ମପ୍ରବାହରୁ ମିଳୁନାହିଁ ମୁକ୍ତି। ପ୍ରଚଣ୍ଡ ତାତି ଜନଜୀବନକୁ ଅତିଷ୍ଠ କରିପକାଇଥିବାବେଳେ ଏଥିରୁ ବାଦ୍ ପଡ଼ିନାହିଁ ବନ୍ୟଜୀବନ। ସଂରକ୍ଷିତ ଜଙ୍ଗଲରେ ପ୍ରାକୃତିକ ଜଳ ଉତ୍ସ ଶୁଖିଲା ପଡ଼ିଛି। ସୃଷ୍ଟି ହୋଇଛି ଖାଦ୍ୟ ସଙ୍କଟ। ପର୍ଯ୍ୟାପ୍ତ ପାଣି ଅଭାବ ଐତିହ୍ୟ ପ୍ରାଣୀ ହାତୀ ଜୀବନକୁ ବିପଦରେ ପକାଇଛି। ହସ୍ତୀବହୁଳ ଢେଙ୍କାନାଳ ଜିଲାରେ ଏହି ବିଶାଳକାୟ ସ୍ତନ୍ୟପାୟୀ ଜୀବ ଅଂଶୁଘାତର ଶିକାର ହେବା ଏବେ ବନ ବିଭାଗର ଚିନ୍ତା ବଢ଼ାଇଛି।**

**ଢେଙ୍କାନାଳ, ୧୭।୬(ରତନ ନାୟାର)**

ଢେଙ୍କାନାଳ ସଦର ରେଞ୍ଜ୍ ଅଧୀନ ମେଘା ସଂରକ୍ଷିତ ଜଙ୍ଗଲରୁ ଅଂଶୁଘାତର ଶିକାର ହୋଇଥିବା ଆନୁମାନିକ ୩ ବର୍ଷର ମାଈହାତୀକୁ ଶନିବାର ବନ ବିଭାଗ ଉଦ୍ଧାର କରିଛି। ଏହାକୁ ଟ୍ରାଙ୍କୁଲାଇଜ୍ କରି ଅଧିକ ଚିକିତ୍ସା ପାଇଁ କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରକୁ ଅଣାଯାଇଛି। ହାତୀଟିର ପାଟିରେ ସଂକ୍ରମଣ ହୋଇଛି। ତେଣୁ ଏହାର ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ କରିବା ଲାଗି ରବିବାର ଭୁବନେଶ୍ୱର ଓୟୁଏଟିର ଏକ ବିଶେଷଜ୍ଞ ଦଳ ଆସିବ ବୋଲି ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ସୁମିତ କୁମାର କର ସୂଚନା ଦେଇଛନ୍ତି।

ବନ ବିଭାଗର ସୂଚନା ଅନୁଯାୟୀ, ମେଘା ସଂରକ୍ଷିତ ଜଙ୍ଗଲରେ ବିଚରଣ କରୁଥିବା ୩୮ ଟିକିଆ ଦଳରେ ଉକ୍ତ ମାଈ ହାତୀ ସାମିଲ ଥିଲା। ତେବେ ଅସୁସ୍ଥ ହୋଇପଡ଼ିବା ପରେ ଏହାକୁ ହାତୀପଲ ପରିତ୍ୟାଗ କରିଥିଲେ। ଫଳରେ ଗତ ୯ ତାରିଖରୁ ଗୋଠରୁ ଅଲଗା ହୋଇ ହାତୀଟି ଏକାକୀ ବିଚରଣ କରୁଥିଲା। ପାଟ୍ରୋଲିଂ କରୁଥିବା ବନ କର୍ମଚାରୀ ଏହା ଦେଖିବା ପରେ ଜିଲା ବନଖଣ୍ଡ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏହା ପରେ ହାତୀର ସ୍ଥିତି ଯାଞ୍ଚ କରିବାକୁ ଏକ ଟିମ୍ ଜଙ୍ଗଲରେ ପହଞ୍ଚିଥିଲା। କପିଳାସ ପ୍ରାଣୀ ଉଦ୍ୟାନର ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ସହାୟତାରେ ଏହାକୁ ଟ୍ରାଙ୍କୁଲାଇଜ୍ କରାଯାଇଥିଲା। ଏଥିସହ



ଟ୍ରାଙ୍କୁଲାଇଜ୍ ପରେ ହାତୀକୁ କପିଳାସ ପ୍ରାଣୀଉଦ୍ୟାନସ୍ଥିତ ରେସ୍କ୍ୟୁ ସେଣ୍ଟରକୁ ନିଆଯିବା ଲାଗି ପ୍ରସ୍ତୁତି କରାଯାଉଛି।

ଶରୀରର ତାପମାତ୍ରା କମାଇବା ପାଇଁ ମୁଣ୍ଡରେ ପାଣି ଢଳାଯାଇଥିଲା। ସ୍ୱାସ୍ଥ୍ୟବସ୍ଥାରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବା ପରେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ହାତୀଟିକୁ କପିଳାସ ପ୍ରାଣୀ ଉଦ୍ୟାନକୁ ଅଣାଯାଇଛି। ଏଥିଲାଗି ଜେସିବି ସହାୟତାରେ ହାତୀ ଠାବ ହୋଇଥିବା ସ୍ଥାନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବାକୁ ପଡ଼ିଥିଲା। ଅନ୍ୟପଟେ ହାତୀ ପାଟିରେ ସଂକ୍ରମଣ ହୋଇଥିବାରୁ ସେ ଠିକ୍ ଭାବେ ଖାଦ୍ୟ ଗ୍ରହଣ କରିପାରୁନାହିଁ। ଏହାର କାରଣ ଅସ୍ପଷ୍ଟ ରହିଛି। ଅଧିକ ପରୀକ୍ଷା ନିରୀକ୍ଷା ପରେ ଏ ସମ୍ପର୍କରେ ଜଣାପଡ଼ିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

### ଜିଲାରେ ୨୫୦ ହାତୀ

ଢେଙ୍କାନାଳ ଜିଲାର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ୨୫୦ ହାତୀ ଅଛନ୍ତି। ଅନୁକୂଳ ପରିବେଶ ପାଇଁ ବିଭିନ୍ନ ସମୟରେ ପଡ଼ୋଶୀ ଅନୁଗୋଳ, କେନ୍ଦୁଝର, ଯାଜପୁର, କଟକ ଏବଂ ଖୋର୍ଦ୍ଧା ଜିଲାରୁ ହାତୀମାନେ ଢେଙ୍କାନାଳକୁ ପ୍ରବେଶ କରୁଛନ୍ତି। ଏତେ ପରିମାଣର ହାତୀଙ୍କ ପାଇଁ ଖରାଦିନେ ଖାଦ୍ୟ ଓ ପାନୀୟ ସମସ୍ୟା ସୃଷ୍ଟି ହେଉଛି। ସେମାନେ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହେଉଛନ୍ତି। ଫଳରେ ହାତୀ-ମଣିଷ ସଂଘର୍ଷ ବଢ଼ିବାରେ ଲାଗିଛି। ଗତବର୍ଷ ହାତୀ ଆକ୍ରମଣରେ ୩୫ ଜଣଙ୍କ ଜୀବନ ଯାଇଥିଲା। ସେହିପରି ବିଭିନ୍ନ କାରଣରୁ ୧୬ ହାତୀ ମରିଥିଲେ। ତେବେ ଚଳିତ ବର୍ଷ ଗତ ମାସକ ଭିତରେ ହାତୀ ଆକ୍ରମଣରେ ୧୨ ଜଣଙ୍କ ମୃତ୍ୟୁ ଘଟିଲାଣି। ବିଶେଷକରି ଗୋଟିକିଆ ଦନ୍ତା ଅଧିକ ହିଂସ୍ର ହେଉଥିବାରୁ ଉପଦ୍ରୁତ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ିଛି। ସେହିପରି ଚଳିତବର୍ଷ ଶିକାରୀଙ୍କ ବିଦ୍ୟୁତ୍ ତାରରେ ଛନ୍ଦି ହୋଇ ଗୋଟିଏ ଏବଂ ଶାରୀରିକ ଅସୁସ୍ଥତା କାରଣରୁ ଗୋଟିଏ ଏହିଭଳି ୨ଟି ହାତୀର ମୃତ୍ୟୁ ଘଟିଥିବା ଜିଲା ବନଖଣ୍ଡ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସମ୍ବଲପୁର ବନଖଣ୍ଡରେ ହାତୀ ଅସୁରକ୍ଷିତ

**ସମ୍ବଲପୁର, ୧୭।୬(ଶୁଭାଶିଷ ପାଢୀ)**

ବନ୍ୟପ୍ରାଣୀ ବିଶେଷକରି ହାତୀ ସୁରକ୍ଷା ନେଇ ସରକାର ଚିନ୍ତିତ ଥିବା କହୁଛନ୍ତି। ହେଲେ ସମ୍ବଲପୁର ବନଖଣ୍ଡରେ ମୃତ୍ୟୁ ସଂଖ୍ୟାକୁ ଦେଖିଲେ ହାତୀ ଅସୁରକ୍ଷିତ ଥିବା ମନେହେଉଛି। ବନ ବିଭାଗ ରିପୋର୍ଟ ଅନୁଯାୟୀ ପ୍ରାୟ ୨ବର୍ଷରେ ଏହି ବନଖଣ୍ଡରେ ୮ ଗୋଟି ହାତୀଙ୍କ ମୃତ୍ୟୁ ଘଟିଛି। ବନ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଯୋଗୁ ବିଭିନ୍ନ ସମୟରେ ହାତୀଙ୍କ ମୃତ୍ୟୁ ଘଟୁଥିବା ଅଭିଯୋଗ ହେଉଛି। ହାତୀ ମୃତ୍ୟୁ ହେବା ପରେ ବନ ବିଭାଗ ପକ୍ଷରୁ ଘଟଣାକୁ ଚପାଇଦେବାକୁ ଉଦ୍ୟମ କରାଯାଉଛି। ୨ବର୍ଷ ପୂର୍ବେ ସଦର ରେଞ୍ଜ ମୁଣ୍ଡେର ସଂରକ୍ଷିତ ଜଙ୍ଗଲରେ ଏକ ମୃତ ହାତୀକୁ ପୋଡି ତା'ର କଙ୍କାଳ ପୋତି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟରେ ଖବର ପ୍ରକାଶ ପାଇବା ପରେ ଶେଷରେ ବନ ବିଭାଗ ତଦନ୍ତ କରିଥିଲା। ଘଟଣାସ୍ଥଳରୁ ହାଡ଼, ପାଉଁଶ ଜବତ କରି ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଇଥିଲା। ଘଟଣାକୁ ପ୍ରାୟ ୨ବର୍ଷ ବିତିଯାଇଥିଲେ ମଧ୍ୟ ରିପୋର୍ଟ ଆସିନାହିଁ କିମ୍ବା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ।



ଧମା ରେଞ୍ଜ କୋଲଗାଁରେ ଠାବ ହୋଇଥିବା ହାତୀ କଙ୍କାଳ।

ସମ୍ବଲପୁର ବନଖଣ୍ଡ ଅଧୀନରେ ସଦର, ଧମା, ପଡିଆବାହାଲ ଭଳି ୩ଟି ରେଞ୍ଜ ରହିଛି। ଏହିସବୁ ରେଞ୍ଜ ଅଞ୍ଚଳରେ ବିଭିନ୍ନ କାରଣରୁ ହାତୀଙ୍କ ମୃତ୍ୟୁ ଘଟୁଛି। ରିପୋର୍ଟ ଅନୁଯାୟୀ, ୨୦୨୧ ଜାନୁୟାରୀ ୨୧ରେ ସମ୍ବଲପୁର ବନଖଣ୍ଡ ଯୁଯୁମୁରା ସେକ୍ସନ ଅଧୀନ କଂସର ଜଙ୍ଗଲରେ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ମାଈହାତୀର ମୃତ୍ୟୁ ହୋଇଥିଲା। ସେହିପରି ୨୦୨୧ ନଭେମ୍ବର ୮ ତାରିଖ ରାତିରେ ସଦର ରେଞ୍ଜ ଅନ୍ତର୍ଗତ

- ୨ବର୍ଷରେ ମଲେଣି ୮ ହାତୀ
- ଶିକାରୀ ମାରୁଛନ୍ତି, ବନ ବିଭାଗ ଲୁଚାଉଛି

ଆମଲିପାଣି ଗ୍ରାମ ଜଙ୍ଗଲ ନିକଟରେ ବନ୍ୟପ୍ରାଣୀ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ମାଈହାତୀର ମୃତ୍ୟୁ ଘଟିଥିଲା। ୨୦୨୨ ଜୁନ ୨୧ରେ ପଡ଼ିଆବାହାଲ ରେଞ୍ଜ ବଡସାହି ସେକ୍ସନ ଅଧୀନ ସାପଲହରା ପୋଖରୀରେ ପଡ଼ି ଏକ ଦନ୍ତାହାତୀର ମୃତ୍ୟୁ ଘଟିଥିଲା। ସେତେବେଳେ ଶିକାରୀ ଗୁଳିରେ ହାତୀର ମୃତ୍ୟୁ ହୋଇଥିବା କୁହାଯାଇଥିଲା। ୨୦୨୨ ଜୁଲାଇ ୨୪ ତାରିଖରେ ଧମା ରେଞ୍ଜ ଅଞ୍ଚଳରୁ ପୋଡ଼ା ଜଳା ଅବସ୍ଥାରେ ୨ଟି ହାତୀ କଙ୍କାଳ ଠାବ ହୋଇଥିଲା। ତବଲୋଇ-ଦେଓଗାଁ ସଂରକ୍ଷିତ ଜଙ୍ଗଲର ତବଲୋଇ ଜଙ୍ଗଲରେ ଗୋଟିଏ ହାତୀର କଙ୍କାଳ ଠାବ ହୋଇଥିବା ବେଳେ ଅନ୍ୟଟି କୋଲଗାଁ ଜଙ୍ଗଲରୁ ମିଳିଥିଲା। ସ୍ୱତନ୍ତ୍ର ଟାସ୍କଫୋର୍ସ ଆସି ହାତୀ କଙ୍କାଳ ଜବତ କରି ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଇଥିଲା। ଏହି ଘଟଣାରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ଓ ପରୀକ୍ଷା ରିପୋର୍ଟ କ'ଣ ଆସିଲା ତାହା ଜଣାଗଲା ନାହିଁ। ୨୦୨୨ ଡିସେମ୍ବର ୭ରେ ପଡ଼ିଆବାହାଲ ରେଞ୍ଜ ଟାମ୍ପରଗଡ ଧଳପାଳ ଜଙ୍ଗଲରେ ଏକ ମାଈହାତୀର ମୃତ୍ୟୁ ଘଟିଥିଲା। ଅନୁରୂପ ଭାବେ ୨୦୨୩ ଜାନୁୟାରୀ ୮ରେ ସଦର ରେଞ୍ଜ ଭୀମଖୋଜ ସେକ୍ସନ ଅଧୀନ ହାତୀବାରି-ବାନ୍ଦେର ସଂରକ୍ଷିତ ଜଙ୍ଗଲରେ ବନ୍ୟପ୍ରାଣୀ ଶିକାର ନିମନ୍ତେ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଦନ୍ତା ହାତୀର ମୃତ୍ୟୁ ହୋଇଥିଲା। ୨୦୨୩ ଜୁନ ୧୩ରେ ସଦର ରେଞ୍ଜ ବସିଆପଡ଼ା ସେକ୍ସନ ବସିଆପଡ଼ା ବିଟ୍ ଅନ୍ତର୍ଗତ ରପଟା ନିକଟରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଆର୍‌ସିସିଏଫ୍ ଏସ୍. ଆଶିଷ କୁମାର କହିଛନ୍ତି, ହାତୀ ମୃତ୍ୟୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ପୂର୍ବରୁ ଜବତ ହୋଇଥିବା କଙ୍କାଳ ରିପୋର୍ଟ ଆସିବାରେ ବିଳମ୍ବ ହେଉଛି। ଏହାକୁ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# କୋଟିପତି ନିଲମ୍ବିତ ଯୋଗାଣ ଅଧିକାରୀ ଗିରଫ

**ଭୁବନେଶ୍ୱର,୧୭।୬(ସୂର୍ଯ୍ୟକାନ୍ତ ବେହେରା)**

ନିଲମ୍ବିତ ହୋଇଥିବା ନୟାଗଡ ଜିଲାର ପୂର୍ବତନ ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର କୁମାର ନାୟକଙ୍କ ବିପୁଳ ପରିମାଣର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି ଭିଜିଲାନ୍ସ। ନିଜ ଆୟଠାରୁ ୨୮୪% ଅଧିକ ସମ୍ପତ୍ତି ଠୁଳ କରିଥିବା ପ୍ରମାଣ ମିଳିବା ପରେ ତାଙ୍କୁ ଗିରଫ କରାଯାଇଛି। ଏହାସହ ସେ ସ୍ତ୍ରୀଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି କରିଥିବାରୁ ଭିଜିଲାନ୍ସ ଉଭୟଙ୍କ ନାମରେ ମାମଲା (ନଂ ୧୫/୨୩) ରୁଜୁ କରିଛି। ବ୍ରଜେନ୍ଦ୍ର ସରକାରୀ ଅଧିକାରୀ ହୋଇଥିବାରୁ ତାଙ୍କୁ ଗିରଫ ପରେ ସ୍ଥାନୀୟ ଭିଜିଲାନ୍ସର ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଭିଜିଲାନ୍ସର ରିପୋର୍ଟ ଅନୁଯାୟୀ,



ବ୍ୟାଙ୍କ୍ ଲକରରୁ ମିଳିଥିବା ସୁନା ଅଲଙ୍କାର



ଗିରଫ ବ୍ରଜେନ୍ଦ୍ର କୁମାର ନାୟକ

ଭୁବନେଶ୍ୱର ଭୀମଟାଙ୍ଗୀସ୍ଥିତ ହାଉସିଂ ବୋର୍ଡ କଲୋନିର ପ୍ଲଟ୍ ନଂ. ଏ/ଏଲ୍-୫୫ରେ ଥିବା ଦୁଇ ମହଲା କୋଠା, ରାଜାରାଣୀ କଲୋନିସ୍ଥିତ ପ୍ଲଟ୍ ନଂ.୩୮୪/୨୩୨୮ରେ ଥିବା ୩ ମହଲା କୋଠା (୧.୪୫ କୋଟି ଟଙ୍କା), ପ୍ଲଟ୍ ନଂ. ୩୮୫/୨୩୨୯ରେ ଥିବା ୩ ମହଲା କୋଠା, ଲୁଇସ୍ ରୋଡ୍ ଗ୍ୟାରେଜ ଛକ ଓ ପୁରୁଣା ଭୁବନେଶ୍ୱରର ଶିଶୁପାଳଗଡ଼ରେ ଗୋଟିଏ ଲେଖାଏ କୋଠା, ନିମାପଡ଼ା ଖେଲାର ବଜାରରେ ୧୦ଟି ଦୋକାନ ଘର

- ଆୟଠାରୁ ୨୮୪% ଅଧିକ ସମ୍ପତ୍ତି ଠୁଳ କରିଥିଲେ ବ୍ରଜେନ୍ଦ୍ର
- ବ୍ୟାଙ୍କରୁ ମିଳିଲା ୬୪୪.୪୫ ଗ୍ରାମ ସୁନା ଅଲଙ୍କାର
- ସ୍ତ୍ରୀଙ୍କ ନାମରେ ବି ମାମଲା

ଓ ୨ହଜାର ବର୍ଗଫୁଟ୍ ବିଶିଷ୍ଟ ହଲ୍ ଥିବା ଗୋଟିଏ ମାର୍କେଟ କମ୍ପ୍ଲେକ୍ସ ଏବଂ ପୈତୃକ ଗାଁ ସୁନୁଗୋରଡ଼ିସ୍ଥିତ ପ୍ଲଟ ନଂ.୨୦୨ରେ ଥିବା ଫାର୍ମ ହାଉସ୍ ଠାବ ହୋଇଛି। ଏସବୁ ସମ୍ପତ୍ତିର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଂ ପ୍ରୟାସ ଜାରି ରଖିଛି। ସେହିଭଳି ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳରେ ୨ଟି ଓ ନିମାପଡ଼ାରେ ୫ ପ୍ଲଟ, ବ୍ୟାଙ୍କ ଓ ଜୀବନ ବୀମା ଜମା ୧.୫ କୋଟି, ୭.୮ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ ଓ ୩ଟି ବାଇକ ମଧ୍ୟ ଠାବ ହୋଇଛି। ସେହିପରି ସ୍ଥାନୀୟ ୟୁକୋ ବ୍ୟାଙ୍କ ଲକରରେ ବ୍ରଜେନ୍ଦ୍ର ଗଚ୍ଛିତ ରଖିଥିବା ୬୪୪.୪୫ ଗ୍ରାମ ସୁନା ଅଲଙ୍କାର ଉଦ୍ଧାର କରିଛି ଭିଜିଲାନ୍ସ ଟିମ୍।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶୁକ୍ରବାର ଭିଜିଲାନ୍ସର ୮ଟି ଟିମ୍ ବ୍ରଜେନ୍ଦ୍ରଙ୍କ ଘର ସମେତ ନୟାଗଡ଼, ଭୁବନେଶ୍ୱର ଓ ପୁରୀର ୮ ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଏହି ସ୍ଥାନ ମଧ୍ୟରେ ବ୍ରଜେନ୍ଦ୍ରଙ୍କ ନୟାଗଡ଼ ସିଏସ୍‌ଓ କାର୍ଯ୍ୟାଳୟସ୍ଥିତ କୋଠରି, ନୟାଗଡ଼ ମିଶ୍ର କଲୋନିରେ ଭଡ଼ାରେ ରହୁଥିବା ବାସଭବନ ଓ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ସୁନୁଗୋରଡ଼ି ଗ୍ରାମସ୍ଥିତ ପୈତୃକ ଘର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ୱାରେଣ୍ଟ ବଳରେ ହୋଇଥିବା ଏହି ଚଢ଼ାଉରେ ଭିଜିଲାନ୍ସର ୨ଜଣ ଡିଏସ୍‌ପି, ୬ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀ ନିୟୋଜିତ ଥିଲେ।

# ନୂଆପଡ଼ାରେ ଟ୍ରମା କେୟାର ସେଣ୍ଟର ଲାଗି ୭୫.୭୦ କୋଟି ମଞ୍ଜୁର

**ଭୁବନେଶ୍ୱର,୧୭।୬(ଅଭିଜିତ ଦାସ)**

ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଅତ୍ୟାଧୁନିକ ଟ୍ରମା କେୟାର କେନ୍ଦ୍ର ନିର୍ମାଣ ନିମନ୍ତେ ରାଜ୍ୟ ସରକାର ୭୫.୭୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ପ୍ରକଳ୍ପ ଖର୍ଚ୍ଚ ଆକଳନକୁ ପ୍ରଶାସନିକ ଅନୁମୋଦନ ଦେଇ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କେନ୍ଦ୍ରକୁ ଲେଭଲ-୩ ଟ୍ରମା କେୟାର ସେଣ୍ଟର ଭାବେ ବିକଶିତ କରାଯିବ। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ନିୟମାବଳୀ ଅନୁଯାୟୀ ଏଥିରେ ଅତ୍ୟାଧୁନିକ ଚିକିତ୍ସା ଉପକରଣ, ଆଇସିୟୁ, ପର୍ଯ୍ୟବେକ୍ଷଣ କକ୍ଷ, ଲ୍ୟାବ ଆଦିର ବ୍ୟବସ୍ଥା ରହିବ। ବର୍ତ୍ତମାନ ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲରେ ୧୦୬ଟି ଟ୍ରମା କେୟାରରେ ୧୫୬୦ଟି ବେଡ୍ ରହିଛି। ଏହାଛଡ଼ା ୧୮ଟି ଘରୋଇ ସ୍ପେଶାଲିଷ୍ଟ ହସ୍ପିଟାଲର ଟ୍ରମା କେନ୍ଦ୍ରକୁ ମଧ୍ୟ ଟ୍ରମା କେୟାର ଚିକିତ୍ସା ନିମନ୍ତେ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ଅନ୍ୟପଟେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଘରୋଇ ହସ୍ପିଟାଲ ଟ୍ରମା ସେଣ୍ଟରଗୁଡ଼ିକରେ ଦେୟମୁକ୍ତ ଚିକିତ୍ସା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଟ୍ରମା କେୟାର ଦେୟମୁକ୍ତ ଚିକିତ୍ସା ପାଣ୍ଠିର ବ୍ୟବସ୍ଥା କରାଯାଇଥିବା ସେ ସୂଚନା ଦେଇଛନ୍ତି।

# କିରାଣିଙ୍କ ୩ କୋଟିର ସମ୍ପତ୍ତି | ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ

**ବାରିପଦା, ୧୭।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଭିଜିଲାନ୍ସ ଜାଲରେ ମୟୂରଭଞ୍ଜ ଜିଲା ବାରିପଦା ସଦର ଉପଜିଲାପାଳ କାର୍ଯ୍ୟାଳୟର କୋଟିପତି କିରାଣି ରାମଚନ୍ଦ୍ର ସେନ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶନିବାର ଭିଜିଲାନ୍ସ ଚଢ଼ାଉ କରିଛି। ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଭିଜିଲାନ୍ସ ବିଭାଗର ୫ଟି ଟିମ୍ ସକାଳୁ ଏକାସଙ୍ଗେ ଚଢ଼ାଉ ଆରମ୍ଭ କରିଥିଲେ। ରିପୋର୍ଟ ଲେଖାହେବା ସୁଦ୍ଧା ତାଙ୍କଠାରୁ ୩ କୋଟି ୨୬ ଲକ୍ଷ ୨,୧୨୦ଟଙ୍କାର ସମ୍ପତ୍ତି ଠାବ ହୋଇଛି।

ରାମଚନ୍ଦ୍ର କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ଜମିର କିସମ ପରିବର୍ତ୍ତନ ଦାୟିତ୍ୱରେ ରହିଥିଲେ। ସରକାରୀ ଚାକିରିରେ ଥାଇ ମଧ୍ୟ ସେ ଜଣେ ସହଯୋଗୀଙ୍କ ସହ ଜମି କିଣାବିକା କାର୍ଯ୍ୟରେ ସମ୍ପୃକ୍ତ ରହି ପର୍ଯ୍ୟାପ୍ତ ପରିମାଣର ଅର୍ଥ ସଂଗ୍ରହ କରୁଥିଲେ। ଏନେଇ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ବିଭାଗ ପକ୍ଷରୁ ବାରିପଦାସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଜ୍ ଡ. ପ୍ରସନ୍ନ କୁମାର ପଣ୍ଡାଙ୍କ ୱାରେଣ୍ଟ ବଳରେ ଚଢ଼ାଉ କରାଯାଇଛି। ଏକକାଳୀନ କୁଳିଅଣା ବ୍ଲକ ପଡିଆରୀପୁରରେ ଥିବା ତାଙ୍କ ୪ ମହଲା ବାସଭବନ, ଗାଙ୍ଗରାଜସ୍ଥିତ ୩ ମହଲା ମାର୍କେଟ କମ୍ପ୍ଲେକ୍ସ, ବାରିପଦା



ରାମଚନ୍ଦ୍ର ସେନ

ଉପଜିଲାପାଳ କାର୍ଯ୍ୟାଳୟ, ଶ୍ୟାମାଖୁଣ୍ଟା ତହସିଲ ଅଫିସରେ କିରାଣି ଥିବା ତାଙ୍କ ପୁଅଙ୍କ କାର୍ଯ୍ୟାଳୟ ଏବଂ ବାରିପଦା ୨୩ ନମ୍ବର ୱାର୍ଡର ତୁଳସୀ ଚଉରା ଅଞ୍ଚଳରେ ଥିବା ସମ୍ପର୍କୀୟଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ ହୋଇଛି। ଗୋଟିଏ ୩ ମହଲା ଓ ଗୋଟିଏ ୪ ମହଲା କୋଠା, ୧୬ଲକ୍ଷ ୧୬ହଜାର ଟଙ୍କାର ଜମି ବିକ୍ରି ଦଲିଲ ଯାହାର ପ୍ରକୃତ ମୂଲ୍ୟ ବହୁ ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ୪୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟାଙ୍କ ଓ ବୀମା ଜମା, ୧୫ଟି ପ୍ଲଟ, ନଗଦ ୧୬,୯୨୦ଟଙ୍କା, ୩୦ ଲକ୍ଷ ୫୫ ହଜାର ଟଙ୍କାର ସୁନାଗହଣା ଓ ଘରକରଣା ଜିନିଷ, ୨୦ ଲକ୍ଷ ୫୦ହଜାର ଟଙ୍କାର ୩ଟି କାର୍, ୪ଟି ଦୁଇଚକିଆ ଗାଡ଼ି ଏପର୍ଯ୍ୟନ୍ତ ଠାବ ହୋଇଥିବା ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ନରହରି ନାୟକଙ୍କଠାରୁ ସୂଚନା ମିଳିଛି। ସମ୍ପୂର୍ଣ୍ଣ ତଦନ୍ତ ସରିଲେ ସବିଶେଷ ତଥ୍ୟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଜଣେ ଅତିରିକ୍ତ ଏସ୍‌ପି, ୫ଜଣ ଡିଏସ୍‌ପି, ୭ଜଣ ଇନ୍ସପେକ୍ଟର ଓ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ।

# କୋରାପୁଟରୁ ପୁରୀ ଗଲା ୨ ମେଟ୍ରିକ ଟନ୍ ଗୁଡ଼

**କୋରାପୁଟ,୧୭।୬(ଅମିତାଭ ବେହେରା)**

ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ବ୍ୟବହାର ପାଇଁ କୋରାପୁଟରୁ ଶନିବାର ୨ ମେଟ୍ରିକ ଟନ୍ ଗୁଡ ପଠାଯାଇଛି। ଏହି ଗୁଡ଼ କାଫୋକ ଜରିଆରେ ପୁରୀର ଉତ୍ପାଦକ ଗୋଷ୍ଠୀ ନିକଟକୁ ପଠାଯାଇଥିବା ଓର୍‌ମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରେଶନ କୁମାର କାର୍ତ୍ତିକ କହିଛନ୍ତି। ପୁରୀର ଉତ୍ପାଦକ ଗୋଷ୍ଠୀ ସହାୟତାରେ ଏହି ଗୁଡ଼ ଶ୍ରୀଜଗନ୍ନାଥ ମନ୍ଦିରକୁ ବିକ୍ରି କରାଯିବ। କୋରାପୁଟ ଜିଲାର କୋଟପାଡ, କୁନ୍ଦୁରା, ବୋରିଗୁମ୍ମା ଓ ଲକ୍ଷ୍ମୀପୁର ବ୍ଲକର ଚାଷୀମାନେ ଆଖୁ ଚାଷ କରୁଥିବାବେଳେ କୋରାପୁଟ ଆଗ୍ରୋ ପ୍ରଡକ୍ଟ ପ୍ରଡ୍ୟୁସର କମ୍ପାନୀ ଲିଃ ଚାଷୀଙ୍କଠାରୁ ଗୁଡ଼ କ୍ରୟ କରିଥାଏ। ଏହି ସଂଗୃହୀତ ଗୁଡ଼କୁ ଏବେ ପୁରୀ ପଠାଯାଇଛି ବୋଲି କାର୍ତ୍ତିକ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ପଠାଯାଇଥିବା ଗୁଡ଼ରୁ ୧ ମେଟ୍ରିକ ଟନ୍ ପୁରୀର ଶ୍ରୀଜଗନ୍ନାଥ ମନ୍ଦିରକୁ ବିକ୍ରି କରାଯିବ। ଆଉ ଗୋଟେ ଟନ୍ ଗୁଡ଼ ଆଗାମୀ ଦିନରେ ହେବାକୁ ଥିବା ପଲ୍ଲିଶ୍ରୀ ମେଳାରେ ବିକ୍ରି ପାଇଁ ରହିବ।

ସୂଚନାଯୋଗ୍ୟ, ରଥଯାତ୍ରା ଅବସରରେ ପୁରୀରେ ଆସନ୍ତା ୧୯ରୁ ୨୮ ପର୍ଯ୍ୟନ୍ତ ଜାତୀୟ ପଲ୍ଲିଶ୍ରୀ ମେଳା ଆୟୋଜନ ହେଉଛି। ମେଳାରେ କୋରାପୁଟ ଜିଲା କୁନ୍ଦୁରା, ବୋରିଗୁମ୍ମା, କୋଟପାଡ ଅଞ୍ଚଳରୁ ଜୈବିକ ଗୁଡ଼ ସହ ବନ୍ଧୁଗାଁ ଓ ନାରାୟଣପାଟଣା ବ୍ଲକରୁ ଲେମନ ଗ୍ରାସ୍ ତେଲ, ଲକ୍ଷ୍ମୀପୁର ବ୍ଲକରୁ ହଳଦୀଗୁଣ୍ଡ, କୋଟିଆ ଅଞ୍ଚଳର ଝାଡୁ, ସେମିଳିଗୁଡ଼ାରୁ ଗୋଲମରିଚ, ବୋରିଗୁମ୍ମା ଓ କୋଟପାଡ଼ ବ୍ଲକରୁ କଳାବତୀ ଚାଉଳ ଏବଂ କୋରାପୁଟ ବ୍ଲକରୁ ମାଣ୍ଡିଆ ଆଦି ସାମଗ୍ରୀ ପୁରୀକୁ ପଠାଯାଇଥିବା ଓର୍‌ମାସ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କାର୍ତ୍ତିକ କହିଛନ୍ତି।




ରେନଲ୍ଟ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଚେନ୍ନାଇ ପ୍ଲାଣ୍ଟ ପରିସରରୁ ରୋନେର ୧୦ ଲକ୍ଷ ତମ ଯାନ ନିକଟରେ ଉତ୍ପାଦିତ ହୋଇଯାଇଛି। ଏହି ଅବସରରେ ରେନଲ୍ଟ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ତଥା କ୍ରଣ୍ଟି ସିଇଓ ଭେଙ୍କଟରାମ ମାମିଲାପେଲେ ପତାକା ଦେଖାଇ ରେନୋର ୧୦,୦୦,୦୦୦ତମ ଯାନକୁ ଉନ୍ମୋଚନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ରୋନେର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# କେଏଫ୍‌ସିର ନ୍ୟୁ ସ୍ନାକର ରେଞ୍ଜ

ଭୁବନେଶ୍ୱର,୧୭।୬

ଦେଶର ପ୍ରମୁଖ ଫୁଡ୍ ପ୍ଲାଟ୍‌ଫର୍ମ କେଏଫ୍‌ସିର ନ୍ୟୁ ସ୍ନାକର ରେଞ୍ଜର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କେଏଫ୍‌ସି ସ୍ନାକର ରେଞ୍ଜ କେବଳ ୯୯ ଟଙ୍କାର ଅବିଶ୍ୱସନୀୟ ମୂଲ୍ୟରେ ଆଇକନିକ୍ କେଏଫ୍‌ସି ସ୍ୱାଦ ପ୍ରଦାନ କରୁଛି। ବିଶେଷକରି କେଏଫ୍‌ସିର ନୂତନ ତମ ଉତ୍ପାଦ ଉପଯୁକ୍ତ ସ୍ନାକିଂ ବିକଳ୍ପ ଭାବେ ଏହା ବେଶ୍ ସହାୟକ ହେବ। ସେହିଭଳି ଚିକେନ ଲଙ୍ଗର, ଭେଜ୍ ଲଙ୍ଗର, କ୍ଲାସିକ୍ ଚିକେନ୍ ରୋଲ୍, ରେଗୁଲାର ଚିକେନ୍ ପପ୍‌କର୍ନ ଭଳି କ୍ଲାସିକ୍ ମେନ୍ୟୁ ଖାଦ୍ୟ ସହିତ କ୍ରସର, ଚକୋ ଲାଭା, ଫ୍ରାଏଜ୍ ଓ ପେପ୍‌ସି ଭଳି ଲୋକପ୍ରିୟ ସାଇଡ୍‌ଗୁଡ଼ିକ ୯୯ଟଙ୍କାରେ ଉପଲବ୍ଧ ହେଉଛି। ନୂଆ କେଏଫ୍‌ସି ସ୍ନାକର ରେଞ୍ଜ ସହିତ ସ୍ନାକ୍ ଓ ଚିଲ୍ ପାଇଁ ପ୍ରସ୍ତୁତ ହୋଇଯାଆନ୍ତୁ ଡାଇନ୍-ଇନ୍ କିମ୍ବା ଟେକ୍‌ଆୱେ ସମୟରେ ନିଜ ପସନ୍ଦର ଖାଦ୍ୟକୁ ସମସ୍ତ କେଏଫ୍‌ସି ରେଷ୍ଟୁରାଣ୍ଟଗୁଡ଼ିକରେ କେବଳ ୯୯ ଟଙ୍କାରେ ଅର୍ଡର କରନ୍ତୁ।

# ନିଟ୍ (ୟୁଜି) ୨୦୨୩ରେ ଜିନ୍ଦେଗୀ ଫାଉଣ୍ଡେଶନର ବାଜିମାତ୍




ଭୁବନେଶ୍ୱର,୧୭।୬

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ନିଟ୍ (ୟୁଜି) ଫଳାଫଳରେ ଜିନ୍ଦେଗୀ ଫାଉଣ୍ଡେଶନର ୧୩ରୁ ୧୩ ଜଣ ଛାତ୍ର ବାଜିମାତ୍ କରିଛନ୍ତି। ଉଲ୍ଲେଖଯୋଗ୍ୟ, ନିଟ୍ (ୟୁଜି) ୨୦୨୩ର ଫଳାଫଳ ନିକଟରେ ପ୍ରକାଶିତ ହୋଇଯାଇଛି। ଉକ୍ତ ଫଳାଫଳ ଅନୁଯାୟୀ ଜିନ୍ଦେଗୀ ଫାଉଣ୍ଡେଶନର ୧୩ ଛାତ୍ରୀଛାତ୍ର ସଫଳତାର ସହ କୃତିତ୍ୱ ହାସଲ କରିଛନ୍ତି। ଏ ସମ୍ପର୍କରେ ଜିନ୍ଦେଗୀ ଫାଉଣ୍ଡେଶନର ପ୍ରତିଷ୍ଠାତା ଅଜୟ ବାହାଦୁର ସିଂ କହିଛନ୍ତି, ଫାଉଣ୍ଡେଶନର ସମସ୍ତ ସଫଳ ଛାତ୍ରୀଛାତ୍ରଙ୍କୁ ସେମାନଙ୍କର ଆଶା ଓ ଲକ୍ଷ୍ୟ ପୂରଣ ସହ ଆଗାମୀ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଉଛି। ଏପରିକି ୨୦୨୩-୨୪ ଶିକ୍ଷା ବର୍ଷରେ ଫାଉଣ୍ଡେଶନ ୧୩ ଛାତ୍ରୀଛାତ୍ର ଦେଶର ବିଭିନ୍ନ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଫାଉଣ୍ଡେଶନର ଛାତ୍ର ବିଶ୍ୱରଞ୍ଜନ ୭୨୦ରୁ ୬୪୦ ନମ୍ବର ଓ ସୂର୍ଯ୍ୟକାନ୍ତ ୬୦୪ ନମ୍ବର ରଖିଥିବାବେଳେ ଅନ୍ୟମାନେ ମଧ୍ୟ ଭଲ ନମ୍ବରରେ କୃତକାର୍ଯ୍ୟ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୭ବର୍ଷ ମଧ୍ୟରେ ଫାଉଣ୍ଡେଶନର ୧୦୩ ଜଣ ଛାତ୍ର ମେଡିକାଲ କଲେଜରେ ନାମ ଲେଖାଇବା ସହ କେତେଜଣ ଛାତ୍ର ଚିକିତ୍ସକ ମଧ୍ୟ ହୋଇସାରିଛନ୍ତି। ସୂଚନାଯୋଗ୍ୟ, ୨୦୧୭ରେ ଜିନ୍ଦେଗୀ ଫାଉଣ୍ଡେଶନ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିଲା।

# ଟିଏସ୍‌ଏମ୍‌ଏଲ୍‌କୁ କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର

ଭୁବନେଶ୍ୱର,୧୭।୬

ଦେଶର ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ତଥା ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ୍)କୁ ନିକଟରେ ଆଉ ଏକ ରାଜ୍ୟସ୍ତରୀୟ ସମ୍ମାନ ଓ ମାନ୍ୟତା ପ୍ରଦାନ କରାଯାଇଛି। ବିଶେଷକରି ପରିବେଶ ସଂରକ୍ଷଣ ଓ ଦୀର୍ଘସ୍ଥାୟୀ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଟିଏସ୍‌ଏମ୍‌ଏଲ୍‌କୁ 'କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର'ରେ ପୁରସ୍କୃତ କରାଯାଇଛି। ଶନିବାର ଏକ ୫ ତାରକା ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର ସମ୍ମାନ ସମାରୋହ କାର୍ଯ୍ୟକ୍ରମରେ ଟିଏସ୍‌ଏମ୍‌ଏଲ୍‌କୁ କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର ଦିଆଯାଇଛି। ସେହିଭଳି ୨୦୨୨ ବର୍ଷର ପ୍ରଦର୍ଶନ ପାଇଁ ୫ ତାରକା ବର୍ଗରେ କମ୍ପାନୀ ଉପରୋକ୍ତ ପୁରସ୍କାର ହାସଲ କରିଛି। ଉଲ୍ଲେଖଯୋଗ୍ୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଆଣ୍ଡ୍ ଏନ୍‌ଭାଇରନମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍ (ଆଇକ୍ୟୁଇଏମ୍‌ଏସ୍) ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡ଼ିଶା ପକ୍ଷରୁ ମିଳିତ ଭାବେ ଆୟୋଜିତ ଦୀର୍ଘସ୍ଥାୟୀ ପରିବେଶ ଓ ଜଳବାୟୁ ପରିବର୍ତ୍ତନ-୨୦୨୩ ଶୀର୍ଷକ ୮ମ ଜାତୀୟ ସେମିନାରର ଉଦ୍‌ଘାଟନୀ ତଥା ପୁରସ୍କାର ବିତରଣ ସମାରୋହରେ କମ୍ପାନୀକୁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ବିଭାଗୀୟ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ।

ଏ ସମ୍ପର୍କରେ ଟାଟା ଷ୍ଟିଲ୍ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ଏହି ସେମିନାର ଆୟୋଜନ କରିବା ଏବଂ ଶ୍ରେଷ୍ଠ ପ୍ରଥାକୁ ବାଣ୍ଟିବା ସହ ପରସ୍ପରଠାରୁ ଶିଖିବା ଲାଗି ଶିଳ୍ପକୁ ଏକ ମଞ୍ଚ ପ୍ରଦାନ କରିଥିବାରୁ ମୁଁ ଆଇକ୍ୟୁଇଏମ୍‌ଏସ୍ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡ଼ିଶାକୁ ଧନ୍ୟବାଦ ଜଣାଉଛି। ଏପରିକି ଟାଟା ଷ୍ଟିଲ୍ ମାଇନିଂକୁ ପ୍ରଦାନ କରାଯାଇଥିବା ଉକ୍ତ ମାନ୍ୟତା ଆମକୁ ଏକ ସବୁଜ ଓ ଅଧିକ ଦୀର୍ଘସ୍ଥାୟୀ ଭବିଷ୍ୟତ ଗଠନ କରିବା ଲାଗି ଆମ ଉଦ୍ୟମକୁ ଆଗକୁ ବଢ଼ାଇବାରେ ଉତ୍ସାହିତ କରିବ।

# ଖିମ୍‌ଜୀ ଜୁଏଲର୍ସର ବୈକୁଣ୍ଠ କଲେକ୍ସନ

ଭୁବନେଶ୍ୱର,୧୭।୬ (ଅଭୟ ଦାଶ)

ରାଜ୍ୟର ସର୍ବପୁରାତନ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସର ବହୁ ପ୍ରତୀକ୍ଷିତ ତଥା ସୂକ୍ଷ୍ମ ଅଳଙ୍କାରର ବ୍ୟାପକ ଡିଜାଇନ 'ବୈକୁଣ୍ଠ କଲେକ୍ସନ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଚଳିତ ବର୍ଷର ପବିତ୍ର ରଥଯାତ୍ରା ଉପଲକ୍ଷେ ଖିମ୍‌ଜୀ ଜୁଏଲର୍ସର ସ୍ୱତନ୍ତ୍ର ଉତ୍ପାଦ 'ବୈକୁଣ୍ଠ କଲେକ୍ସନ'ର ସୀମିତ ସଂଗ୍ରହକୁ ଶନିବାର ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ଏପରିକି ପ୍ରତିଷ୍ଠାନର ଅଭିଜ୍ଞ କାରିଗରଙ୍କର ସ୍ୱତନ୍ତ୍ର କାରିଗରିରେ ତିଆରି ହୋଇଥିବା ଉପରୋକ୍ତ ସଂଗ୍ରହଗୁଡ଼ିକୁ ଗ୍ରାହକମାନେ ଖିମ୍‌ଜୀ ଜୁଏଲର୍ସର ଭୁବନେଶ୍ୱର, ପୁରୀ ଏବଂ କଟକସ୍ଥିତ ଶୋ'ରୁମ୍‌ଗୁଡ଼ିକରେ ୨୦୨୩ ଜୁନ୍ ୩୧ ମଧ୍ୟରେ କ୍ରୟ କରିପାରିବେ। ସେହିଭଳି ବିଶ୍ୱପ୍ରସିଦ୍ଧ ରଥଯାତ୍ରାରୁ ଖିମ୍‌ଜୀର ବୈକୁଣ୍ଠ କଲେକ୍ସନ ପ୍ରେରିତ ହୋଇଛି। ଏପରିକି ହୃଦୟରୁ କାରିଗରି କରାଯାଇଥିବା ଉକ୍ତ




ସଂଗ୍ରହ ମହାପ୍ରଭୁଙ୍କ ଭକ୍ତମାନଙ୍କର ନିକଟତର କରି ରଖିବ ବୋଲି ଆଶା କରାଯାଉଛି।

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ହେଉଛି ଓଡ଼ିଶାବାସୀଙ୍କ ପାଇଁ ଏକ ଧାର୍ମିକ ଏବଂ ଭକ୍ତିର ମହାପର୍ବ। ବର୍ଷକୁ ଥରେ ଭକ୍ତମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅତି ନିକଟତର ହେବାର ଅପାର ସୁଯୋଗ ପାଇଥାନ୍ତି। ବିଶେଷକରି ଭକ୍ତି ଏବଂ ଭାବ ଓ ଆଧ୍ୟାତ୍ମିକତାର ଏହି ଉତ୍ସବ ପାଇଁ ଆମର ବୈକୁଣ୍ଠ କଲେକ୍ସନ ଉତ୍ସର୍ଗୀକୃତ। ଆମର ଗ୍ରାହକମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସେମାନଙ୍କ ହୃଦୟର ନିକଟତର କରିବା ଏବଂ ଆଶୀର୍ବାଦ ନେବା ପାଇଁ ସାହାଯ୍ୟ କରିବ।

ଉଲ୍ଲେଖଯୋଗ୍ୟ, 'ବୈକୁଣ୍ଠ କଲେକ୍ସନ' କେବଳ ସୀମିତ ସମୟ ପାଇଁ ଖିମ୍‌ଜୀ ଜୁଏଲର୍ସର ଭୁବନେଶ୍ୱର, ପୁରୀ, ଚନ୍ଦ୍ରଶେଖରପୁର ଏବଂ କଟକ ସ୍ଥିତ ଶୋରୁମ୍‌ରେ ଉପଲବ୍ଧ। ଏପରିକି ଗ୍ରାହକମାନେ ଏହି ସ୍ୱତନ୍ତ୍ର ଅଳଙ୍କାର ମାଧ୍ୟମରେ ରଥଯାତ୍ରାକୁ ଭକ୍ତି ଏବଂ ଉତ୍ସାହ ସହ ପାଳନ କରିବେ।

# ଡାସଲ୍‌ଟ ସିଷ୍ଟମ ଆପଣାଇବ ଜେଏସ୍‌ଏଲ୍

ଭୁବନେଶ୍ୱର,୧୭।୬

ଦେଶର ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ତଥା ଭାରତର ଅଗ୍ରଣୀ ଷ୍ଟେନ୍‌ଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ସମସ୍ତ ୟୁନିଟ୍‌ରେ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଡାସଲ୍‌ଟ ସିଷ୍ଟମକୁ ଆପଣାଇବା ସହ ତା'ର ଉତ୍ପାଦନ ଯୋଜନା, ସିଡ୍ୟୁଲିଂ ଓ ନିର୍ବାହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଲକ୍ଷ୍ୟ ରଖିଛି। ନିକଟରେ ଜେଏସ୍‌ଏଲ୍‌ର କ୍ଷମତାକୁ ବାର୍ଷିକ ଉତ୍ପାଦନ ୨.୯ ନିୟୁତ ଟନ୍ ଏମ୍‌ଟିପିଏରେ ପରିଣତ କରିବ। ଫଳରେ ଜେଏସ୍‌ଏଲ୍‌ର ୟୁନିଟ୍‌ଗୁଡ଼ିକରୁ ଉତ୍ପାଦିତଗୁଡ଼ିକୁ ମିଶ୍ରଣକରି ଦ୍ୱିଗୁଣିତ କରିବ ଓ ଜେଏସ୍‌ଏଲ୍‌ର ହିସାର (ହରିୟାଣା) ଏବଂ ଯାଜପୁର (ଓଡ଼ିଶା) ମଧ୍ୟରେ ଉତ୍ପାଦନ ଓ କାର୍ଯ୍ୟ ପରିଚାଳନାକୁ କ୍ରମାଗତ ଭାବେ ପରିଚାଳନା କରିବ।

ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ପୁରୁଣା ପ୍ରଣାଳୀକୁ ସୃଜନଶୀଳ ଭାବେ ଭାଙ୍ଗିବା ଓ ଡିଜିଟାଇଜେଶନ ଓ ସ୍ୱୟଂଚାଳିତ ସହ ନୂଆ ଯୁଗର ମଡେଲ ଗ୍ରହଣ କରିବା ଦିଗରେ ଆମର ଏହା ଆଉ ଏକ ସାହସିକ ପଦକ୍ଷେପ। ଏପରିକି କିଛି ବର୍ଷ ପୂର୍ବେ ଆମେ ଭାରତୀୟ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉଦ୍ୟୋଗରେ ଏକ ଅଗ୍ରଣୀ ଓ ପ୍ରଥମ ସଙ୍ଗଠନ ଥିଲୁ, ଯାହା ଫଳରେ ଆମ ସହିତ ସବୁ ବର୍ଗର ଗ୍ରାହକ ଯୋଡ଼ିହୋଇଥିଲେ। ସେହିଭଳି ବର୍ତ୍ତମାନ ଆମେ କାର୍ଯ୍ୟ କ୍ଷେତ୍ରରେ ୩୬୦ ଡିଗ୍ରୀର ଏକୀକରଣ ଦିଗରେ କାର୍ଯ୍ୟ କରୁଛୁ। ଅପରପକ୍ଷରେ ଜେଏସ୍‌ଏଲ୍‌ର ଭାଇସ୍ ପ୍ରେସିଡେଣ୍ଟ କୋରିନେ ବୁଲୋଟା କହିଛନ୍ତି, ଏହା ଆମକୁ ରିୟଲ ଟାଇମ ଭିଜିବିଲିଟି, ସିମୁଲେଶନ ଓ ଅପ୍ଟିମାଇଜେଶନ କ୍ଷମତା ବଢାଇବାରେ ସାହାଯ୍ୟ କରିବ। ଜିନ୍ଦଲ ଷ୍ଟେନ୍‌ଲେସ୍ ଉତ୍ପାଦନ ପ୍ରଣାଳୀର ଭର୍ଚୁଆଲ ଅଭିଜ୍ଞତା ଜିନ୍ଦଲ ଷ୍ଟେନ୍‌ଲେସକୁ କାର୍ଯ୍ୟକ୍ଷମତା ଓ ଉତ୍ପାଦର ଗୁଣବତ୍ତାକୁ ଉନ୍ନତ କରିବାରେ ବ୍ୟାପକ ସାହାଯ୍ୟ କରିବ।

## ଫୁରସତ୍

# ଅବସର ବିନୋଦନ ଆଣେ ନୂଆ ଉତ୍ସାହ

**ବ୍ୟ**ସ୍ତବହୁଳ ଜୀବନରେ ଅବସର ବିନୋଦନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ମନରେ ନୂଆ ଉତ୍ସାହ ସୃଷ୍ଟି କରିଥାଏ। ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁନ ୧୮ରେ ଅନ୍ତର୍ଜାତୀୟ ପିକ୍‌ନିକ୍ ଦିବସ ପାଳନ କରାଯାଇଥାଏ। ପିକ୍‌ନିକ୍ ବର୍ଷ ବର୍ଷ ଧରି ଅଧିକାଂଶ ସଂସ୍କୃତିର ଏକ ମୁଖ୍ୟ ପାଲଟିଛି। ଏହାର ଲୋକପ୍ରିୟତା ସିଧାସଳଖ ଫରାସୀ ବିପ୍ଳବ ସମୟରୁ ହୋଇଥିବା କୁହାଯାଇଥାଏ। ସ୍ଥଳବିଶେଷରେ ପିକ୍‌ନିକ୍‌ର ସଂଜ୍ଞା ଭିନ୍ନ ହୋଇପାରେ, କିନ୍ତୁ ଏକ ଉପଭୋଗ୍ୟ ଦିନ ପାଇଁ ଲୋକଙ୍କୁ ଏକାଠି କରିବାର ଏହା ଏକ ଉତ୍ତମ ଉପାୟ ।ବିଶ୍ୱର ଅନେକଙ୍କ ପାଇଁ ପିକ୍‌ନିକ୍ ହେଉଛି ସେମାନଙ୍କର ଦୈନନ୍ଦିନ ଜୀବନ ବ୍ୟସ୍ତବହୁଳ ଜୀବନରୁ କିଛି ସମୟ ବିରତି ନେଇ ଆରାମରେ ବିତାଇବା । ଅବଶ୍ୟ, ପିକ୍‌ନିକ୍ ଫ୍ରେଞ୍ଚ ବିପ୍ଳବ ପର୍ଯ୍ୟନ୍ତ ବିଦ୍ୟମାନ ନ ଥିଲା। ପରବର୍ତ୍ତୀ ସମୟରେ ଯେହେତୁ ସର୍ବସାଧାରଣ ପାର୍କଗୁଡ଼ିକ ବହୁ ସଂଖ୍ୟାରେ ଉପଲବ୍ଧ ହେଲା, ଏହାପରେ ପିକ୍‌ନିକ୍ ଦିବସ ପାଳନ ପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଲା। ଯଦିଓ ଆଧୁନିକ ପିକ୍‌ନିକ୍ ସୃଷ୍ଟିରେ ଫରାସୀ ମାନ୍ୟତା ପାଇଛନ୍ତି। ଜଗତୀକରଣ ଏବଂ ବ୍ୟକ୍ତିଗତ ସଂସ୍କୃତି ପିକ୍‌ନିକ୍‌ର



ଲୋକପ୍ରିୟତା ପାଇଁ ଦାୟୀ। ୨୦୧୮ରେ ୫୫% ଆମେରିକୀୟ ଯୁବବର୍ଗ କହିଥିଲେ, ପିକ୍‌ନିକ୍ କରିବା ସେମାନଙ୍କର ଉଷ୍ମ-ପାଗର କାର୍ଯ୍ୟକଳାପକୁ ବୃଦ୍ଧି କରିଥାଏ। ପିକ୍‌ନିକ୍‌ର ସଂକଳ୍ପ ବିସ୍ତାର ହୋଇଥିବାରୁ ବିଭିନ୍ନ ସ୍ଥାନର ବହୁ ସଂଖ୍ୟାରେ ବିଭିନ୍ନ ପରମ୍ପରା ସୃଷ୍ଟି ହୋଇଛି। ଦୁନିଆରେ ବହୁତ କମ୍ ସଂସ୍କୃତି ଅଛି, ଯେଉଁମାନେ କି ପିକ୍‌ନିକ୍ କରିବାରେ ଜଡିତ ନୁହନ୍ତି । ପିକ୍‌ନିକ୍ ହେଉଛି ଅବସର ସମୟକୁ ଉପଭୋଗକରିବାରଏକଚମତ୍କାରଉପାୟ।

'ପିକ୍‌ନିକ୍' ଶବ୍ଦର ମୂଳ ଫରାସୀ ଶବ୍ଦ 'ପାଇକ-ନିକ'ରୁ ଆସିଛି। ଫ୍ରେଞ୍ଚ ବିପ୍ଳବ ପରେ ଫ୍ରାନ୍ସରେ ଏହାର ଲୋକପ୍ରିୟତା ବୃଦ୍ଧି ପାଇ ଦେଶର ରାଜକୀୟ ଉଦ୍ୟାନରେ ବାହ୍ୟଭୋଜନ ଉପଭୋଗ କରିବାର ସୁଯୋଗ ପ୍ରଦାନ କରିଥିଲା। ଏହି ଅବକାଶ ସମାବେଶଗୁଡ଼ିକ ଊନବିଂଶ ଶତାବ୍ଦୀର ଇଂଲଣ୍ଡରେ ବିସ୍ତୃତ ସାମାଜିକ ଇଭେଣ୍ଟରେ ରୂପାନ୍ତରିତ ହୋଇଥିଲା, ଯେପରି ଜେନ୍ ଅଷ୍ଟେନ୍‌ଙ୍କ ଉପନ୍ୟାସରେ ଚିତ୍ରିତ ହୋଇଥିଲା, କିଛିଦିନର ପ୍ରସ୍ତୁତି ସହିତ ବିସ୍ତୃତ ମେନୁଗୁଡ଼ିକ ପ୍ରଦର୍ଶନ କରାଯାଇଥିଲା । ୧୯୮୯ରେ ପାନ-ୟୁରୋପୀୟ ଭଳି ରାଜନୈତିକ ବିରୋଧ ସମୟରେ ପିକ୍‌ନିକ୍ ସାଧାରଣ ଲୋକଙ୍କ ଏକତାକୁ ପ୍ରତିପାଦିତ କରି ଏହା ଏକ ସାଙ୍କେତିକ ସ୍ଥିତି ଗ୍ରହଣ କରିଥିଲା। ୨୦୦୯ରେ, ଲିସ୍‌ବନ ୨୦ ହଜାରରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ନେଇ ଏକ ଆୟୋଜନ କରାଯାଇ ସର୍ବବୃହତ୍

## ଅନ୍ତର୍ଜାତୀୟ ପିକ୍‌ନିକ୍ ଦିବସ

ପିକ୍‌ନିକ୍‌ର ରେକର୍ଡ ହୋଇଥିଲା। ଏହାକୁ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ଦ୍ୱାରା ସ୍ୱୀକୃତି ମିଳିଥିଲା। ମିଳିତ ହୋଇ ପ୍ରକୃତି ଏବଂ ବାହ୍ୟ ଭୋଜନର ସରଳ ଆନନ୍ଦର ଉତ୍ସବ ଭାବରେ ଅନ୍ତର୍ଜାତୀୟ ପିକ୍‌ନିକ୍ ଦିବସର ମହତ୍ତ୍ୱ ରହିଛି। ଆମର ବ୍ୟସ୍ତବହୁଳ ଜୀବନରୁ ବିରାମ ଦେବା, ପ୍ରିୟଜନଙ୍କ ସହିତ ଏକାଠି ହେବା ଏବଂ ସୁନ୍ଦର ପରିବେଶରେ ସୁସ୍ୱାଦୁ ଖାଦ୍ୟ ଉପଭୋଗ କରିବା ପାଇଁ ଏହା ଏକ ସ୍ମରଣୀୟ ସମୟ ଭାବରେ କାର୍ଯ୍ୟ କରେ। ଏହି ବିଶେଷ ଦିନ ଆମକୁ ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ, ପରିବାର ଏବଂ ସାଙ୍ଗମାନଙ୍କ ସହିତ ସଂଯୋଗ ସ୍ଥାପନ କରିବାକୁ, ଏବଂ ବାହାରେ ସମୟ ବିତାଇବା ଦ୍ୱାରା ଆସୁଥିବା ଆରାମ ଏବଂ ନବୀକରଣକୁ ଗ୍ରହଣ କରିବାକୁ ଉତ୍ସାହିତ କରେ। ଅନ୍ତର୍ଜାତୀୟ ପିକ୍‌ନିକ୍ ଦିବସ ଆମକୁ ସ୍ମରଣ କରାଏ ଅଂଶୀଦାର ସୁଖର ଏହି ମୁହୂର୍ତ୍ତଗୁଡ଼ିକୁ ସମ୍ମାନ କରିବା ଏବଂ ଆମ ଚାରିପାଖରେ ଥିବା ଦୁନିଆ ସହିତ ସମନ୍ୱୟର ଭାବନା ସୃଷ୍ଟି କରିବା।

# ସୀତା ଚରିତ୍ର ପାଇଁ କ୍ରିତିଙ୍କୁ ମିଳି ନ ଥିଲା ପ୍ରଥମ ଅଫର

ମୁମ୍ବାଇ

ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଓମ୍ ରାଓ୍ୱତଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଆଦିପୁରୁଷ' ଗତ ଶୁକ୍ରବାର ପ୍ରେକ୍ଷାଳୟରେ ରିଲିଜ ହୋଇସାରିଛି। ରିଲିଜ୍ ପରେ ଚଳଚ୍ଚିତ୍ରକୁ ନେଇ ବିବାଦ ଦେଖାଦେଇଛି। ତେବେ ମୁଭିରେ ଅଭିନେତା ପ୍ରଭାସ ରାମ ଭୂମିକାରେ ଅଭିନୟ କରିଥିବାବେଳେ ସାଉଥ୍ ଅଭିନେତ୍ରୀ କ୍ରିତି ସାନନ ମାତା ସୀତାଙ୍କ ଭୂମିକାରେ ଅଭିନୟ କରିଥିବା ନଜରକୁ ଆସିଛନ୍ତି। କ୍ରିତି ପ୍ରଥମ ଥର ପାଇଁ ଏପରି ଚରିତ୍ରରେ ଅଭିନୟ କରିଛନ୍ତି। ଯଦିଓ ସୀତାଙ୍କ ଲୁକ୍‌ରେ ସେ ସୁନ୍ଦର ଦେଖାଯାଉଛନ୍ତି, ମାତ୍ର କ୍ରିତି ଏହି ଭୂମିକା ପାଇଁ ନିର୍ମାତାଙ୍କ ପ୍ରଥମ ପସନ୍ଦ ନ ଥିଲେ। କ୍ରିତିଙ୍କ ପୂର୍ବରୁ ନିର୍ମାତା ୩ ଅଭିନେତ୍ରୀଙ୍କୁ ସୀତାଙ୍କ ଭୂମିକା ପାଇଁ ଅଫର ଦେଇଥିଲେ। ହେଲେ ସେମାନେ ଏହି ଅଫରକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। 'ଆଦିପୁରୁଷ'ରେ ସୀତାଙ୍କ ଭୂମିକା ପାଇଁ ଅନୁଷ୍କା ଶର୍ମା ନିର୍ଦ୍ଦେଶକଙ୍କ ପ୍ରଥମ ପସନ୍ଦ ଥିଲେ। ସେ ଏହି ଅଫରକୁ ପ୍ରତ୍ୟାଖ୍ୟାନ କରିବା ପରେ ସାଉଥ୍ ଅଭିନେତ୍ରୀ ଅନୁଷ୍କା ସେଟ୍ଟୀଙ୍କୁ ଏହି ଅଫର ମିଳିଥିଲା। ହେଲେ ସେ ମଧ୍ୟ ଏଥିପାଇଁ ମନା କରିଦେଇଥିଲେ। ପରେ ଦକ୍ଷିଣ ଭାରତୀୟ ଅଭିନେତ୍ରୀ କ୍ରିତି ସୁରେଶଙ୍କୁ ଏହି ସୁଯୋଗ ମିଳିଥିଲା। ସେ ମଧ୍ୟ ଏହି ସୁଯୋଗକୁ ହାତଛଡ଼ା କରିଥିଲେ। ପରେ ଯେତେବେଳେ କ୍ରିତି ସାନନଙ୍କୁ ଏହି ଚରିତ୍ର ପାଇଁ ଅଫର ଆସିଥିଲା, ସେ ଏହାକୁ କରିବାକୁ ନିଷ୍ପତ୍ତି ନେଇଥିଲେ।



# ଦ୍ୱୀପରେ ବାସକଲେ ମିଳିବ ୭୧ ଲକ୍ଷ ଟଙ୍କା

**ଡବ୍ଲିନ୍:** ଦେଶରେ କିଛି ବିପତ୍ତି ଆସିଲେ ଅନେକ ଲୋକ ଛାନିଆ ହୋଇ ସେଠାରୁ ଅନ୍ୟ ଦେଶକୁ ପଳାଇ ଯାଇଥାନ୍ତି। ତେବେ ନିକଟରେ ଏକ ୟୁରୋପିଆନ୍ ଦ୍ୱୀପୀୟ ଦେଶ ଆୟର୍ଲାଣ୍ଡ ସରକାର ଦେଶରେ କିଛି ଦ୍ୱୀପ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେଥିପାଇଁ ସେହି ଦ୍ୱୀପରେ ଆସି ବସତି ସ୍ଥାପନ କରିବାକୁ ଚାହୁଁଥିବା ପ୍ରତ୍ୟେକ ଲୋକଙ୍କୁ ୭୧ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ରିପୋର୍ଟ ମୁତାବକ, ଇରିଶ ସରକାର ତାଙ୍କ ଦେଶର ଲୋକସଂଖ୍ୟା ବଢାଇବାକୁ ଲକ୍ଷ୍ୟ ରଖି ଏପରି କରୁଛନ୍ତି। ଦେଶରେ ଏପରି କିଛି ଦ୍ୱୀପ ରହିଛି, ଯେଉଁଠାରେ ଲୋକସଂଖ୍ୟା ମାତ୍ର ୧୬୦, ଯାହା ବେଳକୁ ବେଳ ଶୂନ ହେବାରେ ଲାଗିଛି। ଦେଶର ୩୦ଟି ଦ୍ୱୀପ



ବିଷୟରେ ସରକାର ଚିନ୍ତା କରୁଛନ୍ତି। ଯେଉଁଠାକୁ ଯିବାକୁ ମୁଖ୍ୟରାସ୍ତା କି ମୁଖ୍ୟ ବ୍ରିଜ୍ ନାହିଁ। ସେଠାକାର ଲୋକସଂଖ୍ୟା ବୃଦ୍ଧି କରାଇବାକୁ ସରକାର ଏହି ପ୍ରୟାସ ଚଳାଇଛନ୍ତି। ସେହି ଦ୍ୱୀପରେ ରହିବାକୁ ହେଲେ ଲୋକଙ୍କୁ 'ଆମ ଦ୍ୱୀପ' ନୀତି ହିସାବରେ ୧୯୯୩ ପୂର୍ବରୁ ତିଆରି ହୋଇଥିବା କିଛି ସମ୍ପତ୍ତିକୁ କିଣିବାକୁ ହେବ, ଯାହା ଅତିକମ୍‌ରେ ୨ ବର୍ଷ ହେବ ଖାଲି ପଡ଼ିଥିବ। ଏହି ଯୋଜନା ଅନୁସାରେ, ମିଳିବାକୁ ଥିବା ଧନରାଶି ସାହାଯ୍ୟରେ ଘର ନିର୍ମାଣ ସହ ଅନ୍ୟ କାର୍ଯ୍ୟରେ ତାକୁ ଉପଯୋଗ କରିହେବ। ଏହି ସୂଚନା ମୁତାବକ, ଯିଏ ସେହି ଦ୍ୱୀପରେ ବାସ କରିବାକୁ ଚାହୁଁଥିବେ ସେମାନେ ୧ ଜୁଲାଇରୁ ଏଥିପାଇଁ ଆବେଦନ କରିପାରିବେ।

# ୧୨୭ ଘଣ୍ଟା ନାଚି ବିଶ୍ୱ ରେକର୍ଡ

ପୁଣେ

ନିକଟରେ ଜଣେ ୧୬ ବର୍ଷୀୟା ଯୁବତୀ ୧୨୭ ଘଣ୍ଟା ନାଚି ବିଶ୍ୱ ରେକର୍ଡ କରିଛନ୍ତି। ସେ ୫ ଦିନ ତାଙ୍କ କଲେଜ ଅଡିଟୋରିୟମ୍‌ରେ ନାଚି ଏହି ସଫଳତା ହାସଲ କରିଛନ୍ତି। ପଶ୍ଚିମ ମହାରାଷ୍ଟ୍ର ଲତୁର ଜିଲାର ୧୬ ବର୍ଷୀୟା ସୃଷ୍ଟି ସୁଧୀର ଜଗତାପ ଜଣିକିଆ ଡ୍ୟାନ୍ସ ମାରାଥନରେ ନାଚିଛନ୍ତି। ଗିନିଜ୍ ୱାର୍ଲ୍ଡ ରେକର୍ଡ ମୁତାବକ, ସୃଷ୍ଟି ମେ' ୨୯ରୁ ନାଚିବା ଆରମ୍ଭ କରି ଜୁନ୍ ୩ରେ ଶେଷ କରିଥିଲେ। ସେ ଭାରତୀୟ ସଂସ୍କୃତିକୁ ଅଧିକ ଆଦୃତ କରିବାକୁ କଥକ ନୃତ୍ୟ ପରିବେଷଣ କରୁଥିଲେ। ଭାରତୀୟ ନୃତ୍ୟ କରିବା ତାଙ୍କ ସ୍ୱପ୍ନ ଥିବା ସେ ଗିନିଜ୍ ୱାର୍ଲ୍ଡ ରେକର୍ଡକୁ କହିଛନ୍ତି। ସେ କିଛି ମାସ ହେବ ଏଥିପାଇଁ ଅଧିକ ପରିଶ୍ରମ କରୁଥିଲେ। ସେ ପ୍ରତିଦିନ ୪ ଘଣ୍ଟା ଧ୍ୟାନ, ୬ ଘଣ୍ଟା ନାଚ ଅଭ୍ୟାସ କରିବା ସହ ୩ ଘଣ୍ଟା ଅନ୍ୟ ବ୍ୟାୟାମ କରୁଥିଲେ। ସେ ରାତି ୧୦ଟାରେ ଶୋଇ ରାତି ୩ଟାରୁ ଉଠୁଥିଲେ। ସେ ଏହି ମାରାଥନରେ ପ୍ରତି ଘଣ୍ଟାରେ ତାଙ୍କୁ ୫ ମିନିଟ୍‌ର ବ୍ରେକ୍ ମିଳୁଥିଲା। ଏହା ପୂର୍ବରୁ ନେପାଳର ବନ୍ଦନା ନେପାଲ ୧୨୬ ଘଣ୍ଟା ନାଚି ୨୦୧୮ରେ ଏହି ରେକର୍ଡ ତାଙ୍କ ନାମରେ କରିଥିଲେ। ସୃଷ୍ଟି ତାଙ୍କ ରେକର୍ଡକୁ ଭାଙ୍ଗି ନୂଆ ରେକର୍ଡ କରିଛନ୍ତି।



## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ଏକ ସବ୍ ମରାଇନ୍ ମଡ୍ ଭଲ୍‌କାନୋ ......... ଦେଶରେ ଠାବ କରାଯାଇଛି ?
୨– କାଫୁଏ ନ୍ୟାଶନାଲ୍ ପାର୍କ ........... ଦେଶରେ ଅବସ୍ଥିତ ?
୩– ନିକଟରେ ଶିବ ସୃଷ୍ଟି ଥିମ୍ ପାର୍କ ............ ରାଜ୍ୟରେ ଉଦ୍‌ଘାଟିତ ହୋଇଛି ?
୪– ............ 'ଏ ପ୍ଲେସ୍ କଲ୍ଡ ହୋମ୍' ପୁସ୍ତକ ଲେଖିଛନ୍ତି ?
୫ – ନାଜା ନାଜା .............ର ବୈଜ୍ଞାନିକ ନାମ ?

## ଗତ ଥରର ଉତ୍ତର

୧ ଜଳଶକ୍ତି
୨ ଲର୍ଡ ମିଣ୍ଟୋ ୨
୩ ବିବେକ ଦେବରୟ
୪ ଭଦଲା ସୋଲାର ପାର୍କ
୫ ସି. ଭି. ରମଣ

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ଆରତୀ ସାହୁ, ସମ୍ବଲପୁର


ରଶ୍ମିତା ସାହୁ, ଝାରସୁଗୁଡା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

**ପୃଥିବୀର ସବୁଠୁ ଲୋକପ୍ରିୟ ସେଫ୍**

୧– ଜେର୍ଡନ୍ ଜେମ୍ସ ରାମ୍‌ସେ........ ବ୍ରିଟେନ୍
୨– ଜାମୀ ଓଲିଭର୍........ ଇଂଲଣ୍ଡ
୩– ଓଲ୍ଫଗ୍ୟାଙ୍ଗ୍ ପକ୍........ ଆମେରିକା/ଅଷ୍ଟ୍ରେଲିଆ
୪– ମର୍କୋ ପିରେ ହ୍ୱାଇଟ୍........ ବ୍ରିଟେନ୍
୫– ସଞ୍ଜୀବ କପୁର........ ଇଣ୍ଡିଆ
୬– ଥୋମାସ୍ କେଲର........ ଆମେରିକା
୭– ଏମେରିଲ୍ ଲାଗାସ୍........ ଆମେରିକା
୮– ଚାର୍ଲି ଟ୍ରଟର ........ ଆମେରିକା
୯– ପଲ୍ ବୋକ୍ୟୁଜ୍........ ଫ୍ରାନ୍ସ
୧୦– ଆଣ୍ଟୋନୀ ବର୍ଡେନ୍........ ଆମେରିକା

### ଜାଣନ୍ତୁ ଦୁନିଆ

# ସୁମୋ ଫେସ୍‌ଫାକ୍ଟ୍

**କୁସ୍ତି ବା ରେସ୍‌ଲିଂ ଦେଖିବାକୁ ଅନେକେ ଭଲପାଆନ୍ତି। ହେଲେ ଜାପାନର ଲୋକପ୍ରିୟ ସୁମୋ ଫାଇଟ୍ ଦେଖିବାକୁ ଅଧିକାଂଶଙ୍କ ମନରେ ଯେମିତି ଏକ ଭିନ୍ନ ଉତ୍କଣ୍ଠା ଭରି ରହିଥାଏ। ତେବେ ଜାପାନରେ ଖେଳା ଯାଉଥିବା ଏହି ସ୍ୱତନ୍ତ୍ର କୁସ୍ତି ସମ୍ପର୍କରେ ଜାଣିବା କେତେକ ରୋଚକ ତଥ୍ୟ...**



❖ଜାପାନର ଜାତୀୟ କ୍ରୀଡ଼ା ହେଉଛି ସୁମୋ। ଏହା ସେଠାରେ ଏତେ ଲୋକପ୍ରିୟ ଯେ, କେବଳ କେତେକ ରାଷ୍ଟ୍ରୀୟ ପ୍ରତିଯୋଗିତା ନୁହେଁ ସ୍କୁଲ୍, କଲେଜ ଏବଂ ଅନ୍ୟାନ୍ୟ ସଙ୍ଗଠନ ଗୁଡ଼ିକରେ ମଧ୍ୟ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥାଏ।

❖ଏହି କୁସ୍ତିରେ ଅଂଶଗ୍ରହଣ କରୁଥିବା ଯୋଦ୍ଧାଙ୍କୁ ରିକିଶି ବୋଲି କୁହାଯାଇଥାଏ। ତେବେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ସୁମୋ ଫାଇଟର ହେବା ଲାଗି ମାତ୍ର ୬ ବର୍ଷ ବୟସରୁ ପ୍ରଶିକ୍ଷଣ ଆରମ୍ଭ ହୋଇଥାଏ।

❖ସୁମୋ ଫାଇଟ୍ ଶିଖିବା ଲାଗି ଫାଇଟରଙ୍କୁ ଏକ ସ୍ୱତନ୍ତ୍ର ଘରେ ରହିବାକୁ ହୋଇଥାଏ, ଯାହାର ନାମ ହେ ବା ହେୟା। ଏଠାରେ ଗୁରୁ ମଧ୍ୟ ନିଜେ ରହି ଛାତ୍ରମାନଙ୍କୁ ଏହି କ୍ରୀଡ଼ାର କୌଶଳ ଶିଖାଇଥା'ନ୍ତି। ଏଠାରେ ଗୁରୁଙ୍କ ପତ୍ନୀ ମଧ୍ୟ ରୁହନ୍ତି ଏବଂ ଛାତ୍ରମାନଙ୍କୁ ୧୫–୧୬ ବର୍ଷ ହେବାଯାଏଁ ମା'ଙ୍କ ଭଳି ପାଳି ଥାଆନ୍ତି।

❖କୁହାଯାଏ ଅଷ୍ଟମ ଶତାବ୍ଦୀ ବେଳକୁ ଜାପାନରେ ଥିବା ବିଭିନ୍ନ ମଠରେ ଏହି କ୍ରୀଡ଼ା ସୁମାଇ ନାମରେ ଖେଳାଯାଉଥିଲା। ପରମ୍ପରା ଅନୁଯାୟୀ ବସନ୍ତ ଋତୁ ଆଗମନରେ ସର୍ବପ୍ରଥମେ ୟୁସୁକୁନି ମଠରେ ଏହି କ୍ରୀଡ଼ାର ଆୟୋଜନ କରାଯାଇଥାଏ।

❖ତେବେ ଏହି କ୍ରୀଡ଼ା ଆରମ୍ଭ ହେବା ପୂର୍ବରୁ ଫାଇଟରମାନେ ଲୁଣ ଫିଙ୍ଗିଥା'ନ୍ତି। ଏହାଦ୍ୱାରା ଆଖଡ଼ା ସ୍ଥଳ ପବିତ୍ର ହୋଇଥାଏ ବୋଲି ସେମାନଙ୍କର ବିଶ୍ୱାସ ରହିଛି।

❖ଜାପାନରେ ସୁମୋ ଫାଇଟରମାନଙ୍କୁ ବଡ଼ ବଡ଼ ସେଲିବ୍ରେଟୀଙ୍କ ଭଳି ବ୍ୟବହାର କରାଯାଏ। ତଥାପି ଏମାନେ ସାଧାରଣତଃ ଜନବସତିଠାରୁ ଦୂରରେ ରହିଥା'ନ୍ତି। ଏହାଦ୍ୱାରା ସେମାନଙ୍କ ଧ୍ୟାନ ନିଜ ଲକ୍ଷ୍ୟପଥରେ ହିଁ ରହିଥାଏ ବୋଲି ସେମାନେ ବିଶ୍ୱାସ ରଖନ୍ତି।

❖ସୁମୋ ଫାଇଟରମାନେ ଅଧିକ ମୋଟା ହୋଇଥା'ନ୍ତି। ତେଣୁ ସେମାନେ ନିଜ ଓଜନ ବୃଦ୍ଧି ଲାଗି ସାଧାରଣ ମଣିଷଙ୍କଠାରୁ ୮–୧୦ ଗୁଣ ଅଧିକ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇଥା'ନ୍ତି।

❖ତେବେ ନିୟମ ଅନୁଯାୟୀ ପ୍ରତ୍ୟେକ ସୁମୋ ଫାଇଟର ନିଜ ଖାଦ୍ୟ ନିଜେ ପ୍ରସ୍ତୁତ କରିଥା'ନ୍ତି।



**ଯିଏ ହାତ ଧରି ପିଲାକୁ ଚାଲି ଶିଖାନ୍ତି, ଯେତେ ଅସୁବିଧା ଥାଉ ନା କାହିଁକି ସବୁ କଷ୍ଟ ମନରେ ମାରି ପିଲା ମୁହଁରେ ହସ ଫୁଟାନ୍ତି ଆଉ ପିଲାର ସବୁ ଆବଶ୍ୟକତା ପୂରଣ କରି ତାଙ୍କୁ ସଫଳ ମଣିଷ କରିବାର ସ୍ୱପ୍ନ ଦେଖନ୍ତି ସେ ହେଉଛନ୍ତି ବାପା। ତେବେ ସାରା ଜୀବନ ପିଲାକୁ ସବୁ କିଛି ଦେଉଥିବା ଜନ୍ମଦାତାଙ୍କୁ ନିଜ ପ୍ରଥମ ରୋଜଗାରରେ କିଛି ଉପହାର ଦେବା ଜୀବନର ସବୁଠୁ ଖୁସିର ମୁହୂର୍ତ୍ତ। ଆଜି ଫାଦର୍ସ ଡେ' ଅବସରରେ କେତେଜଣଙ୍କ ଏଭଳି ଅନୁଭୂତିକୁ ନେଇ ବିଶେଷ ଉପସ୍ଥାପନା...**

### ବିଶ୍ୱ ପିତୃ ଦିବସ

ପିତାଙ୍କୁ ସମ୍ମାନ ଦେବା ପାଇଁ ତଥା ପିତାଙ୍କ ଉଦ୍ଦେଶ୍ୟରେ ସର୍ବପ୍ରଥମେ ବିଶ୍ୱ ପିତୃ ଦିବସ ୧୯୧୦ ମସିହା ଜୁନ ମାସର ତୃତୀୟ ରବିବାର ୧୯ ତାରିଖରେ ୱାଶିଂଟନରେ ପାଳନ କରାଯାଇଥିଲା। ମାତ୍ର ୧୯୭୨ ମସିହାରେ ଏହାକୁ ଆନୁଷ୍ଠାନିକ ଭାବେ ପାଳନ କରାଯିବା ପାଇଁ ଘୋଷଣା କରାଗଲା। ଯଦ୍ଦ୍ୱାରା ପିତାଙ୍କୁ ସମ୍ମାନ ଦେବା ପାଇଁ ଆମେରିକାରେ ଏହି ଦିନଟିକୁ ଛୁଟିଦିନ ଭାବେ ଘୋଷଣା କରାଯାଇଥିଲା। ପରବର୍ତ୍ତୀ ସମୟରେ ଭାରତରେ ମଧ୍ୟ ପାଶ୍ଚାତ୍ୟ ସଭ୍ୟତାରେ ପାଳିତ ଏହି ଦିନଟିର ଧୀରେଧୀରେ ପ୍ରଚାର ଓ ପ୍ରସାର ହେବାକୁ ଲାଗିଥିଲା। ଚଳିତ ୨୦୨୩ ବର୍ଷରେ ଏହା ଜୁନ୍ ୧୮ ତାରିଖ ରବିବାରରେ ପାଳନ କରାଯାଉଛି।



# ବାପାଙ୍କ ପାଇଁ ଉପହାର

### ଗାଳି ଭିତରେ ଥିଲା ଅଜସ୍ର ଖୁସି

**ସ୍ୱପ୍ନା ପ୍ରିୟଦର୍ଶିନୀ (ଅଭିନେତ୍ରୀ)–** ପିଲାବେଳୁ ଯାହାଙ୍କ ହାତ ଧରି ଚାଲି ଶିଖିଛି, ଯାହାଙ୍କ ଆଗରେ ଅଳି କରିଛି ଆଉ ଯାହାଙ୍କ ନୀତି ଆଦର୍ଶ ମାନି ବଡ଼ ହୋଇଛି ସେ ହେଉଛନ୍ତି ମୋ ବାପା (ବିଶ୍ୱଜିତ୍ ରାଉତରାୟ)। ଆଜି ଜଣେ ସୁପର ମଡେଲ୍ ଏବଂ ଜଣେ ଅଭିନେତ୍ରୀ ହେବାର ସ୍ୱପ୍ନ ସାକାର ହେବାରେ ରହିଛି ବାପାଙ୍କର ବହୁତ ବଡ଼ ଅବଦାନ। ଯେବେ ଯାହା ମାଗିଛି ଏବଂ ଯେଉଁ ଦିଗରେ ବଢ଼ିବାକୁ ଲକ୍ଷ୍ୟ ରଖିଛି ସେ ମୋର ପ୍ରତିଟି ଇଚ୍ଛାକୁ ପୂରଣ କରିଛନ୍ତି। ହେଲେ ଯେବେ ପ୍ରଥମ ଥର ନିଜ ରୋଜଗାରରେ ତା'ଙ୍କ ପାଇଁ ଗୋଟିଏ ଟି–ଶାର୍ଟ ଗିଫ୍ଟ କରିଥିଲି, ଏତେ ଟଙ୍କା କାହିଁକି ଖର୍ଚ୍ଚ କରୁଥିଲୁ ବୋଲି ଗାଳି ଦେଇଥିଲେ। ହେଲେ ତାଙ୍କ ଛଳ ଛଳ ଆଖିରୁ ଭିତରେ ଥିବା ଖୁସିକୁ ବେଶ୍ ଅନୁଭବ କରିପାରୁଥିଲି। ଆଉ ସେ ଯେବେ ସେହି ଲାଇଟ୍ ପିଙ୍କ୍ କଲର ଟି–ଶାର୍ଟ ପିନ୍ଧିଲେ, ମୋ ମନରେ ଯେଉଁ ଖୁସି ଥିଲା ତାହା ସତରେ ଅବର୍ଣ୍ଣନୀୟ।


ବାପା ବିଶ୍ୱଜିତ୍‌ଙ୍କ ସହ ସ୍ୱପ୍ନା

### ମୋ ସଫଳତା ବାପାଙ୍କ ପାଇଁ ଉପହାର

**ଶ୍ରଦ୍ଧାଞ୍ଜଳି ସାମନ୍ତରାୟ** (କ୍ରୀଡାବିତ୍)– ମୋର ପ୍ରତିଟି ସଫଳତାରେ ସବୁଠୁ ଅଧିକ ଖୁସି ହେଉଥିବା ମଣିଷ ମୋ ବାପା (ନେତ୍ରାନନ୍ଦ ସାମନ୍ତରାୟ)। ଯେବେ ପ୍ରଥମେ ଏକ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିଲି ଏବଂ ନିଜ ମେଡାଲଟିକୁ ଆଣି ବାପାଙ୍କ ବେକରେ ପିନ୍ଧାଇ ଦେଇଥିଲି, ସେ ଖୁସିରେ କହିଥିଲେ ଏହା ମୋ ପାଇଁ ସବୁଠୁ ବଡ଼ ଉପହାର। ସେଦିନର ସେହି ଖୁସିର ମୁହୂର୍ତ୍ତ ମୋ ପାଇଁ ଅଭୁଲା। ତେବେ ସବୁବେଳେ ତାଙ୍କ ପାଇଁ କିଛି କରିବାକୁ ଏବଂ ତାଙ୍କୁ କିଛି ଦେବାକୁ ମନରେ ଇଚ୍ଛାଥାଏ। କାରଣ ତାଙ୍କୁ ଯେବେ ଯାହା ମାଗିଛି ଏବଂ ଯେଉଁ ଦିଗରେ ବଢ଼ିବାକୁ ଲକ୍ଷ୍ୟ ରଖିଛି ସେ ମୋର ପ୍ରତିଟି ଇଚ୍ଛାକୁ ପୂରଣ କରିଛନ୍ତି। ହେଲେ ଯିଏ ଆମକୁ ସବୁ ଦେଇଛନ୍ତି ତାଙ୍କୁ କ'ଣ ବା ଦେଇପାରିବି! ତଥାପି ମୋ ପ୍ରଥମ ରୋଜଗାରରେ ତାଙ୍କ ପାଇଁ ଏକ ଟି–ଶାର୍ଟ ଆଣିଥିଲି ଆଉ ତା'କୁ ଦେଖି ସେ ଖୁସିରେ ଯେଉଁ ପ୍ରତିକ୍ରିୟା ପ୍ରକାଶ କରିଥିଲେ ତାହା ବର୍ଣ୍ଣନା କରିବାକୁ ଭାଷା ନିଅଣ୍ଟ। ସେବେଠୁ ଅନେକଥର ବାପାଙ୍କ ପାଇଁ କିଛି ନା କିଛି କିଣିଛି, ହେଲେ ମୋର ସଫଳତାରେ ହିଁ ସେ ସବୁଠୁ ବେଶୀ ଖୁସି ହେଉଥିବା ଅନୁଭବ କରିଛି।


ବାପା ନେତ୍ରାନନ୍ଦଙ୍କ ସହ ଶ୍ରଦ୍ଧାଞ୍ଜଳି

### ବାବାଙ୍କ ଖୁସି ମୋ ପାଇଁ ସବୁକିଛି

**ସଞ୍ଜୁକ୍ତା ମାଝି** (କର୍ମଜୀବୀ, ବ୍ରହ୍ମଗିରି)– ମୋର ସଫଳତା ପଛରେ ମୋ ବାବା (ପୂର୍ଣ୍ଣଚନ୍ଦ୍ର ମାଝି)ଙ୍କ ଆଶୀର୍ବାଦ ରହିଛି। ଅଭାବ, ଅସୁବିଧା ମଧ୍ୟରେ ଭାଙ୍ଗି ନ ପଡ଼ି କିପରି ଆଗକୁ ବଢ଼ିବ, ସେହି ପ୍ରେରଣା ବାବାଙ୍କଠାରୁ ପାଇଛି। ଜୀବନର ଜଞ୍ଜାଳ ମଧ୍ୟରେ ସେ ନିଜ ପାଇଁ କିଛି ନ କରି ସବୁବେଳେ ଆମର ପ୍ରତିଟି ଆବଶ୍ୟକତା ପୂରଣ କରିବା ଲାଗି ଚେଷ୍ଟା କରିଛନ୍ତି। ତେଣୁ ସ୍ନାତକ ପାସ୍ କରିବା ପରେ ବାବାଙ୍କୁ ସହଯୋଗ କରିବା ପାଇଁ ପୁରୀ ଚାଲି ଆସିଥିଲି। ଏବେ ୫ବର୍ଷରୁ ଊର୍ଦ୍ଧ୍ୱ ହେବ ପୁରୀ ଚାଇଲ୍ଡ ଲାଇନ୍‌ରେ କାଉନ୍‌ସିଲର ଭାବେ କାର୍ଯ୍ୟ କରୁଛି। ମୋର ପ୍ରଥମ ରୋଜଗାର ଟଙ୍କାରେ ବାବାଙ୍କ ପାଇଁ ଧୋତି, ଶାର୍ଟ କିଣିଥିଲି। ଏତିକିରେ ସେ ମୋ ଉପରେ ଯେଉଁ ସ୍ନେହ ଶ୍ରଦ୍ଧା ଅଜାଡ଼ି ଦେଇଥିଲେ ତାହା ବର୍ଣ୍ଣନା କରିବାକୁ ଭାଷା ନିଅଣ୍ଟ। ଝିଅମାନେ ବି ସବୁ କିଛି କରିପାରିବେ, ଏଥିଲାଗି ଧୈର୍ଯ୍ୟ ଆଉ ନିଷ୍ଠା ଦରକାର, ବାବାଙ୍କ ଏହି ଦୁଇ ପଦ ମୋତେ ଘରୁ ବାହାରି ଜୀବନରେ କିଛି କରିବା ପାଇଁ ପ୍ରେରଣା ଦେଇଛି।


ବାପା ପୂର୍ଣ୍ଣଚନ୍ଦ୍ରଙ୍କ ସହ ସଞ୍ଜୁକ୍ତା

### ଅନ୍ୟକୁ ଦେଲେ ବାପା ହୁଅନ୍ତି ଖୁସି

**ନୀତୀଶ କୁମାର ଧଳ** (ଡାକ୍ତର, ଭୁବନେଶ୍ୱର)– ମୋ ମାର୍ଗଦର୍ଶକ ହେଉଛନ୍ତି ବାପା (ଆଶୁତୋଷ ଧଳ)। ନିଜର ପ୍ରତ୍ୟେକ କାର୍ଯ୍ୟ ଏବଂ କର୍ତ୍ତବ୍ୟକୁ ନିଷ୍ଠାର ସହ ତୁଲେଇବାର କଳା ତାଙ୍କଠାରୁ ଶିଖିଛି। କାର୍ଯ୍ୟରୁ ଘରକୁ ଫେରିବା ପରେ ହେଉ କିମ୍ବା ରାତ୍ରିଭୋଜନ ପରେ ତାଙ୍କ ସହ ଅକ୍ଷୟ ମହାନ୍ତିଙ୍କ ପୁରୁଣା ଗୀତ ଶୁଣି ଚାଲିଥିବା ବେଳେ ସେ ଯେଉଁ କଥା ସବୁ କୁହନ୍ତି ତାହା ମୋ ପାଇଁ ସବୁବେଳେ ଶିକ୍ଷଣୀୟ। ସେ ହିଁ ମୋ ଆଦର୍ଶ। ମୋର ଛୋଟରୁ ବଡ଼ ପ୍ରତିଟି ଆବଶ୍ୟକତା ସେ ପୂରଣ କରିଛନ୍ତି। ତାଙ୍କ ପ୍ରେରଣା ଓ ଆଶୀର୍ବାଦରେ ଜଣେ ଡାକ୍ତର ହୋଇପାରିଛି। ମୋ ପ୍ରଥମ ଦରମାରେ ବାପାଙ୍କୁ ଗୋଟିଏ ଘଣ୍ଟା ଉପହାର ଦେଇଥିଲି। ତା' ସହ ମା', ଜେଜେମା'ଙ୍କୁ ଶାଢ଼ି ଏବଂ କିଛି ଅନାଥ ପିଲାଙ୍କୁ ଖାଇବାକୁ ଦେଇଥିଲି। ସେ ନିଜ ଉପହାରରେ ନୁହେଁ, ବରଂ ଅନାଥ ପିଲାଙ୍କ ଖୁସିରେ ଅଧିକ ଖୁସି ହୋଇଥିଲେ। ମୋର ଉନ୍ନତି ଓ ସଫଳତା ତାଙ୍କୁ ବେଶି ଖୁସିଦିଏ। ସବୁବେଳେ ନିଜ କାର୍ଯ୍ୟରେ ନିଷ୍ଠାବାନ ହୋଇ ସଫଳତା ସାଉଁଟିଲେ ତାଙ୍କୁ ତାଙ୍କ ଉପହାର ମିଳିଯିବ ବୋଲି ସେ କୁହନ୍ତି। ତାଙ୍କ କଥାକୁ ସମ୍ମାନ ଦେଇ ସମସ୍ତ କାର୍ଯ୍ୟ କରି ତାଙ୍କୁ ଖୁସି ଦେବା ମୋ ଜୀବନର ଲକ୍ଷ୍ୟ।


ବାପା ଆଶୁତୋଷଙ୍କ ସହ ନୀତୀଶ

### ଘଣ୍ଟା ବାପାଙ୍କର ଭାରି ସଉକ

**ଶରଣାରବିନ୍ଦ ଓଝା**(ସଂଳାପ ଲେଖକ)– ପ୍ରଥମେ ଜୀବନ ଦାନ ଆଉ ତା' ପରେ ସାରା ଜୀବନ ଯିଏ ଆମକୁ ଦେଇଛନ୍ତି ତାଙ୍କୁ କିଛି ଦବା ତ ସମ୍ଭବ ନୁହେଁ, ତଥାପି ପାର୍ଥିବ ବସ୍ତୁଭାବେ ବାପା(କପିଳ ଚରଣ ଓଝା)ଙ୍କୁ ଉପହାର ଦେବାର ଚେଷ୍ଟା ମୁଁ ବି କରିଚି। ବାପାଙ୍କ ହାତଘଣ୍ଟା ଲଗାଇବାରେ ଭାରି ସଉକ। ସେଥିପାଇଁ ମୁଁ ପ୍ରଥମ ରୋଜଗାର କରିବା ପରେ ତାଙ୍କୁ ଏକ ହାତଘଣ୍ଟା ଉପହାର ଦେଇଥିଲି। ତେବେ ପ୍ରଥମ ଉପହାର ନୁହେଁ, ଏବେ ବି ଯେଉଁଠିକୁ ଗଲେ ବାପାଙ୍କ ପାଇଁ ସୁନ୍ଦର ଡିଜାଇନ୍‌ର ହାତଘଣ୍ଟା କିଣି ଆଣିଥାଏ। ଆଉ ନୂଆ ହାତଘଣ୍ଟାଟିଏ ଦେଖି ବାପା ଯେଉଁଭଳି ଖୁସି ହୁଅନ୍ତି ସେ ସମୟର ଅନୁଭୂତିକୁ ଭାଷାରେ କହିହେବ ନାହିଁ। ବହୁତ ଭଲ ଲାଗେ ଯେ ବାପା ଟିକେ ଖୁସି ହେଉଛନ୍ତି। ହାତଘଣ୍ଟାକୁ ନେଇ ଛୋଟବେଳରୁ ଏକ ସ୍ମୃତି ବି ରହିଛି, ଯାହାକୁ ଭୁଲି ହେଉନି। ଯେତେବେଳେ ଆମ ପୈତୃକ ସମ୍ପତ୍ତିର ଭାଗବଣ୍ଟା ହୋଇଥିଲା, ସେତେବେଳେ ବାପାଙ୍କର ଏକ ଭାରି ପ୍ରିୟ ହାତଘଣ୍ଟାକୁ ଭାଗ କରାଯାଇଥିଲା, ଯାହାକି ବାପାଙ୍କୁ ଭାରି କଷ୍ଟ ଦେଇଥିଲା। ଟିକେ ବଡ଼ ହୋଇଥିଲି ବୋଲି ସେ ଘଟଣାକୁ ଅନୁଭବ କରିଥିଲି। ବାପାଙ୍କ ମନର ସେଇ ଆଘାତକୁ ଭୁଲାଇବା ପାଇଁ ତାଙ୍କୁ ଅନେକ ଥର ହାତଘଣ୍ଟା ଉପହାର ଦେଇଛି।


ବାପା କପିଳଚରଣଙ୍କ ସହ ଶରଣ

### ଉପହାରରେ ଦେଇଥିଲି ସ୍କଲାରଶିପ୍ ଟଙ୍କା

**ଅମ୍ରିତା ପାଟ୍ଟଶାଣୀ** (ଓଡ଼ିଶୀ ନୃତ୍ୟାଙ୍ଗନା)– ଏମିତି ଦେଖିବାକୁ ଗଲେ ମା'ବାପା(ଅରବିନ୍ଦ ପାଟ୍ଟଶାଣୀ)ଙ୍କୁ ତ କିଛି ଦେଇ ହୁଏନି। ତଥାପି ତାଙ୍କୁ କ'ଣ ଗୋଟେ ଦେବି ବୋଲି ଭାବୁଥିଲି। ୧୯ ବର୍ଷ ବୟସରେ ଯେତେବେଳେ ପ୍ରଥମେ ଦିଲ୍ଲୀ ସରକାରଙ୍କ ସିସିଆରଟି ସିନିୟର ସ୍କଲାରଶିପ୍ ପାଇଥିଲି, ସେତେବେଳେ ଯାହା ବି ଅର୍ଥରାଶି ମିଳିଥିଲା ସବୁ ବାପାଙ୍କୁ ଦେଇଥିଲି। ବାପା ତ ବହୁତ ମନା କରିଥିଲେ, କିନ୍ତୁ ବହୁ କଷ୍ଟରେ ବୁଝାଇବା ପରେ ପୂରା ୨ ବର୍ଷର ସ୍କଲାରଶିପ୍ ତାଙ୍କୁ ଦେଇ ଖୁସି ହୋଇଯାଇଥିଲି। ଜଣେ ସଫଳ ନୃତ୍ୟାଙ୍ଗନା ଭାବେ ଗଢ଼ି ତୋଳିବା ପାଇଁ ବାପା ମତେ ମାତ୍ର ୬ ବର୍ଷରୁ ନାଚ ଶିଖିବାର ସୁଯୋଗ ଦେଇଥିଲେ। ଆଉ ନୃତ୍ୟାଙ୍ଗନା ଭାବେ ମତେ ଯେତେବେଳେ ପରିଚୟ ମିଳିଲା, ତାହା ତାଙ୍କ ପାଇଁ ଏକ ସୁନ୍ଦର ଉପହାର ବୋଲି ସେ କହିଥିଲେ। ବାପାଙ୍କ ଆଶୀର୍ବାଦରୁ ଏଇ କ୍ଷେତ୍ରରେ ଖୁବ୍ ସଫଳତା ପାଇଛି, ଅନେକ ପୁରସ୍କାର ବି ପାଇଛି, କିନ୍ତୁ ଆଜି ବି ବାପାଙ୍କୁ କିଛି ଦେବା ପାଇଁ ଇଚ୍ଛା ହୁଏ। ସେଥିପାଇଁ ତ ବାପାଙ୍କର ପ୍ରତ୍ୟେକ ଆବଶ୍ୟକ ସମୟରେ ଆଜି ବି ତାଙ୍କ ପାଖରେ ଛିଡ଼ା ହେଇଛି।


ବାପା ଅରବିନ୍ଦଙ୍କ ସହ ଅମ୍ରିତା

### ଉପହାରରେ ହୋଇଥିଲେ ଅନେକ ଖୁସି

**ରୋଜାଲିନ୍ ପଣ୍ଡା** (ନୃତ୍ୟଶିଳ୍ପୀ, ଗୋପୀନାଥପୁର, ପୁରୀ)– ମୋ ବାପା (ସୁବାସ ଚନ୍ଦ୍ର ପଣ୍ଡା) ମୋ ପାଇଁ ଆଦର୍ଶ। ପିଲାବେଳୁ ମୋର ଓଡ଼ିଶୀ ଶିଖିବାକୁ ଇଚ୍ଛା ଥିଲା। ସେ ମୋତେ ସାଇକେଲ ଆଗରେ ବସାଇ ଓଡ଼ିଶୀ ଶିଖିବା ପାଇଁ ନେବାଆଣିବା କରିଛନ୍ତି। ପ୍ରଥମେ ମଞ୍ଚରେ ଓଡ଼ିଶୀ ନାଚିବା ବେଳେ ମନରେ ଏକ ଅଜଣା ଭୟ ରହୁଥିଲା, ଯାହାକୁ ସେ ଦୂର କରିଥିଲେ। ତା' ପରଠାରୁ ମୁଁ ଆଉ ପଛକୁ କେବେ ଚାହିଁନି, ଅଥବା ଥକି ପଡ଼ିନି। ତାଙ୍କ ପ୍ରେରଣାରେ ଗତ ଦୁଇ ବର୍ଷ ହେବ ନିଜର ନୃତ୍ୟାନୁଷ୍ଠାନ ଆରମ୍ଭ କରିଛି। ଯେତେବେଳେ ବି ଅସୁବିଧାରେ ପଡ଼ିଛି, ସେ ମୋତେ ସାହସ ଦେଇଛନ୍ତି। କୌଣସି ସ୍ଥାନରେ ସମ୍ମାନିତ ହେବାର ସୁଯୋଗ ମିଳିଲେ, କେହି ପ୍ରଶଂସା କଲେ ମନେମନେ ବାବାଙ୍କୁ ଖୋଜିଥାଏ। ମନେପଡୁଛି ମୋର ପ୍ରଥମ ମଞ୍ଚ ନୃତ୍ୟ ପରିବେଷଣ ଏବଂ ପିଲାଙ୍କୁ ଶିକ୍ଷାଦାନରୁ ମିଳିଥିବା ପ୍ରଥମ ଦରମାରୁ ବାବାଙ୍କ ପାଇଁ ଗୋଟିଏ ଶାଲ, ଶାର୍ଟ କିଣିଥିଲି। ମୋର ଏହି ଛୋଟିଆ ଉପହାରରେ ବାବା ମୋ ଉପରେ ବହୁତ ଖୁସି ହୋଇଥିଲେ। ସେ ଦିନ ଅନୁଭବ କରିଥିଲି ଜୀବନରେ ବାବାଙ୍କ ସ୍ଥାନ କ'ଣ। ତେଣୁ ସବୁବେଳେ ନିଜ କାର୍ଯ୍ୟରେ ତାଙ୍କୁ ଖୁସି କରିବାକୁ ଚେଷ୍ଟା କରିବି।


ବାପା ସୁବାସଙ୍କ ସହ ରୋଜାଲିନ୍

*–ଉପସ୍ଥାପନା:* **ପୌର୍ଣ୍ଣମାସୀ**

### ୟୁଥ୍ ଆଲର୍ଟ

# ଡେସ୍କ ଜବ୍ ଓ ପିଠି ଯନ୍ତ୍ରଣା

**ବର୍ତ୍ତମାନ ଅଧିକାଂଶ ଯୁବପିଢ଼ି ଡେସ୍କ ଜବ୍ କରୁଥିବାରୁ ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ରହିବା ଦ୍ୱାରା ପିଠି ଯନ୍ତ୍ରଣା ସମସ୍ୟା ଭୋଗୁଥିବା ଦେଖିବାକୁ ମିଳୁଛି। ଯଦି ଆପଣ ଏହି ସମସ୍ୟା ଦେଇ ଗତି କରୁଛନ୍ତି, ତେବେ ଏଥିରୁ ଦୂରେଇ ରହିବା ଲାଗି କେଉଁସବୁ ଉପାୟ ଲାଭଦାୟକ ଜାଣିରଖନ୍ତୁ ସେ ସମ୍ପର୍କରେ...**



➤ଯଦି କାମ କରିବା ବେଳେ ପିଠି ଯନ୍ତ୍ରଣା ହେଉଛି, ତେବେ ଏପରି ଚେୟାର ବାଛନ୍ତୁ, ଯେଉଁଥିରେ ବସିଲେ ନା କେବଳ ଆରାମ ଲାଗିବ ବରଂ ବେକ, ପିଠି, ଅଣ୍ଟା ଜାକି ନ ହୋଇ ସିଧା ରହୁଥିବ। ଯଦି ଅଫିସ୍‌ରେ ଏପରି ଚେୟାର ନାହିଁ, ତେବେ ଆପଣ ପିଠିକୁ ସପୋର୍ଟ ଦେବା ଲାଗି ଚେୟାର୍‌ରେ ଏକ ତକିଆ ରଖି ବସିପାରିବେ।

➤ଅଫିସ୍‌ରେ ହେଉ ଅବା ଘରେ, କମ୍ପ୍ୟୁଟରରେ କାମ କରିବା ବେଳେ ନିଜର ବସିବା ଶୈଳୀ ଠିକ୍ ରଖନ୍ତୁ। କାରଣ ଅନେକେ ବସିବା ସମୟରେ ଆରାମ ଲାଗିବା ଆଳରେ ଜାକି ହୋଇ ବସନ୍ତି। ହେଲେ ଡେସ୍କ ଜବ୍‌ରେ ଦୀର୍ଘ ସମୟ ଏହି ଭୁଲ୍ ବସିବା ଶୈଳୀ ଯୋଗୁ ବେକ, ପିଠି, ଅଣ୍ଟା ଜାକି ହୋଇ ମେରୁଦଣ୍ଡରେ ଚାପ ପଡ଼ିଥାଏ ଏବଂ ବିନ୍ଧା ହୋଇଥାଏ। କେବଳ ଏତିକି ଅଧିକ ସମୟ ଏପରି ପୋଜିଶନ୍‌ରେ ରହିବା ଯୋଗୁ ସ୍ପଣ୍ଡିଲାଇଟିସ୍ ଭଳି ସମସ୍ୟା ମଧ୍ୟ ଉପୁଜିଥାଏ। ତେଣୁ ପିଠିକୁ ସିଧା ରଖି ବସନ୍ତୁ ଏବଂ ଗୋଡ଼ ଯେପରି ତଳେ ସିଧା ଲାଗୁଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

➤କାମ କରୁଥିବା ଡେସ୍କଟପ୍ ହେଉ ଅବା ଲ୍ୟାପ୍‌ଟପ୍‌ର ସ୍କ୍ରିନ୍ ଯେପରି ଆପଣଙ୍କ ଆଖି ସହ ସମାନ୍ତରାଳ ଭାବେ ରହିବ ସେଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ନଚେତ୍ ତଳୁଆ କିମ୍ବା ଅଧିକ ଉଚ୍ଚାରେ ଥିଲେ ମୁଣ୍ଡ ନୁଆଁଇବା ଅବା ଉଠାଇ ଦୀର୍ଘ ସମୟ କାମ କରିବା ଦ୍ୱାରା ଚାପ ପଡ଼ି ବେକ ଓ ପିଠିରେ ଖୁବ୍ ଯନ୍ତ୍ରଣା ହୋଇଥାଏ।

➤ପିଠି ଯନ୍ତ୍ରଣା ହେଉଥିଲେ ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି ରହି କାମ ନ କରି ମଝିରେ ମଝିରେ ସିଟ୍‌ରୁ ଉଠି ଅଳ୍ପ ଚାଲନ୍ତୁ ଏବଂ ହାତ ଉଠାଇବା, ବେକ ଏବଂ ପିଠିକୁ ରିଲାକ୍ସ କରିବା ଭଳି ହାଲୁକା ଏକ୍ସରସାଇଜ୍ କରନ୍ତୁ।

➤ଡେସ୍କ ଜବ୍ କରୁଥିଲେ ଘରେ ପ୍ରତିଦିନ କିଛି ସମୟ ଯୋଗ, ବ୍ୟାୟାମ କରନ୍ତୁ। ଏହା ପିଠି ଯନ୍ତ୍ରଣା କମ୍ କରିବାରେ ସାହାଯ୍ୟ କରିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ୪ଗୁଣା୧୦୦ମିଟର ମହିଳାଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୧୭।୬(ସରୋଜ ଜେନା)**

ମହିଳା ୪ଗୁଣା୧୦୦ମିଟର ଦୌଡରେ ଓଡ଼ିଶା ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ଦଳ ୪୬.୬୮ ସେକେଣ୍ଡର ଟାଇମିଂ ସହିତ ତୃତୀୟ ସ୍ଥାନରେ ରହିଥିଲା। ସୁଖୀ ବାସ୍କେ, ସବିତା ଟପ୍ପୋ, ବନିତା ଲାକ୍ରା ଓ ଶ୍ରାବଣୀ ନନ୍ଦ ଓଡ଼ିଶା ଦଳରେ ରହିଥିବା ବେଳେ ଶ୍ରାବଣୀଙ୍କର ଏହା ଦ୍ୱିତୀୟ ପଦକ। ଏହା ପୂର୍ବରୁ ୧୦୦ ମିଟର ସ୍ପ୍ରିଣ୍ଟରେ ସେ ରୌପ୍ୟ ପଦକ ହାସଲ କରିଥିଲେ। କେରଳ ଦଳ ୪୬.୩୫ ସେକେଣ୍ଡର ଟାଇମିଂ ସହିତ ସ୍ୱର୍ଣ୍ଣ ଓ ଆନ୍ଧ୍ର ପ୍ରଦେଶ ୪୬.୬୧ ସେକେଣ୍ଡର ଟାଇମିଂ ସହ ରୌପ୍ୟ ପଦକ ହାସଲ କରିଥିଲା।

# ୧୨ ଆଥ୍‌ଲେଟଙ୍କୁ ଏସିଆନ ଗେମ୍ସ ଯୋଗ୍ୟତା

## ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ ମିଟ୍

**ଭୁବନେଶ୍ୱର, ୧୭।୬(ସରୋଜ ଜେନା)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ ମିଟ୍‌ର ତୃତୀୟ ଦିବସରେ ୧୨ ଜଣ ଖେଳାଳି ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୧୦୦ ମିଟର ବାଧାଦୌଡରୁ ଜ୍ୟୋତି ୟାରାଜୀ, ଆର. ନିତ୍ୟା ଓ ଅଗସରା ନନ୍ଦିନୀ, ମହିଳା ପୋଲଭଲ୍ଟର ପବିତ୍ରା ଭେଙ୍କଟେଶ, ହାଇଜମ୍ପର ସର୍ବେଶ ଅନିଲ କୁଶାରେ ଓ କର୍ନାଟକର ଜେସେ ସନ୍ଦେଶ, ମହିଳା ହେପ୍ଟାଥଲନରେ ସ୍ୱପ୍ନା ବର୍ମନ, ଅଗସରା ନନ୍ଦିନୀ, ଟ୍ରିପଲ ଜମ୍ପରେ ପ୍ରବୀଣ ଚିତ୍ରଭେଲ, ଅବଦୁଲ୍ଲା ଆବୁ ବକର ଓ ଏଲଧୋସ୍ ପଲ ଏବଂ ଡେକାଥଲନରେ ତେଜସ୍ୱିନ ଶଙ୍କର ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ମହିଳା ୧୦୦ ମିଟର ବାଧାଦୌଡ ହିଟ୍‌ରେ ଜ୍ୟୋତି ଓ ନିତ୍ୟା ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଅନ୍ୟପକ୍ଷରେ ନନ୍ଦିନୀ ଫାଇନାଲ୍ସରେ ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଫାଇନାଲରେ ଜ୍ୟୋତି ୟାରାଜୀ ୧୨.୯୨ ସେକେଣ୍ଡର ଟାଇମିଂ ସହିତ ପ୍ରଥମ ସ୍ଥାନ ହାସଲ କରିଥିଲେ। ନିତ୍ୟା ୧୩.୪୮ ସେକେଣ୍ଡ ଓ ନନ୍ଦିନୀ ୧୩.୫୫ ସେକେଣ୍ଡର ସମୟ ନେଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତ ସାହୁ ରେସ୍ ଫିନିଶ କରି ନ ଥିବା ବେଳେ ସବିତା ଟପ୍ପୋ ମଧ୍ୟ ୧୪.୬୩ ସେକେଣ୍ଡର ଟାଇମିଂ ସହିତ ରେସ୍ ଫିନିଶ କରିଥିଲେ।

ପୁରୁଷ ୧୧୦ ମିଟର ବାଧାଦୌଡ ଫାଇନାଲରେ ମହାରାଷ୍ଟ୍ରର ତେଜସ୍ ଅଶୋକ ଶୀର୍ଷେ ୧୩.୮୭ ସେକେଣ୍ଡର ଟାଇମିଂ ସହିତ ପ୍ରଥମ ସ୍ଥାନ ହାସଲ କରିଥିଲେ। ହିଟ୍ସରେ ପ୍ରଥମ ସ୍ଥାନ ହାସଲ କରିଥିବା କେରଳର ସଚିନ୍ ବିନୁ ୧୩.୯୯ ସେକେଣ୍ଡର ଟାଇମିଂ ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲେ। ମଧ୍ୟପ୍ରଦେଶର ରୋନାଲ୍ଡ ବାବୁ ୧୪.୨୪ ସେକେଣ୍ଡର ଟାଇମିଂ ସହିତ ତୃତୀୟ ସ୍ଥାନ ହାସଲ କରିଥିଲେ।

ମହିଳା ପୋଲଭଲ୍ଟରେ ତାମିଲନାଡୁର ପବିତ୍ରା ଭେଙ୍କଟେଶ ୪.୧୦ ମିଟର ସହିତ ପ୍ରଥମ ସ୍ଥାନରେ ରହି ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। କର୍ନାଟକର ଜି. ସିନ୍ଧୁଶ୍ରୀ ୩.୮୦ ମିଟର ଓ ହରିୟାଣାର ବଂଶିକା ୩.୪୦ ମିଟର ସହିତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

ହାଇଜମ୍ପରେ ପ୍ରଥମ ଦୁଇ ସ୍ଥାନରେ ରହିବା ସହିତ ମହାରାଷ୍ଟ୍ରର ସର୍ବେଶ ଅନିଲ କୁଶାରେ ଓ କର୍ନାଟକର ଜେସେ ସନ୍ଦେଶ ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଉଭୟ ୨.୨୪ ମିଟର ଡେଇଁଥିଲେ। ତାମିଲନାଡୁର ଭାରତୀ ବିଶ୍ୱନାଥନ ୨.୧୭ ମିଟର ସହିତ ତୃତୀୟ ସ୍ଥାନରେ ରହିଥିଲେ।

ହେପ୍ଟାଥଲନରେ ମଧ୍ୟପ୍ରଦେଶର ସ୍ୱପ୍ନା ବର୍ମନ ୫୯୧୮ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିଲେ। ତେଲଙ୍ଗାନାର ଅଗସରା ନନ୍ଦିନୀ(୫୭୦୩ ପଏଣ୍ଟ) ଓ ଆନ୍ଧ୍ର ପ୍ରଦେଶର ସୋମିୟା ମୁରୁଗନ (୫୩୨୩ ପଏଣ୍ଟ) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ ୫୨୯୫ ପଏଣ୍ଟ ସହିତ ଚତୁର୍ଥ ସ୍ଥାନରେ ରହିଥିଲେ।


ପୂର୍ଣ୍ଣିମା ହେମ୍ବ୍ରମ


ପୋଲଭଲ୍ଟ ଅବସରରେ ଜଣେ ମହିଳା ପ୍ରତିଯୋଗୀ। **ଫଟୋ: ବିକାଶ ନାୟକ**

### ତୃତୀୟ ଦିନର ଇଭେଣ୍ଟ

ପୁରୁଷ ୧୧୦ ମିଟର ହର୍ଡଲ୍ସ: ତେଜସ୍ ଅଶୋକ ଶୀର୍ଷେ(ମହାରାଷ୍ଟ୍ର)-୧୩.୮୭, ସଚିନ୍ ବିନୁ(କେରଳ)-୧୩.୯୯, ରୋନାଲ୍ଡ ବାବୁ(ମଧ୍ୟ ପ୍ରଦେଶ)-୧୪.୨୪।
ମହିଳା ୧୦୦ ମିଟର ହର୍ଡଲ୍ସ: ଜ୍ୟୋତି ୟାରାଜୀ(ଆନ୍ଧ୍ରପ୍ରଦେଶ)-୧୨.୯୨, ଆର. ନିତ୍ୟା(ତାମିଲନାଡୁ)-୧୩.୪୮, ଅଗସରା ନନ୍ଦିନୀ(ତେଲଙ୍ଗାନା)-୧୩.୫୫।
ହାମର ଥ୍ରୋ(ପୁରୁଷ): ତନଭୀର ସିଂ ବେଂସ(ପଞ୍ଜାବ)-୬୮.୦୭ ମି., ନୀତେଶ ପୁନିଆ(ରାଜସ୍ଥାନ)-୬୭.୧୦ ମି., ଦମନୀତ୍ ସିଂ(ପଞ୍ଜାବ)-୬୫.୮୬ମି.।
ମହିଳା ପୋଲଭଲ୍ଟ: ପବିତ୍ରା ଭେଙ୍କଟେଶ(ତାମିଲନାଡୁ)-୪.୧୦ ମି., ଜି ସିନ୍ଧୁଶ୍ରୀ(କର୍ନାଟକ)-୩.୮୦ ମିଟର, ବଂଶିକା ଘଂଘାସ(ହରିୟାଣା)-୩.୪୦ ମିଟର।
ହାଇ ଜମ୍ପ: ସର୍ବେଶ ଅନୀଲ କୁଶାରେ(ମହାରାଷ୍ଟ୍ର)-୨.୨୪ ମି., ଜେସେ ସନ୍ଦେଶ(କର୍ନାଟକ)-୨.୨୪ ମି., ଭାରତୀ ବିଶ୍ୱନାଥନ(ତାମିଲନାଡୁ)-୨.୧୭ ମି.।
ହେପ୍ଟାଥଲନ୍: ସ୍ୱପ୍ନା ବର୍ମନ(ମଧ୍ୟପ୍ରଦେଶ)-୫୯୧୮ ପଏଣ୍ଟ, ଅଗସରା ନନ୍ଦିନୀ(ତେଲଙ୍ଗାନା)-୫୭୦୩ ପଏଣ୍ଟ, ସୋମିୟା ମୁରୁଗନ୍(ଆନ୍ଧ୍ର ପ୍ରଦେଶ)-୫୩୨୩।
ଡେକାଥଲନ୍: ତେଜସ୍ୱିନ୍ ଶଙ୍କର(ନୂଆଦିଲ୍ଲୀ)-୭୫୭୬ ପଏଣ୍ଟ, ୟମନ୍ ଦୀପ୍ ଶର୍ମା(ରାଜସ୍ଥାନ)-୭୧୬୫ ପଏଣ୍ଟ, ଏସ୍. ଗୋକୁଳ(କେରଳ) ୬୯୩୭ ପଏଣ୍ଟ।


୧୦୦ ମିଟର ମହିଳା ହର୍ଡଲ୍ସ ଇଭେଣ୍ଟ ଜିତିବାପରେ ଆନ୍ଧ୍ର ପ୍ରଦେଶର ଜ୍ୟୋତି ୟାରାଜି।

# ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ବେଦାନ୍ତ ଛାତ୍ରଙ୍କ କୃତିତ୍ୱ



ସଞ୍ଜୟ ମାଝି ଓ ବିକ୍ରମ ମାଝି

**ଭୁବନେଶ୍ୱର, ୧୭।୬(ଅଭୟ ଦାଶ)**

ଜାତୀୟ ତୀରନ୍ଦାଜ ପ୍ରତିଯୋଗିତା ୨୦୨୩ରେ ବେଦାନ୍ତ ଛାତ୍ରଙ୍କୁ ସଫଳତା ମିଳିଛି। ୮ଜଣିଆ ଓଡ଼ିଶା ଦଳରେ ବେଦାନ୍ତ ଲାଞ୍ଜିଗଡର ସଞ୍ଜୟ ମାଝି ଓ ବିକ୍ରମ ମାଝି ସାମିଲ ଥିଲେ। ୯-୧୨ ଜୁନ୍ ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୨୮ ରାଜ୍ୟର ୧୫୦ରୁ ଅଧିକ ପ୍ରତିଯୋଗୀ ଏଥିରେ ସାମିଲ ଥିବା ବେଳେ ଓଡ଼ିଶା ତୃତୀୟ ସ୍ଥାନରେ ରହିଥିଲା। ବେଦାନ୍ତ ଆଲୁମିନିୟମର ୧୫ରୁ ଅଧିକ ଛାତ୍ର ଜାତୀୟ ସ୍ତରରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ବେଳେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ୩୭ଟି ପଦକ ଜିତିଛନ୍ତି। ଲାଞ୍ଜିଗଡ ସ୍ଥିତି କେନ୍ଦ୍ରରେ ୪୦ରୁ ଅଧିକ ଛାତ୍ର ତୀର ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ବେଦାନ୍ତ ଛାତ୍ରଙ୍କ କୃତିତ୍ୱ ନାଜି ଓ ୬୦ ଛାତ୍ର କରାଟେରେ ପ୍ରଶିକ୍ଷଣ ନେଉଛନ୍ତି।

# ଆଫଗାନିସ୍ତାନକୁ ୫୪୬ ରନରେ ହରାଇଲା ବାଂଲାଦେଶ

**ମୀରପୁର, ୧୭।୬(ଏପି)**

ସ୍ଥାନୀୟ ଶେର ବାଂଲା ନ୍ୟାଶନାଲ ଷ୍ଟାଡିୟମରେ ଖେଳାଯାଇଥିବା ଏକମାତ୍ର ଟେଷ୍ଟ ମ୍ୟାଚରେ ବାଂଲାଦେଶ ୫୪୬ ରନରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ରନ ଦୃଷ୍ଟିକୋଣରୁ ଏକ ଟେଷ୍ଟ ମ୍ୟାଚରେ ବାଂଲାଦେଶର ଏହା ହେଉଛି ସର୍ବବୃହତ୍ ଏବଂ କ୍ରିକେଟ ଇତିହାସରେ ତୃତୀୟ ବୃହତ୍ ବିଜୟ। ମ୍ୟାଚରେ କଷ୍ଟସାଧ୍ୟ ୬୬୨ ରନର ବିଜୟ ଲକ୍ଷ୍ୟର ପିଛା କରି ଭ୍ରମଣକାରୀ ଦଳ ଶନିବାର ଖେଳର ଚତୁର୍ଥ ଦିବସରେ ୧୧୫ ରନ କରି ଅଲଆଉଟ ହୋଇଯାଇଥିଲା। ବାଂଲାଦେଶ ଫାଷ୍ଟ ବୋଲର ଟସ୍କିନ ଅହମଦ ତାଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ କରି ୩୭ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଦଳକୁ ଜିତାଇବାରେ ନାଜମୁଲ ହୋସେନ ଶାନ୍ତୋଙ୍କ ଭୂମିକା ଉଲ୍ଲେଖନୀୟ ରହିଥିଲା। ସେ ପ୍ରତି ଇନିଂସରେ ଶତକ ହାସଲ କରିଥିଲେ। ଏହି ସଫଳତା ହାସଲ କରିବାରେ ସେ ବାଂଲାଦେଶର ବ୍ୟାଟର। ପୂର୍ବରୁ ବାଂଲାଦେଶ ଏହାର ସର୍ବବୃହତ୍ ବିଜୟ ୨୦୦୫ରେ ଜିମ୍ବାୱେ ବିପକ୍ଷରେ ୨୨୬ ରନରେ ହାସଲ କରିଥିଲା। ଟେଷ୍ଟ କ୍ରିକେଟ ଇତିହାସରେ ସବୁଠାରୁ ଅଧିକ ରନରେ ବିଜୟ ହାସଲ କରିଥିବା ଦଳ ହେଉଛି ଇଂଲଣ୍ଡ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ: ୩୮୨
ଆଫଗାନିସ୍ତାନ ପ୍ରଥମ ଇନିଂସ: ୧୪୬
ବାଂଲାଦେଶ ଦ୍ୱିତୀୟ ଇନିଂସ: ୪୨୫/୪, ଘୋଷଣା।
ଆଫଗାନିସ୍ତାନ ଦ୍ୱିତୀୟ ଇନିଂସ: ୧୧୫/ଅଲଆଉଟ (ରହମତ ଶାହା-୩୦, କରିମ ଜନତ-୧୮; ଟସ୍କିନ ଅହମଦ-୪/୩୭, ଶୋରିଫୁଲ ଇସ୍‌ଲାମ-୩/୨୮)।


# Classified Everyday
**0674-2580101, 2549949**


MATRIMONIAL

**BRIDE WANTED**

Karan boy 1995, 5'11" B.Sc., PGDCA, Diploma Coir Technology Serving Bhubaneswar, "SUNASANSAR". 9937512659, 8249969649. D-74871

Match for MBBS Doctor Hindu Bengali boy, age 41 yrs, 5ft 9ht, near Pune, Caste/Language no bar. Doctor, Dentist/ other education people ready to relocate contact 8378050149, 8329865948. D-0591

**GROOM WANTED**

Suitable match required for a smart, beautiful, fair, 25+ years B-Tech MBA, Odia Khandayat girl working in strategy consulting firm. MBA/ MTech, Khandayat groom preferred. Kindly contact 9167149844. D-0559

45 ବର୍ଷର ମହିଳା Govt. Schoolରେ Teacher ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 8455853154. D-0597


REAL ESTATE

**SALE**

ଆମର ପୈତୃକ ସମ୍ପତ୍ତି ଖୋର୍ଦ୍ଧା ମ୍ୟୁନିସିପାଲିଟି ଅଫିସ ପାଖରେ ଅବସ୍ଥିତ 5700sqft. ଜାଗା ସହିତ ବିଲ୍‌ଡିଙ୍ଗ୍ ବିକ୍ରି ହେବାର ଅଛି। ସାମର୍ଥୀ ପ୍ରାର୍ଥୀ ମୋବାଇଲ ନଂ.- 9438296658/ 07725069455 ଯୋଗାଯୋଗ କରନ୍ତୁ। ଧ-୦୫୯୪

**1/2/3 BHK ready to move apartment for sale at DHPL Platinum, Pahal. 1BHK starting at Rs. 33,50,000/-. Contact 9937059891.** D-0495

Duplex sale at Bhubaneswar 57 lakhs, and Apartment near Sum Hospital 90 lakhs. 9777433701. D-74872

ଗୃହୋପଯୋଗୀ ସ୍ଥିତିବାନ୍ ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି। 7787017414. D-74874

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft- 3,60,000/-, ଛତାବର 1200sqft- 3,00,000/- ନଖରା- 300/- 6371569855. D-74870

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452.** D-74696

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC Plot ବିକ୍ରିହେବ- 7978534540. D-74873




2BHK flat main road Soubhagyanagar, Unit-8 for Office/ residence. 9000004523. D-0599

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before the Notary Public, Sunabeda, on dated 17.06.2023, I solemnly affirm and state that in my CBSE Certificate my father's name is wrongly recorded as Prabina Nayak instead of Prabina Kumar Nayak. My father's correct name is Prabina Kumar Nayak which is recorded in my Aadhaar Card bearing No. XXXXXXXX6891, That PRABINA KUMAR NAYAK and PRABINA NAYAK is one and the same person. D-0600

As per Affidavit before the Notary Public, Bonai. I Prasanta Kumar Mohanty, R/o- Village / P.O. Tensa, Dist-. Sundargarh declare that my actual and correct name is Prasanta Kumar Mohanty. But by mistake it has been recorded as Prashant Kumar Mohanty in my daughter's (Pinushree Mohanty) ICSE Certificate, New Delhi. That Prasanta Kumar Mohanty and Prashant Kumar Mohanty is one and same person. D-0601

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ବିବାହ ବାର୍ଷିକ ଶୁଭେଚ୍ଛା**


ସୁନୀଲ ମହାପାତ୍ର ସୌମ୍ୟା ପଟ୍ଟନାୟକ

ପିତା ମାତାଙ୍କ ସେବା, ବନ୍ଧୁବର୍ଗ ଓ ପାରିବାରିକ ପବିତ୍ର ସମ୍ପର୍କକୁ ଆନନ୍ଦମୟ କରିବାର ଇଚ୍ଛାଶକ୍ତି ରୂପକ ବରଦାନ ମଙ୍ଗଳମୟ ତୁମମାନଙ୍କ ଦୀର୍ଘାୟୁ ଜୀବନରେ ଚିରନ୍ତନ କରନ୍ତୁ। ବିବାହ ବନ୍ଧନର ରୌପ୍ୟ ଜୁବୁଲି ଅବସରରେ ରଙ୍ଗାଧରଙ୍କ ଚରଣ କମଳରେ ବୋଉ ଓ ବାପାଙ୍କ ବିନମ୍ର ନିବେଦନ। D-0598




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74695

**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

Newly open Salon/ SPA with expert therapist (health benefits). 8114322659. D-75120

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

# ଭାରତ-ଲେବାନନ୍ ଫାଇନାଲ ଆଜି

ଭୁବନେଶ୍ୱର, ୧୭।୬ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ରବିବାର ଅନୁଷ୍ଠିତ ହେବ। ଫାଇନାଲରେ ପରସ୍ପରର ସମ୍ମୁଖୀନ ହେବେ ଭାରତ ଓ ଲେବାନନ। ଲିଗ୍ ପର୍ଯ୍ୟାୟରେ ଉଭୟ ଦଳ ଅପରାଜେୟ ଅଛନ୍ତି। ଗତ ୧୫ ତାରିଖରେ ଉଭୟ ଦଳ ପରସ୍ପରକୁ ଭେଟିଥିବାବେଳେ ମ୍ୟାଚଟି ଗୋଲଶୂନ୍ୟ ଡ୍ର ରହିଥିଲା। ତେଣୁ ଟାଇଟଲ ପାଇଁ କଡ଼ା ଟକ୍କର ହେବା ସମ୍ଭାବନା ରହିଛି।

## ଗୋଲ ବରଣ କରିନାହିଁ ଭାରତ

ସବୁଠାରୁ ବଡ଼କଥା ହେଲା ଭାରତ ଚଳିତ ସଂସ୍କରଣରେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ଗୋଲ ବରଣ କରିନାହିଁ। ମାତ୍ର ୩ଟି ଗୋଲ ସ୍କୋର କରିଥିଲେ ହେଁ ୩ ମ୍ୟାଚରୁ ୭ ପଏଣ୍ଟ ପାଇ ଟେବୁଲ ଟପ୍ପର ହୋଇଛି। ଅନ୍ୟପକ୍ଷରେ ଲେବାନନ ୫ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଦଳ ମଧ ମାତ୍ର ୩ଟି ଗୋଲ ସ୍କୋର କରିଛି। ତେବେ ଗୋଟିଏ ଗୋଲ ବରଣ କରିଛି, ତାହାପୁଣି ଅପେକ୍ଷାକୃତ ଦୁର୍ବଳ ଦଳ ଭାନୁଆଟୁ ବିପକ୍ଷରେ। ମଙ୍ଗୋଲିଆକୁ ୨-୦ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ଭାନୁଆଟୁଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ ୮୦ତମ ମିନିଟରେ ସୁନୀଲ ଛେତ୍ରୀଙ୍କ ଗୋଲ ବଳରେ ୧-୦ରେ ବିଜୟଲାଭ କରିଥିଲା। ଲେବାନନ ବିପକ୍ଷରେ ଅନେକ ସୁଯୋଗ ମିଳିଥିଲେ ହେଁ ଗୋଲ ସ୍କୋର ହୋଇପାରି ନ ଥିଲା। ଅନ୍ୟପକ୍ଷରେ ଲେବାନନ ନିଜର ପ୍ରଥମ ମ୍ୟାଚରେ ଭାନୁଆଟୁକୁ ୩-୧ ଗୋଲରେ ହରାଇଥିବାବେଳେ ମଙ୍ଗୋଲିଆ ଓ ଭାରତ ବିପକ୍ଷ ମ୍ୟାଚକୁ ୦-୦ରେ ଡ୍ର ରଖିଥିଲା। ଲେବାନନ (୯୯) ଓ ଭାରତ (୧୦୧) ର୍ୟାଙ୍କିଙ୍ଗ୍ ମଧ୍ୟରେ ବିଶେଷ ବ୍ୟବଧାନ ନାହିଁ। ତେଣୁ ଏକ ରୋମାଞ୍ଚକ ଲଢ଼େଇକୁ ଫୁଟବଲ ପ୍ରେମୀଙ୍କ ଅପେକ୍ଷା ରହିଛି।



ଶନିବାର ଟ୍ରଫି ନିକଟରେ ଦୁଇ କୋଚ୍ ଆଲେକଜାଣ୍ଡର ଲିକ୍ ଓ ଇଗର ଷ୍ଟିମାକ୍।

**ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟ୍‌ବଲ**

## ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଥିଲା

ଇଣ୍ଟରକଣ୍ଟିନେଣ୍ଟାଲ କପ୍‌ର ପ୍ରଥମ ସଂସ୍କରଣ ୨୦୧୮ରେ ମୁମ୍ବାଇରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ଚାମ୍ପିୟନ ହୋଇଥିଲା। ପ୍ରତିଯୋଗିତାକୁ ନେଇ ଭାରତର ଅନେକ ସ୍ମରଣୀୟ ସ୍ମୃତି ରହିଛି। ୨୦୧୮ରେ ଚାଇନିଜ୍ ତାଇପେ ବିପକ୍ଷ ଓପନିଂ ମ୍ୟାଚରେ ଭାରତୀୟ ଦଳ ଆଧିପତ୍ୟ ବିସ୍ତାର କରି ୫-୦ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ସୁନୀଲ ଛେତ୍ରୀ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ଭାରତ ଏହାର ଦ୍ୱିତୀୟ ମ୍ୟାଚରେ କେନିୟାକୁ ୩-୦ ଓ ତୃତୀୟ ଗେମ୍‌ରେ ନ୍ୟୁଜିଲାଣ୍ଡକୁ ୨-୧ ଗୋଲରେ ହରାଇଥିଲା। ଫାଇନାଲରେ କେନିୟାକୁ ୨-୦ ଗୋଲରେ ହରାଇ ଭାରତ ଟାଇଟଲ ଅର୍ଜନ କରିଥିଲା। ୨୦୧୯ରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତର ପ୍ରଦର୍ଶନ ଆଶାନୁରୂପ ରହି ନ ଥିଲା। ଫାଇନାଲରେ ତାଜିକସ୍ତାନକୁ ହରାଇ ଉତ୍ତର କୋରିଆ ଚାମ୍ପିୟନ ହୋଇଥିଲା।

### ଆମ ଖେଳାଳି ଦୃଢ଼ ଆତ୍ମବିଶ୍ୱାସର ସହ ଖେଳୁଛନ୍ତି

“ଲେବାନନ ବିପକ୍ଷ ପୂର୍ବ ମ୍ୟାଚରେ ଆମେ ସୁନ୍ଦର ବିଜୟ ହାସଲ କରିପାରିଥାନ୍ତୁ, ମାତ୍ର ତାହା ହୋଇ ନ ଥିଲା। ମାତ୍ର ଫିନିସିଂ କରିପାରି ନ ଥିଲେ ମଧ ଆମ ଖେଳାଳିମାନେ ଓଭରଅଲ୍ ଚମତ୍କାର ପ୍ରଦର୍ଶନ କରିଥିଲେ। ବିଶେଷକରି ଆମର ରକ୍ଷଣଭାଗ ଅତ୍ୟନ୍ତ ଦୃଢ଼ ଥିଲା। ଆଗାମୀ ମ୍ୟାଚରେ ନିଶ୍ଚିତ ଗୋଲ ସ୍କୋର ହେବ। ଆମ ପିଲାମାନେ ଯଦି ସ୍କୋରିଂ ସୁଯୋଗ ସୃଷ୍ଟି କରି ନ ଥାନ୍ତେ ତେବେ ମୁଁ ଚିନ୍ତିତ ହୋଇଥାନ୍ତି। ଏକାଧିକ ସୁଯୋଗ ସୃଷ୍ଟି କରାଯାଇଥିଲା। ଆମ ଖେଳାଳିମାନେ ଦୃଢ଼ ବିଶ୍ୱାସର ସହ ଖେଳୁଛନ୍ତି। ଆମେ ସେମାନଙ୍କୁ ସମର୍ଥନ କରିବା ଆବଶ୍ୟକ ଅଛି। ଏହା ହେଲେ ସେମାନେ ନିଶ୍ଚିତ ଆହୁରି ଉନ୍ନତ ପ୍ରଦର୍ଶନ କରିବେ। ଲେବାନନ ଦଳର ୪-୫ ଜଣ ଖେଳାଳି ବିଦେଶରେ ଖେଳିବା ଅଭିଜ୍ଞତା ରଖିଛନ୍ତି। ଉତ୍ତମ ପାସିଂ ସହିତ ବୈଷୟିକଭାବେ ଏହା ଏକ ଦୃଢ଼ ଦଳ। ବ୍ୟକ୍ତିଗତ ଚତୁରତା ବଳରେ କୌଣସି ଖେଳାଳି ଆମକୁ କ୍ଷତି ପହଞ୍ଚାଇ ପାରନ୍ତି। ତେଣୁ ଆମକୁ ସତର୍କ ରହିବାକୁ ପଡ଼ିବ”।

**-ଇଗର ଷ୍ଟିମାକ୍, ଭାରତୀୟ ଦଳର ମୁଖ୍ୟ କୋଚ୍**

### ଇତିହାସ ରଚିବା ଲକ୍ଷ୍ୟ ରହିଛି

“ଭାରତୀୟ ଫୁଟବଲ ଦଳ ଗତ ୧୦ ମଧ୍ୟରେ ଆଶାତୀତଭାବେ ଉନ୍ନତି କରିଛି। ସେତେବେଳର ଏବଂ ଏବେକାର ଫୁଟବଲ ଦଳ ମଧ୍ୟରେ ଅନେକ ପ୍ରଭେଦ ରହିଛି। ଚଳିତ ଟୁର୍ନାମେଣ୍ଟରେ ଭାରତ ପ୍ରତି ଗେମ୍‌ରେ ଅତ୍ୟଧିକ ଖେଳାଳି ରୋଟେଟ କରିଛି। ଏହା ସତ୍ତ୍ୱେ କୌଣସି ଖେଳାଳିଙ୍କ ପ୍ରଦର୍ଶନରେ ଭିନ୍ନତା ପରିଲକ୍ଷିତ ହୋଇନାହିଁ। ଲେବାନନ ଶେଷଥରପାଇଁ ୧୯୬୪ରେ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଜିତିଥିଲା। ଏଥର ଟାଇଟଲ ଶୂନ୍ୟତା ଭାଙ୍ଗି ଆମେ ଇତିହାସ ରଚିବା ଲକ୍ଷ୍ୟରେ ରହିଛୁ।

**-ଆଲେକଜାଣ୍ଡର ଲିକ୍ ଲେବାନନ କୋଚ୍।**

## ସ୍ୱତନ୍ତ୍ର ଅନୁଭୂତି ମିଳିଛି

“ମୁଁ ଓଡ଼ିଶା ଏଫ୍‌ସି ପକ୍ଷରୁ ଗୋଲକିପିଂ କରିଆସୁଛି। ତେଣୁ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳିବା ମୋ ପାଇଁ ସ୍ୱତନ୍ତ୍ର। ସନ୍ଦେଶ ଝିଙ୍ଗାନ ଓ ଅନୱର ଅଲୀ ସମ୍ମୁଖରେ ରହୁଥିବାରୁ ଆତ୍ମବିଶ୍ୱାସ ଦୃଢ଼ ରହୁଛି। ଜଣେ ଗୋଲକିପରଭାବେ କମ୍ୟୁନିକେଶନ ଅତ୍ୟନ୍ତ ଜରୁରୀ। ଏ ଦୁଇଜଣଙ୍କୁ ଅଧିକ କିଛି କହୁ ନ ଥିଲେ ମଧ ସବୁକାର୍ଯ୍ୟ ସହଜରେ ହୋଇଯାଉଛି। ଆମ ସମସ୍ତଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଅଛି”।


-ଅମରିନ୍ଦର ସିଂ, ଭାରତୀୟ ଗୋଲକିପର

# ଅମନଦୀପ, ସୁଦୀପ, ସୁନୀତଙ୍କୁ ସମ୍ବର୍ଦ୍ଧନା



କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସହ ଅମନଦୀପ ଲାକ୍ରା, ସୁଦୀପ ଚିର୍‌ମାକୋ ଓ ସୁନିତ ଲାକ୍ରା

**ଭୁବନେଶ୍ୱର, ୧୭।୬ (ବିଜୟ ରଣା)**

ଓମାନଠାରେ ଅନୁଷ୍ଠିତ ଜୁନିୟର ଏସିଆ କପ୍ ହକି ଟୁର୍ନାମେଣ୍ଟରେ ବିଜୟୀ ଭାରତୀୟ ହକି ଦଳର ଅଂଶ ବିଶେଷ ଥିବା ଓଡ଼ିଶାର ୩ ଖେଳାଳି ଅମନଦୀପ ଲାକ୍ରା, ସୁଦୀପ ଚିର୍‌ମାକୋ ଓ ସୁନିତ ଲାକ୍ରାଙ୍କୁ ଶନିବାର ରାଜ୍ୟ କ୍ରୀଡ଼ା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତୀ ବେହେରା ଆର୍ଥିକ ପୁରସ୍କାର ସହ ସମ୍ବର୍ଦ୍ଧିତ କରିଛନ୍ତି। ଏହି ୩ଜଣ ହେଉଛନ୍ତି ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲ (ପାନ୍‌ପୋଷ)ର ଖେଳାଳି। ମନ୍ତ୍ରୀ ପ୍ରତ୍ୟେକ ଖେଳାଳିଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି। ଜୁନିୟର ପୁରୁଷ ଏସିଆ କପ୍ ହକି ଟୁର୍ନାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରି ଅମନଦୀପ, ସୁଦୀପ ଓ ସୁନୀତ ଆମ ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିଛନ୍ତି। ସେ ହକିରେ ଆଗକୁ ଯିବା ଲାଗି ଲକ୍ଷ୍ୟ ରଖିଥିବା ଖେଳାଳିଙ୍କ ଲାଗି ପ୍ରେରଣାର ଉତ୍ସ। କ୍ରୀଡ଼ାମନ୍ତ୍ରୀ ଓଡ଼ିଶାର ଏହି ୩ ଖେଳାଳିଙ୍କ ଉତ୍ତରୋତ୍ତର କାମନା କରିବା ସହ ଓଡ଼ିଶା ତରଫରୁ ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦନା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଟୁର୍ନାମେଣ୍ଟରେ ଭାରତ ଅପରାଜେୟ ରହବା ସହ ପାକିସ୍ତାନରେ ଫାଇନାଲରେ ୨-୧ ଗୋଲ୍‌ରେ ପରାସ୍ତ କରିଥିଲା। ସୁଦୀପ, ଅମନଦୀପ ଓ ସୁନିତ ଭାରତର ସମସ୍ତ ୬ଟି ମ୍ୟାଚରେ ଖେଳିଥିଲେ। ଅମନଦୀପ ଓ ସୁନୀତ ଦୁଇଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ଅମନଦୀପ ଲାକ୍ରା କହିଥିଲେ, ଏହି ଐତିହାସିକ ସଫଳତା ସେମାନଙ୍କ ପାଇଁ ପରିଚୟ ସୃଷ୍ଟି କରିପାରିଛି। ଦେଶକୁ ଟ୍ରଫି ନେଇ ଫେରିବା ଆମ ପାଇଁ ଏକ ବଡ଼ ସଫଳତା। ପ୍ରଦର୍ଶନକୁ ସ୍ୱୀକୃତି ମିଳିବା ସହ ପୁରସ୍କୃତ ହେବା ଖୁସିର ବିଷୟ। ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ଜୁନିୟର ପୁରୁଷ ବିଶ୍ୱକପ୍ ପୂର୍ବରୁ ଜୁନିୟର ଏସିଆ କପ୍ ହକି ୨୦୨୩ ସ୍ୱର୍ଣ୍ଣ ପଦକ ସଫଳତା କେବଳ ଭାରତୀୟ ଦଳର ଦକ୍ଷତର ପ୍ରତିପାଦିତ କରୁନାହିଁ ବରଂ ଭାରତୀୟ ହକି ଇକୋସିଷ୍ଟମର ମୁଖ୍ୟ ସ୍ତମ୍ଭ ଭାବେ ଓଡ଼ିଶାର ଭୂମିକାକୁ ପ୍ରମାଣିତ କରେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୬ | Press Regd. No. R.N. 21326/74 Postal Regd. No. BN/42/21-23. | ଭୁବନେଶ୍ୱର, ରବିବାର, ଜୁନ୍ ୧୮/୨୦୨୩ | Bhubaneswar, Sunday, June 18/ 2023

# ଉସ୍‌ମାନ ଖ୍ୱାଜାଙ୍କ ଶତକ

## ଆଶେସ୍ ଟେଷ୍ଟ

ବର୍ମିଂହାମ, ୧୭।୬

ଆଶେସ ସିରିଜ୍‌ର ପ୍ରଥମ ଟେଷ୍ଟରେ ଉସ୍‌ମାନ ଖ୍ୱାଜାଙ୍କ ଶତକ। ପ୍ରଥମ ଇନିଂସରେ ଇଂଲଣ୍ଡ ୩୯୩ ରନ୍‌ରେ ଇନିଂସ ଘୋଷଣା କରିଥିବା ବେଳେ ଦ୍ୱିତୀୟ ଦିନରେ ଖବର ପ୍ରସ୍ତୁତି



ଉସ୍‌ମାନ ଖ୍ୱାଜା

ସୁଦ୍ଧା ଅଷ୍ଟ୍ରେଲିଆ ୮୦ ଓଭରରେ ୫ ଉଇକେଟ ହରାଇ ୨୬୪ ରନ୍ ସଂଗ୍ରହ କରି ଦୃଢ଼ ଜବାବ ଦେଇଛି। ଓପନର ଉସ୍‌ମାନ ଖ୍ୱାଜା ୧୧୨ ରନ୍‌ରେ ଅପରାଜିତ ଅଛନ୍ତି।

ପ୍ରଥମ ଦିନର ଅସମାପ୍ତ ସ୍କୋର ୧୪/୦ରୁ ଇନିଂସ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଦଳୀୟ ସ୍କୋର ୨୯ରେ ଓପନର ଡେଭିଡ୍ ୱାର୍ନରଙ୍କ ଉଇକେଟ ହରାଇଥିଲା। ପରବର୍ତ୍ତୀ ବଲରେ ଖାତା ଖୋଲିବା ପୂର୍ବରୁ ଷ୍ଟୁଆର୍ଟ ବ୍ରଡଙ୍କ ଦ୍ୱିତୀୟ ଶିକାର ହୋଇଥିଲେ ମାର୍ନସ୍ ଲାବୁଶେନ୍। ପୂର୍ବତନ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍ ୧୬ ରନ୍ କରିଥିବା ବେଳେ ବେନ୍ ଷ୍ଟୋକ୍ସଙ୍କ ବଲରେ ଲେଗ୍ ବିଫୋର ହୋଇଥିଲେ। ୬୭ ରନ୍‌ରେ ୩ ଉଇକେଟ ହରାଇବା ପରେ ଟ୍ରାଭିସ୍ ହେଡ୍ କାଉଣ୍ଟର ଆଟାକ କରିଥିଲେ। ୬୩ ବଲ୍ ଖେଳି ସେ ୫୦ ରନ୍ କରିଥିବା ବେଳେ ଖ୍ୱାଜାଙ୍କ ସହିତ ୮୧ ରନ୍ ଯୋଡିଥିଲେ। ହେଡଙ୍କୁ ଆଉଟ କରି ମୋଇନ୍ ଅଲୀ ଏହି ଯୋଡି ଭାଙ୍ଗିଥିଲେ। ପରବର୍ତ୍ତୀ ବ୍ୟାଟର କାମେରନ୍ ଗ୍ରୀନ୍(୩୮)ଙ୍କୁ ସାଥୀ କରି ୭୨ ରନ୍ ଯୋଡିଥିଲେ ଖ୍ୱାଜା। ଖବର ପ୍ରସ୍ତୁତି ସୁଦ୍ଧା ଉସମାନ ଖ୍ୱାଜା ୧୧୨ ଓ ଆଲେକ୍ସ କେରୀ ୨୫ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଖ୍ୱାଜା ୨୩୬ ବଲ୍ ଖେଳି ୧୨ ଚୌକା ଓ ୨ଛକା ମାରିଛନ୍ତି। ଇଂଲଣ୍ଡ ପକ୍ଷରୁ ଷ୍ଟୁଆର୍ଟ ବ୍ରଡ ଓ ମୋଇନ୍ ଅଲୀ ଦୁଇଟି ଲେଖାଏ ଉଇକେଟ ନେଇଥିବା ବେଳେ ବେନ୍ ଷ୍ଟୋକ୍ସ ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ- ୩୯୩/୮(ଘୋଷଣା)

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୮୦ ଓଭରରେ ୨୬୪/୫(ଉସମାନ ଖ୍ୱାଜା-୧୧୨*, ଟ୍ରାଭିସ୍ ହେଡ-୫୦, କାମେରନ୍ ଗ୍ରୀନ୍-୩୮, ଷ୍ଟୁଆର୍ଟ ବ୍ରଡ୍-୨/୩୭, ମୋଇନ୍ ଅଲୀ-୨/୧୧୩, ବେନ୍ ଷ୍ଟୋକ୍ସ-୧/୩୩)

କୋଷ୍ଠକାଠିନ୍ୟର
ସମାଧାନ
9119788888

# ଦ୍ୱିତୀୟ ଦିବସରେ ବେଙ୍ଗଲ ଜିମ୍ନାଷ୍ଟଙ୍କ ଚମକ

ଭୁବନେଶ୍ୱର, ୧୭।୬ (ତପନ ସ୍ୱାଇଁ)

ସ୍ଥାନୀୟ ସମେଇ ଗାଡ଼ିଆସ୍ଥିତ ଜେଏମ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ସର୍ବଭାରତୀୟ କଳିଙ୍ଗ ଓପନ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ବେଙ୍ଗଲ ଜିମ୍ନାଷ୍ଟମାନେ ପ୍ରଭାବୀ ପ୍ରଦର୍ଶନ କରିଥିଲେ।

## ସର୍ବଭାରତୀୟ କଳିଙ୍ଗ ଓପନ ଜିମ୍ନାଷ୍ଟିକ୍ସ

ବିଶେଷ କରି ବାଳିକା ୮ଓ ୧୦ ବର୍ଷରୁ କମ ବିଭାଗର ଆଡ଼ଭାନ୍ସ ବର୍ଗରେ ପ୍ରତିଯୋଗୀମାନଙ୍କ ପ୍ରଦର୍ଶନ ଚମତ୍କାର ରହିଥିଲା। ପ୍ରତିଯୋଗିତା ଅବସରରେ ଅର୍ଗସ ନ୍ୟୁଜ ମାନବ ସମ୍ବଳ ମୁଖ୍ୟ ରତିକାନ୍ତ ସାହୁ, ସୌଭାଗ୍ୟ ଏଣ୍ଟର ପ୍ରାଇଜର୍ସର ଅଧ୍ୟକ୍ଷ ପ୍ରକାଶ ସାହୁ, ରିତୁ ପୂର୍ଣ୍ଣ ପ୍ରଡକ୍ସନର ମୁଖ୍ୟ ଅତିଶ କୁମାର ରାଉତ ଓ ବରିଷ୍ଠ କ୍ରୀଡା ଖବରଦାତା ତପନ କୁମାର ସ୍ୱାଇଁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ଅତିଥିମାନେ ଜିମ୍ନାଷ୍ଟ ମାନଙ୍କ ଦକ୍ଷତା ଓ ଏକାଗ୍ରତାକୁ ଉପଭୋଗ କରିବା ସହିତ କୃତି ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସଙ୍ଗଠନର ସମ୍ପାଦକ ଯଶୋବନ୍ତ ଦାସ, ସୁବ୍ରତ ମହାପାତ୍ର, ବିଗ୍ନେସା, ରବି ମହାପାତ୍ର ଓ କୋଚ ମହାଦେବ ପ୍ରମୁଖ ଉପସ୍ଥିତ ଥିଲେ।

# ନ୍ୟାଶନାଲ ସିରିଜ ଟେନିସ: ଦେବାଶିଷ ଚାମ୍ପିୟନ

ଭୁବନେଶ୍ୱର, ୧୭।୬ (ତପନ ସ୍ୱାଇଁ)

ଗୁଜରାଟର ଅହମଦାବାଦରେ ଅନୁଷ୍ଠିତ ନ୍ୟାଶନାଲ ସିରିଜ ଟେନିସ ଚାମ୍ପିୟନଶିପ୍‌ର ୧୮ ବର୍ଷରୁ କମ୍ ବାଳକ ବିଭାଗରେ ଓଡ଼ିଶାର ଦେବାଶିଷ ସାହୁ ଚାମ୍ପିୟନ ହୋଇଛନ୍ତି। ପ୍ରଥମ ଓ ଦ୍ୱିତୀୟ ରାଉଣ୍ଡ ଏବଂ ପ୍ରି-କ୍ୱାର୍ଟରରେ ସହଜରେ ବିଜୟ ଲାଭ କରିଥିବା ଦେବାଶିଷ କ୍ୱାର୍ଟର ଫାଇନାଲରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ତେବେ ସେ ତାମିଲନାଡୁର କଣିତ ନାଗାରାଜେଙ୍କୁ ୪-୬, ୬-୨, ୭-୬ (୫) ସେଟ୍‌ରେ ପରାସ୍ତ କରିଥିଲେ। ସେମିଫାଇନାଲରେ ଦେବାଶିଷ କିନ୍ତୁ ଦିଲ୍ଲୀର ପ୍ରଥମ



ଦେବାଶିଷ ସାହୁ

କୋଟାଙ୍କୁ ସହଜରେ ୬-୦, ୬-୨ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଟାଇଟଲ ପର୍ଯ୍ୟାୟରେ ସେ ହାଇଦ୍ରାବାଦର ବତ୍ସଲ ମଣିକାନ୍ତନଙ୍କୁ ୬-୧, ୬-୨ରେ ପରାସ୍ତ କରି ବିଜୟ ମୁକୁଟ ପିନ୍ଧିଥିଲେ। ପ୍ରକାଶ ଯୋଗ୍ୟ ଯେ, ଏକସପ୍ତାହ ପୂର୍ବରୁ ହରିୟାଣାର ଝଜାରଠାରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ସିଙ୍ଗଲ୍ସ ଫାଇନାଲରେ ଦେବାଶିଷ ଫାଇନାଲରେ ହାରି ରନରଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ। ଏହି ସଫଳତା ତାଙ୍କୁ ଅନେକ ପରିମାଣରେ ଉତ୍ସାହିତ କରିଛି। ଦେବାଶିଷ ଏବେ ଇରାନ ଯାଇ ଆଇଟିଏଫ୍ ୧୦୦ ଟୁର୍ଣ୍ଣାମେଣ୍ଟରେ ଖେଳିବେ। ଚଳିତମାସ ୨୩ରୁ ଜୁଲାଇ ୯ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତା ପାଇଁ ତାଙ୍କୁ ମୁଖ୍ୟ ଡ୍ର'ରେ ସାମିଲ କରାଯାଇଛି।

## ଏନ୍‌ସିଏ ହାଇ ପରଫର୍ମାନ୍ସ ବୋଲିଂ ଇଣ୍ଟର୍ନଶିପ୍ ପ୍ରୋଗ୍ରାମ

# ଦେବାଶିଷ ମହାନ୍ତି ମନୋନୀତ

ଭୁବନେଶ୍ୱର, ୧୭।୬ (ବିଜୟ ରଣା)



ଆସନ୍ତା ୨୦ ତାରିଖରୁ ଏନ୍‌ସିଏ ହାଇ ପରଫର୍ମାନ୍ସ ବୋଲିଂ ଇଣ୍ଟର୍ନଶିପ୍ ପ୍ରୋଗ୍ରାମ ଆରମ୍ଭ ହେବ। ଏଥିଲାଗି ଜାତୀୟ କ୍ରିକେଟ ଏକାଡେମୀ (ଏନସିଏ) ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଜରିଆରେ ଓଡ଼ିଶା ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ଜଣେ ଇଣ୍ଟର୍ନ ଭାବେ ମନୋନୀତ ହୋଇଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପ୍ରଣବ କିଶୋର ଦାସ ଓ ସମ୍ପାଦକ ସଞ୍ଜୟ ବେହେରା ଏହି ନୂଆ ଭୂମିକା ପାଇଁ ଦେବାଶିଷଙ୍କୁ ସେମାନଙ୍କ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଭାରତୀୟ ଦଳରେ ଓଡ଼ିଶାର ଖେଳାଳି

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

ଭୁବନେଶ୍ୱର, ୧୭।୬ (ବିଜୟ ରଣା)

ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ (ଫିସୁ)ଅଧୀନରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ୨୦୨୩ ଚାଇନାର ଚେଙ୍ଗଡୁଠାରେ ଆସନ୍ତା ଜୁଲାଇ ୨୮ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ହେବ। ଏଥିପାଇଁ ଭାରତୀୟ ଆର୍ଚେରୀ, ଆଥଲେଟିକ୍ସ, ବ୍ୟାଡ୍‌ମିଣ୍ଟନ ଏବଂ ଉଭୟ ପୁରୁଷ ଓ ମହିଳା ଭଲିବଲ ଦଳ ପାଇଁ ସିଲେକ୍ସନ ଟ୍ରାଏଲ କିଟ୍ ୟୁନିଭର୍ସିଟିରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫୦ରୁ ଅଧିକ ୟୁନିଭର୍ସିଟିର ପାଖାପାଖି ୬୦୦ ଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଓଡ଼ିଶା ୟୁନିଭର୍ସିଟି (କିଟ୍ ୟୁନିଭର୍ସିଟି ଓ ସମ୍ବଲପୁର ୟୁନିଭର୍ସିଟି)ର ନିମ୍ନଲିଖିତ ଖେଳାଳିମାନେ ଭାରତୀୟ ୟୁନିଭର୍ସିଟିର ବିଭିନ୍ନ ଦଳରୁ ପ୍ରତିନିଧିତ୍ୱ କରିବେ।

**ଆଥଲେଟିକ୍ସ:** କିଟ୍ ୟୁନିଭର୍ସିଟିର ଲଲୁ ପ୍ରସାଦ ଭୋଇ, ପୁରୁଷ ୧୦୦ମିଟର (କିଟ୍ ୟୁନିଭର୍ସିଟି); ପ୍ରଜ୍ଞା ପ୍ରଶାନ୍ତି ସାହୁ, ମହିଳା ୧୦୦ମିଟର ହର୍ଡଲ; ଅମ୍ଲାନ ବର୍ଗୋହେନ, ପୁରୁଷ ୨୦୦ ମିଟର; ସୁସ୍ମିତା ଟିଗା, ମହିଳା ୩୦୦୦ମିଟର ଷ୍ଟିପଲଚେଜ; ଅନ୍ତିମା ପାଲ୍, ମହିଳା ୫୦୦୦ମିଟର; ପ୍ରିୟଙ୍କା ଗୋସ୍ୱାମୀ, ୨୦ କିମି ଚାଲି; ବିକ୍ରାନ୍ତ ମଲିକ, ପୁରୁଷ ଶଟପୁଟ; ଅଜୟକୁମାର, ପୁରୁଷ ହାମରଥ୍ରୋ ଏବଂ ସମ୍ବଲପୁର ୟୁନିଭର୍ସିଟିର ସ୍ୱାଧୀନ କୁମାର ମାଝି, ପୁରୁଷ ହାଇଜମ୍ପ ଓ ମନିଷା ମେରେଲ, ମହିଳା ଲଙ୍ଗଜମ୍ପ।

**ଭଲିବଲ:** କିଟ୍ ୟୁନିଭର୍ସିଟିର ମାମାଲି ନାଗ୍ ଓ ଶିବାନୀ ପ୍ରିୟଦର୍ଶିନୀ।

**ବ୍ୟାଡ୍‌ମିଣ୍ଟନ:** କିଟ୍‌ର ରତପର୍ଣ୍ଣା ପଣ୍ଡା ଓ ଶ୍ୱେତପର୍ଣ୍ଣା ପଣ୍ଡା।









4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ